# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ଜାନୁଆରୀ ୩୧/୨୦୨୪ (୧୬ ପୃଷ୍ଠା) | Bhubaneswar, Wednesday, January 31/2024 Page 16 ₹ 7.00 | SAMBALPUR

୫୦ଶ ଭାଗ ୬୮ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 50 ISSUE 68 | ମୂଲ୍ୟ ₹୭/-





## ସଂକ୍ଷେପରେ

### ଅନିଲ ଲାହୋଟି ଟ୍ରାଇ ଅଧ୍ୟକ୍ଷ



**ନୂଆଦିଲ୍ଲୀ,୩୦।୧(ପି.ଟି.):** ରେଲୱେ ବୋର୍ଡର ପୂର୍ବତନ ଅଧ୍ୟକ୍ଷ ଅନିଲ କୁମାର ଲାହୋଟିଙ୍କୁ ଭାରତର ଟେଲିକମ୍ ନିୟାମକ କର୍ତ୍ତୃପକ୍ଷ (ଟ୍ରାଇ) ଅଧ୍ୟକ୍ଷ ନିଯୁକ୍ତ କରାଯାଇଛି। ଟ୍ରାଇର ପୂର୍ବତନ ଅଧ୍ୟକ୍ଷ ପି.ଡି. ବଘେଲାଙ୍କ କାର୍ଯ୍ୟକାଳ ପୂରଣ ହେବା ପରେ ଉକ୍ତ ପଦବୀ ୪ ମାସ ହେଲା ଖାଲି ପଡ଼ିଥିଲା। ନିଯୁକ୍ତି ସମ୍ପର୍କିତ କ୍ୟାବିନେଟ କମିଟି ଅନିଲଙ୍କ ନିଯୁକ୍ତିକୁ ଅନୁମୋଦନ କରିଛି। ସେ ଦାୟିତ୍ୱ ଗ୍ରହଣ ଦିନଠାରୁ ୩ ବର୍ଷ ପର୍ଯ୍ୟନ୍ତ କିମ୍ବା ୬୫ ବର୍ଷ ବୟସରେ ଉପନୀତ ହେବା ଯାଏ ଅଥବା ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ଟ୍ରାଇ ଅଧ୍ୟକ୍ଷ ରହିବେ ବୋଲି କାର୍ମିକ ଓ ପ୍ରଶିକ୍ଷଣ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତିରେ ପ୍ରକାଶ ପାଇଛି। ଅନିଲଙ୍କ ନିଯୁକ୍ତିକୁ ଟେଲିକମ୍ ଶିଳ୍ପ ସ୍ୱାଗତ କରିଛି। ତାଙ୍କ କାର୍ଯ୍ୟକାଳ ଟେଲିକମ୍ ସେକ୍ଟରରେ ଅଭିବୃଦ୍ଧି ଓ ଅଗ୍ରଗତିର ସମୟ ହେବ ବୋଲି ଆଶା କରାଯାଇଛି।

### ମଣିପୁରରେ ହିଂସା: ୨ ମୃତ

**ଇମ୍ଫାଲ,୩୦।୧:** ମଣିପୁରରେ ମଙ୍ଗଳବାର ସାନିହିଂସାକାଣ୍ଡ ଘଟି ୨ ଜଣଙ୍କ ମୃତ୍ୟୁ ହେବା ସହ ୫ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରେ ଭାଜପାର ଜଣେ ଯୁବନେତା ଅଛନ୍ତି। ଇମ୍ଫାଲ ୱେଷ୍ଟ ଜିଲାର କୌତ୍ରୁକ ଗ୍ରାମରେ ଦୁଇ ଗୋଷ୍ଠୀ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ଆହତଙ୍କ ମଧ୍ୟରୁ କେତେଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି। ଜଣେ ବ୍ୟକ୍ତି ନିଖୋଜ ଅଛନ୍ତି। ଆହତ ଭାଜପା ଯୁବମୋର୍ଚ୍ଚାର ପୂର୍ବତନ ଅଧ୍ୟକ୍ଷ ମନୋହରମାୟୁମ ବାରିଶ ଶର୍ମାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଗୁଳିକାଣ୍ଡ ପରେ ଅନେକ ଲୋକ ଘରଦ୍ୱାର ଛାଡ଼ି ପଳାଇଥିବା ଜଣାପଡ଼ିଛି।

### ଜଳଦସ୍ୟୁଙ୍କ କବଳରୁ ୧୯ ପାକିସ୍ତାନୀଙ୍କୁ ଉଦ୍ଧାରକଲା ଭାରତୀୟ ନୌସେନା

**ନୂଆଦିଲ୍ଲୀ,୩୦।୧:** ଜଳଦସ୍ୟୁ ବିରୋଧୀ ଅଭିଯାନରେ ଭାରତୀୟ ନୌସେନାକୁ ମଙ୍ଗଳବାର ଆଉ ଏକ ସଫଳତା ମିଳିଛି। ସୋମାଲିଆ ପୂର୍ବ ଉପକୂଳରେ ଜଳଦସ୍ୟୁମାନଙ୍କର ଅନ୍ୟ ଏକ ଅପହରଣ ଉଦ୍ୟମକୁ ନୌସେନା ପଣ୍ଡ କରିଦେଇଛି। ସେଠାରେ ପାଟ୍ରୋଲିଂରେ ଥିବା ଯୁଦ୍ଧଜାହାଜ ଆଇଏନ୍ଏସ୍ ସୁମିତ୍ରା ଅଲ୍ ନଇମି ଜାହାଜକୁ ସୁରକ୍ଷା ଦେବା ସହ ସେଥିରେ ଥିବା ୧୯ ଜଣ ପାକିସ୍ତାନୀଙ୍କୁ ଉଦ୍ଧାର କରିଛି। ୧୧ ଜଣ ସୋମାଲିଆ ଜଳଦସ୍ୟୁ ଉକ୍ତ ଜାହାଜକୁ ଅପହରଣ କରିନେଇଥିଲେ। ଆଇଏନ୍ଏସ୍ ସୁମିତ୍ରା ଉକ୍ତ ଜାହାଜକୁ ପିଛାକରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା। ୩୬ ଘଣ୍ଟାରୁ କମ୍ ସମୟ ମଧ୍ୟରେ ଆଇଏନ୍ଏସ୍ ସୁମିତ୍ରା ୨ ଅପହୃତ ଜାହାଜକୁ ଉଦ୍ଧାର କରିପାରିଛି। ସୋମବାର ଏହା ଇରାନର ଏକ ଫିସିଂ ଭେସେଲ୍ ସହ ଏହାର ୧୭ କର୍ମଚାରୀଙ୍କୁ ଉଦ୍ଧାର କରିଥିଲା।

# ସୋରେନଙ୍କ 'ଲାଲୁ ସୂତ୍ର'

## ଓଡ଼ିଆ ଝିଅ କଳ୍ପନା ହୋଇପାରନ୍ତି ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ

**୧୯୯୭ରେ ବହୁଚର୍ଚ୍ଚିତ ଗୋଖାଦ୍ୟ ଦୁର୍ନୀତି ମାମଲାରେ ବିହାରର ତତ୍କାଳୀନ ମୁଖ୍ୟମନ୍ତ୍ରୀ ଲାଲୁ ପ୍ରସାଦ ଯାଦବଙ୍କୁ ଚୌକି ଛାଡ଼ିବାକୁ ପଡ଼ିଥିଲା। ଲାଲୁଙ୍କ ଇସ୍ତଫା ପରେ ତାଙ୍କ ସ୍ତ୍ରୀ ରାବ୍ରି ଦେବୀ ମୁଖ୍ୟମନ୍ତ୍ରୀ ହୋଇଥିଲେ। ଏହାର ୨୬ ବର୍ଷ ପରେ ପଡ଼ୋଶୀ ଝାଡ଼ଖଣ୍ଡରେ ସମ୍ଭବତଃ ଅନୁରୂପ ଘଟଣାକ୍ରମ ଦେଖିବାକୁ ମିଳିପାରେ। କାରଣ ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍ଙ୍କୁ ଜମି ଦୁର୍ନୀତି ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଗିରଫ କରିପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି।**



ରାବ୍ରି ଦେବୀ



କଳ୍ପନା ସୋରେନ

ରାଞ୍ଚି/ନୂଆଦିଲ୍ଲୀ,୩୦।୧

ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍ ଗିରଫଦାରି ଭୟରେ ନିଖୋଜ ହୋଇଯାଇଥିବା ଭାଜପା ସମାଲୋଚନା କରୁଥିବାବେଳେ ସେ ମଙ୍ଗଳବାର ରାଞ୍ଚିରେ ଦର୍ଶନ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ସୋରେନ୍ଙ୍କ ପ୍ରଥମ ପଦକ୍ଷେପ ଥିଲା ଶାସକ ମେଣ୍ଟର ବିଧାୟକମାନଙ୍କୁ ଭେଟିବା। ଉକ୍ତ ବୈଠକରେ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଥିଲା ସ୍ତ୍ରୀ କଳ୍ପନା ସୋରେନ୍ଙ୍କ ଉପସ୍ଥିତି। ଜମି ଦୁର୍ନୀତି ସମ୍ପର୍କିତ ମନି ଲଣ୍ଡରିଂ ମାମଲାରେ ଜଡ଼ିତ ହେମନ୍ତ ସୋରେନ୍ଙ୍କ ସ୍ତ୍ରୀ କଳ୍ପନା ସୋରେନ୍ଙ୍କୁ ଜେଏମ୍ଏମ୍ ମୁଖ୍ୟମନ୍ତ୍ରୀ କରିବାକୁ ଯାଉଛି ବୋଲି ଝାଡ଼ଖଣ୍ଡର ଗୋଡ୍ଡାରୁ ପ୍ରତିନିଧିତ୍ୱ କରୁଥିବା ଭାଜପା ଏମ୍ପି ନିଶିକାନ୍ତ ଦୁବେ ଅଭିଯୋଗ ଆଣିଥିଲେ। ଏନେଇ ଗଣମାଧ୍ୟମ ପକ୍ଷରୁ ସୋରେନ୍ଙ୍କୁ ପ୍ରଶ୍ନ କରାଯିବାରୁ ସେ କହିଥିଲେ, ଆପଣମାନଙ୍କୁ ମୁଁ ଖୁବ୍‌ଶୀଘ୍ର ସବୁ କିଛି କହିବି। ତେବେ ସୋରେନ୍ଙ୍କ ଏଭଳି କୌଣସି ଯୋଜନା ଥିବା ବିଷୟରେ ଜାଣି ନ ଥିବା ସହଯୋଗୀ କଂଗ୍ରେସ ବିଧାୟକମାନେ କହିଛନ୍ତି। ଅନ୍ୟପକ୍ଷେ ସୋରେନ୍ ଓ ତାଙ୍କ ସ୍ତ୍ରୀ ବୈଠକରେ ବିଧାୟକମାନଙ୍କୁ ଭେଟୁଥିବା ବେଳର ଦୃଶ୍ୟ ଟିଭିରେ ଦେଖିବାକୁ ମିଳିଛି। ଏହି ଘଟଣା ୨୬ ବର୍ଷ ତଳର ବିହାର ରାଜନୈତିକ ଘଟଣାକ୍ରମ ସ୍ମୃତିକୁ ଉଜ୍ଜୀବିତ କରିଛି। ୧୯୯୭ରେ ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି) ଅଧ୍ୟକ୍ଷ ଲାଲୁ ପ୍ରସାଦ ଯାଦବ ଗୋଖାଦ୍ୟ ଦୁର୍ନୀତି ମାମଲାରେ ଛନ୍ଦି ହୋଇଯିବା ପରେ ବିହାର ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବାକୁ ବାଧ୍ୟ ହୋଇଥିଲେ। ଇସ୍ତଫା ଦେବା ପରେ ତାଙ୍କ ସମର୍ଥକମାନେ ସ୍ଲୋଗାନ ଦେଇଥିଲେ 'ରାବ୍ରି ଦେବୀ ଜିନ୍ଦାବାଦ'। ଲାଲୁ ପଦ ଛାଡ଼ିଥିଲେ ବି ରାଜ୍ୟର ଅସଲ କ୍ଷମତା ତାଙ୍କ ହାତରେ ରହିଥିଲା। ହେମନ୍ତ ସୋରେନ୍ ଲାଲୁଙ୍କ ସୂତ୍ର ଆପଣାଇ ନିଜ ସ୍ତ୍ରୀ କଳ୍ପନାଙ୍କୁ ମୁଖ୍ୟମନ୍ତ୍ରୀ ଆସନରେ ବସାଇବେ ବୋଲି କଳ୍ପନାଜଳ୍ପନା ପ୍ରକାଶ ପାଇବାରେ ଲାଗିଛି। ୪୮ ବର୍ଷୀୟା କଳ୍ପନା ହେଉଛନ୍ତି ଜଣେ ଓଡ଼ିଆ। ୧୯୭୬ରେ ମୟୂରଭଞ୍ଜ ଜିଲାରେ ଜନ୍ମିତ କଳ୍ପନା ୨୦୦୬ରେ ହେମନ୍ତ ସୋରେନ୍ଙ୍କୁ ବିବାହ କରିଥିଲେ। ବର୍ତ୍ତମାନ ସେ ରାଞ୍ଚିରେ ଏକ ପ୍ଲେ ସ୍କୁଲ ଚଳାଉଛନ୍ତି।

## ୧୫ ପିଏଫ୍ଆଇ ସଦସ୍ୟଙ୍କୁ ଫାଶୀ ଦଣ୍ଡାଦେଶ

### ଭାଜପା ନେତା ରଣଜିତ୍ ଶ୍ରୀନିବାସନ ହତ୍ୟା ମାମଲା

କୋଟ୍ଟାୟାମ (କେରଳ), ୩୦।୧

ଭାଜପା ନେତା ରଣଜିତ୍ ଶ୍ରୀନିବାସନ ହତ୍ୟା ମାମଲାର ଶୁଣାଣି କରି ପପୁଲାର୍ ଫ୍ରଣ୍ଟ ଅଫ୍ ଇଣ୍ଡିଆ(ପିଏଫ୍ଆଇ)ର ୧୫ ଜଣ ସଦସ୍ୟଙ୍କୁ କେରଳର ମାଭେଲିକ୍କରା ଅତିରିକ୍ତ ସେସନ୍ କୋର୍ଟ ଫାଶୀ ଦଣ୍ଡରେ ଦଣ୍ଡିତ କରିଛନ୍ତି । ଅତିରିକ୍ତ ସେସନ୍ ଜଜ୍ ଭି. ଜି. ଶ୍ରୀଦେବୀ ମାମଲାରେ ଦୋଷୀ ଥିବା ସମସ୍ତ ୧୫ ଅପରାଧୀଙ୍କୁ ଫାଶୀ ଦଣ୍ଡ ଶୁଣାଇଛନ୍ତି। ପୂର୍ବରୁ ଜାନୁଆରୀ ୨୦ ତାରିଖରେ ମାଭେଲିକ୍କରା ଅତିରିକ୍ତ ସେସନ କୋର୍ଟ ଏହି ମାମଲାରେ ଅଭିଯୁକ୍ତ ଥିବା ସମସ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ। ସୂଚନାଯୋଗ୍ୟ, ୨୦୨୧ ଡିସେମ୍ବର ୧୯ରେ ଭାଜପା ଓବିସି ମୋର୍ଚ୍ଚାର ରାଜ୍ୟ ସାଧାରଣ ସମ୍ପାଦକ ଥିବା ଶ୍ରୀନିବାସନଙ୍କୁ ଆଲାପୁଝା ସହରରେ ଥିବା ଘରେ, ପରିବାର ଲୋକଙ୍କ ସାମ୍ନାରେ ପିଏଫ୍ଆଇ ସହ ଜଡ଼ିତ ଥିବା କେତେଜଣ ବ୍ୟକ୍ତି ନିର୍ମମ ଭାବେ ହତ୍ୟା କରିଥିଲେ । ପିଏଫ୍ଆଇର ରାଜନୈତିକ ଶାଖା ସୋସିଆଲ୍ ଡେମୋକ୍ରାଟିକ୍ ପାର୍ଟି ଅଫ୍ ଇଣ୍ଡିଆ (ଏସ୍‌ଡିପିଆଇ)ର ରାଜ୍ୟ ସମ୍ପାଦକ କେ.ଏସ୍. ସାହାଙ୍କ ହତ୍ୟାର ପ୍ରତିଶୋଧ ନେବା ପାଇଁ ଶ୍ରୀନିବାସନଙ୍କୁ ହତ୍ୟା କରାଯାଇଥିଲା।

## ୧୬ ପ୍ରାର୍ଥୀ ଘୋଷଣା କଲା ଏସ୍‌ପି

### ଲୋକ ସଭା ନିର୍ବାଚନ
### ମୈନପୁରୀରୁ ଲଢ଼ିବେ ଡିମ୍ପଲ

ଲକ୍ଷ୍ନୌ(ପି.ଟି.), ୩୦।୧

ଆସନ୍ତା ଲୋକ ସଭା ନିର୍ବାଚନକୁ ଦୃଷ୍ଟିରେ ରଖି ମଙ୍ଗଳବାର ୧୬ଟି ଆସନ ପାଇଁ ପ୍ରାର୍ଥୀ ତାଲିକା ସମାଜବାଦୀ ପାର୍ଟି(ଏସ୍‌ପି) ଘୋଷଣା କରିଛି। ଏସ୍‌ପି ଅଧ୍ୟକ୍ଷ ଅଖିଳେଶ ଯାଦବଙ୍କ ସ୍ତ୍ରୀ ଡିମ୍ପଲ ଯାଦବଙ୍କୁ ଦଳର ଗଡ଼ କୁହାଯାଉଥିବା ମୈନପୁରୀ ଆସନରୁ ପୁନର୍ବାର ଦଳ ପ୍ରାର୍ଥୀ କରିଛି । ସେହିପରି ଅଖିଳେଶଙ୍କ ଦୁଇ ସମ୍ପର୍କୀୟ ଭାଇ ଅକ୍ଷୟ ଯାଦବ ଓ ଧର୍ମେନ୍ଦ୍ର ଯାଦବଙ୍କୁ ଯଥାକ୍ରମେ ଫିରୋଜାବାଦ ଓ ବଦାୟୁଁ ଆସନରୁ ପ୍ରାର୍ଥୀ କରିଛି ଦଳ। ସେହିପରି ରାଜ୍ୟର ପୂର୍ବତନ କ୍ୟାବିନେଟ ମନ୍ତ୍ରୀ ରବି ଦାସ ମେହେରୋତ୍ରାଙ୍କୁ ଲକ୍ଷ୍ନୌ ଆସନରୁ ପ୍ରାର୍ଥୀ କରାଯାଇଛି। ସୂଚନାଯୋଗ୍ୟ, ଉତ୍ତରପ୍ରଦେଶର ସମୁଦାୟ ୮୦ ଆସନ ମଧ୍ୟରୁ ରାଷ୍ଟ୍ରୀୟ ଲୋକ ଦଳ (ଆର୍‌ଏଲ୍‌ଡି)କୁ ୭ଟି ଓ କଂଗ୍ରେସକୁ ୧୧ ଆସନରେ ଛାଡ଼ିବା ନେଇ ଅଖିଳେଶ ଘୋଷଣା କରିଛନ୍ତି ।



ମହାତ୍ମାଗାନ୍ଧୀଙ୍କ ତିରୋଧାନ ଦିବସ ଅବସରରେ ଜମ୍ମୁର ଏକ ସ୍କୁଲର ପିଲାମାନେ ଶ୍ରଦ୍ଧାଞ୍ଜଳି ଜଣାଉଛନ୍ତି।

## ଇମ୍ରାନଙ୍କୁ ୧୦ ବର୍ଷ ଜେଲ



ଇସ୍‌ଲାମାବାଦ୍, ୩୦।୧

ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନଙ୍କୁ ପୁଣିବଡ଼ଝଟକା। ଦେଶର ଗୁପ୍ତ ତଥ୍ୟ ପ୍ରଘଟ କରୁଥିବା ଅଭିଯୋଗରେ ଦୋଷୀ ସାବ୍ୟସ୍ତ ହୋଇ ଇମ୍ରାନ ଓ ପାକିସ୍ତାନର ପୂର୍ବତନ ବୈଦେଶିକ ମନ୍ତ୍ରୀ ଶାହ ମହମୁଦ କୁରେଶୀଙ୍କୁ ମିଳିଛି ୧୦ ବର୍ଷ ଜେଲଦଣ୍ଡ। ରାୱଲପିଣ୍ଡିର ଆଦିଆଲା ଜେଲରେ ଏକ ସ୍ୱତନ୍ତ୍ର ଅଦାଲତ ବସି ଅଫିସିଆଲ ସିକ୍ରେଟ ଆକ୍ଟ ଅନ୍ତର୍ଗତ ଗୋପନୀୟ ସୂଚନା ଲିକ୍ ମାମଲାର ଶୁଣାଣିକରି ସ୍ୱତନ୍ତ୍ର କୋର୍ଟ ଜଜ୍ ଅବୁଲ ହସନତ ଜୁଲକରନୈନ ଏହି ରାୟ ଶୁଣାଇଛନ୍ତି । ଗତବର୍ଷ ମାର୍ଚ୍ଚରେ ୱାଶିଂଟନରେ ଥିବା ପାକିସ୍ତାନ ଦୂତାବାସ ଦ୍ୱାରା ପଠାଯାଇଥିବା ଏକ ଗୁପ୍ତ କୂଟନୈତିକ ତଥ୍ୟ ଲିକ୍ କରିଥିବା ଅଭିଯୋଗ ଆଧାରରେ ଏହି ମାମଲାର ଶୁଣାଣି ହୋଇଥିଲା।

## ଚଣ୍ଡିଗଡ଼ ମେୟର ନିର୍ବାଚନରେ ଭାଜପା ବିଜୟୀ

### ଜାଲିଆତି ଅଭିଯୋଗ ଆଣିଲା ଏଏପି

ଚଣ୍ଡିଗଡ଼,୩୦।୧

ଚଣ୍ଡିଗଡ଼ ମେୟର ନିର୍ବାଚନରେ ଭାଜପା ପ୍ରାର୍ଥୀ ମନୋଜ ସୋଙ୍କର ବିଜୟୀ ହୋଇଛନ୍ତି। ଇଣ୍ଡିଆ ମେଣ୍ଟରୁ ପ୍ରାର୍ଥୀ ହୋଇଥିବା ଏଏପିର କୁଲଦୀପ କୁମାରଙ୍କୁ ସେ ପରାଜିତ କରିଛନ୍ତି। ମନୋଜଙ୍କୁ ୧୬ ଭୋଟ ମିଳିଥିବାବେଳେ କୁଲଦୀପ୍ ୧୨ ଭୋଟ ପାଇଛନ୍ତି ଏବଂ ୮ଟି ଭୋଟ ନାକଚ ହୋଇଯାଇଛି। ମଙ୍ଗଳବାର ମଧ୍ୟାହ୍ନରେ ଫଳାଫଳ ଘୋଷଣା ହେବା ପରେ ଏଏପି ଏବଂ କଂଗ୍ରେସ କାଉନସିଲରମାନେ ଏହାର ଜୋର୍‌ଦାର ବିରୋଧ କରିଥିଲେ। ଭୋଟରେ ଜାଲିଆତି ଓ ଠକେଇ ହୋଇଥିବା ସେମାନେ ଅଭିଯୋଗ କରି ହଟ୍ଟଗୋଳ କରିବାରୁ ଉତ୍ତେଜନାପୂର୍ଣ୍ଣ ସ୍ଥିତି ଉପୁଜିଥିଲା। ୩୫ ସଦସ୍ୟ ବିଶିଷ୍ଟ ଚଣ୍ଡିଗଡ଼ ମ୍ୟୁନିସିପାଲ କର୍ପୋରେଶନରେ ଭାଜପାର ୧୪ କାଉନସିଲର ଥିବାବେଳେ ଏଏପିର ୧୩ ଏବଂ କଂଗ୍ରେସର ୭ ସଦସ୍ୟ ରହିଛନ୍ତି। ଶିରୋମଣି ଅକାଳୀ ଦଳର ଜଣେ କାଉନସିଲର ଅଛନ୍ତି। କଂଗ୍ରେସ ଏବଂ ଏଏପି ମିଳିତ ପ୍ରାର୍ଥୀ ଦେଇଥିବାବେଳେ ଭାଜପା ପ୍ରାର୍ଥୀ ବିଜୟୀ ହେବାକୁ



ମନୋଜ ସୋଙ୍କର

ଦିବାଲୋକରେ ସାଂଘାତିକ ଠକେଇ ବୋଲି କହି ଏଏପି ଆବାହକ ଅରବିନ୍ଦ କେଜ୍‌ରିୱାଲ ଉଦ୍‌ବେଗ ପ୍ରକାଶ କରିଛନ୍ତି। ମେୟର ନିର୍ବାଚନରେ ଯଦି ସେମାନେ ଏଭଳି ସ୍ତରକୁ ଖସିପାରୁଛନ୍ତି, ତେବେ ସାଧାରଣ ନିର୍ବାଚନରେ କେଉଁ ସ୍ତରକୁ ଯିବେ ବୋଲି ସେ ପ୍ରଶ୍ନ କରିଛନ୍ତି। ନିର୍ବାଚନ ପରିଚାଳନା ଦାୟିତ୍ୱରେ ଥିବା ଅଫିସରଙ୍କ ବିରୋଧରେ ଦେଶଦ୍ରୋହ ମାମଲା ରୁଜୁ କରାଯାଉ ବୋଲି ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ୍ ଦାବି କରିଛନ୍ତି। ଦେଶର ଗଣତନ୍ତ୍ରରେ ଆଜିର ଦିନ ଏକ କଳା ଦିବସ ଭାବେ ମନେ ରହିବ ବୋଲି ସେ କହିଛନ୍ତି।

## ତ୍ରିକୋଣୀୟ ପ୍ରେମରୁ ଡବଲ ମର୍ଡର

### ଜଣେ ଶିକ୍ଷୟିତ୍ରୀଙ୍କ ପ୍ରେମରେ ଥିଲେ ୨ ଶିକ୍ଷକ

ରାଞ୍ଚି, ୩୦।୧

ଝାଡ଼ଖଣ୍ଡର ଗୋଡ୍ଡା ଜିଲାର ପୋରିୟାହାଟ ଅଞ୍ଚଳର ଥିବା ଏକ ଛାତ୍ର ନବୀକରଣ ବିଦ୍ୟାଳୟରେ ଘଟିଛି ଅଘଟଣ। ବିଦ୍ୟାଳୟରେ ରବି ରଞ୍ଜନ ନାମକ ଜଣେ ଶିକ୍ଷକ ଏକ ଶ୍ରେଣୀଗୃହରେ ଅନ୍ୟ ଜଣେ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ଗୁଳିକରି ହତ୍ୟାକରିବା ପରେ ନିଜକୁ ଗୁଳି ମାରି ଆତ୍ମହତ୍ୟା ପ୍ରଚେଷ୍ଟା କରିଥିଲେ। ଗୁଳିର ଶବ୍ଦ ଶୁଣି ବିଦ୍ୟାଳୟରେ ଉପସ୍ଥିତ ଥିବା ଶିକ୍ଷକ ଓ ଛାତ୍ରୀଛାତ୍ରମାନେ ପୋଲିସଙ୍କୁ ଖବର ଦେଇଥିଲେ। ଘଟଣାସ୍ଥଳରେ ପୋଲିସ ପହଞ୍ଚି ଅଭିଯୁକ୍ତ ଶିକ୍ଷକଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରିଥିବା ବେଳେ, ଶିକ୍ଷକ ଆଦର୍ଶ ସିଂ ଓ ଶିକ୍ଷୟିତ୍ରୀ ସୁଜାତା ମିଶ୍ରଙ୍କର ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ିରହିଥିବା ମୃତଦେହକୁ ଜବତ କରିଥିଲା। ପ୍ରାଥମିକ ତଦନ୍ତରୁ ଏହା ଏକ ପ୍ରେମଜନିତ ହତ୍ୟାକାଣ୍ଡ ହୋଇଥିବା ସ୍ଥାନୀୟ ପୋଲିସ ଅଧିକାରୀ ସୂଚନା ଦେଇଛନ୍ତି । ଗ୍ରାମବାସୀ ଓ ବିଦ୍ୟାଳୟରେ ପଢୁଥିବା ଛାତ୍ରୀଛାତ୍ରଙ୍କ ଅନୁଯାୟୀ ଶିକ୍ଷୟିତ୍ରୀଙ୍କ ସହ ଉଭୟ ଶିକ୍ଷକଙ୍କର ପ୍ରେମ ସମ୍ପର୍କ ରହିଥିଲା। ତେବେ ସମ୍ପୂର୍ଣ୍ଣ ଘଟଣାର ତଦନ୍ତ କରାଯାଉଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

## ମାଡାମ ତୁସାଦ୍‌ରେ ରାମଦେବଙ୍କ ମହମ ମୂର୍ତ୍ତି

**ନ୍ୟୁୟର୍କ,୩୦।୧:** ନ୍ୟୁୟର୍କସ୍ଥିତ ମାଡାମ ତୁସାଦ୍ ମ୍ୟୁଜିୟମରେ ଯୋଗଗୁରୁ ବାବା ରାମଦେବଙ୍କ ମହମ ପ୍ରତିମୂର୍ତ୍ତି ଅନାବରଣ ହୋଇଛି। ଦିଲ୍ଲୀରେ ବାବା ରାମଦେବଙ୍କ ଉପସ୍ଥିତିରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ତାଙ୍କର ବୃକ୍ଷାସନ ମୁଦ୍ରାର ଉକ୍ତ ପ୍ରତିମୂର୍ତ୍ତିକୁ ଉନ୍ମୋଚନ କରାଯାଇଥିଲା। ଏହା କେବଳ ତାଙ୍କୁ ସମ୍ମାନର ସ୍ୱୀକୃତି ନୁହେଁ, ବରଂ ଯୋଗ, ଆୟୁର୍ବେଦ ଏବଂ ଭାରତର ସମୃଦ୍ଧ ସଂସ୍କୃତିକୁ ପ୍ରଶଂସାର ପ୍ରତୀକ ବୋଲି ରାମଦେବ କହିଛନ୍ତି। ମାଡାମ ତୁଷାଦ ମ୍ୟୁଜିୟମ କେବଳ ବଲିଉଡ୍, ହଲିଉଡ୍ ଏବଂ ରାଜନୀତିର ଆଇକନ୍‌ମାନଙ୍କୁ ସ୍ୱୀକୃତି ଦେଉଛି, ତାହା ନୁହେଁ ଆଧ୍ୟାତ୍ମିକ ନେତାମାନଙ୍କୁ ମଧ୍ୟ ସ୍ୱୀକୃତି ଦେଇ ସେମାନଙ୍କ ପ୍ରତିମୂର୍ତ୍ତି ପ୍ରଦର୍ଶିତ କରୁଥିବାରୁ ଯୋଗଗୁରୁ କୃତଜ୍ଞତା ଜଣାଇଛନ୍ତି। ମାନହାଟ୍ଟାନର ଟାଇମ୍ସ ସ୍କୋୟାର ସ୍ଥିତ ମ୍ୟୁଜିୟମରେ ରାମଦେବଙ୍କ ମହମ ପ୍ରତିମୂର୍ତ୍ତି ପ୍ରଦର୍ଶିତ ହେବ।




ମାଡାମ ତୁସାଦ୍ ମ୍ୟୁଜିୟମରେ ସ୍ଥାନ ପାଇବାକୁ ଥିବା ନିଜର ମହମ ମୂର୍ତ୍ତି ନିକଟରେ ରାମଦେବ ଫଟୋ ପୋଜ୍ ଦେଉଛନ୍ତି।

## ୩ ପାଲେଷ୍ଟିନୀୟଙ୍କୁ ହତ୍ୟାକଲେ ଇସ୍ରାଏଲୀ ଏଜେଣ୍ଟ

ଜେନିନ୍,୩୦।୧

ଇସ୍ରାଏଲ୍‌ର ଗୁପ୍ତ ଏଜେଣ୍ଟମାନେ ମଙ୍ଗଳବାର ମେଡିକାଲ କର୍ମଚାରୀ ବେଶରେ ଆସି ୱେଷ୍ଟବ୍ୟାଙ୍କ ହସ୍ପିଟାଲରେ ୩ ଜଣ ପାଲେଷ୍ଟିନୀୟ ଆତଙ୍କବାଦୀଙ୍କୁ ଗୁଳିକରି ହତ୍ୟା କରିଛନ୍ତି। ୮ ବର୍ଷ ମଧ୍ୟରେ ପ୍ରଥମ ଥର ପାଇଁ ଇସ୍ରାଏଲ୍‌ର ଗୁପ୍ତ ଏଜେଣ୍ଟମାନେ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଜେନିନ୍ ସହରର ଇବନ୍ ସିନା ହସ୍ପିଟାଲରେ ଏହି ଗୁଳିକାଣ୍ଡ ଘଟିଛି। ହମାସ୍ ଆତଙ୍କବାଦୀମାନେ ଉକ୍ତ ହସ୍ପିଟାଲ ଓ ଏହା ନିକଟରେ ଥିବା ଶରଣାର୍ଥୀ ଶିବିରରେ ଆତ୍ମଗୋପନ କରିଥିବା ଜଣାପଡ଼ିବା ପରେ ଇସ୍ରାଏଲୀ ସେନା ସେଠାରେ ପ୍ରବେଶ କରିଛି। ଏହାର ଏଜେଣ୍ଟମାନେ ଜଣେ ନର୍ସ, ଜଣେ ବୃଦ୍ଧ ବ୍ୟକ୍ତି ଏବଂ ହୁଇଲ୍‌ଚେୟାରରେ ଜଣେ ରୋଗୀ ଭାବେ ହସ୍ପିଟାଲକୁ ଆସି ଚିକିତ୍ସିତ ହେଉଥିବା ପାଲେଷ୍ଟିନୀୟ ଆତଙ୍କବାଦୀଙ୍କୁ ଗୁଳି ଚଳାଇଥିଲେ। ଅନ୍ତର୍ଜାତୀୟ ଆଇନ ଅନୁଯାୟୀ ହସ୍ପିଟାଲଗୁଡ଼ିକୁ ସ୍ୱତନ୍ତ୍ର ସୁରକ୍ଷା ଯୋଗାଇଦେବା ଉପରେ ପାଲେଷ୍ଟିନୀୟ ସ୍ୱାସ୍ଥ୍ୟମନ୍ତ୍ରୀ ଦାବି କରିଛନ୍ତି।

## ଭାରତକୁ କ୍ଷମା ମାଗନ୍ତୁ ମାଳଦ୍ୱୀପ ରାଷ୍ଟ୍ରପତି

### ବିରୋଧୀ ନେତା ଇବ୍ରାହିମ୍‌ଙ୍କ ଦାବି

ମାଲେ,୩୦।୧(ପି.ଟି.)

ମାଳଦ୍ୱୀପ ରାଷ୍ଟ୍ରପତି ମୋହମ୍ମଦ ମୁଇଜ୍ଜୁ ଭାରତ ଓ ଏହାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଆନୁଷ୍ଠାନିକ ଭାବେ କ୍ଷମା ମାଗନ୍ତୁ ବୋଲି ଜୁମହୁରି ପାର୍ଟି ନେତା ଗାସୁଇମ୍ ଇବ୍ରାହିମ୍ ଦାବି କରିଛନ୍ତି। ଭାରତ ଓ ମାଳଦ୍ୱୀପ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କରେ ସୁଧାର ଆଣିବାକୁ ହେଲେ କୂଟନୈତିକ ସମ୍ପର୍କ ପୁନର୍ବାର ବଢ଼ାଇବା ଜରୁରୀ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ଚାଇନା ସପକ୍ଷବାଦୀ ମାଳଦ୍ୱୀପ ରାଷ୍ଟ୍ରପତି ମୁଇଜ୍ଜୁ ଭାରତ ବିରୋଧରେ ମନ୍ତବ୍ୟ ଦେବା ସହ ମାର୍ଚ୍ଚ ୧୫ ସୁଦ୍ଧା ସେନା ପ୍ରତ୍ୟାହାର କରିବାକୁ କହିଥିଲେ। ଭାରତର ପ୍ରଧାନମନ୍ତ୍ରୀଙ୍କ ପ୍ରତି ମାଳଦ୍ୱୀପର ୩ ମନ୍ତ୍ରୀ ସୋସିଆଲ ମିଡିଆରେ ଅପମାନଜନକ ମନ୍ତବ୍ୟ ଦେବା ପରେ ଦୁଇ ଦେଶ ମଧ୍ୟରେ କୂଟନୈତିକ ବିବାଦ ଦେଖାଦେଇଥିଲା। ମାଳଦ୍ୱୀପ ପାର୍ଲାମେଣ୍ଟରେ ବିରୋଧୀ ଦଳ ଏମ୍‌ଡିପି ରାଷ୍ଟ୍ରପତି ମୁଇଜ୍ଜୁଙ୍କ ବିରୋଧରେ ମହାଭିଯୋଗ ପ୍ରସ୍ତାବ ଆଣିବାକୁ ଯୋଜନା କରୁଥିବାବେଳେ ଇବ୍ରାହିମ୍ ଉପରୋକ୍ତ ଦାବି ଜଣାଇଛନ୍ତି।



ମୋହମ୍ମଦ ମୁଇଜ୍ଜୁ

## ୨୪ ଘଣ୍ଟାରେ ହେବ ପ୍ଲାଷ୍ଟିକ୍ ରିସାଇକ୍ଲିଂ

### ବୈଜ୍ଞାନିକଙ୍କ ବଡ଼ ଆବିଷ୍କାର

ନୂଆଦିଲ୍ଲୀ,୩୦।୧(ପି.ଟି.)



ଡିଟରଜେଣ୍ଟରେ ଥିବା ଏନ୍‌ଜାଇମ୍ ଗୋଟିଏ ଥର ବ୍ୟବହୃତ ବାୟୋପ୍ଲାଷ୍ଟିକ୍‌କୁ ରିସାଇକ୍ଲିଂ (ପୁନଃ ଚକ୍ରଣ) କରିବାରେ ସହାୟକ ହୋଇପାରିବ। ଏଥିପାଇଁ ବୈଜ୍ଞାନିକମାନେ ଏକ ଗୁରୁତ୍ୱପୂର୍ଣ୍ଣ ପଦ୍ଧତି ବିକଶିତ କରିଛନ୍ତି। ସେଲ୍ ରିପୋର୍ଟସ ଫିଜିକାଲ ସାଇନ୍ସ ପତ୍ରିକାରେ ଉକ୍ତ ପଦ୍ଧତି ସମ୍ପର୍କରେ ବର୍ଣ୍ଣନା କରାଯାଇଛି। ରିପୋର୍ଟ ଅନୁଯାୟୀ ମାତ୍ର ୨୪ ଘଣ୍ଟା ମଧ୍ୟରେ ଉକ୍ତ ଏନ୍‌ଜାଇମ୍ ବାୟୋପ୍ଲାଷ୍ଟିକ୍‌ଗୁଡ଼ିକୁ ଡିପଲିମେରାଇଜ୍ ବା ବିଘଟନ କରିପାରିବ। ବାୟୋପ୍ଲାଷ୍ଟିକ୍ ସାମଗ୍ରୀଗୁଡ଼ିକୁ କମ୍ପୋଷ୍ଟରେ ପରିଣତ କରିବା ପାଇଁ ବ୍ୟବହୃତ ଔଦ୍ୟୋଗିକ ପ୍ରକ୍ରିୟାରେ ୧୨ ସପ୍ତାହ ସମୟ ଲାଗୁଥିବାବେଳେ ନୂତନ ପ୍ରକ୍ରିୟାରେ ବାୟୋପ୍ଲାଷ୍ଟିକ୍ ପଲିଲାକ୍ଟିକ୍ ଏସିଡ୍ (ପିଏଲ୍ଏ) ତୁରନ୍ତ ସମ୍ପୂର୍ଣ୍ଣ ଡିଗ୍ରେଡେଶନ ହୋଇଥାଏ। ଅର୍ଥାତ୍ ନୂତନ ପ୍ରକ୍ରିୟା ୮୪ ଗୁଣ ଦ୍ରୁତ କାର୍ଯ୍ୟ କରିଥାଏ ବୋଲି ଗବେଷକମାନେ କହିଛନ୍ତି। ବୈଜ୍ଞାନିକମାନଙ୍କର ଏହି ନୂଆ ଆବିଷ୍କାର ଏକକ ବ୍ୟବହୃତ ପିଏଲ୍ଏ ପ୍ଲାଷ୍ଟିକ୍ ରିସାଇକ୍ଲିଂ ଦିଗରେ ଏକ ବଡ଼ ସମାଧାନ ହେବାକୁ ଯାଉଛି। ବାୟୋପ୍ଲାଷ୍ଟିକ୍‌କୁ ୯୦ ଡିଗ୍ରୀ ସେଲ୍‌ସିୟସ୍ ତାପମାତ୍ରାରେ ଅଧିକ ୨୪ ଘଣ୍ଟା ରଖିଲେ, ସେଗୁଡ଼ିକ ବିଘଟିତ ହୋଇ ରାସାୟନିକ ବିନ୍ୟାସ ବ୍ଲକ୍‌ରେ ପରିଣତ ହୋଇଥାଏ ବୋଲି ଲଣ୍ଡନର କିଙ୍ଗସ୍ କଲେଜର ବୈଜ୍ଞାନିକମାନେ କହିଛନ୍ତି। ସେମାନଙ୍କ କହିବା ଅନୁଯାୟୀ ବାୟୋପ୍ଲାଷ୍ଟିକ୍ ବିଘଟିତ ହୋଇ ମନୋମର ବା ଏକକ ଅଣୁରେ ପରିଣତ ହେବା ପରେ ତାହାକୁ ପୁନର୍ବାର ବିଭିନ୍ନ ପ୍ରକାର ପୁନଃ ବ୍ୟବହାରଯୋଗ୍ୟ ଉଚ୍ଚ ମାନର ପ୍ଲାଷ୍ଟିକ୍‌ରେ ପରିବର୍ତ୍ତନ କରାଯାଇପାରିବ। ବର୍ତ୍ତମାନ ଯେଉଁ ହାରରେ ପ୍ଲାଷ୍ଟିକ ସାମଗ୍ରୀ ଉତ୍ପାଦନ ହେଉଛି, ତାହାକୁ ନଷ୍ଟ କରିବା ସାମର୍ଥ୍ୟ ସ୍ଥାୟୀ ଭାବେ ବଢ଼ିପାରିବ ବୋଲି ଗବେଷକମାନେ କହିଛନ୍ତି। ପ୍ଲାଷ୍ଟିକ୍ ସାମଗ୍ରୀ ପର୍ଯ୍ୟାପ୍ତ ପରିମାଣରେ ଉତ୍ପାଦନ ହେଉଥିବାବେଳେ ସେହି ଅନୁପାତରେ ଏହାକୁ ରିସାଇକ୍ଲିଂ କରିବା ପାଇଁ ଆମ ପାଖରେ ସାମର୍ଥ୍ୟ ନ ଥିବାରୁ ସାରା ବିଶ୍ୱରେ କେବଳ ୨୦୨୩ ବର୍ଷରେ ୬୮ ନିୟୁତ ଟନ୍‌ରୁ ଅଧିକ ପ୍ଲାଷ୍ଟିକ୍‌କୁ ପ୍ରାକୃତିକ ପରିବେଶରେ ଛାଡ଼ିଦିଆଯାଇଛି। ଅର୍ଗାନାଇଜେଶନ ଫର୍ ଇକୋନୋମିକ କୋଅପରେଶନ ଆଣ୍ଡ ଡେଭେଲପ୍‌ମେଣ୍ଟ (ଇଓସିଡି) ସଂଗଠନର ରିପୋର୍ଟ ଅନୁଯାୟୀ ବିଶ୍ୱରେ ପ୍ଲାଷ୍ଟିକ୍ ବର୍ଜ୍ୟ ଉତ୍ପାଦନ ୨୦୬୦ ବେଳକୁ ୩ ଗୁଣ ହୋଇଯିବ। ସେଥିରୁ ଅଧା ଭାଗ ପଡ଼ିରହୁଥିବାବେଳେ ମାତ୍ର ଏକ-ପଞ୍ଚମାଂଶରୁ କମ୍ ରିସାଇକ୍ଲିଂ ହେଉଥିବ ବୋଲି ଉକ୍ତ ସଂସ୍ଥା ଆକଳନ କରିଛି।

ଧରିତ୍ରୀ 50 Years
DHARITRI
ଭୁବନେଶ୍ୱର, ବୁଧବାର, ଜାନୁଆରୀ ୩୧/୨୦୨୪ | Bhubaneswar, Wednesday, January 31/2024




**ମୁଶିରଙ୍କ ଶତକ**

୧୯ ବର୍ଷରୁ କମ୍ ଦିନିକିଆ କ୍ରିକେଟ ବିଶ୍ୱକପ୍‌ରେ ଶତକ ହାସଲ କରି ନ୍ୟୁଜିଲାଣ୍ଡ ବିପକ୍ଷରେ ଭାରତକୁ ବିଜୟୀ କରାଇଛନ୍ତି ମୁଶିର୍ ଖାନ୍।

୧୨

୧୦

**କାମରୁ କିଛି ମାସର ବିରତିରେ ପ୍ରଭାସ**

ଫିଲ୍ମ 'ସାଲାର'ର ସଫଳତା ପରେ ପ୍ରଭାସ କିଛି ମାସ ପାଇଁ କାମରୁ ବିରତି ନେଇଛନ୍ତି।



# ଭାରତରେ ଦୁର୍ନୀତି ବଢ଼ିଚାଲିଛି

## ଟ୍ରାନ୍ସପରେନ୍ସି ଇଣ୍ଟରନ୍ୟାଶନାଲ ରିପୋର୍ଟ

## ବର୍ଷକରେ ୮ ପାଦ ତଳକୁ ଖସିଲା ଦେଶ

**ନୂଆଦିଲ୍ଲୀ,୩୦।୧**

୨୦୨୩ରେ ବିଶ୍ୱର ୧୮୦ ଦୁର୍ନୀତିଗ୍ରସ୍ତ ଦେଶ ମଧ୍ୟରୁ ଭାରତର ସ୍ଥାନ ୯୩ରେ ରହିଛି। 'ଟ୍ରାନ୍ସପରେନ୍ସି ଇଣ୍ଟରନ୍ୟାଶନାଲ' ପକ୍ଷରୁ ମଙ୍ଗଳବାର ପ୍ରକାଶିତ ଦୁର୍ନୀତି ଧାରଣା ସୂଚକାଙ୍କ ତାଲିକାରୁ ଏହା ଜଣାପଡ଼ିଛି। ୨୦୨୨ରେ ଭାରତ ଏହି ତାଲିକାର ୮୫ ସ୍ଥାନରେ ରହିଥିଲା। ଭାରତରେ ଦୁର୍ନୀତି ବଢ଼ିଚାଲିଥିବାରୁ ତାଲିକାରେ ଏହାର ସ୍ଥାନ ୮ ପାଦ ତଳକୁ ଖସିଯାଇଛି।

୧୮୦ ରାଷ୍ଟ୍ର ଓ ଭୂଖଣ୍ଡରେ ସାର୍ବଜନୀନ କ୍ଷେତ୍ରରେ ଚାଲିଥିବା ଦୁର୍ନୀତି ଆଧାରରେ ଏହି ତାଲିକା ପ୍ରସ୍ତୁତ କରାଯାଇଛି। ବିଶେଷଜ୍ଞ ଓ ବ୍ୟବସାୟିକ ବ୍ୟକ୍ତିବିଶେଷଙ୍କ ମତରେ ଏଥିରେ ୦ରୁ ୧୦୦ ପର୍ଯ୍ୟନ୍ତ ସ୍କେଲ ବ୍ୟବହାର କରାଯାଇଛି। ୦ ସର୍ବାଧିକ ଦୁର୍ନୀତିଗ୍ରସ୍ତ ହୋଇଥିବାବେଳେ ୧୦୦ ହେଉଛି ସବୁଠୁ ସ୍ୱଚ୍ଛ। ୨୦୨୩ରେ ଭାରତର ସାମଗ୍ରିକ ସ୍କୋର ୩୯ ଥିବାବେଳେ ର୍‍ୟାଙ୍କ ହେଉଛି ୯୩। ୨୦୨୨ରେ ସ୍କୋର ୪୦ ର୍‍ୟାଙ୍କ ୮୫ ରହିଥିଲା। ଅର୍ଥାତ୍ ବର୍ଷକ ମଧ୍ୟରେ ଭାରତ ସ୍ୱଚ୍ଛତା କ୍ଷେତ୍ରରେ ୮ ପାଦ ତଳକୁ ଖସିଯାଇଛି। ସ୍କୋରରେ ୪୦ରୁ ୩୯କୁ ଉଠିବା ଏକ ସାମାନ୍ୟ ଅଗ୍ରଗତି, ଯାହାକି ବଡ଼ ପରିବର୍ତ୍ତନର ସଙ୍କେତ ନୁହେଁ ବୋଲି ଉକ୍ତ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ସେହିପରି ୨୦୨୩ ଡିସେମ୍ବର ୨୨ରେ ପାର୍ଲାମେଣ୍ଟରେ ଗୃହୀତ ଟେଲିକମ୍ୟୁନିକେଶନ୍ ବିଲ୍ ଯୋଗୁ ଭାରତୀୟମାନଙ୍କ ସ୍ୱାଧୀନତା ଆହୁରି କ୍ଷୁଣ୍ଣ ହେବା ଆଶଙ୍କା ଉପୁଜିଛି। ଲୋକ ସଭା ନିର୍ବାଚନ ପୂର୍ବରୁ ଏହା ଆଇନରେ ପରିଣତ ହେବା ନାଗରିକଙ୍କ ମୌଳିକ ଅଧିକାର ପ୍ରତି ଏକ ଗମ୍ଭୀର ବିପଦ ବୋଲି ଏଥିରେ ଦର୍ଶାଯାଇଛି।

ଦକ୍ଷିଣ ଏସିଆରେ ଉଭୟ ପାକିସ୍ତାନ (୧୩୩) ଓ ଶ୍ରୀଲଙ୍କା (୧୧୫) ନିଜ ନିଜ ଋଣବୋଝରେ ନଇଁ ପଡ଼ିଥିବାବେଳେ ରାଜନୈତିକ ଅସ୍ଥିରତା ମଧ୍ୟ ଘନେଇଛି। କିନ୍ତୁ ୨ ଦେଶର ଦୃଢ଼ ନ୍ୟାୟିକ ବ୍ୟବସ୍ଥା ସରକାରଙ୍କ ଉପରେ ଅଙ୍କୁଶ ଲଗାଇବାରେ ସକ୍ଷମ ହୋଇଛି। ପାକିସ୍ତାନର ସୁପ୍ରିମକୋର୍ଟ ସମ୍ବିଧାନର ଅନୁଚ୍ଛେଦ ୧୯ଏକୁ ଅଧିକ ବ୍ୟାପକ କରି ନାଗରିକମାନଙ୍କ ସୂଚନା ଅଧିକାରକୁ ସଶକ୍ତ କରିଛି। ସେହିପରି ବାଂଲାଦେଶ (୧୪୯) କମ୍ ବିକଶିତ ଦେଶ (ଏଲ୍‌ଡିସି) ସ୍ତରରୁ ଉପରକୁ ଉଠିଛି। ଆର୍ଥିକ ବିକାଶ, ଦାରିଦ୍ର୍ୟ ହାର ହ୍ରାସ ଏବଂ ଜୀବନ ଧାରଣ ସ୍ଥିତିରେ ସୁଧାର ଯୋଗୁ ଏହା ସମ୍ଭବ ହୋଇଛି। ତେବେ ଏହି ପଡ଼ୋଶୀ ଦେଶରେ ଗଣମାଧ୍ୟମ ବିରୋଧରେ ନିଆଯାଉଥିବା କାର୍ଯ୍ୟାନୁଷ୍ଠାନ ଯୋଗୁ ସରକାରୀ କ୍ଷେତ୍ରରେ ସୂଚନା ପ୍ରଦାନର ବ୍ୟାପକତା ପ୍ରଭାବିତ ହୋଇପାରେ ବୋଲି ରିପୋର୍ଟରେ କୁହାଯାଇଛି।

ଅନ୍ୟପକ୍ଷେ ସୂଚକାଙ୍କର ୭୬ତମ ସ୍ଥାନରେ ଥିବା ଚାଇନା ଗତ ଏକ ଦଶନ୍ଧି ଭିତରେ ୩.୭ ନିୟୁତରୁ ଊର୍ଦ୍ଧ୍ୱ ଭ୍ରଷ୍ଟ ସରକାରୀ ଅଧିକାରୀଙ୍କୁ ଦଣ୍ଡିତ କରି ଦୁର୍ନୀତି ବିରୋଧୀ ଆଭିମୁଖ୍ୟକୁ ଆହୁରି ମଜଭୁତ କରିବାକୁ ଲକ୍ଷ୍ୟ ରଖିଛି। ଦୁର୍ନୀତି ମାମଲାଗୁଡ଼ିକ ଉପରେ ଅତି ନିକଟରୁ କରାଯାଇଥିବା ଅଧ୍ୟୟନ ଅନୁସାରେ, ସରକାରୀ ଅଧିକାରୀମାନେ ଭ୍ରଷ୍ଟାଚାରକୁ ସେମାନଙ୍କ ଆୟକୁ ବହୁଗୁଣିତ କରିବାର ମାଧ୍ୟମ ମନେକରନ୍ତି। କିନ୍ତୁ ଚାଇନାରେ ରହିଥିବା ସରକାରୀ ବ୍ୟବସ୍ଥା ଯୋଗୁ ଏଭଳି ଦୁର୍ନୀତି ନିରୋଧୀ ପଦକ୍ଷେପର ସ୍ଥାୟିତ୍ୱକୁ ସନ୍ଦେହ ଭିତରକୁ ଟାଣିନେଇଛି।

ଟ୍ରାନ୍ସପରେନ୍ସି ଇଣ୍ଟରନ୍ୟାଶନାଲର ଉକ୍ତ ରିପୋର୍ଟରେ ଆହୁରି ଉଲ୍ଲେଖ କରାଯାଇଛି ଯେ, ଏସିଆ ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ର ପାଇଁ ୨୦୨୪ ହେଉଛି ନିର୍ବାଚନୀ ବର୍ଷ। ଏହି ବର୍ଷ ଭାରତ, ବାଂଲାଦେଶ, ଇଣ୍ଡୋନେସିଆ, ପାକିସ୍ତାନ, ସୋଲୋମନ୍ ଆଇଲାଣ୍ଡ୍ସ, ଦକ୍ଷିଣ କୋରିଆ ଓ ତାଇୱାନ୍‌ରେ ନାଗରିକମାନେ ଭୋଟ ଦେଉଛନ୍ତି। ତେଣୁ ଏହି ଦେଶଗୁଡ଼ିକରେ ଆହୁରି ବର୍ଷେ ଧରି ଦୁର୍ନୀତି ରୋକିବା ଦିଗରେ ବିଶେଷ ଅଗ୍ରଗତିର ସଙ୍କେତ ମିଳୁନାହିଁ ବୋଲି କରପ୍ସନ ପର୍ସେପ୍‌ଶନ୍ ଇଣ୍ଡେକ୍ସ (ସିପିଆଇ) ପ୍ରକାଶ କରିଛି। ଏସିଆ ପାସିଫିକ୍ ରିଜିଅନ୍‌ର ୭୧% ଦେଶର କ୍ଷେତ୍ରୀୟ ସିପିଆଇ ସ୍କୋର ହାରାହାରି ୪୫ ରହିଛି, ଯାହାକି ଅତ୍ୟନ୍ତ ନୈରାଶ୍ୟଜନକ। ଅନ୍ୟପକ୍ଷେ ଦୁର୍ନୀତି ଉପରେ ଲଗାମ ଲଗାଇ ଲଗାତର ଉଚ୍ଚ ସ୍କୋର ହାସଲ କରୁଥିବା ଡେନମାର୍କ ସୂଚକାଙ୍କ ତାଲିକାରେ ପ୍ରଥମ ସ୍ଥାନ (୯୦ସ୍କୋର)ରେ ଥିବାବେଳେ, ଦ୍ୱିତୀୟରେ ଫିନ୍‌ଲାଣ୍ଡ, ତୃତୀୟରେ ନ୍ୟୁଜିଲାଣ୍ଡ, ୪ର୍ଥ ସ୍ଥାନରେ ନରୱେ ଏବଂ ୫ମ ସ୍ଥାନରେ ସିଙ୍ଗାପୁର ରହି ବୈଶ୍ୱିକ ସ୍ତରରେ ନିଜ ସ୍ୱଚ୍ଛ ଭାବମୂର୍ତ୍ତି ବଜାୟ ରଖିଛନ୍ତି। ସବୁଠୁ ଖରାପ ପ୍ରଦର୍ଶନକାରୀ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ଉତ୍ତର କୋରିଆ (୧୭୨), ମ୍ୟାନ୍‌ମାର (୧୬୨), ଆଫଗାନିସ୍ତାନ (୧୬୨) ଏବଂ ନିଜ ଇତିହାସରେ ସର୍ବାଧିକ ମାନବୀୟ ସଙ୍କଟକୁ ସାମ୍ନା କରୁଥିବା ଦେଶ ରହିଛନ୍ତି।

## ଆଜିଠୁ ବଜେଟ ଅଧିବେଶନ

### ଗୃହକୁ ଫେରିବେ ୧୪ ନିଲମ୍ବିତ ଏମ୍‌ପି

**ନୂଆଦିଲ୍ଲୀ,୩୦।୧(ପି.ଟି.)**

ପାର୍ଲାମେଣ୍ଟର ବଜେଟ ଅଧିବେଶନ ବୁଧବାର ଆରମ୍ଭ ହେଉଛି। ଚଳିତ ଲୋକ ସଭାର ଏହା ଶେଷ ଅଧିବେଶନ। ପ୍ରଥମ ଦିନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଉଭୟ ଗୃହର ମିଳିତ ଅଧିବେଶନକୁ ସମ୍ବୋଧିତ କରିବେ। ଗୃହକାର୍ଯ୍ୟ ପରିଚାଳନାରେ ସହଯୋଗ ପାଇଁ ସରକାର ବିରୋଧୀ ଦଳଗୁଡ଼ିକୁ ନିବେଦନ କରିଛନ୍ତି। ଆଗାମୀ ଏପ୍ରିଲ-ମେ'ରେ ଲୋକ ସଭା ନିର୍ବାଚନ ହେବାକୁ ଥିବାବେଳେ ଫେବୃଆରୀ ୧ରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ନିମ୍ନ ସଦନରେ ଅନ୍ତରୀଣ ବଜେଟ ଉପସ୍ଥାପନ କରିବେ। ନୂଆ ସରକାର ଆସିବା ପରେ ସମ୍ପୂର୍ଣ୍ଣ ବଜେଟ ଅଣାଯିବ। ସପ୍ତଦଶ ଲୋକ ସଭାର ଏହି ସଂକ୍ଷିପ୍ତ ଅଧିବେଶନ ☞ପୃଷ୍ଠା-୧୦

**ଆଜିର ସମ୍ପାଦକୀୟ**

**କେବଳ ଅନ୍ଧକାର**

## ମହାନଦୀରେ ୩ ଘଣ୍ଟା ଅଟକି ରହିଲା ଯାତ୍ରୀବାହୀ ଡଙ୍ଗା



ଯାତ୍ରୀମାନଙ୍କୁ ଛୋଟ ଡଙ୍ଗାରେ ଉଦ୍ଧାର କରାଯାଉଛି।

### ମାଛଧରା ଡଙ୍ଗାରେ ଉଦ୍ଧାର ହେଲେ ୬୦ ଯାତ୍ରୀ

**ମହାକାଳପଡ଼ା,୩୦।୧ (ପ୍ରତାପ ଚନ୍ଦ୍ର ସ୍ୱାଇଁ)**

କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକ ଅଧୀନ ରାମନଗର ପଞ୍ଚାୟତର ବାହାକୁଦ-ମୂଷାଡ଼ିଆ ମହାନଦୀ ଫେରିଘାଟ ଡଙ୍ଗା ମଙ୍ଗଳବାର ପ୍ରାୟ ୩ ଘଣ୍ଟା ଧରି ନଦୀରେ ଅଟକି ରହିଥିଲା । ଡଙ୍ଗା ଇଞ୍ଜିନରେ ଯାନ୍ତ୍ରିକ ତ୍ରୁଟି ଦେଖାଦେବାରୁ ଏହି ପରିସ୍ଥିତି ସୃଷ୍ଟି ହୋଇଥିଲା। ଉକ୍ତ ଡଙ୍ଗାରେ ଥିବା ପ୍ରାୟ ୬୦ଜଣ ଯାତ୍ରୀଙ୍କୁ ମାଛଧରା ଡଙ୍ଗାରେ ଥର ଥର କରି କୂଳକୁ ଅଣାଯାଇଥିଲା। ଏହି ଘଟଣା ପରେ ଯାତ୍ରୀମାନଙ୍କ ମଧ୍ୟରେ ଆତଙ୍କ ପ୍ରକାଶ ପାଇଥିଲା। ଘନ କୁହୁଡ଼ି ଘେରରେ ଥିବା ଯାତ୍ରୀମାନଙ୍କୁ ଉଦ୍ଧାର କରିବାକୁ ବହୁ ସମୟ ଲାଗିଥିଲା।

ସୂଚନା ଅନୁଯାୟୀ, ମଙ୍ଗଳବାର ଭୋର ପ୍ରାୟ ସାଢ଼େ ୫ଟା ସମୟରେ ବାହାକୁଦ ଫେରିଘାଟରୁ ୬୦ ଯାତ୍ରୀ ଓ ୨୦ରୁ ଊର୍ଦ୍ଧ୍ୱ ବାଇକ୍‌କୁ ନେଇ ଜଗତ୍‌ସିଂହପୁର ଜିଲ୍ଲା ପାରାଦୀପ ପାର୍ଶ୍ୱକୁ ଏକ ଇଞ୍ଜିନ ଚାଳିତ ଡଙ୍ଗା ଯାତ୍ରା ଆରମ୍ଭ ☞ପୃଷ୍ଠା-୧୦




# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଫୁଲେଇ ନାଇଚି ଚୁଡ଼ି**
**ବୁଲେଇ ଦେଖୁଚି ମଡ଼ି।**

ସାଧାରଣତଃ ମହିଳାମାନେ ଗହଣାପ୍ରିୟ ହୋଇଥିବା ବେଳେ ଗହଣା ପିନ୍ଧି ଅନ୍ୟ ଆଗରେ ନିଜକୁ ଦେଖେଇହେବାରେ ଆନନ୍ଦ ପାଇଥାନ୍ତି। ଚୁଡ଼ି ପିନ୍ଧିଥିବା ଫୁଲେଇ ନାରୀକୁ ଆଉ ଜଣେ ବେରସିକା ନାରୀ ବୁଲି ପଡ଼ି ଦେଖିବା ଅବସରରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ଫଳ ହେଜି କାର୍ଯ୍ୟ କରଇ ଭୋଗୀ**
**ଫଳ ତେଜି କାର୍ଯ୍ୟ କରଇ ଯୋଗୀ।**

ଆଜିର ବସ୍ତୁବାଦୀ ଦୁନିଆରେ ପ୍ରତ୍ୟେକ ବ୍ୟକ୍ତି ନିଜ ମନ ମଧ୍ୟରେ କିଛି ପାଇବା ଆଶା ରଖି କାର୍ଯ୍ୟ କରୁଥିବା ଦେଖିବାକୁ ମିଳିଥାଏ। କିନ୍ତୁ ସଂସାରର ମୋହମାୟାରୁ ଦୂରେଇ ରହିଥିବା ବ୍ୟକ୍ତି ଜଣକ କୌଣସି ଫଳପ୍ରାପ୍ତିର ଆଶା ନ ରଖି ନିର୍ଲିପ୍ତ ମନରେ ନିଜର ସାଧନା ପଥରେ ଅଗ୍ରସର ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ







ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଛାତ୍ରୀଛାତ୍ରଙ୍କୁ ସଫଳତାର ବାଟ ବତାଇଲେ ପାଣ୍ଡିଆନ

## 'ନୂଆ-ଓ' କାର୍ଯ୍ୟକ୍ରମରେ ଯୋଗଦେଲେ ୫-ଟି ଅଧ୍ୟକ୍ଷ

### ୧୫୬ କଲେଜ ରୂପାନ୍ତରଣ ପ୍ରକଳ୍ପ ସମୀକ୍ଷା କଲେ

ବ୍ରହ୍ମପୁର,୩୦।୧ (ତନୁଶ୍ରୀ ନାହାକ)/ଭୁବନେଶ୍ୱର(ଅନିଲ ଦାସ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ମଙ୍ଗଳବାର ଗଞ୍ଜାମ ଜିଲା ଗସ୍ତକରି ଜିଲାର କଲେଜ ରୂପାନ୍ତରଣ ପ୍ରକଳ୍ପର ସମୀକ୍ଷା କରିଛନ୍ତି। ଏଥିସହିତ ବ୍ରହ୍ମପୁର ଉପକଣ୍ଠ ଆମ୍ବପୁଆ ବିବେକ ବିହାରଠାରେ ଗଞ୍ଜାମ ଜିଲାସ୍ତରୀୟ 'ନୂଆ-ଓ' କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ସଫଳତାର ବାଟ ବତାଇଛନ୍ତି। ପାଣ୍ଡିଆନ କଲେଜ ଛାତ୍ରୀଛାତ୍ରମାନଙ୍କୁ ଜୀବନରେ ସଫଳ ହେବା ନିମନ୍ତେ ୧୪ଟି ଗୁରୁମନ୍ତ୍ର ଦେଇଛନ୍ତି। ଶାରୀରିକ ଓ ମାନସିକ ସୁସ୍ଥତା ନିମନ୍ତେ ନିୟମିତ ଯୋଗ, ପ୍ରାଣାୟମ, ବ୍ୟାୟାମ କରିବା, ଗୁରୁଜନ ଓ ଅଭିଭାବକଙ୍କ ପ୍ରତି ସମ୍ମାନ, ପାଠ ସମେତ ନିଜ ଅନ୍ତର୍ନିହିତ ଗୁଣର ବିକାଶ ପାଇଁ ରୁଚି ରଖିବା, କ୍ରୀଡ଼ାଭ୍ୟାସ କରିବା, ପାଠପଢ଼ା ସମୟରେ ଏକଗ୍ରତା ରକ୍ଷା କରିବାକୁ ସେ ପରାମର୍ଶ ଦେଇଥିଲେ। ଆଜି ଦେଶର ଅଧିକାଂଶ ସଫଳ ବ୍ୟକ୍ତିତ୍ୱ ବୈଜ୍ଞାନିକ ହୁଅନ୍ତୁ କିମ୍ବା ପ୍ରଶାସନିକ ଅଧିକାରୀ ପ୍ରାୟ ସରକାରୀ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର। ତେଣୁ ସରକାରୀ ସ୍କୁଲର ଛାତ୍ରୀଛାତ୍ର ନିଜକୁ ଗର୍ବ ଅନୁଭବ କରିବା ଉଚିତ। ଗଞ୍ଜାମ ଜିଲା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ମୋ ନିଜର ପ୍ରିୟ ଜିଲା ବୋଲି ପାଣ୍ଡିଆନ କହିଥିଲେ। କାର୍ଯ୍ୟକ୍ରମକୁ ଜିଲାର ବିଭିନ୍ନ ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ ଓ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ପ୍ରାୟ ୧୫ ହଜାର ଛାତ୍ରୀଛାତ୍ର ଆସିଥିଲେ। ୫-ଟି ଅଧ୍ୟକ୍ଷ ସେମାନଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ। ଏହାପରେ ପାଣ୍ଡିଆନ ଜିଲାର କଲେଜ ରୂପାନ୍ତରଣ ପ୍ରକଳ୍ପଗୁଡିକର ସମୀକ୍ଷା କରିଛନ୍ତି। ୧୫୬ କଲେଜରେ ସ୍ମାର୍ଟ କ୍ଲାସ୍‌ରୁମ୍, ଇ-ଲାଇବ୍ରେରି, ବିଜ୍ଞାନ ଲାବରେଟୋରି ଇତ୍ୟାଦି ପାଇଁ ୯୨ କୋଟି ଟଙ୍କା ଅନୁମୋଦନ କରିଛନ୍ତି। ଆସନ୍ତା ଫେବୃଆରୀ ସୁଦ୍ଧା ଜିଲାର ସମସ୍ତ କଲେଜ ରୂପାନ୍ତରୀକରଣ କାର୍ଯ୍ୟ ଶେଷ ହେବ ବୋଲି ସେ କହିଛନ୍ତି। ଜିଲାସ୍ତରୀୟ 'ନୂଆ- ଓ' କାର୍ଯ୍ୟକ୍ରମରେ ଓଲିଉଡ୍ କଳାକାର ବାବୁଶାନ, ଅଭିନେତ୍ରୀ ତଥା ମଡ଼େଲ ପୁପୁଲ ଭୂୟାଁଙ୍କ ସମେତ ବହୁ ସିନେତାରକା କାର୍ଯ୍ୟକ୍ରମରେ ଯୋଗଦେଇ ଛାତ୍ରୀଛାତ୍ରଙ୍କ ମନୋରଞ୍ଜନ କରିଥିଲେ। ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ବ୍ରହ୍ମପୁର ଉପଜିଲାପାଳ ଆଶୁତୋଷ କୁଲକର୍ନି ସି, ବିଏମ୍‌ସି କମିଶନର ଜେ. ସୋନାଲ, ଜିଲା କ୍ରୀଡ଼ା ଅଧିକାରୀ ସନ୍ତୋଷ ସାହୁ, ଦକ୍ଷିଣାଞ୍ଚଳ ଉଚ୍ଚଶିକ୍ଷା ନିର୍ଦ୍ଦେଶକ ସିଦ୍ଧାର୍ଥ ଶଙ୍କର ପାଢ଼ୀ, ଦକ୍ଷିଣାଞ୍ଚଳ ଉଚ୍ଚଶିକ୍ଷା ଉପ ନିର୍ଦ୍ଦେଶକ ଡ.ସୁଶାନ୍ତ ଦାସଙ୍କ ସମେତ ବହୁ ପ୍ରଶାସନିକ ଅଧିକାରୀ ଯୋଗଦେଇଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯିବା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା।



୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ 'ନୂଆ-ଓ' କାର୍ଯ୍ୟକ୍ରମକୁ ପାଛୋଟି ନିଆଯାଉଛି।

# ୫୬ ରାଜ୍ୟ ସଭା ଆସନ ପାଇଁ ପ୍ରେସ୍ ବିଜ୍ଞପ୍ତି ଜାରିକଲେ ନିର୍ବାଚନ ଆୟୋଗ

## ଫେବୃଆରୀ ୨୯ ସୁଦ୍ଧା ସମସ୍ତ ପ୍ରକ୍ରିୟା ଶେଷ ହେବ

ଭୁବନେଶ୍ୱର, ୩୦।୧ (ସୁନିତ୍ ମିଶ୍ର)

୧୫ଟି ରାଜ୍ୟର ୫୬ ଜଣ ରାଜ୍ୟ ସଭା ସଦସ୍ୟଙ୍କ କାର୍ଯ୍ୟକାଳ ଆସନ୍ତା ଏପ୍ରିଲ ମାସରେ ଶେଷ ହେବ। ଏହା ପୂର୍ବରୁ ରାଜ୍ୟ ସଭାରେ ଖାଲି ହେବାକୁ ଥିବା ସଦସ୍ୟ ପଦଗୁଡ଼ିକୁ ପୂରଣ କରିବା ପାଇଁ ଭାରତ ନିର୍ବାଚନ ଆୟୋଗ ଏକ ପ୍ରେସ୍ ବିଜ୍ଞପ୍ତି ଜାରି କରିଛନ୍ତି। ରାଜ୍ୟ ସଭାରେ ଥିବା ଓଡ଼ିଶାର ସଦସ୍ୟମାନଙ୍କ ମଧ୍ୟରୁ ୩ ଜଣଙ୍କ କାର୍ଯ୍ୟକାଳ ଆସନ୍ତା ଏପ୍ରିଲ ୩ରେ ଶେଷ ହେବ। ନିର୍ବାଚନ ଆୟୋଗଙ୍କ ପ୍ରେସ୍ ବିଜ୍ଞପ୍ତି ଅନୁସାରେ ଆସନ୍ତା ଫେବୃଆରୀ ୮ରେ ବିଜ୍ଞପ୍ତି ଜାରି, ଫେବୃଆରୀ ୧୫ରେ ନାମାଙ୍କନ ପତ୍ର ଦାଖଲର ଶେଷ ଦିନ, ଫେବୃଆରୀ ୧୬ରେ ନାମାଙ୍କନ ପତ୍ର ଯାଞ୍ଚ, ଫେବୃଆରୀ ୨୦ରେ ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷ ଦିନ। ଫେବୃଆରୀ ୨୭ରେ ମତଦାନ ଦିବସ ସକାଳ ୯ ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଚାଲିବ। ସେହିଦିନ ଅପରାହ୍ନ ୫ ଟା ସମୟରେ ଭୋଟ ଗଣତି କରାଯିବ ବୋଲି ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି। ଫେବୃଆରୀ ୨୯ ସୁଦ୍ଧା ରାଜ୍ୟସଭା ନିର୍ବାଚନ ସମ୍ପର୍କିତ ସମସ୍ତ ପ୍ରକ୍ରିୟା ଶେଷ ହେବ। ଭାରତ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶକ୍ରମେ ନିର୍ବାଚନବେଳେ ରିଟର୍ଣ୍ଣିଂ ଅଧିକାରୀଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ବାଇଗଣି ରଙ୍ଗର ସ୍କେଚ୍ ପେନ୍ ଦ୍ୱାରା ବାଲାଟ ପେପରରେ ଥିବା ପ୍ରାର୍ଥୀଙ୍କୁ ଚିହ୍ନଟ କରାଯିବ। ଏ କ୍ଷେତ୍ରରେ ଅନ୍ୟ କୌଣସି ପେନ୍ ବ୍ୟବହାର ହେବ ନାହିଁ। ରାଜ୍ୟସଭା ନିର୍ବାଚନକୁ ମୁକ୍ତ ଓ ଅବାଧ କରିବା ପାଇଁ ପର୍ଯ୍ୟବେକ୍ଷକଙ୍କୁ ନିଯୁକ୍ତ କରିବା ସହ ସମ୍ପୂର୍ଣ୍ଣ ନିର୍ବାଚନ ପ୍ରକ୍ରିୟାକୁ ତଦାରଖ କରିବା ପାଇଁ ପର୍ଯ୍ୟାପ୍ତ ବ୍ୟବସ୍ଥା ଗ୍ରହଣ କରାଯିବ ବୋଲି ନିର୍ବାଚନ ଆୟୋଗ ନିର୍ଦ୍ଦେଶ ଦେଇଛନ୍ତି ।

# ହାଇଦ୍ରାବାଦରେ ଦାଦନଙ୍କ ମୃତ୍ୟୁ: ଗାଁକୁ ଫେରିଲା ମୃତଦେହ

ବେହେରା,୩୦।୧(ଭୂପେଶ ତିୱାରୀ)

କଳାହାଣ୍ଡି ଜିଲା ଦଣ୍ଡପାଟ ଅଞ୍ଚଳରେ ସୋମବାର ପୁଣି ଜଣେ ଦାଦନ ଶ୍ରମିକଙ୍କ ହାଇଦ୍ରାବାଦରେ ମୃତ୍ୟୁ ହୋଇଥିବା ଜଣାପଡିଛି। ସେ ହେଲେ ଧର୍ମଗଡ ବ୍ଲକ ତେଣ୍ଡାପାଲି ଗ୍ରାମର ଅର୍ଜୁନ ଖମାରି (୪୨)। ସେ କିଛି ମାସ ତଳେ ହାଇଦ୍ରାବାଦକୁ ଯାଇ ଜଣେ ଠିକାଦାର ପାଖରେ ଇଟାଭାଟିରେ କାମ କରୁଥିଲେ। ପରିବାର ଲୋକଙ୍କ କହିବା ଅନୁସାରେ, ଗତ ସୋମବାର ହଠାତ ଅର୍ଜୁନ ଅସୁସ୍ଥ ହୋଇପଡିଥିଲେ। ଏପରି କି ଇଟାଭାଟି କାମକୁ ମଧ୍ୟ ଯାଇ ନ ଥିଲେ। କିଛି ସମୟପରେ ତାଙ୍କ ଯନ୍ତ୍ରଣା ହୋଇ ସେଠି ମୃତ୍ୟୁ ବରଣ କରିଥିବା ସାଥିମାନେ ପ୍ରକାଶ କରିଛନ୍ତି। ଏହାପରେ ଘରକୁ ମୃତ୍ୟୁ ହୋଇଥିବା ଖବର ଜଣାଇ ଦିଆଯାଇଥିଲା। ଇଟାଭାଟି ମାଲିକ ମୃତଦେହ ଗାଁକୁ ପଠାଇବା ବ୍ୟବସ୍ଥା କରିଥିବା ବେଳେ ମଙ୍ଗଳବାର ଗାଁରେ ପହଞ୍ଚିଛି। ମୃତଦେହ ଗାଁରେ ପହଞ୍ଚିବା ପରେ ଶୋକାକୁଳ ପରିବେଶ ଖେଳିଯାଇଛି। ସମ୍ପର୍କୀୟମାନଙ୍କ କହିବା ଅନୁଯାୟୀ ମୃତକ ଏକ ଗ୍ରୁପ ଋଣ କରିଥିବା ବେଳେ ତାକୁ ପରିଶୋଧ କରିବା ପାଇଁ ହାଇଦ୍ରାବାଦକୁ ଦାଦନ ଖଟିବାକୁ ଯାଇଥିଲେ। ହେଲେ ମଙ୍ଗଳବାର ଗାଁକୁ ଶବ ହୋଇ ଫେରିଥିବା ଘଟଣା ଏବେ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ବର୍ତ୍ତମାନ ବିଧବା ସ୍ତ୍ରୀ ରାଜପତି ଖମାରି (୩୮) ପୁଅ ସନ୍ତୋଷ (୧୭) ଓ ସୁରୁଜ (୧୫)ଏବେ ନିଃସହାୟ ହୋଇପଡିଛନ୍ତି। ଗରିବ ଶ୍ରେଣୀର ଲୋକ ହୋଇଥିବା ବେଳେ ସରକାରୀ ସହାୟତା କହିଲେ ପଞ୍ଚାୟତ ତରଫରୁ ୨୦ କିଲୋ ଚାଉଳ ପାଉଛନ୍ତି। ପ୍ରଶାସନ ତୁରନ୍ତ ଏହି ପରିବାରକୁ ସହାୟତା ଯୋଗାଇ ଦେବା ସହ ସ୍ତ୍ରୀଙ୍କ ବିଧବା ଭତ୍ତା, ପରିବାର ସୁରକ୍ଷା ସହାୟତା ଓ ପ୍ରଧାନମନ୍ତ୍ରୀ ଆବାସ ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ବାପା, ୨ ପୁଅକୁ ଆଜୀବନ ଜେଲ

## ଗୁଣି ଗାରେଡ଼ି ସନ୍ଦେହରେ ହତ୍ୟା ମାମଲାର ରାୟ ପ୍ରକାଶ

**ଭବାନୀପାଟଣା,୩୦।୧(ଉତ୍ତମ କୁମାର ଦାଶ):** କଳାହାଣ୍ଡି ଜିଲା ଭବାନୀପାଟଣା ସଦର ଥାନା ଅନ୍ତର୍ଗତ ଝିଙ୍କାପିଟା ଗ୍ରାମରେ ୨୦୧୮ରେ ଗୁଣି ଗାରେଡିକୁ କେନ୍ଦ୍ର କରି ଘଟିଥିବା ହତ୍ୟାକାଣ୍ଡର ମାମଲାର ରାୟ ବୁଧବାର ପ୍ରକାଶ ପାଇଛି। ଜିଲା ଦୌରା ଜଜ୍ ଦିପ୍ତୀ ରଞ୍ଜନ କାନୁନ୍‌ଗୋ ମୋଟ ୧୭ଜଣ ସାକ୍ଷୀ ଓ ପ୍ରମାଣକୁ ଭିତ୍ତିକରି ଉକ୍ତ ଗ୍ରାମର ବୁଟୁ ମାଝି (୬୦) ତାଙ୍କ ୨ ପୁଅ ଲେବେ ମାଝି (୨୬) ଓ ମକର ମାଝି (୨୪)ଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ ଜେଲ ଦଣ୍ଡାଦେଶ ଶୁଣାଇବା ସହ ୨୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟ ଆହୁରି ୬ ମାସ ଅଧିକ ଜେଲ ଦଣ୍ଡାଦେଶ ଭୋଗିବାକୁ ପଡିବ ବୋଲି ରାୟରେ ଉଲ୍ଲେଖ କରିଛନ୍ତି। ସେହିପରି ଧାରା ୨୦୧ରେ ୭ ବର୍ଷ ଜେଲ ଦଣ୍ଡାଦେଶ ଓ ୧୦ହଜାର ଟଙ୍କା ଜରିମାନା ମଧ୍ୟ ଶୁଣାଇଛନ୍ତି। ଜରିମାନା ଅନାଦେୟ ଆହୁରି ୩ ମାସ ଅଧିକ ଜେଲ ଦଣ୍ଡାଦେଶ ଭୋଗିବାକୁ ପଡିବ ବୋଲି ନିର୍ଦ୍ଦେଶ ଦେଇଛନ୍ତି। ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, ସଦର ଥାନା ଅନ୍ତର୍ଗତ ଝିଙ୍କାପିଟା ଗ୍ରାମର ମଦନ ମାଝିଙ୍କୁ ଗୁଣି ଗାରେଡି କରୁଥିବା ସନ୍ଦେହରେ ୩୦।୮।୨୦୧୮ ସନ୍ଧ୍ୟାରେ ବାପ, ପୁଅ ପଥରରେ ଛେଚି ହତ୍ୟା କରିଥିଲେ। ପରେ ମୃତଦେହ ନେଇ ସେମାନେ ଝରଣା ନିକଟରେ ପୋତି ଦେଇଥିଲେ। ଏ ନେଇ ମଦନଙ୍କ ସ୍ତ୍ରୀ ମୁଙ୍ଗେ ସଦର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସରକାରଙ୍କ ପକ୍ଷରୁ ମାମଲା ସରକାରୀ ଓକିଲ ନିର୍ଦ୍ଦଶିନୀ ରଥ ପରିଚାଳନା କରିଥିଲେ।

# କୀଚକେଶ୍ୱରୀ ମନ୍ଦିର ପରିଦର୍ଶନରେ ଆସିବେ ରାଷ୍ଟ୍ରପତି

ବାରିପଦା,୩୦।୧ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତା ଫେବୃଆରୀ ୨୮ ଓ ୨୯ ତାରିଖରେ ୨ ଦିନିଆ ମୟୂରଭଞ୍ଜ ଜିଲା ଗସ୍ତରେ ଆସିବେ। ଗସ୍ତ ସମୟରେ ଅଧିଷ୍ଠାତ୍ରୀ ଦେବୀ ମା'କୀଚକେଶ୍ୱରୀଙ୍କ ମନ୍ଦିର ପରିଦର୍ଶନ କରିବେ ବୋଲି ଅସମର୍ଥିତ ସୂତ୍ରରୁ ଜଣାପଡ଼ିଛି। ଏ ସଂକ୍ରାନ୍ତରେ ରାଷ୍ଟ୍ରପତି ଭବନରୁ କୌଣସି ବିଧିବଦ୍ଧ ସୂଚନା ମିଳି ନ ଥିବା ବେଳେ ରାଷ୍ଟ୍ରପତିଙ୍କ ଗସ୍ତକୁ ନେଇ ମନ୍ଦିର ପରିଚାଳନା କମିଟି ଖୁସିବ୍ୟକ୍ତ କରିଛି। ପୂର୍ବରୁ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଅଜୟ କୁମାର ସାହୁ ଓ ପୂଜକ ଦିଲ୍ଲୀପ ପାଣିଗ୍ରାହୀ ରାଷ୍ଟ୍ରପତିଙ୍କୁ ମନ୍ଦିର ପରିଦର୍ଶନ ପାଇଁ ଆମନ୍ତ୍ରଣ କରିଥିବା କହିଛନ୍ତି। ରାଷ୍ଟ୍ରପତି ଭାବେ ନିର୍ବାଚିତ ହେବା ପରେ ଏହା ତାଙ୍କର ୩ୟ ମୟୂରଭଞ୍ଜ ଗସ୍ତ ଓ ଷଷ୍ଠ ଥର ଓଡ଼ିଶା ଗସ୍ତ କାର୍ଯ୍ୟକ୍ରମ ହେବ। ପ୍ରକାଶ ଥାଉକି, ମନ୍ଦିରର ସୌନ୍ଦର୍ଯ୍ୟକରଣ ଓ ମ୍ୟୁଜିୟମର ଉନ୍ନତୀକରଣ ନିମନ୍ତେ ରାଜ୍ୟ ସରକାରଙ୍କ ପକ୍ଷରୁ ୧୦କୋଟି ଟଙ୍କା ପ୍ରଦାନ କରାଯାଇଛି। ମାତ୍ର ଅଦ୍ୟାବଧି କାର୍ଯ୍ୟ ଆରମ୍ଭ ହୋଇ ନ ଥିବା ବେଳେ ରାଷ୍ଟ୍ରପତିଙ୍କ ଗସ୍ତ କାର୍ଯ୍ୟକ୍ରମ ଜିଲାବାସୀଙ୍କୁ ଉତ୍ସାହିତ କରିଛି।

# ସମ୍ବଲପୁର ପର୍ଯ୍ୟନ୍ତ ସମ୍ପ୍ରସାରଣ ହେଲା ଗୋରଖପୁର ହାଟିଆ ମୌର୍ଯ୍ୟ ଏକ୍ସପ୍ରେସ୍

## ଧର୍ମେନ୍ଦ୍ରଙ୍କ ଅନୁରୋଧ ରଖିଲେ ରେଳମନ୍ତ୍ରୀ

ଭୁବନେଶ୍ୱର, ୩୦।୧(ସୁନିତ୍ ମିଶ୍ର)

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଅନୁରୋଧ କ୍ରମେ ରେଳ ମନ୍ତ୍ରଣାଳୟ 'ଗୋରଖପୁର ହଟିଆ -ଗୋରଖପୁର ମୌର୍ଯ୍ୟ ଏକ୍ସପ୍ରେସ' ଚଳାଚଳକୁ ସମ୍ବଲପୁର ପର୍ଯ୍ୟନ୍ତ ସମ୍ପ୍ରସାରଣ କରିଛି। ଏହି ପଦକ୍ଷେପ ସମ୍ବଲପୁର, ବରଗଡ଼, ଝାରସୁଗୁଡ଼ା ଓ ସୁନ୍ଦରଗଡ଼ ସମେତ ଆଖପାଖ ଜିଲାର ଯାତ୍ରୀ ସୁବିଧାକୁ ସୁଗମ କରିବ ବୋଲି ଧର୍ମେନ୍ଦ୍ର କହିଛନ୍ତି। ଧର୍ମେନ୍ଦ୍ର ଏହି ଅଞ୍ଚଳର ଜନସାଧାରଣଙ୍କ ଯାତାୟତକୁ ଦୃଷ୍ଟିରେ ରଖି ଗତ ଡିସେମ୍ବର ୯, ୨୦୨୨ ଓ ଚଳିତ ଜାନୁଆରୀ ୦୩, ୨୦୨୪ରେ ଚିଠି ଲେଖି କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଟ୍ରେନର ଚଳାଚଳକୁ ସମ୍ବଲପୁର ସମ୍ପ୍ରସାରଣ ନେଇ ଅନୁରୋଧ କରିଥିଲେ। ୨ଟି ଚିଠିରେ କେନ୍ଦ୍ରମନ୍ତ୍ରୀ ଉଲ୍ଲେଖ କରିଥିଲେ ଯେ, ବିହାର ଏବଂ ପୂର୍ବ ଉତ୍ତରପ୍ରଦେଶର ପ୍ରାୟ ୪ ଲକ୍ଷ ଲୋକ ପଶ୍ଚିମ ଓଡ଼ିଶାରେ ବସବାସ କରନ୍ତି। ସମ୍ବଲପୁର ଜିଲାରେ ପ୍ରାୟ ୧.୫ ଲକ୍ଷ ଲୋକ ରହୁଛନ୍ତି। ନିଜ ବାସସ୍ଥାନକୁ ଯିବା ପାଇଁ ସିଧାସଳଖ ଟ୍ରେନ ନ ଥିବା ଯୋଗୁ ସେମାନେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କେନ୍ଦ୍ରମନ୍ତ୍ରୀଙ୍କ ଚିଠିର ଉତ୍ତରରେ ଦକ୍ଷିଣ ପୂର୍ବ ରେଳବାଇ ବିଭାଗ ଏକ ବିଜ୍ଞପ୍ତି ଜାରି କରି ଧର୍ମେନ୍ଦ୍ରଙ୍କ ପ୍ରସ୍ତାବକ୍ରମେ ଗୋରଖପୁର ହାଟିଆ-ଗୋରଖପୁର ମୌର୍ଯ୍ୟ ଏକ୍ସପ୍ରେସକୁ ସମ୍ବଲପୁର ପର୍ଯ୍ୟନ୍ତ ସମ୍ପ୍ରସାରଣ କରାଯାଇଥିବା ଦର୍ଶାଇଛି। ଏହି ଟ୍ରେନ ହାଟିଆରୁ ବାହାରି ରାଉରକେଲା, ଝାରସୁଗୁଡ଼ା ଓ ସମ୍ବଲପୁର ଷ୍ଟେସନରେ ରହଣି ନେଇ ନିଷ୍ପତ୍ତି ନିଆଯାଇଥିବା ମନ୍ତ୍ରଣାଳୟ ପକ୍ଷରୁ କେନ୍ଦ୍ରମନ୍ତ୍ରୀଙ୍କୁ ଅବଗତ କରାଇଛନ୍ତି। ଏହି ପରିପ୍ରେକ୍ଷୀରେ ଲୋକଙ୍କ ଦାବିକୁ ପୂରଣ କରାଯାଇଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ କେନ୍ଦ୍ର ରେଳ ମନ୍ତ୍ରୀଙ୍କୁ ସେ ଧନ୍ୟବାଦ ଜଣାଇଛନ୍ତି।



# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜି ଅତୀତ ଘଟଣା ମନରେ ଆଲୋଡ଼ନ ସୃଷ୍ଟି କରିବା କାରଣରୁ ନିରୁତ୍ସାହିତ ରହିବେ। ପ୍ରିୟଜନଙ୍କ ସହ ନୂତନ ସ୍ଥାନକୁ ବୁଲିଯିବାର ସୁଯୋଗ ମିଳିବାର ସୂଚନା ରହିଛି। ସାମାଜିକ ସ୍ତରରେ ଆଶଙ୍କା କରୁଥିବା ଘଟଣା ସେମିତି କିଛି ହେବ ନାହିଁ। ଈର୍ଷାପରାୟଣ ବ୍ୟକ୍ତିମାନେ କଟୁ ମନ୍ତବ୍ୟ ଦେଇ ପରିବେଶକୁ କଳୁଷିତ କରିପାରନ୍ତି।

**ବୃଷ** – ଅସଜଡ଼ା ପରିସ୍ଥିତିକୁ ସଜାଡ଼ିବାକୁ ଯାଇ ଘରର କେତେକ ଅକୁହା କଥା ବିଷୟରେ ଚିନ୍ତା କରିବେ। ବିଳମ୍ବରେ କାମ ସମ୍ପନ୍ନ ହେବ, ମାତ୍ର ମାନସିକ ସ୍ତରରେ ସନ୍ତୁଷ୍ଟ ହୋଇପାରିବେ ନାହିଁ। ବ୍ୟବସାୟ, ପରିବହନ ଓ ବାଣିଜ୍ୟ କ୍ଷେତ୍ରରେ ସମସ୍ୟା ଦୂର ହେବ। ହାତ ସବୁବେଳେ ଖାଲି ରହିବା ଫଳରେ ପ୍ରିୟ ବ୍ୟକ୍ତିମାନେ ପାଖ ମାଡ଼ିବେ ନାହିଁ।

**ମିଥୁନ** – କର୍ମକ୍ଷେତ୍ରରେ ଭଲ କରିବାକୁ ଯାଇ ଅପଦସ୍ଥ ହେବେ। ଏଣୁ ଯାହା କିଛି କହିବେ ଭାବିଚିନ୍ତି କହନ୍ତୁ। ବଡ଼ଭାଇପଣିଆ ଦେଖାଇଲେ ମନ୍ଦ ଫଳ ଭୋଗିବାକୁ ପଡ଼ିବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବାରୁ ସାମୟିକ ମନ ହାଲୁକା ରହିପାରେ। ପାରିବାରିକ ତିକ୍ତତା ବୃଦ୍ଧି ପାଇବାକୁ ନେଇ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି।

**କର୍କଟ** – ଖାଇବା ପିଇବାରେ ଅବହେଳା କରି ସ୍ୱାସ୍ଥ୍ୟ ପାଇଁ ନିଜେ ହିଁ ବାଧକ ସାଜିବେ। ଖର୍ଚ୍ଚକରିବାରେ ସାବଧାନତା ଅବଲମ୍ବନ ନ କଲେ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିପାରେ। ନୂତନ କାର୍ଯ୍ୟରେ ହାତ ଦେଇ କୃତକାର୍ଯ୍ୟ ହେବେ ମାତ୍ର ଭୋଗବିଳାସରେ ବାଧାବିଘ୍ନ ଘଟିବ। କଚେରି ମାମଲା ଏବଂ ଘରୋଇ କଳହ କ୍ଷେତ୍ରରେ ଟେନସନ୍ ଦୂର ହେବ।

**ସିଂହ** – ଆଜି ସକାଳୁ ହଠାତ୍ ବନ୍ଧୁଙ୍କର ଡାକରା ପାଇ ଦୂରଯାତ୍ରା କରିବାକୁ ପଡ଼ିପାରେ। ପାରିବାରିକ ସ୍ତରରେ ଆବଶ୍ୟକତା ପୂରଣ ଦିଗରେ ଖର୍ଚ୍ଚାନ୍ତ ହେବେ। କର୍ମକ୍ଷେତ୍ରରେ ବିବାଦୀୟ ପୃଷ୍ଠଭୂମିରେ ନିଜକୁ ନିୟନ୍ତ୍ରଣରେ ରଖିବାରେ ସମର୍ଥ ହେବେ। ହଠାତ୍ ଜଣେ ବନ୍ଧୁ ଆର୍ଥିକ ସହାୟତାରେ କାମ ହାସଲ ହୋଇପାରିବ।

**କନ୍ୟା** – ସମସ୍ୟା ସମାଧାନ ପୂର୍ବକ ପ୍ରତ୍ୟେକ କାର୍ଯ୍ୟକୁ ଯଥା ସମୟରେ ସମ୍ପନ୍ନ କରିପାରିବେ। ପୂର୍ବାଲୋଚନା ଅନୁଯାୟୀ ବନ୍ଧୁଙ୍କ ସାହାଯ୍ୟ ପାଇବାରେ ଅସୁବିଧା ହେବ ନାହିଁ। ଚିତ୍ରା ନକ୍ଷତ୍ର ସୁଯୋଗ ପାଇଲେ ମଧ୍ୟ ସଦ୍‌ବ୍ୟବହାର କରିବା କଷ୍ଟକର ହେବ। ସାହିତ୍ୟ, କଳା, ସଙ୍ଗୀତ, ଚଳଚ୍ଚିତ୍ର ଓ ରଚନାତ୍ମକ କାମରେ ପ୍ରଶଂସା ପାଇବେ।

**ତୁଳା** – ଆଜିର ଗ୍ରହସ୍ଥିତିରୁ କିଛି ଅସୁବିଧା ନ ଥିଲେ ମଧ୍ୟ କର୍ମକ୍ଷେତ୍ରରେ ଟେନ୍ସନ ଲାଗିରହିବ। ଅଦେଖା କଥାକୁ ବିଶ୍ୱାସ କଲେ ଅସୁବିଧା ଭୋଗିବେ। ପ୍ରିୟବନ୍ଧୁଙ୍କ ଦର୍ଶନ ପାଇଁ ମନ ଛଟପଟ ହେବାରୁ ସବୁ କାମ ଛାଡି ଦୂରକୁ ଯିବାକୁ ପଡିପାରେ। ସାହିତ୍ୟ, ରାଜନୀତି, ସାମ୍ବାଦିକତା ଆଇନ ଓ ଅଦାଲତ ତଥା ଲେଖାପଢ଼ାରୁ ଶୁଭଫଳ ପାଇବେ।

**ବିଛା** – ନିଜର ଅବହେଳା କାରଣରୁ ହରାଇଥିବା ସୁଯୋଗ ବିଷୟରେ ଅତୀତକୁ ସ୍ମରଣ କରି ଅନୁତାପ କରିପାରନ୍ତି। ଘର ଭିତରେ ଅସାବଧାନତା ଦ୍ରବ୍ୟ ନଷ୍ଟ କିମ୍ବା ଧନ ହାନି ଘଟିପାରେ। କୌଣସି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ସ୍ତ୍ରୀଙ୍କ ପ୍ରେରଣା ଲାଭକରି ଉପକୃତ ହେବେ। ରାଜନୀତି, ଅଧ୍ୟୟନ ଓ ଅଧ୍ୟାପନା ତଥା ସାମାଜିକ କ୍ଷେତ୍ରରେ ପ୍ରତିଷ୍ଠା ବଢ଼ିବ।

**ଧନୁ** – କର୍ମକ୍ଷେତ୍ରରେ ସମସ୍ୟା ଲାଗି ରହିଥିଲେ ମଧ୍ୟ କାମରେ ଅଣହେଳା କରିପାରିବେ ନାହିଁ। ମନ ଭଲ ନ ରହିଲେ ସୁଦ୍ଧା ବନ୍ଧୁଙ୍କ ଅନୁରୋଧ ରକ୍ଷା କରି ତାହାଙ୍କ ସଙ୍ଗରେ ଯିବାକୁ ବାଧ୍ୟ ହେବେ। ପାରିବାରିକ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିବାର ଆଶଙ୍କା ରହିଛି। ସାମାଜିକ ସ୍ତରରେ ଗଠନମୂଳକ ପ୍ରସ୍ତାବ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ।

**ମକର** – ବନ୍ଧୁଙ୍କ ପାଖରେ ବହୁତ ଦିନରୁ ରହିଯାଇଥିବା ବାକି ଟଙ୍କା ଆଜି ଅପରାହ୍ନରେ ପାଇବେ। ଦେହ ଭଲ ରହିଲେ ମଧ୍ୟ ସାମୟିକ ପେଟ ଓ ମୁଣ୍ଡର ରୋଗରେ କଷ୍ଟ ପାଇବେ। ନିଜ ଲୋକମାନେ ବିଶ୍ୱାସଘାତକତା କରିପାରନ୍ତି। ନିର୍ମାଣାଧୀନ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିବାରୁ ମନ ପ୍ରଫୁଲ୍ଲ ରହିବ।

**କୁମ୍ଭ** – ନିଜର ଦୂରଦର୍ଶିତା ଓ ସମୟୋଚିତ ପଦକ୍ଷେପ କାରଣରୁ ପରିବାରରେ ସୁଖ ଶାନ୍ତି ଫେରି ଆସିବ। ପୁରାତନ ରୋଗର ପ୍ରାଦୁର୍ଭାବ ବୃଦ୍ଧି ପାଇବ ; ଯାହା କି ମୁଣ୍ଡବ୍ୟଥାର କାରଣ ହୋଇପାରେ। ବନ୍ଧୁଙ୍କ ଆଚରଣ ମନରେ ସନ୍ଦେହ ସୃଷ୍ଟି କରିପାରେ। ଘର କଥା ଚିନ୍ତା କରି ମହିଳାଙ୍କ ମନରେ ଅସନ୍ତୋଷ ଭରି ରହିବ।

**ମୀନ** – ଆଜି ହଠାତ୍ ଆବଶ୍ୟତା ପୂରଣ କରିବା ସକାଶେ ଧାର କରିବାକୁ ପଡ଼ିବ। ଆଜିର କର୍ମକ୍ଷେତ୍ରରେ ବିଶେଷ ପରିଶ୍ରମଜନିତ କ୍ଳାନ୍ତି ଅନୁଭବ କରିବେ। କୌଣସି କାମ ହାସଲ କ୍ଷେତ୍ରରେ ବନ୍ଧୁଙ୍କ ପ୍ରତିଶ୍ରୁତି ପାଇ ଆଶ୍ୱସ୍ତି ଅନୁଭବ କରିପାରନ୍ତି। ଜମିଜମା କିଣାବିକା କ୍ଷେତ୍ରରେ ବାଦବିବାଦ କ୍ରମେ ଜଟିଳ ହେବ ଓ ସଫଳତା ହାସଲ କରିବେ।

ଆଜି ଜାନୁଆରୀ ୩୧ ତାରିଖ, ମାଘ କୃଷ୍ଣ ୫ମୀଯୁକ୍ତ ଷଷ୍ଠୀ ବୁଧବାର, ରାଶି ନକ୍ଷତ୍ର-ହସ୍ତା/କନ୍ୟା, ଷଷ୍ଠୀର ପାର୍ବଣ ଶ୍ରାଦ୍ଧ, ଅଦ୍ୟ ବ୍ରତୋପନୟନ, ଗୃହାରମ୍ଭ ଓ ଗୃହପ୍ରବେଶ, ବିଦ୍ୟାରମ୍ଭ, ଜଳାଶୟ ଖନନ ଓ ପ୍ରତିଷ୍ଠା ପାଇଁ ଶୁଭଦିନ। ଦିବା ଘ.୦୬.୨୬ମି. ଗତେ ଘ. ୦୭.୫୫ମି. ମଧ୍ୟେ, ଘ.୧୦.୩୭ମି. ଗତେ ଘ.୧୧.୩୭ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୨.୦୦ମି. ଗତେ ଘ.୦୧.୨୩ମି. ମଧ୍ୟେ ରାହୁ କାଳ।

# ଧରିତ୍ରୀ DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର, ବୁଧବାର, ଜାନୁଆରୀ ୩୧/୨୦୨୪ | Bhubaneswar, Wednesday, January 31/2024 | ପୃଷ୍ଠା-୧




ରାଞ୍ଚିସ୍ଥିତ ବାପୁ ବାଟିକାରେ ମଙ୍ଗଳବାର ମହାତ୍ମା ଗାନ୍ଧୀଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ପରେ ଜେଏମ୍‌ଏମ୍ ବିଧାୟକଙ୍କ ସହ ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍।

## ଦିଲ୍ଲୀରେ ଇଡି, ରାଞ୍ଚିରେ ସୋରେନ

ନୂଆଦିଲ୍ଲୀ/ରାଞ୍ଚି,୩୦।୧

ପ୍ରବର୍ତ୍ତନନିର୍ଦ୍ଦେଶାଳୟ (ଇଡି) ଅଧିକାରୀମାନେ ଜମି ଦୁର୍ନୀତି ମାମଲାରେ ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍‌ଙ୍କୁ ଖୋଜୁଥିବା ବେଳେ ସେ ମଙ୍ଗଳବାର ରାଞ୍ଚିରେ ଦେଖାଦେଇଛନ୍ତି। ଏ ସମ୍ପର୍କିତ ମନି ଲଣ୍ଡରିଂ ମାମଲାର ତଦନ୍ତ କରୁଥିବା ଇଡି ସୋରେନ୍‌ଙ୍କୁ ହାଜର ହେବା ପାଇଁ ଦଶମ ଥର ପାଇଁ ସମନ ପଠାଇଥିଲା। କିନ୍ତୁ ସେ ସୋମବାର ହାଜର ନ ହୋଇ ହଠାତ୍ କୁଆଡ଼େ ଅନ୍ତର୍ଦ୍ଧାନ ହୋଇଯାଇଥିଲେ। ନିର୍ଦ୍ଦେଶାଳୟର ତଦନ୍ତକାରୀ ଅଧିକାରୀମାନେ ସୋରେନ୍‌ଙ୍କୁ ନ ପାଇ ନୂଆଦିଲ୍ଲୀସ୍ଥିତ ତାଙ୍କ ୫/୧ ଶାନ୍ତି ନିକେତନ ବାସଭବନରେ ଚଢ଼ାଉ କରିଥିଲେ। ଚଢ଼ାଉ ବେଳେ ସେମାନେ ୩୬ ଲକ୍ଷ ଟଙ୍କା ଏବଂ ଏକ ବିଏମ୍‌ଡବ୍ଲ୍ୟୁ ଏସ୍‌ୟୁଭି ସମେତ କେତେକ ଆପତ୍ତିଜନକ ଦସ୍ତାବିଜ ଜବତ କରିଥିଲେ। ସେଠାରେ ପ୍ରାୟ ୧୩ ଘଣ୍ଟା ଧରି ଅପେକ୍ଷା କରିବା ପରେ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା (ଜେଏମ୍‌ଏମ୍) କାର୍ଯ୍ୟକାରୀ ସଭାପତିଙ୍କୁ ଠାବ କରାଯାଇ ପାରୁନାହିଁ ବୋଲି ମଙ୍ଗଳବାର ଇଡି ଅଧିକାରୀମାନେ କହିବାବେଳକୁ ସୋରେନ୍ ରାଞ୍ଚିସ୍ଥିତ ନିଜ ସରକାରୀ ବାସଭବନରେ ପହଞ୍ଚିଥିଲେ। ଲୋକ ସଭା ନିର୍ବାଚନ ପାଖେଇ ଆସୁଥିବାବେଳେ ଇଡି-ସୋରେନ୍‌ଙ୍କ ଲୁଚକାଳି ଖେଳ ଜାତୀୟ ରାଜନୀତିରେ ହଟଚମଟ ସୃଷ୍ଟି କରିଛି। କାରଣ କେନ୍ଦ୍ରରେ କ୍ଷମତାସୀନ ଭାରତୀୟ ଜନତା ପାର୍ଟି (ଭାଜପା) ବିରୋଧୀ ଦଳ ଶାସିତ ଅନ୍ୟ ରାଜ୍ୟଗୁଡ଼ିକ ଭଳି ଝାଡ଼ଖଣ୍ଡରେ ମଧ୍ୟ ସରକାର ଭାଙ୍ଗିବାକୁ ଉଦ୍ୟମ କରୁଥିବା ଅଭିଯୋଗ ହୋଇଆସୁଛି।

୨୪ ଘଣ୍ଟାର ସସ୍‌ପେନ୍ସ ମଙ୍ଗଳବାର ଅପରାହ୍ନ ୪ଟା ୩୦ରେ ଶେଷ ହୋଇଥିଲା, ଯେତେବେଳେ ହେମନ୍ତ ସୋରେନ୍ ରାଞ୍ଚିସ୍ଥିତ ବାପୁ ବାଟିକାରେ ପହଞ୍ଚି ଗାନ୍ଧିଜୀଙ୍କୁ ଶ୍ରାଦ୍ଧବାର୍ଷିକୀରେ ଶ୍ରଦ୍ଧାଞ୍ଜଳି ଦେଲେ। ☞ପୃଷ୍ଠା-୧୦

## ବିଦ୍ୟୁତ୍ ଉତ୍ପାଦନ ଶୁଳ୍କ ବୃଦ୍ଧି ଦାବି | ଓଇଆର୍‌ସିରେ ଶୁଣାଣି ଆରମ୍ଭ

ଭୁବନେଶ୍ୱର,୩୦।୧(ଅନିଲ ଦାସ)

ଖର୍ଚ୍ଚ ବୋଝ ବଢ଼ିଲାଣି। ବିଦ୍ୟୁତ୍ ଶୁଳ୍କ ନ ବଢ଼ାଇଲେ ଉତ୍ପାଦନକାରୀ, ବଣ୍ଟନକାରୀ କମ୍ପାନୀ ଦେବାଳିଆ ହୋଇଯିବେ। ୨୦୨୪-୨୫ ଆର୍ଥିକବର୍ଷରେ ବିଦ୍ୟୁତ୍ ଶୁଳ୍କ ବଢ଼ାଇବାକୁ ବିଦ୍ୟୁତ୍ ଉତ୍ପାଦନ ଓ ବଣ୍ଟନକାରୀ ସଂସ୍ଥା ପକ୍ଷରୁ ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ (ଓଇଆର୍‌ସି)ଙ୍କ ନିକଟରେ ଏଭଳି ଦାବିକରି ମାମଲା ଦାଏର କରାଯାଇଛି। ଏହି ମାମଲାର ଶୁଣାଣି ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ପ୍ରଥମ ଦିବସରେ ବିଦ୍ୟୁତ୍ ଉତ୍ପାଦନକାରୀ ସଂସ୍ଥା ଓଡ଼ିଶା ପାୱାର ଜେନେରେଶନ କର୍ପୋରେଶନ (ଓପିଜିସି) ଏବଂ ଓଡ଼ିଶା ଜଳ ବିଦ୍ୟୁତ୍ ନିଗମ(ଓଏଚ୍‌ପିସି) ପକ୍ଷରୁ ଓଇଆର୍‌ସିଙ୍କ ନିକଟରେ ଦାଏର ମାମଲାର ଶୁଣାଣି କରାଯାଇଥିଲା। ଓପିଜିସି ତା'ର ଆଇବି ଥର୍ମାଲ ଜେନେରେଟିଂ ଷ୍ଟେଶନରୁ ଗ୍ରୀଡ୍‌କୋକୁ ଯୋଗାଇ ଦେଉଥିବା ବିଦ୍ୟୁତ୍ ଶକ୍ତି ବାବଦରେ ୨୦୨୪-୨୫ ଆର୍ଥିକବର୍ଷ ପାଇଁ ବାର୍ଷିକ ନିର୍ଦ୍ଧାରିତ ଚାର୍ଜ ୨୯୧.୯୫ କୋଟିରୁ ବୃଦ୍ଧି କରି ୩୧୦.୨୫ କୋଟି ଏବଂ ଭାରିଏବଲ୍ ଚାର୍ଜ ୟୁନିଟ୍ ପିଛା ୧୬୭.୧୬ ପଇସାରୁ ୧୭୦.୮୦ ପଇସା ବୃଦ୍ଧି କରିବାକୁ ଆୟୋଗଙ୍କ ନିକଟରେ ଦାବି ଉପସ୍ଥାପନ କରିଛି। ସେହିପରି ୱାଟର ଚାର୍ଜ, ଆୟକର ବାବଦକୁ ୨୫.୦୫ କୋଟିରୁ ୫୬.୨୮ କୋଟିକୁ ବୃଦ୍ଧି କରିବାକୁ ଦାବି କରାଯାଇଛି। ତେବେ ଏହାକୁ ଶକ୍ତି ବିଭାଗ ପକ୍ଷରୁ ବିରୋଧ କରାଯାଇଛି।

ସେହିପରି ଓଏଚ୍‌ପିସି ୨୦୨୪-୨୫ ଆର୍ଥିକବର୍ଷ ପାଇଁ ବିଦ୍ୟୁତ୍ ଉତ୍ପାଦନ ଶୁଳ୍କ ୟୁନିଟ୍ ପିଛା ୯୩.୪୯ ପଇସାରୁ ୯୯.୮୮ ପଇସାକୁ ବୃଦ୍ଧି କରିବାକୁ ଦାବି କରିଛି। ଏଥିସହିତ ଓଏଚ୍‌ପିସି ମାଛକୁଣ୍ଡ ବିଦ୍ୟୁତ୍ କେନ୍ଦ୍ରରୁ ଛତିଶଗଡ଼କୁ ୫ ମେଗାୱାଟ୍ ବିଦ୍ୟୁତ୍ ବିକ୍ରି କରିବାକୁ ପ୍ରସ୍ତାବ ଦେଇଛି। ଆସନ୍ତା ଫେବୃଆରୀ ୭ ଯାଏ ଶୁଣାଣି ହେବ। ଏହାପରେ ଓଇଆର୍‌ସି ମାର୍ଚ୍ଚ ଶେଷ ସପ୍ତାହରେ ନିଜର ରାୟ ପ୍ରକାଶ କରିବେ। ଯଦି ନିର୍ବାଚନ ଆଚରଣ ବିଧି ଲାଗୁ ହୋଇଥିବ ତେବେ ନିର୍ବାଚନ ପ୍ରକ୍ରିୟା ଶେଷ ହେବା ଯାଏ ରାୟ ସଂରକ୍ଷିତ ରହିବ। ଚଳିତ ବର୍ଷ ସାଧାରଣ ନିର୍ବାଚନ ଥିବାରୁ ବିଦ୍ୟୁତ୍ ଶୁଳ୍କ ଅପରିବର୍ତ୍ତିତ ରହିବ ବୋଲି କୁହାଯାଉଛି।

## ଯବାନଙ୍କ କ୍ୟାମ୍ପରେ ମାଓବାଦୀ ଆକ୍ରମଣ: ୩ ଶହୀଦ, ୧୪ ଆହତ

ମାଲକାନଗିରି,୩୦।୧ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ବିଜାପୁର ଜିଲାରେ ମଙ୍ଗଳବାର ଯବାନଙ୍କ କ୍ୟାମ୍ପ ଉପରେ ମାଓବାଦୀମାନେ ଆକ୍ରମଣ କରିବା ଫଳରେ ୩ ଯବାନ ଶହୀଦ ହୋଇଥିବା ବେଳେ ୧୪ ଆହତ ହୋଇଛନ୍ତି। ଛତିଶଗଡ଼ ବିଜାପୁର ଜିଲା ଟେକଲଗୁଡେମ ଗ୍ରାମରେ ନୂତନ ଭାବେ ମଙ୍ଗଳବାର ସିଆର୍‌ପିଏଫ୍ କ୍ୟାମ୍ପ ପ୍ରତିଷ୍ଠା କରାଯାଇଥିଲା। ଏହି ସମୟରେ ଯବାନମାନେ ନୂତନ କ୍ୟାମ୍ପ ପ୍ରତିଷ୍ଠା କରିବା ପରେ ଆଖପାଖ ଅଞ୍ଚଳରେ କୋମ୍ବିଂ କରୁଥିଲେ। ଏହି ସମୟରେ ମାଓବାଦୀମାନେ ଯବାନଙ୍କ ଉପରେ ଆକ୍ରମଣ କରିବାରୁ ଘଟଣାସ୍ଥଳରେ ୩ ଜଣ ଯବାନ ଶହୀଦ ହୋଇଥିବା ବେଳେ ୧୪ ଆହତ ହୋଇଛନ୍ତି। ଆହତଙ୍କୁ ରାୟପୁର ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିବା ବେଳେ ଖବର ଲେଖାହେବା ସୁଦ୍ଧା ଉକ୍ତ ଅଞ୍ଚଳରେ କୋମ୍ବିଂକୁ ଜୋର୍‌ଦାର କରାଯାଇଛି।

## ନକଲି ଶିକ୍ଷକଙ୍କ ତଥ୍ୟ ଦିଅ

### ୧୧ ଜିଲା ଶିକ୍ଷାଧିକାରୀଙ୍କୁ ନିର୍ଦ୍ଦେଶ

ଭୁବନେଶ୍ୱର, ୩୦।୧(ଅସମାପିକା ସାହୁ)

ନକଲି ଶିକ୍ଷକଙ୍କ ତଥ୍ୟ ଦେଇନାହାନ୍ତି ୧୧ ଜିଲା ଶିକ୍ଷାଧିକାରୀ। ଏହାକୁ ନେଇ ଗଣଶିକ୍ଷା ବିଭାଗ ଉଦ୍‌ବେଗ ପ୍ରକାଶ କରିବା ସହ ତୁରନ୍ତ ତଥ୍ୟ ଦେବା ପାଇଁ ସମ୍ପୃକ୍ତ ଜିଲା ଶିକ୍ଷାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛି। ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ବାଲେଶ୍ୱର, ଭଦ୍ରକ, ବଲାଙ୍ଗୀର, ଗଜପତି, ଜଗତ୍‌ସିଂହପୁର, କଳାହାଣ୍ଡି, କେନ୍ଦ୍ରାପଡ଼ା, ମାଲକାନଗିରି, ମୟୂରଭଞ୍ଜ ଓ ସମ୍ବଲପୁର ଜିଲା ଶିକ୍ଷାଧିକାରୀଙ୍କୁ ଚିଠି ଲେଖାଯାଇଛି। ଜାଲ ସାର୍ଟିଫିକେଟ ଦେଇ ଚାକିରି କରୁଥିବା ଶିକ୍ଷକଙ୍କ ସମ୍ପର୍କରେ ରାଜ୍ୟ ସରକାର କମ୍ପ୍ଲିଆନ୍ସ ବା ଅନୁପାଳନ ସତ୍ୟପାଠ ପ୍ରସ୍ତୁତ କରୁଛନ୍ତି। ରୁଜୁ ହୋଇଥିବା ଜନସ୍ୱାର୍ଥ ମାମଲାରେ ରାଜ୍ୟ ସରକାର ସତ୍ୟପାଠ ଦାଖଲ କରିବେ। କିନ୍ତୁ ୧୧ଟି ଜିଲାରୁ ତଥ୍ୟ ଆସି ନ ଥିବାରୁ ଅନୁପାଳନ ସତ୍ୟପାଠ ପ୍ରସ୍ତୁତ ହୋଇପାରୁ ନ ଥିବା ଚିଠିରେ ଉଲ୍ଲେଖ କରାଯାଇଛି। ତେଣୁ ତୁରନ୍ତ ନକଲି ଶିକ୍ଷକଙ୍କ ତଥ୍ୟ ଦେଲେ କମ୍ପ୍ଲିଆନ୍ସ ଆଫିଡେଭିଟ୍ ବା ଅନୁପାଳନ ସତ୍ୟପାଠ ପ୍ରସ୍ତୁତ କରି କୋର୍ଟରେ ଦାଖଲ କରାଯିବ ବୋଲି କୁହାଯାଇଛି।

## ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ହେଲେ ମୀନାକ୍ଷୀ ବାହିନୀପତି



ଭୁବନେଶ୍ୱର, ୩୦।୧(ସୁନିତ୍ ମିଶ୍ର)

୨୦୨୪ ସାଧାରଣ ନିର୍ବାଚନକୁ ଆଉ କମ୍ ସମୟ ଥିବାବେଳେ କଂଗ୍ରେସ ରାଜ୍ୟରେ ନିଜର ସାଙ୍ଗଠନିକ ନିଯୁକ୍ତିରେ ବ୍ୟାପକ ପରିବର୍ତ୍ତନ ଆରମ୍ଭ କରିଦେଇଛି। ରାଜ୍ୟରେ କଂଗ୍ରେସ ଅଜୟ କୁମାରଙ୍କୁ ପ୍ରଭାରୀ ଭାବେ ଦାୟିତ୍ୱ ଦେବା ପରେ ଦଳ ନିଜର ସାଙ୍ଗଠନିକ ନିଯୁକ୍ତିର ଅଦଳବଦଳ ଆରମ୍ଭ କରିଦେଇଛି। ଦଳ ପକ୍ଷରୁ ମଙ୍ଗଳବାର ମହିଳା ମୁଖିଆଙ୍କୁ ପରିବର୍ତ୍ତନ କରାଯାଇଛି। କୋରାପୁଟ ଜିଲା କଂଗ୍ରେସର ଦୀର୍ଘଦିନ ଧରି ସଭାପତି ଭାବେ କାର୍ଯ୍ୟ କରିଥିବା ବରିଷ୍ଠ ନେତ୍ରୀ ମୀନାକ୍ଷୀ ବାହିନୀପତିଙ୍କୁ ପ୍ରଦେଶ ମହିଳା କଂଗ୍ରେସ ସଭାନେତ୍ରୀ ଭାବେ ନିଯୁକ୍ତି ମିଳିଛି। ଏନେଇ ବିଧିବଦ୍ଧ ଭାବେ ଏଆଇସିସି(ଅଖିଳ ଭାରତ କଂଗ୍ରେସ କମିଟି) ପକ୍ଷରୁ ☞ପୃଷ୍ଠା-୧୦

## ଲିଙ୍ଗରାଜ କୁଷ୍ଠ କଲୋନି ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ

### ଉପକୃତ ହେଲେ ୯୪ ହିତାଧିକାରୀ

ଭୁବନେଶ୍ୱର,୩୦।୧(ଅନିଲ ଦାସ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ସ୍ଥାନୀୟ ପଳାଶପଲ୍ଲୀଠାରେ ନବନିର୍ମିତ ଲିଙ୍ଗରାଜ କୁଷ୍ଠ କଲୋନି ଲୋକାର୍ପିତ କରିଛନ୍ତି। ଏଥିରେ ୩୧ଟି ଘର ରହିଛି। ଏହାଦ୍ୱାରା ୯୪ ଜଣ ହିତାଧିକାରୀ ଉପକୃତ ହୋଇଛନ୍ତି। ଏମାନେ ସମସ୍ତେ ମଧୁବାବୁ ପେନ୍‌ସନ ଯୋଜନାରେ ସାମିଲ ହୋଇଛନ୍ତି। ଏକ ମେଡିକାଲ୍ ଟିମ୍ ପ୍ରତି ସପ୍ତାହରେ ସେମାନଙ୍କ ପାଖକୁ ଯାଇ ସେମାନଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେଉଛି। ସେମାନଙ୍କ ସୁବିଧା ପାଇଁ ସେମାନଙ୍କୁ ଡ୍ରେସିଂ କିଟ୍, ଜୋତା ଓ ଟ୍ରାଇସାଇକେଲ ପ୍ରଭୃତି ବିଭିନ୍ନ ଉପକରଣ ଯୋଗାଇ ଦିଆଯାଇଛି।



## ମୃତ୍ୟୁ ପୂର୍ବରୁ ବଞ୍ଚାଇଲେ ୫୦ଜୀବନ

### ଚଳନ୍ତା ବସ୍‌ରେ ଡ୍ରାଇଭରଙ୍କୁ ହୃଦ୍‌ଘାତ

ନୀଳଗିରି, ୩୦।୧(ପ୍ରଶାନ୍ତ ବିଶ୍ୱାଳ)

ଦ୍ରୁତଗତିରେ ବସ୍ ଚାଲିଥିବା ବେଳେ ହଠାତ୍ ହୃଦଘାତର ଶିକାର ହେଲେ ଡ୍ରାଇଭର। ହେଲେ ଉପସ୍ଥିତ ବୁଦ୍ଧି ଖଟାଇ ବସ୍‌କୁ ରାସ୍ତାକଡରେ ସୁରକ୍ଷିତ ଭାବେ ଛିଡା କରାଇଲେ। ଯନ୍ତ୍ରଣାରେ ଛଟପଟ ହେଉଥିବା ସତ୍ତ୍ୱେ ଦେବଦୂତ ସାଜି ବସ୍‌ରେ ଥିବା ୫୦ ପର୍ଯ୍ୟଟକଙ୍କ ଜୀବନ ବଞ୍ଚାଇଲେ। ଏହାର କିଛି ସମୟ ପରେ ଡ୍ରାଇଭର ନିଜେ ଟଳିପଡିଲେ। ଏଭଳି ଏକ ଲୋମଟାଙ୍କୁରା ଘଟଣା ଘଟିଛି ବାଲେଶ୍ୱର ଜିଲାର ନୀଳଗିରି ପଞ୍ଚଲିଙ୍ଗେଶ୍ୱର ରାସ୍ତାରେ।

କୋଲକାତାରୁ ୫୦ ପର୍ଯ୍ୟଟକ ଏକ ବସ୍ (ନଂ. ଡବ୍ଲ୍ୟୁବି୭୬ଏ ୬୩୨୮) ଯୋଗେ ବାଲେଶ୍ୱର ନୀଳଗିରି ପଞ୍ଚଲିଙ୍ଗେଶ୍ୱରକୁ ବୁଲିବାକୁ ଆସୁଥିଲେ। ପଞ୍ଚଲିଙ୍ଗେଶ୍ୱର ରାସ୍ତା ପାଟପୁର ଛକଠାରେ ଡ୍ରାଇଭରଜଣକ ହଠାତ୍ ଅସୁସ୍ଥ ଅନୁଭବ କରିଥିଲେ। ଏହାସତ୍ତ୍ୱେ ଗାଡିକୁ ନିୟନ୍ତ୍ରଣ କରି ରାସ୍ତା ମଝିରୁ ବସ୍‌କୁ କଡ଼କୁ ନେଇ ଛିଡା କରାଇଥିଲେ। ଏହାପରେ ଷ୍ଟିୟରିଂ ଉପରେ ଟଳିପଡ଼ିଥିଲେ। ମୃତ ଡ୍ରାଇଭର ହେଲେ ପଶ୍ଚିମବଙ୍ଗ ହାୱଡ଼ା ଅଞ୍ଚଳର ମହମ୍ମଦ କାପ୍ତାନ। ଡ୍ରାଇଭରଙ୍କୁ ହୃଦ୍‌ଘାତ ହୋଇଥିବା ଜାଣି ପର୍ଯ୍ୟଟକମାନେ ଗାଡ଼ିରୁ ଓହ୍ଲାଇବା ସହିତ ସ୍ଥାନୀୟ ଲୋକଙ୍କୁ ଡାକି ୧୦୮ଆମ୍ବୁଲାନ୍ସରେ ନୀଳଗିରି ମେଡିକାଲକୁ ପଠାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସ୍ଥାନୀୟ ଲୋକ ପର୍ଯ୍ୟଟକଙ୍କୁ ସେହି ବସ୍‌ରେ ସୁରକ୍ଷିତ ଭାବେ ପଞ୍ଚଲିଙ୍ଗେଶ୍ୱରଠାରେ ପହଞ୍ଚାଇଛନ୍ତି।







ଆମ ମନ ଆଉ ପ୍ରାଣ ସବୁବେଳେ ପ୍ରଶଂସା ଶୁଣିବାକୁ ବ୍ୟାକୁଳ ହୁଏ। ସେଥିପାଇଁ ଆମେ ସମାଲୋଚନା ସହିପାରୁନା ଏବଂ କାହା ଦ୍ୱାରା ନଗଣ୍ୟ ଓ ଉପେକ୍ଷିତ ହେବାକୁ ଚାହୁଁ ନାହିଁ। କିନ୍ତୁ ଆମେ ଯେପରି ସର୍ବଦା ଧକ୍କା ଓ ପରାଜୟ ନିମିତ୍ତ ପ୍ରସ୍ତୁତ ହେବାକୁ ପଡିବ ଏବଂ ଧୀର ଶାନ୍ତ ଭାବେ ସହିବାକୁ ପଡିବ। -ଶ୍ରୀମା



# କେବଳ ଅନ୍ଧକାର

ନିକଟରେ ଆମେରିକାର ଜର୍ଜିଆରେ ଭାରତରୁ ଯାଇଥିବା ବିବେକ ସାଇନଙ୍କୁ ନିଶାସେବୀ ଜଣେ ଗୃହହୀନ ବ୍ୟକ୍ତି ହାତୁଡ଼ିରେ ବାରମ୍ବାର ଆଘାତକରି ହତ୍ୟା କରିଥିଲେ। ତଥାପି ଆମେରିକାକୁ ଯିବା ପାଇଁ ଛାତ୍ରାଛାତ୍ରୀଙ୍କ ଭିଡ଼ ଅବ୍ୟାହତ ରହିଛି। ପ୍ରାୟ ପ୍ରତିବର୍ଷ ଆମେରିକା କିମ୍ବା କାନାଡା ଯାଉଥିବା ଛାତ୍ର ଏଭଳି ହତ୍ୟା କିମ୍ବା ଜାତିଗତ ବାଛବିଚାରର ସମ୍ମୁଖୀନ ହେଉଛନ୍ତି। ଅନେକ ସମୟରେ ବହୁ ଛାତ୍ର ମଧ୍ୟ ଆହତ ହେବା ଖବର ଜାଣିବାକୁ ମିଳେ। କେବଳ ଏହି ଦୁଇ ଦେଶ ନୁହେଁ, ଭାରତୀୟ ଛାତ୍ରାଛାତ୍ରୀମାନେ ଅଷ୍ଟ୍ରେଲିଆ, ଇଂଲଣ୍ଡ , ଆୟର୍ଲାଣ୍ଡ ଏବଂ ନ୍ୟୁଜିଲାଣ୍ଡ ଆଦି ଦେଶକୁ ବହୁଳ ସଂଖ୍ୟାରେ ଯାଉଛନ୍ତି। ଚାଇନା ପରେ ବାହାର ଦେଶକୁ ଭାରତରୁ ଅଧିକ ପଢ଼ିବାକୁ ଯାଉଛନ୍ତି। ବହିର୍ବ୍ୟାପାର ମନ୍ତ୍ରଣାଳୟ ତଥ୍ୟ ଅନୁଯାୟୀ ୨୦୧୬ ତୁଳନାରେ ଏବେ ୨୦ ପ୍ରତିଶତ ବୃଦ୍ଧି ପାଇଛି। ପାଖାପାଖି ୧୩ ଲକ୍ଷ ଛାତ୍ରାଛାତ୍ରୀ ଭାରତ ବାହାରେ ବିଭିନ୍ନ ଦେଶରେ ପଢ଼ୁଛନ୍ତି ଏବଂ ସବୁଠୁ ଅଧିକ ଯାଉଛନ୍ତି ଆମେରିକାରେ। ଚିନ୍ତାର କାରଣ ହେଉଛି, ସେହି ସବୁ ଦେଶରେ ଭାରତୀୟ ଛାତ୍ରାଛାତ୍ରୀମାନେ ବହୁ ସମୟରେ ସ୍ଥାନୀୟ ଲୋକଙ୍କ ଆକ୍ରୋଶର ଶିକାର ହେଉଛନ୍ତି। ଏପରିକି ବାହାର ଦେଶରେ ଭାରତୀୟ ଛାତ୍ରଙ୍କ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଡିସେମ୍ବର ୨୦୨୩ରେ ରାଜ୍ୟ ସଭାରେ ବହିର୍ବ୍ୟାପାର ମନ୍ତ୍ରଣାଳୟ ତରଫରୁ ଉପସ୍ଥାପିତ ତଥ୍ୟ ଅନୁଯାୟୀ, ୫ ବର୍ଷ ମଧ୍ୟରେ ଭାରତ ବାହାରେ ପଢୁଥିବା ୪୦୦ରୁ ଊର୍ଦ୍ଧ୍ୱ ଛାତ୍ରାଛାତ୍ରୀଙ୍କର ବିଭିନ୍ନ କାରଣରୁ ମୃତ୍ୟୁ ଘଟିଛି। ମୃତ୍ୟୁ ଘଟଣାରେ ସବୁଠୁ ଆଗରେ ଅଛି କାନାଡା। ପିଲାମାନେ ବିଦେଶ ଯାଇ ପଢ଼ିବା ପଛରେ କାରଣ ରହିଛି। ଧନୀ ଘରର ପିଲା ବେଶି ଯାଉଛନ୍ତି ଏବଂ ସେମାନଙ୍କ ପରିବାର ଏହା ସପକ୍ଷରେ ବି ଯୁକ୍ତି ବାଢ଼ୁଛନ୍ତି। ଏହାବାଦ୍ ଅନେକ ଉଚ୍ଚ ମଧ୍ୟବିତ୍ତ ପରିବାରର ପିଲାମାନେ ଶିକ୍ଷା ଋଣ କରି ମଧ୍ୟ ବାହାରକୁ ପଢ଼ିବାକୁ ଯାଉଛନ୍ତି। ନିକଟ ଅତୀତର ତଥ୍ୟକୁ ଦେଖିଲେ ଏହି ସଂଖ୍ୟା ବୃଦ୍ଧି ପାଇବା ପଛରେ ରାଜନୈତିକ ଓ ସାମାଜିକ କାରଣ ମଧ୍ୟ ରହିଛି। ଅନେକ ଉଚ୍ଚ ଶିକ୍ଷିତ ଏବଂ ସ୍ୱଚ୍ଛଳ ପରିବାରଗୁଡ଼ିକ ମଧ୍ୟରେ ଚିନ୍ତା ପଶିଲାଣି ଯେ, ଭାରତରେ ପିଲାଙ୍କର ଭବିଷ୍ୟତ ଅନ୍ଧକାରମୟ ହୋଇଯାଉଛି। ଯୁବପିଢ଼ି ସାଧାରଣତଃ ନୂତନ ଚିନ୍ତାଧାରା ପୋଷଣ କରୁଥିବାରୁ ସେମାନଙ୍କ ପାଇଁ ପୁରାତନ ଅନ୍ଧବିଶ୍ୱାସ ଆକର୍ଷଣୀୟ ହେଉନାହିଁ। ରାଜନୀତିରେ ଧର୍ମର ପ୍ରବେଶ ଅଧିକାଂଶ ସଚେତନ ଅଭିଭାବକଙ୍କୁ ବିଚଳିତ କରୁଥିବାର ବିଷୟ ଜଣାପଡୁଛି। କୌତୂହଳର କଥା ହେଲା, ଏହି ଧର୍ମ ଓ ରାଜନୀତିକୁ ମିଶାଇ ଲାଭ ଉଠାଉଥିବା ବ୍ୟବସାୟିକ ଓ ରାଜନୈତିକ ପରିବାରର ଯୁବପିଢ଼ି ଏବେ ବିଦେଶ ଚାଲିଗଲେଣି। ଭାରତୀୟ ସମାଜରେ ଗଢ଼ିଉଠୁଥିବା ଧାର୍ମିକ ଏବଂ ତା' ପାଇଁ ଅର୍ଥନୈତିକ ବିଭେଦ ଉଚ୍ଚଶିକ୍ଷିତ ପରିବାରବର୍ଗଙ୍କୁ ବ୍ୟଥିତ କରୁଛି। ସେମାନଙ୍କର ସ୍ପଷ୍ଟ ବିଶ୍ୱାସ ସୃଷ୍ଟି ହେଲାଣି ଯେ, ନିଜ ଜୀବନରେ ଗଢ଼ିତୋଳିଥିବା ଧନକୁ ବ୍ୟବହାରକରି ପିଲାଙ୍କୁ ବିଦେଶ ପଠାଇପାରିଲେ ଭବିଷ୍ୟତର ପିଢ଼ି ସୁସ୍ଥ ମାନସିକତାର ପରିବେଶରେ ବଢ଼ିପାରିବ। ସେଥିନେଇ ଏବେ ଯୁବପିଢ଼ି ପାଇଁ ଏକ ଦ୍ୱିତୀୟ ' ଭାରତ ଛାଡ଼' ଆନ୍ଦୋଳନ ଆରମ୍ଭ ହେଲା ଭଳି ମନେହେଉଛି। ଏହି ପିଲାମାନେ ସାଧାରଣତଃ ଉଚ୍ଚକୋଟିର ପରିବାରରୁ ଆସିଥିବାରୁ ତାଙ୍କର ଶିକ୍ଷାଗତ ଯୋଗ୍ୟତା ଅଧିକ ଥିବା ସହିତ ସେମାନେ ଚାକିରି ଖୋଜିବା ପରିବର୍ତ୍ତେ ଉଦ୍ୟୋଗୀ, ବ୍ୟବସାୟୀ, ଗବେଷକ, ଶିକ୍ଷକ ଏବଂ ବୈଜ୍ଞାନିକ ହେଉଛନ୍ତି। ପୂର୍ବରୁ ମଧ୍ୟ ଭାରତର ଉଚ୍ଚଶିକ୍ଷିତ ପରିବାରରୁ ଦକ୍ଷ ପିଲା ବାହାରୁଥିଲେ। ପ୍ରଭେଦ କେବଳ ଏତିକି ଯେ, ଆଗରୁ ସେମାନେ ଭାରତରେ ରହୁଥିଲେ। ଏବେ ସେହିଭଳି ପିଲାମାନଙ୍କୁ ତାଙ୍କର ପରିବାର ବିଦେଶ ପଠାଇଦେବା ପାଇଁ ପସନ୍ଦ କରୁଛନ୍ତି। ଏହାକୁ 'ବ୍ରେନ ଡ୍ରେନ'ବା ପଳାତକ ବୁଦ୍ଧି କୁହାଯାଇପାରେ। ଅନ୍ୟପଟେ ଆମର ଗଣମାଧ୍ୟମରେ ଯଦି କୌଣସି ଅଟୋରିକ୍ସା ଚାଳକଙ୍କ ପିଲା ଭାରତୀୟ ପ୍ରଶାସନିକ ସେବା ( ଆଇଏଏସ୍) କିମ୍ବା ଭାରତୀୟ ପୋଲିସ ସେବା( ଆଇପିଏସ୍) ପାଇଯାଉଛି, ତେବେ ତାହାକୁ ଏକ ବିରାଟକାୟ ସଫଳତା ଭାବେ ଦର୍ଶାଯାଉଛି। ଦେଖିବାକୁ ଗଲେ ଏହି ପିଲାମାନେ ସରକାରୀ ଚାକିରି କରି ଦେଶର ପ୍ରଶାସନିକ ମଙ୍ଗ ଧରିପାରନ୍ତି, କିନ୍ତୁ ସେମାନଙ୍କ ଦ୍ୱାରା କ୍ୱଚିତ ଅର୍ଥନୈତିକ, ସାମାଜିକ ବା ଗବେଷଣାତ୍ମକ ବିକାଶ ହୋଇଥାଏ। ଭାରତୀୟ ବାତାବରଣରେ ଏକ ଯୁବ ଉଦ୍ୟୋଗୀ ତିଷ୍ଠିବା ଅତ୍ୟନ୍ତ କଷ୍ଟକର କାର୍ଯ୍ୟ। ଯେତେ ପଢ଼ିଥିଲେ ମଧ୍ୟ ସରକାରୀ ପେଞ୍ଚ ବୁଝିପାରୁ ନ ଥିବା ଯୁବପିଢ଼ି କୌଣସି ନୂତନତ୍ୱ ଦେଖାଇବାରେ ଅସଫଳ ହେଉଛନ୍ତି। ଏହା ପୂର୍ବରୁ ଥିଲା ଏବଂ ଏବେ, ପରିବର୍ତ୍ତିତ ରାଜନୈତିକ ଏବଂ ସାମାଜିକ ପରିସ୍ଥିତିରେ, ତାହା ବୃଦ୍ଧି ପାଇଛି। ଯେତେ ସମାଲୋଚନା କଲେ ମଧ୍ୟ ଆମ ସମସ୍ତଙ୍କୁ ସ୍ୱୀକାର କରିବାକୁ ହେବ ଯେ, ଯୋଗ୍ୟ ଯୁବପିଢ଼ି ପାଇଁ ଆଜିର ଭାରତରେ କେବଳ ଅନ୍ଧକାର ଆଗକୁ ଦିଶୁଛି।

> **ଯେତେ ପଢ଼ିଥିଲେ ମଧ୍ୟ ସରକାରୀ ପେଞ୍ଚ ବୁଝିପାରୁ ନ ଥିବା ଯୁବପିଢ଼ି କୌଣସି ନୂତନତ୍ୱ ଦେଖାଇବାରେ ଅସଫଳ ହେଉଛନ୍ତି ଏହା ପୂର୍ବରୁ ଥିଲା ଏବଂ ଏବେ, ପରିବର୍ତ୍ତିତ ରାଜନୈତିକ ଏବଂ ସାମାଜିକ ପରିସ୍ଥିତିରେ, ତାହା ବୃଦ୍ଧି ପାଇଛି ଯେତେ ସମାଲୋଚନା କଲେ ମଧ୍ୟ ଆମ ସମସ୍ତଙ୍କୁ ସ୍ୱୀକାର କରିବାକୁ ହେବ ଯେ, ଯୋଗ୍ୟ ଯୁବପିଢ଼ି ପାଇଁ ଆଜିର ଭାରତରେ କେବଳ ଅନ୍ଧକାର ଆଗକୁ ଦିଶୁଛି।**

# ଜଳବାୟୁ: ହାନି ଓ କ୍ଷୟକ୍ଷତି



ଡ. ଜୟକୃଷ୍ଣ ପାଣିଗ୍ରାହୀ

ଜଳବାୟୁ ପରିବର୍ତ୍ତନ ସଙ୍କଟର ବିନାଶକାରୀ ପ୍ରଭାବରେ ସଂଘଟିତ ବିବିଧ ପ୍ରାକୃତିକ ବିପର୍ଯ୍ୟୟ ଏବଂ ଅନ୍ୟାନ୍ୟ ଚରମ ଘଟଣା କ୍ରମଶଃ ଅଧିକ ବିଧ୍ୱଂସକାରୀ ରୂପେ ପ୍ରକଟିତ ହେଉଛି। ଏସବୁ ଘଟଣାର ତୀବ୍ରତା ବୃଦ୍ଧି ଘଟୁଛି ଏବଂ ଭବିଷ୍ୟତରେ ପରିଣାମ ଅଧିକ ଭୟଙ୍କର ହେବାର ସମ୍ଭାବନାକୁ ଜଳବାୟୁ ବିଶେଷଜ୍ଞମାନେ ପୂର୍ବାନୁମାନ କରୁଛନ୍ତି। ବିଶ୍ୱ ପାଣିପାଗ ସଂଗଠନ ବ୍ୟକ୍ତ କରିଛି ଯେ ଜଳବାୟୁ ବିଜ୍ଞାନ ସ୍ପଷ୍ଟ ରୂପେ ଇଙ୍ଗିତ କରୁଛି ଆମେ ଭୁଲ୍ ଦିଗରେ ଗତି କରୁଛୁ। ଏହା ସତର୍କ କରିଦେଇଛି ଯେ ଯଥେଷ୍ଟ ଉଚ୍ଚାଭିଳାଷୀ କାର୍ଯ୍ୟକ୍ରମ ଗ୍ରହଣର ଅଭାବରେ ଆଗାମୀ ସମୟରେ ଜଳବାୟୁ ପରିବର୍ତ୍ତନର ଭୌତିକ ଏବଂ ସାମାଜିକ-ଅର୍ଥନୈତିକ ପ୍ରଭାବ ଅଧିକ ଭୟଙ୍କର ହେବ। ସଂଗଠନର ୨୦୨୨ର 'ବିଜ୍ଞାନରେ ସମ୍ମିଳିତ' ରିପୋର୍ଟରେ ଦର୍ଶାଯାଇଛି ଯେ ଜୀବାଶ୍ମ ଇନ୍ଧନର ଅତ୍ୟଧିକ ବ୍ୟବହାର ଏବଂ ଏସବୁର ଦହନରୁ ନିର୍ଗତ ରେକର୍ଡ ପରିମାଣର ସବୁଜଗୃହ ବାଷ୍ପ ସମସ୍ୟାକୁ ତୀବ୍ରତର କରୁଛି । ଅତଏବ, ପ୍ୟାରିସ ଚୁକ୍ତିନାମାର ଇପ୍ସିତ ଲକ୍ଷ୍ୟ ଉତ୍ତାପ ବୃଦ୍ଧିକୁ ଦେଢ଼(୧.୫) ଡିଗ୍ରୀ ସେଲ୍‌ସିୟସ ମଧ୍ୟରେ ସୀମିତ ରଖିବା ନିମନ୍ତେ ୨୦୩୦ ସୁଦ୍ଧା ଏହି ବାଷ୍ପ ନିର୍ଗମନ ହ୍ରାସନରେ ପ୍ରତିଶ୍ରୁତିର ଅଭିଳାଷ ସାତଗୁଣ ଅଧିକ ହେବା ବାଞ୍ଛନୀୟ। ଏବେ ୟୁରୋପୀୟ ୟୁନିଅନର କୋପର୍ନିକସ ଜଳବାୟୁ ପରିବର୍ତ୍ତନ ସେବାର ବୈଜ୍ଞାନିକମାନେ ନିଶ୍ଚିତ କରିଛନ୍ତି ଯେ ବିଗତ ଏକ ଲକ୍ଷ ବର୍ଷ ମଧ୍ୟରେ ୨୦୨୩ ହେଉଛି ସର୍ବ ଉତ୍ତପ୍ତ ବର୍ଷ, ଯାହା ୨୦୧୬ ବର୍ଷର ତାପମାତ୍ରା ରେକର୍ଡକୁ ଅତିକ୍ରମ କରିଛି। ସମଭାବରେ ୨୦୨୩ରେ କୋଇଲା, ତୈଳ ଏବଂ ପ୍ରାକୃତିକ ଗ୍ୟାସ୍ ଦହନରୁ ବିଶ୍ୱର ଅଙ୍ଗାରକାମ୍ଳ ନିର୍ଗମନ ମଧ୍ୟ ରେକର୍ଡ ସ୍ତରକୁ ଉନ୍ନୀତ ହୋଇଛି। ଏସବୁ ଘଟଣା ଆଗାମୀ ବିଭୀଷିକାର ସୂଚକ ନୁହେଁ ତ?

ଏକ ଅନୁସନ୍ଧାନ ଦର୍ଶାଏ ଯେ ବିଗତ ଦୁଇ ଦଶନ୍ଧି ମଧ୍ୟରେ ଜଳବାୟୁ ସଙ୍କଟ କାରଣରୁ ୫୫ଟି ଦୁର୍ବଳ ଦେଶ ୫୨୫ ବିଲିୟନ ଡଲାର ସମ୍ମିଳିତ କ୍ଷତିର ସମ୍ମୁଖୀନ ହୋଇଛନ୍ତି ଏବଂ ୨୦୩୦ ସୁଦ୍ଧା ଏହି ପରିମାଣ ବାର୍ଷିକ ୫୮୦ ବିଲିୟନ ଡଲାରରେ ପହଞ୍ଚିବ ବୋଲି ଆକଳନ କରାଯାଇଛି। ଜଳବାୟୁ ସଙ୍କଟରୁ ଘଟୁଥିବା ଏସବୁ କ୍ଷତିର ଭରଣା ଉଦ୍ଦେଶ୍ୟରେ ପୋଲାଣ୍ଡର ୱାର୍ସରେ ୨୦୧୩ରେ ଅନୁଷ୍ଠିତ ମିଳିତ ଜାତିସଂଘର ଜଳବାୟୁ ସମ୍ମିଳନୀ କୋପ-୧୯ ଅବସରରେ ଯଦିଓ 'ହାନି ଓ କ୍ଷୟକ୍ଷତି ପାଣ୍ଠି' ସ୍ଥାପିତ ହେବାର ଘୋଷଣା ହୋଇଥିଲା, କିନ୍ତୁ ବାସ୍ତବରେ ଇଜିପ୍ଟର ଶର୍ମ ଏଲ୍-ଶେଖ୍ରେ ୨୦୨୨ରେ ଅନୁଷ୍ଠିତ କୋପ-୨୭ ଅବସରରେ



ଏହି ପାଣ୍ଠିର ପ୍ରତିଷ୍ଠା ଏବଂ କାର୍ଯ୍ୟକ୍ଷମ ନିମନ୍ତେ ରାଷ୍ଟ୍ରମାନେ ଏକ ଐତିହାସିକ ନିଷ୍ପତ୍ତିରେ ଉପନୀତ ହୋଇଥିଲେ। ଏହି ପାଣ୍ଠିର ଗଠନ ହେଉଛି ବିଶେଷ ରୂପେ ଜଳବାୟୁ ସଙ୍କଟର ପ୍ରତିକୂଳ ପ୍ରଭାବ ଦୃଷ୍ଟିରୁ ଗମ୍ଭୀର ଭାବେ ଅସୁରକ୍ଷିତ, ଅଭାବୀ ବିକାଶଶୀଳ ଦେଶମାନଙ୍କର ବିଗତ କେତେ ଦଶନ୍ଧିର ଚାପର ପରିଣାମ ଏବଂ ସେମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ ନିମନ୍ତେ ଉଦ୍ଦିଷ୍ଟ। ହାନି ଓ କ୍ଷୟକ୍ଷତି ହେଉଛି ଜଳବାୟୁ ପରିବର୍ତ୍ତନର ପ୍ରଭାବରେ ମରୁଡ଼ି, ବନ୍ୟା, ବାତ୍ୟା, ସମୁଦ୍ର ପତ୍ତନର ବୃଦ୍ଧି ଓ ଉପକୂଳ ଅବକ୍ଷୟ ଏବଂ ଅନ୍ୟାନ୍ୟ ବିପର୍ଯ୍ୟୟରୁ ଘଟୁଥିବା ବିଭିନ୍ନ ନକାରାତ୍ମକ ଘଟଣାର ପରିଣାମ। ଆଗାମୀ ସମୟରେ ଜଳବାୟୁ ସଙ୍କଟ କ୍ରମଶଃ ଅଧିକ ତୀବ୍ରତର ହେଲେ ଏପରି ବିପର୍ଯ୍ୟୟ ଅଧିକତର ଭୟଙ୍କର ହେବାର ସମ୍ଭାବନା ରହିଛି।

ଜଳବାୟୁ ପରିବର୍ତ୍ତନର ପ୍ରଭାବକୁ ପ୍ରଶମିତ କରିବା ଏବଂ ଏହି ସଙ୍କଟ ସହ ଖାପ ଖୁଆଇବା ନିମନ୍ତେ ଲୋକମାନଙ୍କର ଦକ୍ଷତାରେ ବୃଦ୍ଧି ଘଟାଯିବା ଜରୁରୀ। ଏଥି ନିମନ୍ତେ ଏହି ଆର୍ଥିକ ପାଣ୍ଠିର ବିନିଯୋଗ ଅତ୍ୟନ୍ତ ପ୍ରୟୋଜନୀୟ। ଅନ୍ୟ ପକ୍ଷରେ ଆମେରିକା, କାନାଡ଼ା, ଅଷ୍ଟ୍ରେଲିଆ, ରୁଷିଆ, ଇଂଲଣ୍ଡ ଓ ଅନ୍ୟ ୟୁରୋପୀୟ ରାଷ୍ଟ୍ର, ସାଉଦୀ ଆରବ, ୟୁଏଇ, କୁଏତ ଓ ଅନ୍ୟ ତୈଳ ଉତ୍ପାଦନକାରୀ ଦେଶ ତଥା ଅନ୍ୟାନ୍ୟ ଧନୀ ରାଷ୍ଟ୍ରମାନେ ବିଶ୍ୱ ତାପମାତ୍ରା ବୃଦ୍ଧିର ପ୍ରମୁଖ କାରକ ସବୁଜଗୃହ ବାଷ୍ପର ସର୍ବାଧିକ ନିର୍ଗମନ ନିମନ୍ତେ ଦାୟୀ। ଅତଏବ ଏହି ପାଣ୍ଠିର ସମୃଦ୍ଧି ନିମନ୍ତେ ସେମାନେ ଅକୁଣ୍ଠ ଚିତ୍ତରେ ସହାୟତା ପ୍ରଦାନ କରିବା ବିଧେୟ। କିଛି ଅର୍ଥନୀତିଜ୍ଞଙ୍କ ମତାନୁଯାୟୀ ବର୍ତ୍ତମାନ ସମୟର ଆବଶ୍ୟକତା ବହୁ ଟ୍ରିଲିୟନ ଡଲାର ହୋଇଥିବାରୁ ଆମେରିକା ପରି ବିକଶିତ ରାଷ୍ଟ୍ରମାନଙ୍କର ଏହି ପାଣ୍ଠିକୁ ମୁକ୍ତ ହସ୍ତରେ ଦାନ କରିବାର ଅନିଚ୍ଛା ମୁଖ୍ୟ ବାଧକ ରୂପେ ଉଭା ହୋଇଛି।

ହାନି ଓ କ୍ଷୟକ୍ଷତିର ବର୍ଦ୍ଧିତ ଆହ୍ୱାନର ମୁକାବିଲା ନିମନ୍ତେ ଅଭିନବ ଅର୍ଥ ସଂଗ୍ରହର ଆବଶ୍ୟକତା ଥିଲାବେଳେ ନିକଟରେ ୨୦୨୩ ଡିସେମ୍ବରରେ ୟୁଏଇର ଦୁବାଇ ସହରରେ ସମାପ୍ତ ହୋଇଥିବା କୋପ-୨୮ ଅବସରରେ ଏହି ପାଣ୍ଠିକୁ ପ୍ରଦତ୍ତ ପ୍ରତିଶ୍ରୁତିର ପରିମାଣ ହେଉଛି ମାତ୍ର ୭୦୦ ନିୟୁତ ଡଲାର୍। ଏହା ଜଳବାୟୁ ସଙ୍କଟ ପ୍ରତିହତ ନିମନ୍ତେ ଅଭାବୀ ରାଷ୍ଟ୍ରମାନଙ୍କର ପ୍ରତିବର୍ଷ ଆବଶ୍ୟକ ହେଉଥିବା ୪୦୦ ବିଲିୟନ ଡଲାରର ମାତ୍ର ୦.୨ ପ୍ରତିଶତ। ତେବେ ଆକଳିତ ପ୍ରାରମ୍ଭିକ ପାଣ୍ଠି ୪୭୫ ନିୟୁତ ଡଲାର ନିମନ୍ତେ ସମ୍ମିଳନୀ ଅବସରରେ ଆୟୋଜକ ୟୁଏଇ ୧୦୦ ନିୟୁତ ଡଲାର, ୟୁରୋପୀୟ ସଂଘ ୨୭୫ ନିୟୁତ ଡଲାର, ଆମେରିକା ୧୭.୫ ନିୟୁତ ଡଲାର ଏବଂ ଜାପାନ ୧୦ ନିୟୁତ ଡଲାରର ପ୍ରତିଶ୍ରୁତି ବହନ କରିଥିଲେ। ଅସୁରକ୍ଷିତ ସମ୍ପ୍ରଦାୟମାନଙ୍କର ଆବଶ୍ୟକତା ପୂରଣ ଦିଗରେ ବର୍ତ୍ତମାନର 'ସବୁଜ ଜଳବାୟୁ ପାଣ୍ଠି' ପରି ଅର୍ଥ ଅନୁଷ୍ଠାନ ଯେତିକି ଅସମର୍ଥ ହେଉଛନ୍ତି, ସେହି ଅଭାବକୁ ପୂରଣ କରିବାରେ ହାନି ଓ କ୍ଷୟକ୍ଷତି ପାଣ୍ଠି ସମର୍ଥ ହେବ ବୋଲି ଆଶା କରାଯାଏ। ଜାତିସଂଘ ପରିବେଶ କାର୍ଯ୍ୟକ୍ରମ ମଧ୍ୟ ଜଳବାୟୁ ସୂଚନା ଉପଲବ୍ଧ ହେବା ନିମନ୍ତେ ତିମୋର-ଲେଷ୍ଟେ, ଆଜରବୈଜାନ, ଏଲ୍ ସାଲଭାଡୋର୍, ଘାନା, ମାଳଦ୍ୱୀପ, ସୁଦାନ ଏବଂ ପ୍ରଶାନ୍ତ ମହାସାଗରୀୟ ବିକାଶଶୀଳ ଦ୍ୱୀପଦେଶଗୁଡ଼ିକୁ ପ୍ରାରମ୍ଭିକ ସତର୍କତା ପ୍ରଣାଳୀ ଏବଂ ଦକ୍ଷତା ବୃଦ୍ଧି ପରି ଚାହିଦାନୁଯାୟୀ ବୈଷୟିକ ସହାୟତା ପ୍ରଦାନ କରୁଛି।

ଜଳବାୟୁ ପରିବର୍ତ୍ତନ ଉପରେ ଆନ୍ତଃ-ସରକାରୀ ଗୋଷ୍ଠୀ (ଆଇପିସିସି)ର ୨୦୨୨ ରିପୋର୍ଟ 'ପ୍ରଭାବ, ଖାପ ଖୁଆଇବା ଏବଂ ଦୁର୍ବଳତା'ର ମୁଖ୍ୟ ଲେଖକ ଆଡେଲ ଥୋମାସଙ୍କ ମତରେ ହାନି ଓ କ୍ଷୟକ୍ଷତିର ନିର୍ଦ୍ଦିଷ୍ଟ ସଂଜ୍ଞା ଉପଲବ୍ଧ ନାହିଁ ଏବଂ ଏହା ବିଭିନ୍ନ ଗୋଷ୍ଠୀ ପାଇଁ ଭିନ୍ନଭିନ୍ନ ଅର୍ଥବୋଧକ ହୋଇଥାଏ। ତେବେ ଏହାକୁ ମୁଖ୍ୟତଃ ଅର୍ଥନୈତିକ କିମ୍ବା ଅଣ-ଅର୍ଥନୈତିକ ଶ୍ରେଣୀଭୁକ୍ତ କରାଯାଏ। ଜଳବାୟୁଜନିତ ପ୍ରାକୃତିକ ବିପର୍ଯ୍ୟୟ କାରଣରୁ ନଷ୍ଟ ହୋଇଥିବା କୃଷି ଫସଲରୁ ରାଜସ୍ୱ ହାନିକୁ ଏକ ମୁଦ୍ରା ମୂଲ୍ୟ ନ୍ୟସ୍ତ କରିହେବ। କିନ୍ତୁ କେତେକ କ୍ଷେତ୍ରରେ ଏହା ମାନସିକ ଆଘାତପ୍ରାପ୍ତିର କାରଣ ହୋଇଥାଏ, ଯେପରିକି ଘୂର୍ଣ୍ଣିବାତ୍ୟାର ଗମ୍ଭୀର ପ୍ରଭାବର ଅନୁଭୂତି, ଲୋକମାନଙ୍କର ବିସ୍ଥାପନ ହେତୁ ସମ୍ପ୍ରଦାୟ ମଧ୍ୟରେ ସଂଘଟିତ ବିଭାଜନ କିମ୍ବା ସ୍ଥାନୀୟ ଜୈବବିବିଧତାର ଅବକ୍ଷୟ, ଏସବୁକୁ ଅର୍ଥନୈତିକଭିତ୍ତିରେ ମୂଲ୍ୟାୟନ କରିବା ସମ୍ଭବ ନୁହେଁ। ପରିବର୍ତ୍ତିତ ଜଳବାୟୁ ପ୍ରଭାବର ସମସ୍ତ ହାନି ଓ କ୍ଷୟକ୍ଷତିର ମୁକାବିଲା ଏକ କଷ୍ଟସାଧ୍ୟ ପ୍ରକ୍ରିୟା ହୋଇଥିବାରୁ ମାନବଜାତି ନିମନ୍ତେ ଶ୍ରେଷ୍ଠ ବିକଳ୍ପ ହେଉଛି ଜୀବାଶ୍ମ ଇନ୍ଧନର ବହୁଳ ବ୍ୟବହାର ଏବଂ ଏଥିରୁ ଉତ୍ପନ୍ନ ସବୁଜଗୃହ ବାଷ୍ପ ନିର୍ଗମନକୁ ଯଥାସାଧ୍ୟ ନିୟନ୍ତ୍ରଣ କରିବା। ହାନି ଓ କ୍ଷୟକ୍ଷତି ଭରଣା ନିମନ୍ତେ ଅଧିକ ସମ୍ବଳର ବିନିଯୋଗ ଦ୍ୱାରା ମାନବଜାତିର ୨୦୩୦ ନିରନ୍ତର ବିକାଶ ଲକ୍ଷ୍ୟ ହାସଲକୁ ସାକାର କରିବା ସମ୍ଭବପର ହୋଇପାରିବ।

ସମ୍ପାଦକ, ଓଡ଼ିଶା ପରିବେଶ ସମିତି,
ଭୁବନେଶ୍ୱର
ମୋ: ୯୪୩୭୦୭୬୧୦୦

# ସେମାନେ ବି ମଣିଷ



ମୋହନ ଚରଣ ବିଷି

ଗୁରୁ ଶିଷ୍ୟମାନଙ୍କୁ ନିଜ ଜୀବନର ଏକ ଘଟଣା ସମ୍ପର୍କରେ ଆଲୋକପାତ କରୁଛନ୍ତି। ତାଙ୍କର ଯେତେବେଳେ ଦୁଇଟି ଯାକ କିଡ୍‌ନୀ ନଷ୍ଟ ହେବା କଥା ଡାକ୍ତର କହିଲେ ସେତେବେଳେ ସେ ଗୃହ ତ୍ୟାଗକରି ବିଭିନ୍ନ ସ୍ଥାନ ଭ୍ରମଣ କରିଥିଲେ। ସେ କାଶୀଠାରେ ଅବସ୍ଥାନ କରିଥିଲେ। ଦିନେ ଦେଖିଲେ ଗଙ୍ଗା ନଦୀରେ ଏକ ଶବ ଭାସୁଛି। ସେ ହାତ ଉପରକୁ କରି ରକ୍ଷା କରିବା ପାଇଁ ଇସାରା ଦେଉଛି। ସେ ଆଶ୍ଚର୍ଯ୍ୟ ହୋଇଗଲେ ଶବ ପୁଣି ହାତ ଠାରୁଛି। ସେ ବିଳମ୍ବ ନ କରି ଗଙ୍ଗାନଦୀରେ ପ୍ରବେଶ କରି ଶବକୁ ଉଦ୍ଧାର କଲେ। ବାହାରକୁ ଆଣିଲେ। ଉପସ୍ଥିତ ଲୋକେ କହିଲେ, ଜଣେ କୁଷ୍ଠ ରୋଗୀର ଶବକୁ କାହିଁକି ଆଣୁଛ। ସେ ମରିଯାଉ, କାହିଁକି ବଞ୍ଚାଉଛନ୍ତି। ତା'ର ଜୀବନ ଅଛି, ସେ ମରିବ କାହିଁକି ? ମୁଁ ତା'ର ସେବା କରିବି। ଆଉ ଡାକ୍ତରଖାନାକୁ ନେଲି। କେତେ ଦିନର ଚିକିତ୍ସା ପରେ ଟିକେ ଭଲ ହୋଇଗଲେ ତା'ପରେ ଏକ କୁଷ୍ଠାଶ୍ରମରେ ନେଇକି ଛାଡ଼ିଦେଲି।

ଯେତେବେଳେ ମୁଁ ତାକୁ ଗଙ୍ଗାରୁ ଉଦ୍ଧାର କରୁଥିଲି ସେତେବେଳେ ସେ ଯେଉଁ କରୁଣାପୂର୍ଣ୍ଣ ନୟନରେ ମୋତେ ଚାହିଁ ରହିଥିଲା ମୋତେ ଲାଗିଲା ମୋର ପ୍ରଭୁଙ୍କ ଦର୍ଶନ ହୋଇଗଲା। ସତକୁ ସତ ପରବର୍ତ୍ତୀ ସମୟରେ ମୋତେ କିଏ ଚିକିତ୍ସା କରୁଥିଲା ? ମୁଁ କେମିତି ହଜାର ହଜାର ଶିଷ୍ୟାଶିଷ୍ୟମାନଙ୍କର ଗୁରୁ ହେଲି ପରମେଶ୍ୱର ହିଁ ଜାଣିଛନ୍ତି। ମୋତେ କେବଳ ଏତିକି ଅନୁଭବ ଆସୁଛି ନିରୀହତା ମଧ୍ୟରେ ପ୍ରଭୁଙ୍କର କରୁଣା ଲୁଚି ରହିଛି। ଯେଉଁମାନେ ନିରୀହ, ସରଳ, ଅସହାୟ, ରୋଗଗ୍ରସ୍ତ ସେହିମାନଙ୍କର ସେବା, ଶୁଶ୍ରୂଷା କରିବା ଦ୍ୱାରା ସେମାନଙ୍କଠାରୁ ପ୍ରାପ୍ତ ଆଶୀର୍ବାଦ ମାଧ୍ୟମରେ ଈଶ୍ୱରୀୟ ଅନୁଭବ ମିଳିଥାଏ। ସାଧାରଣ ଲୋକଙ୍କ ସେବା ସହ ଏପରି ଦୁଃସ୍ଥ ଲୋକଙ୍କ ସେବାରେ ନିୟୋଜିତ କରିପାରିଲେ ତମ ଭିତରେ ପରମ ସତ୍ତାର ଉପଲବ୍ଧି ଆସିବ।

ସମସ୍ତେ ଜାଣିଛେ ଜଣେ କୁଷ୍ଠ ରୋଗୀର ସ୍ଥାନ ହେଉଛି ଗାଁ କିମ୍ବା ସହର ବାହାରର ଏକ ପରିତ୍ୟକ୍ତ ସ୍ଥାନରେ। ତାଙ୍କ ସହ କୌଣସି ସାଧାରଣ ମଣିଷ ସମ୍ପର୍କ ରଖିବା ପାଇଁ ଚାହେଁ ନାହିଁ। ସମସ୍ତଙ୍କ ଚିନ୍ତା ସେ ବଞ୍ଚି କିଛି ଲାଭ ନାହିଁ। ସମାଜରେ ଏପରି ଅନେକ ଜିଅନ୍ତା ଶବ ଅଛନ୍ତି ସେମାନେ ପ୍ରକୃତରେ ମରିବା ପାଇଁ ଚାହାନ୍ତି ନାହିଁ। ସେମାନେ ମଧ୍ୟ ବଞ୍ଚିବା ପାଇଁ ଚାହାନ୍ତି। ସେମାନଙ୍କର ଆବଶ୍ୟକ ହୋଇଥାଏ ବିଭିନ୍ନ ପ୍ରକାର ଔଷଧପତ୍ର, ଆସବାବପତ୍ର, ଉତ୍ତମ ଖାଦ୍ୟପେୟ। ସମୟ ଥିଲା ସେମାନେ ମଧ୍ୟ ସମାଜରେ ରହୁଥିଲେ। ସମସ୍ତଙ୍କ ଭିତରେ ସେମାନଙ୍କ ଆଦର ସମ୍ମାନ ଥିଲା। ସେମାନେ ମଧ୍ୟ ଘରର ମୁରବି ଥିଲେ। କିନ୍ତୁ କୁଷ୍ଠ ରୋଗ ହେଲାପରେ ସମସ୍ତେ ତାଙ୍କୁ ପର କରିଦେଲେ।

କୁଷ୍ଠରୋଗୀ ବଞ୍ଚିବାର ଏକମାତ୍ର ଉପାୟ ଭିକ୍ଷାବୃତ୍ତି ବା ସରକାରୀ ସାହାଯ୍ୟ। ଏପରି ଅବସ୍ଥାରେ ମଧ୍ୟ ଭିକ୍ଷାବୃତ୍ତି କରି ଦୈନନ୍ଦିନ ଜୀବନକୁ ଅତିବାହିତ କରିଥାଏ। ନିଜ କାମ ନିଜେ କରିଥାଏ। କୁଷ୍ଠରୋଗୀ ଅସ୍ପୃଶ୍ୟ ନୁହନ୍ତି। କିନ୍ତୁ ସଭ୍ୟ ସମାଜରେ ସେମାନେ ଘୃଣ୍ୟ ହୋଇ ରହିଛନ୍ତି। ସଭ୍ୟ ସମାଜରେ ତାଙ୍କ ପ୍ରତି ମନୋଭାବ ବର୍ତ୍ତମାନ ମଧ୍ୟ ପରିବର୍ତ୍ତନ ହୋଇନାହିଁ। ଦିନେ ଯିଏ ପରିବାରର ସର୍ବସ୍ୱ ଥିଲା ସେ ଆଜି ଅନାଦର, ଅଲୋଡ଼ା ଓ ପରିତ୍ୟକ୍ତ। ସେମାନଙ୍କ ପାଖରେ ଥିବା ଜୀବନର ଅଭିଜ୍ଞତା, ପ୍ରଜ୍ଞାକୁ



ଜାଣିବାକୁ କେହି ଛାହିଁ ନ ଥାନ୍ତି। ସମାଜରେ ଏମିତି ଅନେକ ବ୍ୟକ୍ତିଥିଲେ ଯେଉଁମାନେ କୁଷ୍ଠାଶ୍ରମରେ, କୁଷ୍ଠରୋଗୀଙ୍କ ବସ୍ତିକୁ ଯାଇ ସେବା କରୁଥିଲେ। ସେମାନଙ୍କ ମଧ୍ୟରେ ଗାନ୍ଧିଜୀ, ମଦର ଟେରେସା ଅନ୍ୟତମ ଥିଲେ। ଏବେ ମଧ୍ୟ ଅନେକ ମହାନ୍ ବ୍ୟକ୍ତି ଓ ସେବା ସଂଗଠନ ରହିଛନ୍ତି, ଯେଉଁମାନେ କୁଷ୍ଠରୋଗୀଙ୍କର ସେବାରେ ନିୟୋଜିତ ଅଛନ୍ତି। କୌଣସି କୁଷ୍ଠ ରୋଗୀ ମୃତ୍ୟୁବରଣ କଲେ ଦେଖାଯାଏ ତାଙ୍କ ପରିବାରର କେହି ମଧ୍ୟ ଶବ ସତ୍କାର କରିବାକୁ ଆସି ନ ଥାନ୍ତି, ସେତେବେଳେ ଏମିତି ବ୍ୟକ୍ତି ଓ ସଂଗଠନ ଶବ ସତ୍କାର କରି ସଭ୍ୟ ସମାଜ ପାଇଁ ଉଦାହରଣ ସୃଷ୍ଟି କରିଥାନ୍ତି।

କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ମନସୁଖ ମାଣ୍ଡବ୍ୟଙ୍କ ତଥ୍ୟ ପ୍ରଦାନ କରିଥିବା 'ହୁ'ର ଆକଳନ ହେଉଛି ଭାରତରେ ପ୍ରତି ୧୦,୦୦୦ ଜନସଂଖ୍ୟାରେ ଜଣକ ମଧ୍ୟରେ କୁଷ୍ଠରୋଗୀ ଦେଖାଯାଉଛନ୍ତି। ଭାରତରେ କୁଷ୍ଠରୋଗୀଙ୍କ ସଂଖ୍ୟା କମିବାରେ ଲାଗିଛି। ଏକ ଆକଳନ ଅନୁସାରେ ୨୦୧୪-୧୫ରେ କୁଷ୍ଠରୋଗୀଙ୍କ ସଂଖ୍ୟା ୧୨୫,୭୮୫ ଥିଲା, ଯାହା ୨୦୨୧-୨୨ରେ ୭୫,୩୯୪କୁ ହ୍ରାସ ଘଟିଛି। ଗତ ଜାନୁଆରୀ ମାସରେ ଭାରତରେ ଏନ୍‌ଏସ୍‌ପି କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହାର ଲକ୍ଷ୍ୟ ହେଲା ୨୦୨୭ରେ ଶୂନ୍ୟ କୁଷ୍ଠରୋଗୀ ସୃଷ୍ଟି କରିବା। ସେଥିପାଇଁ କାମ ଆରମ୍ଭ ହୋଇଯାଇଛି। ବିଶେଷକରି ପ୍ରାରମ୍ଭରୁ କୁଷ୍ଠରୋଗୀ ଚିହ୍ନଟକୁ ଗୁରୁତ୍ୱ ଦିଆଯାଇଛି।

ଏନ୍‌ଏଲ୍‌ଇପିର ୨୦୨୨-୨୩ ରିପୋର୍ଟ ଅନୁସାରେ ଭାରତରେ ପ୍ରତି ୧୦,୦୦୦ରେ ଛତିଶଗଡ଼ରେ ୨.୩%, ଝାଡଖଣ୍ଡରେ ୧.୪%, ମହାରାଷ୍ଟ୍ରରେ ୧.୨%, ଓଡ଼ିଶାରେ ୧.୨%, ଚଣ୍ଡିଗଡରେ ୧.୪%, ଦାଦ୍ରାନଗର ହାବେଲିରେ ୧.୦% ଥିବାବେଳେ ତ୍ରିପୁରା ଓ ଲାକ୍ଷାଦ୍ୱୀପରେ କୁଷ୍ଠରୋଗୀ ସଂଖ୍ୟା ଶୂନ୍ୟ ରହିଛି। ଅନ୍ୟସବୁ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ ୧%ରୁ ଅତିକମ୍ କୁଷ୍ଠରୋଗୀଙ୍କ ସଂଖ୍ୟା ରହିଛି। ଯଦି ସମସ୍ତେ ମିଳିମିଶି ଏବେଠାରୁ କୁଷ୍ଠରୋଗୀ ଚିହ୍ନଟ, ଚିକିତ୍ସା, ସରକାରୀ ସହାୟତା, ବିଭିନ୍ନ ଯୋଜନାର ପ୍ରଚାର ପ୍ରସାର କରିବା ଦ୍ୱାରା କୁଷ୍ଠରୋଗୀ ଉପକୃତ ହେବେ ଓ ୨୦୨୭ ବେଳକୁ କୁଷ୍ଠରୋଗୀ ଶୂନ୍ୟ ଭାବରେ ଭାରତବର୍ଷ ପରିଣତ ହୋଇପାରିବ।

ଏହି ସଫଳତା ପାଇବା ପାଇଁ ହେଲେ ପ୍ରଥମେ କୁଷ୍ଠରୋଗୀ ପ୍ରତି ଥିବା ମନୋଭାବ ପରିବର୍ତ୍ତନ କରିବାର ଅଛି। କୁଷ୍ଠରୋଗୀ ଅସ୍ପୃଶ୍ୟ ନୁହେଁ। ଏହା ଆଧୁନିକ ଯୁଗର ମଣିଷ ଜାଣିବା ଉଚିତ। ଏବେ ପର୍ଯ୍ୟନ୍ତ ମଧ୍ୟ ବିଜ୍ଞାନ ଯୁଗରେ କୁଷ୍ଠରୋଗୀ ପ୍ରତି ଥିବା ଅନ୍ଧବିଶ୍ୱାସର ଅନ୍ତ ହୋଇନାହିଁ।

କୁଷ୍ଠରୋଗୀମାନଙ୍କ ପାଇଁ ଅଧିକରୁ ଅଧିକ କୁଷ୍ଠାଶ୍ରମ ପ୍ରତିଷ୍ଠା କରିବା, କୁଷ୍ଠରୋଗୀ ଚିହ୍ନଟ କରି ଥଇଥାନ ବ୍ୟବସ୍ଥା କରିବା। ସେମାନଙ୍କ ପ୍ରତି ସହାନୁଭୂତି ସେମାନଙ୍କର ମନୋବଳକୁ ଦୃଢ଼ କରିବା ସହିତ କୁଷ୍ଠରୋଗୀ ଯେମିତି ଅନୁଭବ କରିବ ନାହିଁ ମୁଁ ଏକ ଜିଅନ୍ତା ଶବ, କାରଣ କୁଷ୍ଠରୋଗୀ ମଧ୍ୟ ଜଣେ ମଣିଷ।

ଗଡ଼ରାମାଲ, କୋକସରା
କଳାହାଣ୍ଡି, ମୋ:୯୭୭୭୪୬୮୮୪୧

## ଏଇ ଭାରତରେ

ପୁରୁଷପ୍ରଧାନ କର୍ମଭୂମିରେ ମହିଳାଙ୍କ ଦକ୍ଷତା ପ୍ରଦର୍ଶନ କିଛି କମ୍ କଥା ନୁହେଁ, ଯେମିତି କରୁଛନ୍ତି ଆସାମର ମହିଳା ମାହୁନ୍ତ ପାର୍ବତୀ ବରୁଆ। ସେ ଭାରତର ପ୍ରଥମ ମହିଳା ମାହୁନ୍ତ ଯିଏ ସାରା ଜୀବନ ପଥଭ୍ରଷ୍ଟ ହାତୀଦଳକୁ ବାଟ କଢ଼ାଇନେବା କିମ୍ବା ଆହତ ହାତୀଙ୍କୁ ଉଦ୍ଧାରରେ ନିଜକୁ ସମର୍ପିତ କରିଛନ୍ତି। ପାର୍ବତୀ ଗୌରିପୁର ରାଜବଂଶର ଶେଷ ଦାୟାଦ ପ୍ରକୃତିଶ ଚନ୍ଦ୍ର ବରୁଆଙ୍କ କନ୍ୟା। ସେ ୧୪ ବର୍ଷ ବୟସରେ କୋକ୍ରାଝର ଜିଲା କାଚୁଗାଁଓ ଜଙ୍ଗଲରେ ପ୍ରଥମ ହାତୀ ଧରିବା ପରେ ଆଉ ଅଟକି ନାହାନ୍ତି। ସେ ୧୯୭୨ରେ ମାହୁନ୍ତ ହୋଇ ହାତୀ ଉଦ୍ଧାର କାର୍ଯ୍ୟ କରିଆସୁଛନ୍ତି। ତାଙ୍କ ପାଖରେ ଏବେ ୩ଟି ହାତୀ ଅଛନ୍ତି। ସେମାନଙ୍କ ନାମ ହେଉଛି ଲକ୍ଷ୍ମୀମାଳା, ଆଲୋକ ଓ କାଞ୍ଚନମାଳା। ଏମାନଙ୍କ ସହାୟତାରେ ଅନ୍ୟ ମହୁନ୍ତମାନଙ୍କୁ ସାଥିରେ ନେଇ ସେ ଆସାମ, ବିହାର ଓ ପଶ୍ଚିମବଙ୍ଗରେ ଉଗ୍ର ହାତୀଙ୍କୁ ଶାନ୍ତ କରିବା ସହ ଆହତଙ୍କୁ ଉଦ୍ଧାର କରିବାରେ ଲାଗିଛନ୍ତି। ଏଭଳି ଦୁଃସାହସିକ କାର୍ଯ୍ୟ ପାଇଁ ତାଙ୍କୁ 'ହସ୍ତି କନ୍ୟା' ବୋଲି ସମ୍ବୋଧନ କରାଯାଉଛି। ଆଧୁନିକ ଜୀବନଶୈଳୀରୁ ଦୂରେଇଯାଇ ହାତୀଙ୍କ ନିକଟରେ ଏକ ଟେଣ୍ଟରେ ରହୁଛନ୍ତି ପାର୍ବତୀ।

## ୫୦ ବର୍ଷ ତଳର ଧରିତ୍ରୀ

୩୧ ଜାନୁଆରୀ ୧୯୭୫

- କଲିକତାର ଉଲଟଡାଙ୍ଗା ଷ୍ଟେସନଠାରେ ଠିଆ ହୋଇଥିବା ଗୋଟିଏ ଲୋକାଲ ଟ୍ରେନ୍‌କୁ ଦାର୍ଜିଲିଂ ମେଲ୍ ପଛଆଡୁ ଧକ୍କା ଦେବା ଫଳରେ ୨୦ ଯାତ୍ରୀ ନିହତ।
- ୱାଞ୍ଚୁ-ତଦନ୍ତ କମିଶନଙ୍କ ପ୍ରତିକୂଳ ମନ୍ତବ୍ୟ ଯୋଗୁ ପଶ୍ଚିମବଙ୍ଗର ଦୁଇ ଜଣ ମନ୍ତ୍ରୀଙ୍କ ଇସ୍ତଫା ପ୍ରଦାନ।
- 'ଅତିରିକ୍ତ ଯୋଜନା ସାହାଯ୍ୟ' ବାବଦରେ ରାଜ୍ୟକୁ କେନ୍ଦ୍ର ସରକାରଙ୍କ ୭ କୋଟି ୯୧ ଲକ୍ଷ ଟଙ୍କା ମଞ୍ଜୁର।

## ଚିରନ୍ତନୀ

ନିଜକୁ ଭୁଲି ଏ ନଦୀ ତଟେ
ସୁଦୂର ଗ୍ରାମେ ରହେ ମୁଁ ଚାହିଁ,
ଲୁପତ ଧରା ଲୁପତ ବିଶ୍ୱ
ବିଜନ ଏଥି କେହି କି ନାହିଁ।
-(ନିଜ ଭୁଲା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku
Puzzles by Srikant Ghosh

## ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | 3 | | | | | 2 | | |
| 7 | 9 | | | 2 | 6 | | | |
| 8 | 6 | | | 7 | | | | |
| | | | | 3 | | | 1 | |
| | | | 1 | | | 5 | 7 | |
| | | | | | 7 | 8 | | 9 |
| | 8 | | | | | 9 | 3 | |
| 5 | 2 | | | | 4 | 7 | | |
| | | | | | 8 | | | 4 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 3 | 1 | 2 | 8 | 9 | 5 | 7 | 4 |
| 7 | 2 | 8 | 5 | 3 | 4 | 6 | 9 | 1 |
| 4 | 9 | 5 | 7 | 1 | 6 | 8 | 2 | 3 |
| 5 | 1 | 3 | 9 | 6 | 7 | 2 | 4 | 8 |
| 9 | 7 | 2 | 8 | 4 | 3 | 1 | 6 | 5 |
| 8 | 4 | 6 | 1 | 5 | 2 | 7 | 3 | 9 |
| 3 | 8 | 4 | 6 | 2 | 1 | 9 | 5 | 7 |
| 2 | 5 | 7 | 4 | 9 | 8 | 3 | 1 | 6 |
| 1 | 6 | 9 | 3 | 7 | 5 | 4 | 8 | 2 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## କଳାଧନରେ ନେତା

ମହାଶୟ,

ପୃଥିବୀର ବୃହତ୍ତମ ଗଣତାନ୍ତ୍ରିକ ରାଷ୍ଟ୍ର ଭାରତବର୍ଷରେ ପ୍ରତି ୫ ବର୍ଷରେ ଥରେ ସାଧାରଣ ନିର୍ବାଚନ ହୁଏ। ଏହି ସମୟରେ ଦେଶର ଲୋକ ସଭା ଓ ବିଭିନ୍ନ ରାଜ୍ୟର ବିଧାନସଭା ପାଇଁ ନିର୍ବାଚନ ଅନୁଷ୍ଠିତ ହେଉଛି। ଚଳିତ ବର୍ଷ ମଧ୍ୟ ଲୋକ ସଭା ଏବଂ ଓଡ଼ିଶା, ଆନ୍ଧ୍ର, ଅରୁଣାଚଳ ପ୍ରଦେଶ, ମହାରାଷ୍ଟ୍ର, ଝାଡ଼ଖଣ୍ଡ, ହରିୟାଣା ଓ ଜମ୍ମୁକଶ୍ମୀର ଇତ୍ୟାଦି ରାଜ୍ୟରେ ବିଧାନସଭା ନିର୍ବାଚନ ହେବ। ଏଥିରେ ଦେଶର ଜାତୀୟ ଓ ଆଞ୍ଚଳିକ ରାଜନୈତିକ ଦଳଗୁଡ଼ିକ ତରଫରୁ ପ୍ରାର୍ଥୀମାନେ ସାଂସଦ ଓ ବିଧାୟକ ହେବା ପାଇଁ ନିର୍ବାଚନ ଲଢ଼ିବେ। ଏଥିପାଇଁ ଆଶାୟୀ ଏବଂ ବହୁ କୋଟି ଟଙ୍କାର କଳାଧନ ରଖିଥିବା ପ୍ରାର୍ଥୀମାନେ ଟିକେଟ ବୁକିଂ କରିବା କାର୍ଯ୍ୟ ଆରମ୍ଭ କରିଦେଲେଣି। କ୍ଷମତାପାଗଳ ଅର୍ଥନୈତିକ ଅପରାଧୀଗଣ ଏହିଭଳି ଉପାୟରେ ଦଳୀୟ ଟିକେଟ ହାତେଇ ଏମ୍‌ପି ଓ ବିଧାୟକ ରୂପେ ନିର୍ବାଚିତ ହୋଇ ଗଣତନ୍ତ୍ରର ପବିତ୍ର ମନ୍ଦିର ସଂସଦ ଓ ବିଧାନସଭା ମଧ୍ୟକୁ ପ୍ରବେଶ କରୁଛନ୍ତି। କ୍ଷମତାର ଅପବ୍ୟବହାର କରି ଦେଶବାସୀଙ୍କୁ ଶୋଷଣ କରୁଛନ୍ତି। ସବୁ ଯୋଜନା ଅର୍ଥର ସିଂହଭାଗ ଏମାନଙ୍କ ପକେଟକୁ ଚାଲିଯାଉଛି। ସୁତରାଂ, ଦେଶର ଜନସାଧାରଣ ଏଭଳି ପ୍ରାର୍ଥୀମାନଙ୍କୁ ଭୋଟ ନ ଦେଇ ଉପଯୁକ୍ତ ପ୍ରାର୍ଥୀମାନଙ୍କୁ ଭୋଟ ଦେବା ଉଚିତ।

-ରାଇଚରଣ ବିଶ୍ୱାଳ, ସାମନ୍ତରାୟପୁର,
ପିରହାଟ, ଭଦ୍ରକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ନାବାଳକଙ୍କୁ ଛୁରି ଭୁସି ହତ୍ୟା

ଖଲ୍ଲିକୋଟ,୩୦।୧(ପ୍ରଶାନ୍ତ କୁମାର ମିଶ୍ର) : ଗଞ୍ଜାମ ଜିଲା ଖଲ୍ଲିକୋଟ ଥାନା କୈରାଶି ଗ୍ରାମର ସାଗର ବନ୍ଧ ମାଛ ମାର୍କେଟ ନିକଟରେ ମଙ୍ଗଳବାର ସନ୍ଧ୍ୟାରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଜଣେ ନାବାଳକକୁ ଛୁରି ଭୁସି ହତ୍ୟା କରାଯାଇଛି। ମୃତକ ରାଜେଶ ଦାସ ବୋଲି ପୋଲିସ କହିଛି। ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ, ରାଜେଶଙ୍କ ସହିତ ଆଉ ଜଣେ ନାବାଳକଙ୍କ ପୂର୍ବରୁ ଶତ୍ରୁତା ଥିଲା। ରାଜେଶଙ୍କୁ ମାରିବା ପାଇଁ ସେ ଯୋଜନା ପ୍ରସ୍ତୁତ କରିଥିଲେ। ସନ୍ଧ୍ୟା ପ୍ରାୟ ୬ଟାରେ ଉକ୍ତ ମାର୍କେଟ ଦେଇ ରାଜେଶ ଆସୁଥିବା ବେଳେ ସେଠାରେ ଛକି ରହିଥିବା ସମ୍ପୃକ୍ତ ନାବାଳକ ରାଜେଶଙ୍କୁ ଅତର୍କିତ ଭାବେ ଛୁରିରେ ଆକ୍ରମଣ କରିଥିଲେ। ରାଜେଶ ରକ୍ତାକ୍ତ ହେବା ପରେ ସମ୍ପୃକ୍ତ ନାବାଳକ ଖସି ପଳାଇଥିଲେ। ଏହି ଖବର ପ୍ରଚାର ହେବା ପରେ ସ୍ଥାନୀୟ ଲୋକେ ରାଜେଶଙ୍କୁ ଉଦ୍ଧାର କରି ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ରାଜେଶଙ୍କ ମୃତ୍ୟୁ ଘଟିଛି। ଖବର ପାଇ ଖଲ୍ଲିକୋଟ ଥାନା ଅଧିକାରୀ ଜଗନ୍ନାଥ ମଲିକଙ୍କ ନିର୍ଦ୍ଦେଶ କ୍ରମେ ଥାନା ଏସଆଇ ପାର୍ଥ ପ୍ରତୀମ ଦେବତା ମେଡ଼ିକାଲରେ ପହଞ୍ଚି ମୃତଦେହକୁ ଜବତ କରିଛନ୍ତି। ବୁଧବାର ବ୍ୟବଚ୍ଛେଦ ପାଇଁ ମୃତଦେହ ପଠାଯିବ ପୋଲିସ କହିଛି।

### ଆଜି ଦିଆଯିବ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର

#### ମୋ ସ୍କୁଲ ୟୁଟ୍ୟୁବ ଚ୍ୟାନେଲରେ କାର୍ଯ୍ୟକ୍ରମର ସିଧା ପ୍ରସାରଣ

ଭୁବନେଶ୍ୱର, ୩୦।୧(ଅସମାପିକା ସାହୁ)– ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ବୁଧବାର ରାଜ୍ୟସ୍ତରୀୟ 'ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର' ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥିପାଇଁ 'ବ୍ୟକ୍ତିଗତଠାରୁ ଆରମ୍ଭ କରି ସାଙ୍ଗଠନିକସ୍ତର ପର୍ଯ୍ୟନ୍ତ ଶ୍ରେଷ୍ଠମାନଙ୍କୁ ବଛାଯାଇ ପୁରସ୍କାର ନିମନ୍ତେ ମନୋନୀତ କରାଯାଇଛି। ରାଜ୍ୟସ୍ତରୀୟ ପୁରସ୍କାର ବର୍ଗରେ ପ୍ରାୟ ୬ ହଜାର ମନୋନୀତ ଥିବା ବେଳେ ଜିଲାସ୍ତରୀୟ ଓ ବ୍ଲକସ୍ତରୀୟ ପୁରସ୍କାରକୁ ମିଶାଇ ସାରା ରାଜ୍ୟର ମୋଟ ୫୪ ହଜାରରୁ ଅଧିକ ଛାତ୍ରୀଛାତ୍ର, ପ୍ରଧାନ ଶିକ୍ଷକ, ଗୋଷ୍ଠୀ ଶିକ୍ଷାଧିକାରୀ, ଜିଲା ଶିକ୍ଷାଧିକାରୀ, ବିଦ୍ୟାଳୟ, ବିଦ୍ୟାଳୟ ପରିଚାଳନା କମିଟି, ପୁରାତନ ଛାତ୍ରୀଛାତ୍ର କମିଟି, ଗ୍ରାମ ପଞ୍ଚାୟତ, ବ୍ଲକ୍, ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ଏବଂ ଶିକ୍ଷାକ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ଶ୍ରେଷ୍ଠ ଜିଲାକୁ ମଧ୍ୟ ପୁରସ୍କୃତ କରାଯିବ। ଏଥିପାଇଁ ୧୩୮ କୋଟି ଟଙ୍କା ଖର୍ଚ୍ଚ ହେଉଥିବାବେଳେ ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିଅମରେ ଏହି ପୁରସ୍କାର ପ୍ରଦାନ ଉତ୍ସବ ଆୟୋଜିତ ହେବ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏଥିସହିତ ବିଭିନ୍ନ ବିଭାଗର ମନ୍ତ୍ରୀମାନେ ଯୋଗଦେବେ ବୋଲି ଜଣାପଡ଼ିଛି। ପୁରସ୍କାର ପାଇବାକୁ ଥିବା ପ୍ରାୟ ୪,୨୦୦ ଅତିଥିଙ୍କ ପାଇଁ ୟୁନିଟ୍-୯ ବାଳକ ଉଚ୍ଚ ବିଦ୍ୟାଳୟ, ଭୀମଭୋଇ ସରକାରୀ ଧନ୍ଦାମୂଳକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ବିପିନ ବିହାରୀ ଚନ୍ଦ୍ର ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, କ୍ୟାପିଟାଲ ହାଇସ୍କୁଲ, ଓଏସ୍ଏପି ସପ୍ତମ ବାଟାଲିଅନ, ଆଇଆର୍‌ସି ଭିଲେଜ ସରକାରୀ ଉଚ୍ଚ ବିଦ୍ୟାଳୟ, ଅନ୍ଧାରୁଆସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଏବଂ ଏସ୍ଆଇଏଲ୍‌ଟିଟି ଜୟଦେବବିହାରଠାରେ ରହିବା ଓ ଖାଇବା ବ୍ୟବସ୍ଥା କରାଯାଇଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ଚିକିତ୍ସା ଅବହେଳାରୁ ରୋଗୀ ମୃତ, ଡାକ୍ତରଙ୍କୁ ମାଡ଼

ବଲାଙ୍ଗୀର,୩୦।୧
(ବୀରେନ୍ଦ୍ର କୁମାର ଝାଙ୍କର)

**ଭୀମ ଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ**
- ଡାକ୍ତର ମଦ ପିଇ ଡ୍ୟୁଟି କରୁଥିବା ଅଭିଯୋଗ
- ସାମାଜିକ ଗଣମାଧ୍ୟମରେ ମାଡ଼ ଭିଡିଓ ଭାଇରାଲ
- ତଦନ୍ତ ପାଇଁ ୬ ଜଣିଆ ଟିମ୍ ଗଠନ କଲେ ହସ୍ପିଟାଲ ଅଧୀକ୍ଷକ

ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରେ ଚିକିତ୍ସା ସେବାରେ ଗୁରୁତର ଅବହେଳା ଯୋଗୁ ସୋମବାର ବିଳମ୍ବିତ ରାତିରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ଯୁବକଙ୍କ ମୃତ୍ୟୁ ପରେ ଉତ୍କ୍ଷିପ୍ତ ପରିଜନ ଡ୍ୟୁଟିରେ ଥିବା ଡାକ୍ତରଙ୍କ ବିରୋଧରେ ମଦ ପିଇଥିବା ଅଭିଯୋଗ ଆଣି ନିସ୍ତୁକ ମାଡ଼ ମାରିଛନ୍ତି। ଡାକ୍ତରଙ୍କୁ ମାଡ଼ ଘଟଣାର ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିଲେ ମଧ୍ୟ ସମ୍ପୃକ୍ତ ଡାକ୍ତର କି ହସ୍ପିଟାଲ କର୍ତ୍ତୃପକ୍ଷ ଏ ନେଇ ଥାନାରେ ଅଭିଯୋଗ କରିନାହାନ୍ତି। ପୂର୍ବରୁ ଡାକ୍ତରଙ୍କୁ ଦୁର୍ବ୍ୟବହାର କି ଆକ୍ରମଣ ହେଲେ ଆନ୍ଦୋଳନକୁ ଓହ୍ଲାଉଥିବା ଡାକ୍ତର, ଡାକ୍ତରୀ ଛାତ୍ର ଓ କର୍ମଚାରୀ କେହିବି ଏହାର ପ୍ରତିବାଦ କି ଆନ୍ଦୋଳନ କରି ନ ଥିବାରୁ ଘଟଣା ପଛର ସତ୍ୟତା କ'ଣ ତାକୁ ନେଇ ଆଲୋଚନା ହେଉଛି। ଏ ସମ୍ପର୍କରେ ଭୀମ ଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ ଅଧୀକ୍ଷକ ଡା. ମାନସୀ ପଣ୍ଡାଙ୍କୁ ପଚାରିବାରୁ ହସ୍ପିଟାଲ ୱାର୍ଡରେ ଜଣେ ଚିକିତ୍ସାଧୀନ ରୋଗୀଙ୍କ ମୃତ୍ୟୁକୁ ନେଇ ଡାକ୍ତରଙ୍କୁ ଆକ୍ରମଣ ହୋଇଥିବା ଘଟଣା ସମ୍ପର୍କରେ କେହି ତାଙ୍କୁ ଲିଖିତ ଅଭିଯୋଗ କରିନାହାନ୍ତି ବୋଲି କହିଛନ୍ତି। ତେବେ ହସ୍ପିଟାଲରେ ସୋମବାର ରାତିରେ ଏଭଳି ଏକ ଘଟଣା ଘଟିଥିବା ଶୁଣିଛନ୍ତି। ଯେଉଁମାନେ ମାଡ଼ ମାରିଛନ୍ତି ବୋଲି କୁହାଯାଉଛି, ସେମାନେ ସମ୍ପୃକ୍ତ ଡାକ୍ତରଙ୍କ ବିରୋଧରେ ମଦ ପିଇଥିବା ଅଭିଯୋଗ ଉଠିଥିବାରୁ ବାସ୍ତବରେ ସୋମବାର ରାତିରେ କ'ଣ ହୋଇଛି ତାର ସତ୍ୟାସତ୍ୟ ଜାଣିବା ପାଇଁ ୬ ଜଣିଆ ବରିଷ୍ଠ ଡାକ୍ତରଙ୍କୁ ନେଇ ଏକ କମିଟି ଗଠନ କରାଯାଇଛି। ତଦନ୍ତ ରିପୋର୍ଟ ଆସିଲେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।


ଡାକ୍ତରଙ୍କୁ ଜଣେ ଯୁବକ ଭିଡି ଧରି ଆକ୍ରମଣ କରୁଛନ୍ତି।

ସୂଚନା ମୁତାବକ ସ୍ଥାନୀୟ ତାଳପାଲିପଡାର ନିକୁ ବାରିକ (୩୦) ସୋମବାର ଅସୁସ୍ଥ ହୋଇପଡିଥିଲେ। ପେଟରେ ଯନ୍ତ୍ରଣା ଅନୁଭବ କରିବା ପରେ ତାଙ୍କୁ ପରିବାର ଲୋକେ ଅପରାହ୍ନ ୫ଟାରେ ଭୀମ ଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲର ମେଡିସିନ୍ ୱାର୍ଡରେ ଭର୍ତ୍ତି କରିଥିଲେ। ରାତି ୮ଟାରୁ ତାଙ୍କ ଅବସ୍ଥା ଉଦ୍‌ବେଗଜନକ ହୋଇପଡିଥିଲା। ପରିବାର ଲୋକେ ଡ୍ୟୁଟିରେ ଥିବା ଡାକ୍ତରଙ୍କୁ ଡାକିବାକୁ ଯାଇଥିଲେ। ବାରମ୍ବାର ଡାକିବା ସତ୍ତ୍ୱେ ଡାକ୍ତର ଜଣକ ରୋଗୀଙ୍କ ପାଖକୁ କୁଆଡ଼େ ଆସି ନ ଥିଲେ। ସେ ଆଇସିୟୁରେ ଅଛନ୍ତି ବୋଲି କହିଥିଲେ। ତେବେ ରାତି ପ୍ରାୟ ୧୧ଟା ବେଳେ ରୋଗୀଙ୍କ ମୃତ୍ୟୁ ହୋଇଯାଇଥିଲା। ଏହାସତ୍ତ୍ୱେ ସମ୍ପୃକ୍ତ ଡାକ୍ତର କୁଆଡ଼େ ସେଠାକୁ ଆସି ନ ଥିବା ମୃତକଙ୍କ ପରିଜନ ଅଭିଯୋଗ କରିଛନ୍ତି। ସେ ମଦ ପିଇ ଇଆଡୁ ସିଆଡୁ କହିବାରୁ ଡାକ୍ତରଙ୍କୁ ରୋଗୀ ପରିଜନ ହସ୍ପିଟାଲ ୱାର୍ଡ ଭିତରେ ରୋଗୀଙ୍କ ସମ୍ମୁଖରେ ଆକ୍ରମଣ କରିଥିଲେ। ମାଡ଼ ମାରିବା ବେଳେ ସୁରକ୍ଷା କର୍ମୀମାନେ ସେଠାକୁ ଆସି ଡାକ୍ତରଙ୍କୁ ଉଦ୍ଧାର କରିଥିବା କୁହାଯାଉଛି। ଡାକ୍ତରଙ୍କୁ ଆକ୍ରମଣ କରିବା ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାପରେ ଘଟଣାଟି ଲୋକଲୋଚନକୁ ଆସିଛି।


ମୃତକ ନିକୁ ବାରିକ (ଫାଇଲ ଫଟୋ)


ଭାଇରାଲ ହୋଇଥିବା ଡାକ୍ତର।

## ବ୍ୟବଚ୍ଛେଦ ରିପୋର୍ଟ ଭୁଲ୍‌ଥିବା ଅଭିଯୋଗକରି ଡାକ୍ତରଙ୍କୁ ମାଡ଼

ପାରଳାଖେମୁଣ୍ଡି, ୩୦।୧(ଗିରିଧାରୀ ପରିଚ୍ଛା)

**ନବମ ଶ୍ରେଣୀ ଛାତ୍ରୀ ସୌଦାମିନୀ ମୃତ୍ୟୁ ଘଟଣା**

ଗଜପତି ଜିଲା ପାରଳାଖେମୁଣ୍ଡି ମୁଖ୍ୟ ଚିକିତ୍ସାଳୟରେ ଜଣେ କର୍ତ୍ତବ୍ୟରତ ଡାକ୍ତରଙ୍କୁ ମାଡ଼ ମରାଯାଇଥିବା ଅଭିଯୋଗ ହୋଇଛି। ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଭୁଲଥିବା ଅଭିଯୋଗ କରି ମୃତ ଛାତ୍ରୀଙ୍କ ମା' ମାଡ଼ ମାରିଥିବା ଡାକ୍ତର ଜଣଙ୍କ ଅଭିଯୋଗ କରିଛନ୍ତି। ମାଡ଼ ମାରିଥିବା ମହିଳା ହେଲେ ସୁଜ୍ଞାନୀ ରଇତ ଓ ଆକ୍ରମଣର ଶିକାର ହୋଇଥିବା ଡାକ୍ତର ହେଲେ ରଶ୍ମିକାନ୍ତ ମିଶ୍ର। ସୂଚନା ଅନୁସାରେ, ୨୦୨୩ଫେବୃଆରୀ ୧୯ ତାରିଖରେ ପାରଳାଖେମୁଣ୍ଡି ନବୋଦୟ ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ରୀ ସୌଦାମିନୀ ରଇତଙ୍କ ମୃତ୍ୟୁ ଘଟିଥିଲା। ମା' ସୁଜ୍ଞାନୀ ଅଭିଯାଗ କରିଛନ୍ତି ଯେ, ତାଙ୍କ ଝିଅ ଜଙ୍ଘରେ ନଖ ଦାଗ ରହିଥିବାରୁ ତାଙ୍କୁ ବଳାତ୍କାର କରି ହତ୍ୟା କରାଯାଇଛି। କିନ୍ତୁ ରଶି ଲଗାଇ ସୌଦାମିନୀ ଆତ୍ମହତ୍ୟା କରିଥିବା ଡାକ୍ତର ତାଙ୍କ ବ୍ୟବଚ୍ଛେଦ ରିପୋର୍ଟରେ ଦର୍ଶାଇଥିଲେ। ତେବେ ମଙ୍ଗଳବାର ବ୍ୟବଚ୍ଛେଦ ରିପୋର୍ଟ ଭୁଲଥିବା ଅଭିଯୋଗ କରି ସୁଜ୍ଞାନୀ ବ୍ୟବଚ୍ଛେଦ କରିଥିବା ଡାକ୍ତର ରଶ୍ମିକାନ୍ତ ମିଶ୍ରଙ୍କୁ ତାଙ୍କ ଚାମ୍ବରରେ ପଶି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ମାଡ଼ ମାରିଥିଲେ। ଡାକ୍ତର ରଶ୍ମିକାନ୍ତ ଏ ସମ୍ପର୍କରେ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଜଣାଇବା ସହ ଆଦର୍ଶ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ୩୦/୨୪ରେ ମାମଲା ରୁଜୁ କରି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସୂଚନାଯୋଗ୍ୟ, ଏହି ଘଟଣାରେ ନ୍ୟାୟ ଦାବି କରି ମା' ସୁଜ୍ଞାନୀ ବିଭିନ୍ନ ସମୟରେ ଧାରଣା, ଆନ୍ଦୋଳନ କରିଆସିଛନ୍ତି। ଏହି ଘଟଣା ବର୍ତ୍ତମାନ କ୍ରାଇମବ୍ରାଞ୍ଚ ଅଧୀନରେ ରହିଛି।


ଡାକ୍ତର ଓ ମହିଳାଙ୍କ ମଧ୍ୟରେ ଯୁକ୍ତିତର୍କ ହେଉଛି।


ରାଉରକେଲା ବିମାନ ବନ୍ଦରରେ କୋଲକାତାରୁ ଆସିଥିବା ବିମାନ।

## ରାଉରକେଲାରୁ ବିମାନସେବା ଆରମ୍ଭ

ରାଉରକେଲା,୩୦।୧(ସଙ୍ଗୀତା ଜେନା)

ରାଉରକେଲା-କୋଲକାତା ବିମାନ ସେବା ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ଅପରାହ୍ନ ୨ଟାରେ କୋଲକାତାରୁ ଉକ୍ତ ବିମାନ ଆସି ରାଉରକେଲାରେ ଅବତରଣ କରିଥିଲା। ଏଥିରେ ୩୩ଜଣ ଯାତ୍ରୀ ଆସିଥିଲେ। ଏହାପରେ ବିମାନଟି ଭୁବନେଶ୍ୱର ଯାଇଥିଲା। ସେଠାରୁ ପୁଣି ରାଉରକେଲା ଆସି କୋଲକାତା ଯିବାର ଥିଲା। କିନ୍ତୁ ସନ୍ଧ୍ୟା ସମୟରେ ପାଗ ଖରାପ ଥିବାରୁ ବିମାନଟି ଆଉ ରାଉରକେଲା ନ ଯାଇ ସିଧା କୋଲକାତା ଯାଇଥିଲା। ଅପରାହ୍ନ ୫ଟା୩୮ରେ ବିମାନଟି କୋଲକାତା ଅଭିମୁଖେ ଯାଇଥିବା ଏଏଆଇ(ଏୟାରପୋର୍ଟ ଅଥରିଟି ଅଫ୍ ଇଣ୍ଡିଆ)ର ଅଧିକାରୀ ରାହୁଲ ସିଂହ ସୂଚନା ପ୍ରଦାନ କରିଛନ୍ତି। ଅପରପକ୍ଷରେ ରାଉରକେଲା ବିମାନବନ୍ଦରରେ ସ୍ୱତନ୍ତ୍ର ଭିଏଫ୍‌ଆର୍ ସିଷ୍ଟମରେ ବିମାନ ଅବତରଣ ଏପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇପାରିନାହିଁ। ଏହି ସିଷ୍ଟମରେ ବିମାନ ଚଳାଚଳ ପାଇଁ ଆଲିଏନ୍ସ ଏୟାରକୁ ଏପର୍ଯ୍ୟନ୍ତ ଡିଜିସିଏ ପକ୍ଷରୁ ଅନୁମତି ମିଳିପାରିନାହିଁ। ଆଗାମୀ ଦିନରେ ଭିଏଫ୍‌ଆର୍ ସିଷ୍ଟମରେ ବିମାନ ଅବତରଣ ହୋଇ ନ ପାରିଲେ ଏହି କ୍ଷେତ୍ରରେ ଅନିଶ୍ଚିତତା ଲାଗି ରହିବ। ଉକ୍ତ ବ୍ୟବସ୍ଥା ଶୀଘ୍ର ଲାଗୁ କରିବା ପାଇଁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି। ଦୀର୍ଘ ଦେଢ଼ମାସ ବାତିଲ ହେବା ପରେ ଏହି ଚଳାଚଳ ନେଇ ରାଉରକେଲାବାସୀଙ୍କ ମଧ୍ୟରେ ଆଶାର ସଞ୍ଚାର ହୋଇଛି।

ହାଇକୋର୍ଟରେ ଆର୍ଦ୍ରଭୂମି ସୁରକ୍ଷା ମାମଲା

## ସତ୍ୟପାଠର ନକଲ ପ୍ରତିପକ୍ଷଙ୍କୁ ଦେବାକୁ ନିର୍ଦ୍ଦେଶ

କଟକ,୩୦।୧ (କାର୍ତ୍ତିକ ସାହୁ)– ଚିଲିକାର ଆର୍ଦ୍ରଭୂମି ସୁରକ୍ଷା ମାମଲାରେ ରାଜ୍ୟ ସରକାରଙ୍କ ପକ୍ଷରୁ ମଙ୍ଗଳବାର ହାଇକୋର୍ଟରେ ସତ୍ୟପାଠ ଦାଖଲ ହୋଇଛି। ଚିଲିକାର ଆର୍ଦ୍ରଭୂମି ସୁରକ୍ଷା ନେଇ ସରକାର କ'ଣ ବ୍ୟବସ୍ଥା କରିଛନ୍ତି ତାହା ସତ୍ୟପାଠରେ ଉଲ୍ଲେଖ ରହିଛି। ତେବେ ସତ୍ୟପାଠର ଏକ ନକଲ ପ୍ରତିପକ୍ଷଙ୍କୁ ଦେବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ହାଇକୋର୍ଟ କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଡ. ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ ଓ ବିଚାରପତି ଏମ୍.ଏସ୍. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରି ଏପରି ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ଦୁଇ ସପ୍ତାହ ପରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ। ଆର୍ଦ୍ରଭୂମି ସୁରକ୍ଷା ପାଇଁ ଚିଲିକାରେ ବେଆଇନ ଚିଙ୍ଗୁଡ଼ି ଘେରି ବନ୍ଦ ନିମନ୍ତେ ହାଇକୋର୍ଟରେ ଚାଲିଥିବା ମାମଲାରେ ରାଜ୍ୟ ସରକାରଙ୍କୁ ଏଥିନିମନ୍ତେ ପଲିସି ତିଆରି କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଚିଲିକା ଉପରେ ନିର୍ଭରକରି ଚଳୁଥିବା ମତ୍ସ୍ୟଜୀବୀ ଓ ଅଣ ମତ୍ସ୍ୟଜୀବୀଙ୍କ ମତାମତକୁ ଗ୍ରହଣ କରି ରାଜ୍ୟ ସରକାର ଏକ ପଲିସି ଫ୍ରେମ୍ କରିବା ଲାଗି ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଆମିକସ୍ କ୍ୟୁରି ମୋହିତ ଅଗ୍ରୱାଲ ମାମଲା ପରିଚାଳନା କରୁଛନ୍ତି। ଉଲ୍ଲେଖଯୋଗ୍ୟ, ସମଗ୍ର ଦେଶରେ ରହିଥିବା ଆର୍ଦ୍ରଭୂମିଗୁଡ଼ିକର ସୁରକ୍ଷା ମାମଲାର ସୁପ୍ରିମକୋର୍ଟ ଶୁଣାଣି କରି ୧୫ଟି ରାଜ୍ୟର ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କୁ ମାମଲା ରୁଜୁ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ତଦନୁସାରେ ହାଇକୋର୍ଟ ନିଜ ଆଡୁମାମଲା ରୁଜୁ କରି ନିୟମିତ ଚିଙ୍ଗୁଡ଼ି ଘେରି ଉଚ୍ଛେଦ ପାଇଁ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେଉଛନ୍ତି।

## ଭିଜିଲାନ୍ସ ଜାଲରେ କୋଟିପତି କନିଷ୍ଠ ଯନ୍ତ୍ରୀ

ମାଲ୍‌କାନଗିରି, (ଦୁର୍ଯ୍ୟୋଧନ ପାତ୍ର)/
ଭୁବନେଶ୍ୱର,୩୦।୧(ସତ୍ୟଜିତ୍ ରାଉତ)

**ଭୁବନେଶ୍ୱର, ବାଲେଶ୍ୱର, ମାଲକାନଗିରିର ୭ ସ୍ଥାନରେ ଚଢ଼ାଉ**
- ଜଳେଶ୍ୱରରେ ୧୪ ପ୍ଲଟ୍, ୩ ମହଲା କୋଠା
- ଘରୁ ମିଳିଲା ନଗଦ ୧.୪୩ ଲକ୍ଷ ଟଙ୍କା

ମାଲ୍‌କାନଗିରି ସେଚାଞ୍ଚଳ ଉନ୍ନୟନ ବିଭାଜନ ନିର୍ବାହୀ ଯନ୍ତ୍ରୀ (କୃଷି)ଙ୍କ କାର୍ଯ୍ୟାଳୟର କନିଷ୍ଠ ଯନ୍ତ୍ରୀ ସଞ୍ଜୟ କୁମାର ନାୟକ ଭିଜିଲାନ୍ସ ଜାଲରେ ଫସିଛନ୍ତି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ମଙ୍ଗଳବାର କୋରାପୁଟ ଭିଜିଲାନ୍ସ ଡିଭିଜନ ପକ୍ଷରୁ ସଞ୍ଜୟଙ୍କ ଘର ସମେତ ଖୋର୍ଦ୍ଧା ଜିଲାର ଭୁବନେଶ୍ୱର, ବାଲେଶ୍ୱର ଓ ମାଲ୍‌କାନଗିରି ଜିଲାର ୭ଟି ସ୍ଥାନରେ ଏକକାଳୀନ ଚଢ଼ାଉ କରାଯାଇ ବହୁ କୋଟିର ସମ୍ପତ୍ତି ଠାବ ହୋଇଛି। ଚଢ଼ାଉ ସ୍ଥାନ ମଧ୍ୟରେ ସଞ୍ଜୟଙ୍କ ମାଲ୍‌କାନଗିରିସ୍ଥିତ ବାସଭବନ, ଭଡ଼ାଘର, ଅଫିସ ଚାମ୍ବର, ଭୁବନେଶ୍ୱର ପୋଖରୀପୁଟସ୍ଥିତ ସମ୍ପର୍କୀୟଙ୍କ ଘର ଓ ବାଲେଶ୍ୱର ଜିଲା ଜଳେଶ୍ୱର ପାଇକସିଦା ଗ୍ରାମସ୍ଥିତ ପୈତୃକ ଘର ଆଦି ରହିଛି। ଜୟପୁର ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍‌ଙ୍କ ସର୍ଚ୍ଚ ୱାରେଣ୍ଟ ବଳରେ ହେଉଥିବା ଏହି ଯାଞ୍ଚରେ ଭିଜିଲାନ୍ସ ଟିମ୍‌ଗୁଡିକରେ ଜଣେ ଅତିରିକ୍ତ ଏସ୍‌ପି, ୩ ଡିଏସ୍‌ପି, ୮ ଇନ୍ସପେକ୍ଟର, ୮ ଏଏସ୍ଆଇ ଏବଂ ଅନ୍ୟାନ୍ୟ କର୍ମଚାରୀ ନିୟୋଜିତ ହୋଇଛନ୍ତି। ସନ୍ଧ୍ୟା ସୁଦ୍ଧା ଭିଜିଲାନ୍ସ ପକ୍ଷରୁ ମିଳିଥିବା ରିପୋର୍ଟ ଅନୁଯାୟୀ, ସଞ୍ଜୟଙ୍କ ବାଲେଶ୍ୱର ଜିଲା ଜଳେଶ୍ୱର ଦେଉଳିପଞ୍ଚୁଘଣ୍ଟାରେ ଥିବା ୧୦ ହଜାର ବର୍ଗଫୁଟ୍‌ର ୩ ମହଲା କୋଠା, ଭୁବନେଶ୍ୱର ରଘୁନାଥପୁରସ୍ଥିତ ଗ୍ରୀନ୍ ହୋମ୍‌ସ ଆପାର୍ଟମେଣ୍ଟରେ ୧୨ଶହ ବର୍ଗଫୁଟ୍ ବିଶିଷ୍ଟ ଏକ ୨-ବିଏଚ୍‌କେ ଫ୍ଲାଟ୍ ଠାବ ହୋଇଛି। ଏଥିସହ ଜଳେଶ୍ୱର ଟାଉନ୍‌ର ମୁଖ୍ୟ ଅଞ୍ଚଳରେ ୧୪ଟି ପ୍ଲଟ୍ ରହିଛି। ଠାବ ହୋଇଥିବା କୋଠା ଏବଂ ପ୍ଲଟ୍‌ଗୁଡ଼ିକର ପ୍ରକୃତ ମୂଲ୍ୟ ଜାଣିବାକୁ ଭିଜିଲାନ୍ସର ଟେକ୍ନିକାଲ୍ ୱିଙ୍ଗ୍ ଅଧିକ ଯାଞ୍ଚ କରୁଛି। ସେହିଭଳି ଘରୁ ନଗଦ ୧ ଲକ୍ଷ ୪୩ ହଜାର ୨୨୦ ଟଙ୍କା, ୧୨.୭୦ ଲକ୍ଷ ଟଙ୍କାର ଗୋଟିଏ ଚାରି ଚକିଆ ଯାନ ଓ ଦୁଇଟି ବାଇକ ଏବଂ ୧୪.୧୮ ଲକ୍ଷ ଟଙ୍କାର ସୁନା ଓ ଘରୋଇ ସାମଗ୍ରୀ ଠାବ ହୋଇଛି। ଚଢ଼ାଉ ଜାରି ରହିଥିବାବେଳେ ଭିଜିଲାନ୍ସ ପକ୍ଷରୁ ସଞ୍ଜୟଙ୍କୁ ଏ ସଂକ୍ରାନ୍ତରେ ଅଧିକ ପଚରାଉଚରା କରାଯାଉଛି। ତେବେ ଠାବ ହୋଇଥିବା ସଞ୍ଜୟଙ୍କ ସମ୍ପତ୍ତିର ପରିମାଣ ପ୍ରାୟ ୫ କୋଟିରୁ ଉର୍ଦ୍ଧ୍ୱ ହେବ ବୋଲି ଅନୁମାନ କରାଯାଉଛି। ଚଢ଼ାଉ ଓ ଯାଞ୍ଚ ସରିବା ପରେ ସମ୍ପତ୍ତିର ପରିମାଣ ଆହୁରି ବଢ଼ିପାରେ ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ମଙ୍ଗଳବାର ଏନେଇ ମାମଲା ରୁଜୁ କରାଯିବା ସହ ସଞ୍ଜୟ ଗିରଫ ହୋଇପାରନ୍ତି ବୋଲି ସୂଚନା ମିଳିଛି।

## ମହିଳାଙ୍କ ଛାତିରୁ କଢ଼ାହେଲା ୪.୫ କେଜିର ଟ୍ୟୁମର

ଭୁବନେଶ୍ୱର, ୩୦।୧
(ଅସମାପିକା ସାହୁ)

**କିମ୍ସରେ ବିରଳ ଅସ୍ତ୍ରୋପଚାର**

ଉନ୍ନତ ଏବଂ ଅତ୍ୟାଧୁନିକ ସ୍ୱାସ୍ଥ୍ୟସେବା ଯୋଗାଇବାରେ କିମ୍ସକୁ ମିଳିଛି ଆଉ ଏକ ସଫଳତା। କିମ୍ସର ଡାକ୍ତରଙ୍କ ଉଦ୍ୟମ ଯୋଗୁ ଅସ୍ତ୍ରୋପଚାର ଜରିଆରେ ଜଣେ ମହିଳାଙ୍କ ଛାତିରୁ ୪.୫ କେ.ଜି.ର ଏକ ଟ୍ୟୁମର ବାହାରିଛି। ମହିଳା ଜଣକ ଗତ ଦୁଇବର୍ଷ ହେବ ଛାତିରେ ଯନ୍ତ୍ରଣା ଅନୁଭବ କରିବା ସହ ଶ୍ୱାସକ୍ରିୟାରେ କଷ୍ଟ ଭୋଗୁଥିଲେ। ଏଥିପାଇଁ ସେ ବହୁ ହସ୍ପିଟାଲରେ ପରାମର୍ଶ କରି କୌଣସି ସୁଫଳ ପାଇ ନ ଥିଲେ। ପରେ ସେ କିମ୍ସ ଡାକ୍ତରଙ୍କ ସହ ପରାମର୍ଶ କରିଥିଲେ। ପରୀକ୍ଷା ପରେ ତାଙ୍କ ଛାତିରେ ଏକ ବଡ଼ ଟ୍ୟୁମର ହୋଇଥିବା ଜଣାପଡ଼ିଥିଲା। ଅସ୍ତ୍ରୋପଚାର ଦ୍ୱାରା ଏହାକୁ ବାହାର କରାଯାଇପାରିବ ବୋଲି ଡାକ୍ତର ତାଙ୍କୁ ଆଶ୍ୱାସନା ଦେଇଥିଲେ। କିମ୍ସ କାର୍ଡିଓଥୋରାସିକ୍ ସର୍ଜରୀର ଆସୋସିଏଟ୍ ପ୍ରଫେସର ଡା. ଚନ୍ଦନ କୁମାର ରାୟ ମହାପାତ୍ର ଓ ଜେନେରାଲ ସର୍ଜରୀର ପ୍ରଫେସର ଡା. ସୁବ୍ରତ ସାହୁ ଏହି ଅସ୍ତ୍ରୋପଚାରରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସର୍ଜିକାଲ ଟିମ୍‌ରେ ମେଡିକାଲ ଅଙ୍କୋଲୋଜିର ଆସୋସିଏଟ୍ ପ୍ରଫେସର ଡା. ଯୋଗମାୟା ପଟ୍ଟନାୟକ, କାର୍ଡିଆକ୍ ଆନେସ୍ଥେସିଆ ପରାମର୍ଶଦାତା ଡା. ଅଶୋକ ବଡ଼ମାଳି ଓ ଡା. ଜ୍ଞାନରଞ୍ଜନ ମିଶ୍ର ମଧ୍ୟ ସାମିଲ ଥିଲେ। ସମସ୍ତ ଡାକ୍ତରଙ୍କ ମିଳିତ ପ୍ରୟାସରେ ଏତେବଡ଼ ଛାତି ଟ୍ୟୁମରକୁ ସଫଳତାର ସହ ବାହାର କରିବା ସମ୍ଭବ ହୋଇଥିଲା। ଅସ୍ତ୍ରୋପଚାର ପରେ ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି। କିଟ୍, କିସ୍ ଏବଂ କିମ୍ସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଏହି ଅସ୍ତ୍ରୋପଚାରକୁ ସଫଳତାର ସହ ପରିଚାଳନା କରିଥିବା ଡାକ୍ତରମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ଏସ୍‌ସିବିରେ ପ୍ରଥମଥର ହେମୋଫିଲିଆ ଅସ୍ତ୍ରୋପଚାର ସଫଳ

କଟକ,୩୦।୧(ଶିକ୍ସା ପ୍ରିୟଦର୍ଶିନୀ)

ଏସ୍‌ସିବି ମେଡିକାଲ ପ୍ଲାଷ୍ଟିକ୍ ସର୍ଜରୀ ବିଭାଗରେ ପ୍ରଥମଥର ପାଇଁ ହେମୋଫିଲିଆ ରୋଗର ଅସ୍ତ୍ରୋପଚାର ସଫଳ ହୋଇଛି। ଫଳରେ ରୋଗୀ ଜଣଙ୍କ ସୁସ୍ଥ ହେବାରୁ ମଙ୍ଗଳବାର ଏସ୍‌ସିବିରୁ ତାଙ୍କୁ ଡିସ୍‌ଚାର୍ଜ କରାଯାଇଛି। ବାଲେଶ୍ୱର ଜିଲା ହଳଦିଆପଡା ଅଞ୍ଚଳର ଚନ୍ଦନ ମହାଲିକ ୨୦୨୩ ଜୁଲାଇ ୬ ତାରିଖରେ ଦୁର୍ଘଟଣାର ଶିକାର ହେବାରୁ ଗୋଡ଼ରେ ଆଘାତ ଲାଗିଥିଲା। ଚିକିତ୍ସା ଲାଗି ତାଙ୍କୁ ବାଲେଶ୍ୱର ମେଡିକାଲ ପରେ ଏସ୍‌ସିବିକୁ ସ୍ଥାନାନ୍ତର କରାଯାଇଥିଲା। ହେମାଟୋଲୋଜି ବିଭାଗରେ ଚିକିତ୍ସା ହେବା ପରେ ତାଙ୍କୁ ଡିସ୍‌ଚାର୍ଜ କରାଯାଇଥିଲା। ପରବର୍ତ୍ତୀ ସମୟରେ ତାଙ୍କର ଗୋଡ଼ ଭଲ ହୋଇ ନ ଥିଲା। ପୁନର୍ବାର ସେ ୨୦୨୩ ସେପ୍ଟେମ୍ବର ୧୬ରେ ଏସ୍‌ସିବିର ହେମାଟୋଲୋଜି ବିଭାଗରେ ଚିକିତ୍ସା ପାଇଁ ଭର୍ତ୍ତି ହୋଇଥିଲେ। ତଥାପି ସେ ଭଲ ହୋଇ ନ ଥିଲେ। ୨୦୨୩ ଡିସେମ୍ବର ୩୦ ତାରିଖରେ ମେଡିକାଲକୁ ଆସି ଡାକ୍ତରଙ୍କୁ ଦେଖାଇଥିଲେ। ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ହେମାଟୋଲୋଜି ବିଭାଗରେ ତାଙ୍କର ଚିକିତ୍ସା କରାଯାଇଥିଲା। ପ୍ଲାଷ୍ଟିକ ସର୍ଜରୀ ବିଭାଗ ମୁଖ୍ୟ ଡା. ବିଭୂତି ଭୂଷଣ ନାୟକ ଓ ହେମାଟୋଲୋଜି ବିଭାଗ ମୁଖ୍ୟ ଆର୍.କେ. ଜେନାଙ୍କ ନେତୃତ୍ୱରେ ଗତ ୧୧ ତାରିଖରେ ପ୍ଲାଷ୍ଟିକ ସର୍ଜରୀ ବିଭାଗରେ ତାଙ୍କର ଅସ୍ତ୍ରୋପଚାର କରାଯାଇଥିଲା। ତାଙ୍କୁ ଫ୍ୟାକ୍ଟର-୭ର ୩୫ ସିସି ଡୋଜ୍‌ର ମେଡିସିନ ଦିଆଯାଇଛି, ଯାହାର ମୂଲ୍ୟ ପ୍ରାୟ ୭ଲକ୍ଷ ଟଙ୍କା। ୭ ଦିନ ଧରି ଏହି ଡୋଜ୍ ଦିଆଯିବା ପରେ ସେ ସମ୍ପୂର୍ଣ୍ଣ ସୁସ୍ଥ ହୋଇଛନ୍ତି। ହେମୋଫିଲିଆ ରୋଗ ରକ୍ତସ୍ରାବର ଲକ୍ଷଣକୁ କୁହାଯାଏ। ରୋଗୀ ଶରୀରର କୌଣସି ସ୍ଥାନ କଟିଗଲେ ରକ୍ତସ୍ରାବ ବନ୍ଦ ହୋଇ ନ ଥାଏ। ଏ ସମ୍ପର୍କରେ ପ୍ଲାଷ୍ଟିକ ସର୍ଜରି ବିଭାଗ ମୁଖ୍ୟ ଡା. ନାୟକ କହିଛନ୍ତି, ବହୁ କମ୍ ଲୋକଙ୍କ କ୍ଷେତ୍ରରେ ଏହି ଲକ୍ଷଣ ଦେଖାଦେଇଥାଏ। ଏସ୍‌ସିବି ପ୍ଲାଷ୍ଟିକ୍ ସର୍ଜରି ବିଭାଗରେ ପ୍ରଥମଥର ପାଇଁ ଏଭଳି ରୋଗର ଅସ୍ତ୍ରୋପଚାର କରାଯାଇଛି। ରୋଗୀଙ୍କୁ ପ୍ରଥମେ ଫ୍ୟାକ୍ଟର-୮ ଡୋଜ୍ ଦିଆଯାଇଥିଲା। ହେଲେ ରକ୍ତସ୍ରାବ ବନ୍ଦ ନ ହେବାରୁ ଫ୍ୟାକ୍ଟର-୭ ଡୋଜ୍ ଦେବାକୁ ନିଷ୍ପତ୍ତି ନିଆଯାଇଥିଲା। ଏବେ ରୋଗୀ ଜଣଙ୍କ ସମ୍ପୂର୍ଣ୍ଣ ସୁସ୍ଥ ଥିବା ସେ କହିଛନ୍ତି।

**ଡିସ୍‌ଚାର୍ଜ ହେଲେ ଚନ୍ଦନ**


ଚନ୍ଦନ ମହାଲିକ

## ସଂକ୍ଷେପରେ

### ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇବ ସୁରୁଜୁଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ



କର୍ଲାମୁଣ୍ଡା,୩୦।୧(ପ୍ରଦୀପ କୁମାର ସାହୁ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରାଜପୁର ଗ୍ରାମପଞ୍ଚାୟତ ସୁରୁଜୁଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇବ। ଏହି ନାମ ପ୍ରକାଶ ହେବା ପରେ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି। ଏହି ବିଦ୍ୟାଳୟ ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନ ଆଦର୍ଶ ବିଦ୍ୟାଳୟ ଭାବେ ବ୍ଲକରେ ସ୍ୱତନ୍ତ୍ର ସ୍ଥାନ ତିଆରି କରିପାରିଛି। ସେହିପରି ଉକ୍ତ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସାଧୁରାମ ସାହୁଉତ୍ତମ ପ୍ରଧାନଶିକ୍ଷକ ଭାବେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇବାକୁ ମନୋନୀତ ହୋଇଥିବା ବେଳେ ଉଚ୍ଚ ବିଦ୍ୟାଳୟସ୍ତରରେ ସାପଲହରା ଉନ୍ନୀତ ଉଚ୍ଚ ବିଦ୍ୟାଳୟ ସହଶିକ୍ଷୟିତ୍ରୀ ଗୀତାଞ୍ଜଳି ବାଗ ଓ ଗ୍ରାମ ପଞ୍ଚାୟତସ୍ତରରେ ରେଗଡା ଗ୍ରାମପଞ୍ଚାୟତ ମନୋନୀତ ହୋଇଥିବା ଜଣାପଡିଛି।

### ଧ୍ରୁବ ଗୋଣ୍ଡ ସମାଜର ବାର୍ଷିକ ସମ୍ମିଳନୀ

ସିନାପାଲି,୩୦।୧(ମନଫୁଲ ମେହେର)

ନୂଆପଡ଼ା ଜିଲା ଧ୍ରୁବ ଗୋଣ୍ଡ ସମାଜର ବାର୍ଷିକ ସମ୍ମିଳନୀ ସିନାପାଲି ବ୍ଲକ ଅନ୍ତର୍ଗତ ଲିଟିଗୁଡାଠାରେ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀରେ ମକରନ ମାଝି ସଭାପତିତ୍ୱ କରିଥିବା ବେଳେ ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ପ୍ରସନ୍ନ ମାଝି, ସୁଦର୍ଶନ ମାଝି, ଦିନନାଥ ମାଝି ପ୍ରମୁଖ ଉପସ୍ଥିତ ଥିଲେ। ହେମନ୍ତ କୁମାର ମାଝି ସଭାକାର୍ଯ୍ୟ ପରିଚାଳନା କରିଥିବା ବେଳେ ଅଖିଳ ମାଝି, ଦେବେନ୍ଦ୍ର ମାଝି, ଗୋପବନ୍ଧୁ ମାଝି, ଲଳିତ ମାଝି, ପୁନି ମାଝି ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଏହି ଅବସରରେ ଲିଟିଗୁଡାଠାରେ ବୁଢାଦେଓ ମନ୍ଦିର ନିର୍ମାଣ ପାଇଁ ଭୂମିପୂଜନ ଅନୁଷ୍ଠିତ ହୋଇଥିଲା। ପାରମ୍ପରିକ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

### ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ପାଇଁ ଭବ୍ୟ କଳସ ଯାତ୍ରା

କୋକସରା,୩୦।୧(ଦୁଷ୍ମନ୍ତ କୁମାର ପାଟଯୋଶୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ୍ ମୋଟେର ଗ୍ରାମରେ ମଙ୍ଗଳବାର ଷୋହଳ ପ୍ରହର ନାମଯଜ୍ଞ ପାଇଁ କଳସଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଯଜ୍ଞକର୍ତ୍ତା ଭାବେ ଦୁଷ୍ମନ୍ତ ପାଟଯୋଷୀ ଓ ଜ୍ୟୋସ୍ନା ମଞ୍ଜରୀ ପାଟଯୋଷୀଙ୍କୁ ବରଣ କରାଯାଇଥିଲା। ଶତାଧିକ ମହିଳା କଳସ ଯାତ୍ରାରେ ସାମିଲ ହୋଇ ନଗର ପରିକ୍ରମା କରି ପୁଣ୍ୟ ପୁଷ୍କରିଣୀରୁ ମନ୍ତ୍ର ଉଚ୍ଚାରିତ ପବିତ୍ର ଜଳ ଧାରଣ କରି ପୂଜା ମଣ୍ଡପରେ ସ୍ଥାପନ କରିଥିଲେ। ଯଜ୍ଞ ପୂଜକ ଭାବେ ଗୋପାଳ କୃଷ୍ଣ ଠାକୁର ସମସ୍ତ ପୂଜାବିଧି କରିଥିଲେ। ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ପୂଜା କମିଟି ଇଶାନ ପାଟଯୋଷୀ, ସୌମ୍ୟ ସରାଫ, ସଞ୍ଜୟ ସରାଫ, ଦାଶରଥି ସରାଫ, ଜ୍ୟୋତି ସରାଫ, ରଞ୍ଜନ ସରାଫ, ସାରଥି ଶବର, ଧନେଶ୍ୱର ଶବର ଓ ମୋଟେର ଗ୍ରାମବାସୀ ସହଯୋଗ କରିଥିଲେ।

### ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ

ନୂଆପଡ଼ା,୩୦।୧(ମକାରୁ ବେମାଲ)

ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୩୨ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ସଭାପତି ଚିନ୍ତାମଣି ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅବସରପ୍ରାପ୍ତ ସ୍ତ୍ରୀ ଓ ପ୍ରସୂତି ବିଭାଗ ଡା.ବିଜୟ କୁମାର ପାଣିଗ୍ରାହୀ ମୁଖ୍ୟଅତିଥି, ଜିଲା ସଂଘ ଚାଳକ ଉଦୟ ସିଂ ମାଝି ବିଶିଷ୍ଟ ଆତିଥି, ପୂର୍ବତନ ଜିଲା ସଂଘ ଚାଳକ ପୁରୁତମ ସୁନାନୀ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ପରିଚାଳନା ସମିତି ସମ୍ପାଦକ ଶିବାଜୀ ପଣ୍ଡା ଅତିଥି ପରିଚୟ କରିଥିବା ବେଳେ ପ୍ରଧାଚ ଆଚାର୍ଯ୍ୟ ମହେନ୍ଦ୍ର କୁମାର ନାଏକ ବିବରଣି ପ୍ରଦାନ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ମୁଖ୍ୟଅତିଥି ପୁରସ୍କାର ପ୍ରଦାନ କରିଥିଲେ। କୁନିକୁନି ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଭକ୍ତ ପ୍ରହଲ୍ଲାଦ ନାଟକ ପରିବେଷଣ କରାଯାଇଥିଲା। ବିଦ୍ୟାଳୟ ନବମ ଶ୍ରେଣୀ ଛାତ୍ର ସୁରଜିତ ବେହେରା ମଞ୍ଚ ପରିଚାଳନା କରିଥିଲେ। ଶେଷରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ବ୍ଲକ କାର୍ଯ୍ୟାଳୟ ଘେରାଉ, ଧାରଣା

**ଜିଲା ଆଦିବାସୀ କଲ୍ୟାଣ ସଂଘ**

- ୮ ଦଫା ସମ୍ବଳିତ ଦାବିପତ୍ର
- ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ

ନୂଆପଡ଼ା,୩୦।୧(ମକାରୁ ବେମାଲ)

ନୂଆପଡା ଜିଲାରେ ଉନ୍ନୟନ କାର୍ଯ୍ୟରେ ଦୁର୍ନୀତି, ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଠିକ ସମୟରେ ଶ୍ରମିକଙ୍କୁ ପାଉଣା ମିଳୁ ନ ଥିବା, ବ୍ଲକ ଅଧକ୍ଷା ଓ ବରିଷ୍ଠ ଅଧିକାରୀଙ୍କ ମନମୁଖୀ କାର୍ଯ୍ୟ ବିରୋଧରେ ମଙ୍ଗଳବାର ଜିଲା ଆଦିବାସୀ କଲ୍ୟାଣ ସଂଘ ପକ୍ଷରୁ ସଦର ବ୍ଲକ କାର୍ଯ୍ୟାଳୟ ଘେରାଉ କରି ଧାରଣା ଦିଆଯାଇଛି। ଦୀର୍ଘ ୩ ଘଣ୍ଟା ଧାରଣାରେ ବସିବା ପରେ ସଦର ବିଡିଓ ବିପିନ ବିହାରୀ ଦୀପ ଧାରଣା ସ୍ଥଳକୁ ଆସି ଆଲୋଚନା କରିଥିଲେ। ଏହି ସମୟରେ ୮ ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ମୁଁ ନୂତନ କରି ଆସିଛି। କ'ଣ ହୋଇଛି ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବି ବୋଲି ବିଡିଓ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଆଦିବାସୀ କଲ୍ୟାଣ ସଂଘ ନୂଆପଡା ବ୍ଲକ ସଭାପତି ଭକ୍ତବନ୍ଧୁ ଧରୁଆଙ୍କ ନେତୃତ୍ୱରେ ଜିଲା ସଭାପତି ଭାନୁ ପ୍ରତାପ ସିଂ ମାଝି, ଉପସଭାପତି କମଲେଶ ଠାକୁର, କୋମନା ବ୍ଲକ ସଭାପତି ଜ୍ଞାନେଶ୍ୱର ମାଝି ଓ ହିତାଧିକାରୀ ସାମିଲ ଥିଲେ। ଶ୍ରମିକମାନଙ୍କୁ ସରକାର ଓ ପ୍ରଶାସନର ଉଦାସିନତା, ନିଷ୍କ୍ରିୟତା ଓ ଆନ୍ତରିକତା ଆଭାବରୁ ଶୋଷଣର ଶିକାର ହେବାକୁ ପଡୁଛି। ଶ୍ରମିକମାନଙ୍କୁ ଠିକ ସମୟରେ ପାଉଣା ମିଳୁନାହିଁ। ଗରିବ ଓ ସାଧାରଣ ବର୍ଗ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ସାମାଜିକ କଲ୍ୟାଣକାରୀ ଯୋଜନା ଅପହଞ୍ଚ ହୋଇ ରହିଯାଉଛି। ଯୋଗ୍ୟ ବ୍ୟକ୍ତିଙ୍କୁ ଅଣଦେଖା କରି ଅଯୋଗ୍ୟଙ୍କୁ ସାମିଲ କରାଯାଉଛି। ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ କାର୍ଯ୍ୟକରି ଶ୍ରମିକ ପାଉଣା ବର୍ଷ ବର୍ଷ ଧରି ବକେୟା ରହୁଛି। ଶ୍ରମିମକଙ୍କ ପାଉଣା ବକେୟା ରଖି ମେଶିନରେ କାମ କରାଯାଇଛି। ଦାଦନ ପ୍ରବଣ ଅଞ୍ଚଳରେ ଜବକାର୍ଡ ଥାଇ ମଧ୍ୟ କାମ ମିଳୁ ନ ଥିବାରୁ ଲୋକେ ବାଧହୋଇ ଦାଦନ ଯାଉଛନ୍ତି। ଶ୍ରମିକଙ୍କୁ ୩ ଶହ ଦିନର କାମ ଯୋଗାଇ ସପ୍ତାହିକ ପାଉଣା ପ୍ରଦାନ କରାଯାଉ, ରାଶନ କାର୍ଡରୁ ବଞ୍ଚିତ ହିତାଧିକାରୀ ସାମିଲ, ଦିବ୍ୟାଙ୍ଗ, ବିଧବା ଓ ବାର୍ଦ୍ଧକ୍ୟମାନଙ୍କୁ ଚିହ୍ନଟ କରି ବିଜୁ ପକ୍କାଘର ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ କରି ଭତ୍ତା ବ୍ୟବସ୍ଥା, ସଦର ବ୍ଲକ ଅଧକ୍ଷାଙ୍କ ମନମୁଖୀ କାର୍ଯ୍ୟକଳାପ ଏବଂ ବରିଷ୍ଠ ଅଧିକାରୀ ପିସି କାରବାର ବନ୍ଦ କରିବା ସହ ଘରେ ବସି କାର୍ଯ୍ୟ ନ କରି କାର୍ଯ୍ୟାଳୟରେ କାର୍ଯ୍ୟ କରନ୍ତୁ। ୫-ଟି ବିଦ୍ୟାଳୟରେ ଚାଲିଥିବା ମରାମତି କାର୍ଯ୍ୟର ଦୁର୍ନୀତର ଉଚ୍ଚସ୍ତରୀୟ ତଦନ୍ତ କରାଯାଉ ବୋଲି ଦାବି କରାଯାଇଛି। ଏହି ସମୟରେ ଭୋଲା ସାହୁ, ରାମେଶ ସାହୁ, ତିରତ ରାମ ମାଝି, ହୋମସିଂ ମାଝି, ସମର ବରିହା, ଆଶା ବରିହା, ରାମସିଂ ମାଝି, ରୁକ୍ମଣ ମାଝି ପ୍ରମୁଖ ଉପସ୍ଥିତ ଥିଲେ।



ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି।

# ମହାରାଷ୍ଟ୍ର ଯାତ୍ରାକଲେ କଳାହାଣ୍ଡିର ୨୦ ଜନଜାତି ଯୁବତୀଯୁବକ



ସବୁଜ ପତାକା ଦେଖାଇ ଶୁଭକାମନା ଜଣାଉଛନ୍ତି ଅଧିକାରୀ।

ଭବାନୀପାଟଣା,୩୦।୧(ଉତ୍ତମ କୁମାର ଦାଶ)

କେନ୍ଦ୍ର ସରକାରଙ୍କ କ୍ରୀଡା ଓ ଯୁବ ମନ୍ତ୍ରଣାଳୟ ଦ୍ୱାରା ପରିଚାଳିତ କଳାହାଣ୍ଡି ଜିଲା ନେହେରୁ ଯୁବ କେନ୍ଦ୍ର ଭବାନୀପାଟଣା ସିଆର୍‌ପିଏଫ୍ ୬୪ ବାଟାଲିୟନ ସହଯୋଗରେ ମଙ୍ଗଳବାର ଜିଲାର ୨୦ଜଣ ଜନଜାତି ଯୁବତୀଯୁବକ ମହାରାଷ୍ଟ୍ରର ପୁନେକୁ ଗସ୍ତ କରିଛନ୍ତି। ଏଥିରେ ୧୦ଜଣ ଯୁବତୀ ଓ ଅବଶିଷ୍ଟ ଯୁବକ ରହିଛନ୍ତି। ସେଠାରେ ଆସନ୍ତା ୧ରୁ ୭ ତାରିଖ ଯାଏଁ ହେବାକୁ ଥିବା ୧୫ତମ ଜନଜାତୀୟ ଯୁବ ବିନିମୟ କାର୍ଯ୍ୟକ୍ରମରେ ଯୋଗଦେବେ। ଏହାସହ ଐତିହାସିକ ସ୍ଥାନ ପରିଦର୍ଶନ କରିବା ସହ ମାନଗନ୍ୟ ବ୍ୟକ୍ତିଙ୍କୁ ସାକ୍ଷାତ କରିବା କାର୍ଯ୍ୟକ୍ରମ ରହିଥିବା ସୂଚନା ମିଳିଛି। ଏହା ପୂର୍ବରୁ ସୋମବାର ଭବାନୀପାଟଣା ଅଟାଙ୍ଗଗୁଡା ୬୪ ବାଟାଲିୟନ ସିଆର୍‌ପିଏଫ୍ କ୍ୟାମ୍ପଠାରେ ପ୍ରସ୍ତୁତି ବୈଠକରେ ଡେପୁଟି କଲେକ୍ଟର ଚିନ୍ମୟ ନାଏକ, ଜିଲା ଯୋଜନା ଓ ସମନ୍ୱୟ ଉପନିର୍ଦ୍ଦେଶକ ଶ୍ରୀକାନ୍ତ ଦଳେଇ, ପୌରପାଳିକାର ନିର୍ବାହୀ ଅଧିକାରୀ ସତ୍ୟପୂର୍ଣ୍ଣା ରାଉତ, ଜିଲା ଯୁବ ଅଧିକାରୀ ପ୍ରସନ୍ନ ମେହେର, ୬୪ ସିଆର୍‌ପିଏଫ୍ ବାଟାଲିୟନ ସେକେଣ୍ଡ କମାଣ୍ଡେଣ୍ଟ ପି.କେ.ମିଶ୍ର, ଡେପୁଟି କମାଣ୍ଡେଣ୍ଟ ଜିତ୍‌ବହାନ ଓରାବ୍ ଓ ଆସିଷ୍ଟାଣ୍ଟ କମାଣ୍ଡେଣ୍ଟ କେ.କେ. ପାଉ ପ୍ରମୁଖ ଉପସ୍ଥିତ ରହି ସେମାନଙ୍କୁ ଉତ୍ସାହିତ କରିବା ସହ ମାର୍ଗଦର୍ଶନ ଦେଇଥିଲେ। ସେହିପରି ତାଙ୍କ ଗସ୍ତ କିପରି ସୁରୁଖୁରୁରେ ହେବ ସେ ସବୁଜ ପତକା ଦେଖାଇ ଶୁଭକାମନା ଜଣାଇଥିଲେ।

# ଖଡ଼ିଆଳ ମହୋତ୍ସବରେ ମାରାଥନ ପ୍ରତିଯୋଗିତା



ଖଡ଼ିଆଳ ମହୋତ୍ସବ ଅବସରରେ ଆୟୋଜିତ ମାରଥନ ପ୍ରତିଯୋଗିତାରେ ସାମିଲ ପ୍ରତିଯୋଗୀ।

ଖଡ଼ିଆଳ,୩୦।୧(ସୁଜିତ୍ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳ ମହୋତ୍ସବ-୨୦୨୪ର ମଙ୍ଗଳବାର ଦ୍ୱିତୀୟ ଦିବସରେ ପୁରୁଷ ଓ ମହିଳା ବର୍ଗରେ ମାରାଥନ ପ୍ରତିଯୋଗିତା ହୋଇଯାଇଛି। ପୁରୁଷ ବର୍ଗରେ ରିଷିଗାଁଠାରୁ ଆମ୍ବେଡକର ଛକ ପର୍ଯ୍ୟନ୍ତ ୮ କି.ମି. ଏବଂ ମହିଳା ବର୍ଗରେ ଲଛିପୁରଠାରୁ ଆମ୍ବେଡକର ଛକ ପର୍ଯ୍ୟନ୍ତ ୫ କି.ମି. ମାରାଥନ ଦୌଡ଼ ପ୍ରତିଯୋଗିତା ହୋଇଥିଲ। କ୍ରୀଡା ବିଭାଗ ଆବାହକ ରତନ ସିଂ ବାରିକ ଏବଂ ମହେଶ ଦଣ୍ଡସେନାଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ପ୍ରତିଯୋଗିତାରେ ଖଡ଼ିଆଳ ଥାନା ଅଧିକାରୀ ପ୍ରଦୀପ କୁମାର ଧରୁଆ ମୁଖ୍ୟଅତିଥି ଭାବେ ଯୋଗଦେଇ ସବୁଜ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। ପୁରୁଷ ବର୍ଗରେ ନୂଆପଡା ଜିଲା ସମେତ ପଡୋଶୀ ବଲାଙ୍ଗୀର ଏବଂ କଳାହାଣ୍ଡି ଜିଲା ୩୬ଜଣ ପ୍ରତିଯୋଗୀ ଭାଗ ନେଇଥିବା ବେଳେ ମହିଳା ବର୍ଗରେ ୧୦ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ପୁରୁଷ ବର୍ଗରେ କଳାହାଣ୍ଡି ଜିଲା ଧର୍ମଗଡ଼ର ନୀରିନ୍ଦ୍ର ଗହୀର ପ୍ରଥମ, ନୂଆପଡାର କେଦିନେଶ ରାଉତ ଦ୍ୱିତୀୟ ଏବଂ କେସିଙ୍ଗାର ନେତ୍ରମଣୀ ଶବର ତୃତୀୟ ସ୍ଥାନ ଅଧିକାର କରିଥିଲେ। ମହିଳା ବର୍ଗରେ ନୂଆପଡା ସଦର ବ୍ଲକ ଘୋମେରୀ ଗାଁର ଗୋଲାପ ରାଉତ ପ୍ରଥମ, ଖଡ଼ିଆଳ ବ୍ଲକ ଖୁଦପେଜ ଗାଁର ଧନମତି ମାଝି ଦ୍ୱିତୀୟ ଏବଂ ନୂଆପଡା ସଦର ବ୍ଲକ ହଳଦୀ ଗାଁର କେଶଲତା ପାଣ୍ଡେ ତୃତୀୟ ସ୍ଥାନ ଅଧିକାର କରିଥିଲେ। ମାରାଥନ ଦୌଡ଼ରେ ଆୟୋଜକ କମିଟି ସଭାପତି ଜିତେନ୍ଦ୍ର ନାଥ ପଟ୍ଟନାୟକ, ସମ୍ପାଦକ ସୁନୀଲ ସାହୁ, ଉପସଭାପତି ସୁଶାନ୍ତ ତାଣ୍ଡି, ପ୍ରଚାର ପ୍ରସାର କମିଟି ଆବାହକ ବିମଳ ସିଂ ଦଳପତି ପ୍ରମୁଖ ଉପସ୍ଥିତ ଥିବା ବେଳେ କ୍ରୀଡା କମିଟି ରାଜ କପୁର ବାରିକ, ପ୍ରଶାନ୍ତ ପ୍ରଧାନୀ, ତାପସ ପତି, ସୌରଭ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।

### ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ଅବ୍ୟବସ୍ଥା

ରିଷିଡ଼ା,୩୦।୧(ସୁଶାନ୍ତ ମଲ୍ଲିକ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ତେରେସିଂହା ପଞ୍ଚାୟତରେ ମଙ୍ଗଳବାର ପଞ୍ଚାୟତସ୍ତରୀୟ ଆମ ଓଡ଼ିଶା ନବୀନ ଓଡିଶା କାର୍ଯ୍ୟକ୍ରମରେ ଅବ୍ୟବସ୍ଥା ଘଟଣା ସାମ୍ନାକୁ ଆସିଛି। ଏଠାକୁ ଆସିଥିବା ଲୋକେ ଖାଇବାକୁ ନେଇ ଧସ୍ତାଧସ୍ତି ହୋଇଥିବା ଜଣାପଡ଼ିଛି। ପୂର୍ବରୁ ବ୍ଲକରେ କ୍ରୀଡା ଉତ୍ସବରେ ଦ୍ୱିତୀୟ ଦିନ ଗଜବାହଲ ଏବଂ ତୃତୀୟରେ ରିଞ୍ଜା ପଞ୍ଚାୟତ, ଚତୁର୍ଥ ଦିବରେ ତେରେସିଂହା ଖାଇବା ନ ମିଳିବାରୁ ଲୋକଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିବା ଦେଖିବାକୁ ମିଳିଛି। କାର୍ଯ୍ୟକ୍ରମରେ ଜିଲା ପରିଷଦ ମହେନ୍ଦ୍ର ରଣା, ରିଷିଡା ସରପଞ୍ଚ ସେବତୀ ରଣା, ସରଗୁଲ ମାଲପଡା ସରପଞ୍ଚ ବରୁଣ ଛତିଆଙ୍କ ସମେତ ଅନେକ ବ୍ୟକ୍ତି ଯୋଗଦେଇଥିଲେ। ସରପଞ୍ଚ ପ୍ରମୋଦ ସୁନାଙ୍କୁ ପଚାରିବାରୁ କାର୍ଯ୍ୟକ୍ରମରେ ଲୋକ କମ୍ ଥିଲେ କିନ୍ତୁ ଖାଇବା ସମୟରେ ଲୋକ ବଢ଼ିଯାଇଥିଲେ ଏବଂ କିଛି ବ୍ୟକ୍ତି ମଦପିଇ ତାଙ୍କତାଙ୍କ ମଧ୍ୟରେ ଖାଇବାକୁ ନେଇ ଠେଲାପେଲା ହୋଇଛନ୍ତି ବୋଲି କହିଛନ୍ତି। କିଛି ଲୋକମାନଙ୍କୁ ପଚାରିବାରୁ କମ୍ ମାତ୍ରାରେ ଖାଇବା ଆୟୋଜନ କରିଥିବାରୁ ଏଭଳି ପରିସ୍ଥିତି ଦେଖାଯାଇଛି ବୋଲି କହିଛନ୍ତି।

# ୮ବର୍ଷ ହେଲା ଖାଲିପାଦରେ ସମାଜସେବା



ଖାଲି ପଦାରେ ଲୋକଙ୍କ ସମସ୍ୟା ବୁଝୁଛନ୍ତି ରୋହିତ।

**ଚର୍ଚ୍ଚାରେ ଭାଜପା ଯୁବ ନେତା ରୋହିତ ଦୁର୍ଗା**

ଭବାନୀପାଟଣା,୩୦।୧(ଉତ୍ତମ କୁମାର ଦାଶ)

ଦିନେ ନୁହେଁ କି ୨ ଦିନ ନୁହେଁ ୮ ବର୍ଷ ଧରି ଖାଲି ପାଦରେ ସମାଜସେବା କରି ଏବେ ଚର୍ଚ୍ଚାକୁ ଆସିଛନ୍ତି କଳାହାଣ୍ଡି ଜିଲା ଭବାନୀପାଟଣା ସହରର ଭାଜପା ଯୁବ ନେତା ରୋହିତ ଦୁର୍ଗା। ପ୍ରତ୍ୟହ ଦିନ ବିଭିନ୍ନ ୱାର୍ଡ, ଗ୍ରାମକୁ ବୁଲି ଯେଉଁଠି ଲୋକଙ୍କ ସମସ୍ୟା ରହିଛି ସେଠାକୁ ପହଞ୍ଚି ତାଙ୍କ ସମସ୍ୟାର ସମାଧାନ ପାଇଁ ଚେଷ୍ଟା କରନ୍ତି। ବିଶେଷ କରି ଲୋକଙ୍କୁ ମେଡିକାଲ କାମରେ ସେ ସର୍ବଦା ସହାୟତା କରୁଥିବାବେଳେ ଗରିବ ଲୋକଙ୍କୁ ସରକାରୀ ସହାୟତା କେମିତି ମିଳିବ ସେ ନେଇ ପ୍ରଶାସନଠାରେ ଲଢେଇ କରନ୍ତି। ସେହିପରି ବିସ୍ଥାପିତ ଦୋକାନୀ ସଂଘର ନେତୃତ୍ୱ ନେଇ ଦୀର୍ଘ ମାସ ହେଲା ଦୋକାନ ଗୃହ ଯୋଗେଇବା ଦାବିରେ ବିଭିନ୍ନ ସମୟରେ ସେ ସ୍ଥାନୀୟ ପୌରପାଳିକା ସମ୍ମୁଖରେ ଆମରଣ ଅନଶନ, ଧାରଣା ଦେଇଥାନ୍ତି। ତାଙ୍କର ଏପରି ମାନବିକତା ଓ ସମାଜସେବା ପାଇଁ ଅନେକ ସମୟରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ତାଙ୍କୁ ସମ୍ମାନିତ କରାଯାଇଛି। ଆପଣଙ୍କ ସମସ୍ୟା ମୋ ସମସ୍ୟା, ଆପଣଙ୍କ ଲଢେଇ ମୋ ଲଢେଇ ବୋଲି ନିଜ ସଙ୍ଗଠନ କରିଥିବାବେଳେ ଏହାକୁ ସ୍ଥାନୀୟ ଲୋକମାନେ ମଧ୍ୟ ବେଶ ଗ୍ରହଣ କରୁଛନ୍ତି। ଏପରି ଜନହିତକର କାର୍ଯ୍ୟ ପାଇଁ ସେ ଏବେ ଭବାନୀପାଟଣା ନିର୍ବାଚନ ମଣ୍ଡଳୀରେ ଲୋକଙ୍କ ନିକଟତର ହୋଇପାରିଛନ୍ତି।

# ଦ୍ୱିତୀୟ ଦିନରେ କାର୍ଯ୍ୟନିର୍ବାହୀ ଅଧିକାରିଣୀଙ୍କ ବଦଳି ଦାବି ଗଣଧାରଣା

**ଆଜି କେସିଙ୍ଗା ସମ୍ପୂର୍ଣ୍ଣ ବନ୍ଦ**

କେସିଙ୍ଗା,୩୦।୧(ତୁମେଶ୍ୱର ସାହୁ)

କଳାହାଣ୍ଡି ଜିଲା କେସିଙ୍ଗା ଏନଏସି ନିର୍ବାହୀ ଅଧିକାରିଣୀଙ୍କ ମନମୁଖୀ କାର୍ଯ୍ୟକଳାପ ନେଇ ତାଙ୍କ ବଦଳି ଦାବିରେ ସହରବାସୀଙ୍କ ପକ୍ଷରୁ ଏନଏସି ସମ୍ମୁଖରେ ଚାଲିଥିବା ଗଣଧାରଣା ମଙ୍ଗଳବାର ଦ୍ୱିତୀୟ ଦିନରେ ପହଞ୍ଚିଛି। ପ୍ରଥମ ଦିନରେ ପୂର୍ବାହ୍ନ ୧୦ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଧାରଣା ଦିଆଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା କି ଜିଲା ପ୍ରଶାସନର ଉଚ୍ଚ କର୍ତ୍ତୃପକ୍ଷ ଆସିଲେ ନାହିଁ। ମଙ୍ଗଳବାର ପୁଣିଥରେ ଧାରଣା ପୂର୍ବାହ୍ନ ୧୦ଟାରୁ ସମୟରେ ଆରମ୍ଭ ହୋଇଥିଲା। ବିକାଶ ମଞ୍ଚ ପକ୍ଷରୁ ୩୧ ତାରିଖ ବୁଧବାର କେସିଙ୍ଗା ସହର ଅଚଳ କରି ଦିଆଯିବା ସହିତ ଏନଏଚ୨୬କୁ ସମ୍ପୂର୍ଣ୍ଣ ବନ୍ଦ କରାଯିବ ବୋଲି ବିକାଶ ମଞ୍ଚ ପକ୍ଷରୁ କୁହାଯାଇଛି। ସହରରେ ଡାକବାଜି ଯନ୍ତ୍ର ସାହାଯ୍ୟ ଓ ଚିଠି ମାଧ୍ୟମରେ ସମସ୍ତ ସରକାରୀ ବେସରକାରୀ କାର୍ଯ୍ୟାଳୟ ଓ ଶିକ୍ଷାନୁଷ୍ଠାନ ବନ୍ଦ କରି ଆନ୍ଦୋଳନରେ ସାମିଲ ହେବା ପାଇଁ ନିବେଦନ କରାଯାଇଛି। ଧାରଣାରେ ସବୁଦଳ କର୍ମକର୍ତ୍ତାମାନଙ୍କ ସମେତ ବିଜେଡି ନଗର ସଭାପତି ରମେଶ ପଟ୍ଟନାୟକ, ଯୁବ ନେତା ସିଲୁ ପରିଡ଼ାଙ୍କ ସମେତ ଅନେକ ସଂଘ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

# ସମ୍ବଲପୁରୀ ଗୀତରେ ନାଚିଲେ ବିଧାୟକ, ବିଡିଓ, ସରପଞ୍ଚ

**ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ**

କୋକସରା,୩୦।୧(ଦୁଷ୍ମନ୍ତ କୁମାର ପାଟଯୋଶୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ ମୂଷାପାଳି ପଞ୍ଚାୟତରେ ମଙ୍ଗଳବାର ନବୀନ ଓଡିଶା ସଚେତନତା କାର୍ଯ୍ୟକ୍ରମରେ ଧର୍ମଗଡ଼ ବିଧାୟକ ମୋକ୍ଷଧି ବାଗ, ବିଡିଓ ସ୍ନେହାପ୍ରଭା ମାଝି ଓ ସରପଞ୍ଚ ଅକ୍ଷୟ ନାଏକ ଲୋଇସିଙ୍ଗା ବଜାସାଲ କଳାକାରଙ୍କ ଏକଡା ଏକଡା ରା... ଗୀତର ତାଳରେ ତାଳ ମିଶାଇ ମଞ୍ଚରେ କଳାକାର ଓ ଉପସ୍ଥିତ ଜନସାଧାରଣଙ୍କ ସହ ନାଚୁଥିବା ଦେଖିବାକୁ ମିଳିଛି। ସରପଞ୍ଚ ଅକ୍ଷୟ ନାଏକଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଧର୍ମଗଡ଼ ବିଧାୟକ ବାଗ, ମୁଖ୍ୟବକ୍ତା ଭାବେ ବିଡିଓ ମାଝି, ସମ୍ମାନିତ ଅତିଥି ଭାବେ ମୋଟେର ଜୋନ ଜିଲା ପରିଷଦ ସଭ୍ୟା ବୈଜୟନ୍ତି ପୂଝାରୀ, ସମିତି ସଭ୍ୟା ଅଞ୍ଜନା ଦୁର୍ଗା, ନାଏବ ସରପଞ୍ଚ କୃଷ୍ଣା ମଞ୍ଜରୀ ସୁନାନୀ ପ୍ରମୁଖ ଉପସ୍ଥିତ ରହିଥିଲେ। ଓଡିଶା ରାଜ୍ୟର ବିକାଶ ପାଇଁ ବିଜେଡି ସରକାର ହିଁ ଏକମାତ୍ର ବିକଳ୍ପ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ମିଶନ ଶକ୍ତିର ମହିଳା କର୍ମଚାରୀ, ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା, ଅଙ୍ଗନୱାଡି କର୍ମୀଙ୍କ ସମେତ ସ୍ଥାନୀୟ ଗ୍ରାମବାସୀ ଉପସ୍ଥିତ ରହିଥିଲେ। ପିଇଓ ଦୁଷ୍ମନ୍ତ ସୁନାନୀ ଓ କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମରେ ବିଧାୟକ ନାଚୁଛନ୍ତି।

# ଧାନକିଣା ଅନିୟମିତତାର ସିବିଆଇ ତଦନ୍ତ ହେଉ

**କଳାହାଣ୍ଡି ଜିଲା ଭାଜପା କୃଷକ ମୋର୍ଚ୍ଚା**

- ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଉପଜିଲାପାଳଙ୍କୁ ଦାବିପତ୍ର

ଭବାନୀପାଟଣା/ବେହେରା,୩୦।୧ (ଉତ୍ତମ କୁମାର ଦାଶ/ଭୂପେଶ ତିୱାରୀ)

ରାଜ୍ୟରେ ଚାଷୀମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ସମାଧାନ ଓ ଧାନ କ୍ରୟରେ ହେଉଥିବା ଅନିୟମିତତାର ସିବିଆଇ ତଦନ୍ତ ଦାବି ନେଇ ମଙ୍ଗଳବାର କଳାହାଣ୍ଡି ଜିଲା ଭାଜପା କୃଷକ ମୋର୍ଚ୍ଚା ପକ୍ଷରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଭବାନୀପାଟଣା ଉପଜିଲାପାଳ ଡ଼. ବିଶ୍ୱଜିତ ଦାସଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ୨୦୧୪ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାଜପା ସରକାର କ୍ଷମତାକୁ ଆସିବା ପରେ ଚାଷୀଙ୍କ ଆୟ ଦ୍ୱିଗୁଣିତ କରିବା ପାଇଁ ଅନେକ କଲ୍ୟାଣକାରୀ ଯୋଜନା ପ୍ରଣୟନ କରିଛନ୍ତି। ଏହିସବୁ ଯୋଜନାରେ ଦେଶର ସମସ୍ତ ରାଜ୍ୟର ଚାଷୀମାନେ ଉପକୃତ ହେଉଥିବାବେଳେ ଓଡ଼ିଶାର ଚାଷୀମାନେ ଏଥିରୁ ବଞ୍ଚିତ ହେଉଛନ୍ତି। ରାଜ୍ୟରେ ବିଜେଡିର ୨୪ବର୍ଷ ଶାସନକାଳରେ ଦୁର୍ନୀତି ଓ ଶୋଷଣ, ଭ୍ରଷ୍ଟାଚାର ଚାଷୀଙ୍କ ଦୁଃଖ ବଢ଼ାଇ ଦେଇଛି। ଓଡିଶାକୁ ଆସୁଥିବା କୃଷକ କଲ୍ୟାଣକାରୀ ଯୋଜନାକୁ ଶାସନ ଓ ପ୍ରଶାସନ ଦ୍ୱାରା ଲୁଟ କରାଯାଉଛି। ଓଡ଼ିଶାରେ ଚଳିତ ଖରିଫ ଋତୁରେ ଧାନ କିଣାରେ ବ୍ୟାପକ ଦୁର୍ନୀତି ଓ ଅବ୍ୟବସ୍ଥା ଦେଖାଦେଇଛି। ମିଲର, ଶାସକ ଦଳ ନେତା ଓ ପ୍ରଶାସନ କଳର ସଲାସୁତୁରାରେ ଚାଷୀଙ୍କୁ ଶୋଷଣ କରାଯାଉଥିବାରୁ ଚାଷୀ ଆତ୍ମହତ୍ୟା କରିବାକୁ ବାଧ ହେଉଛି। ରାଜ୍ୟର ମଣ୍ଡିଗୁଡିକରେ ସରକାରଙ୍କ ପକ୍ଷରୁ ଧାନ କିଣା ସମୟରେ କୁଇଣ୍ଟାଲ ପିଛା ୫ ରୁ ୧୦ କିଲୋ କଟନୀ ଛଟଣୀ କରାଯାଉଛି। ଚାଷୀଙ୍କୁ ସୁତୁଲୀ ଓ ବସ୍ତା ଦିଆଯାଉନାହ। ମଣ୍ଡିରେ ଧାନ ଓଜନ କରିବା ଓ ଅନଲୋଡ଼ କରିବା ନାମରେ ଚାଷୀଠାରୁ କୁଇଣ୍ଟାଲ ପିଛା ୧୦ ଟଙ୍କା ଆଦାୟ କରାଯାଉଛି। ଓଡ଼ିଶାରେ ୯୮ଭାଗ ଧାନ ମଣ୍ଡିରେ ଭିତ୍ତିଭୂମି ନାହିଁ। ଧାନ ସୁରକ୍ଷିତ ରଖିବାକୁ ଗୋଦାମ ଘର, ପାଚେରୀ ଓ ଚାଷୀ ବିଶ୍ରାମ ଗୃହ ନାହିଁ। ରାଜ୍ୟପାଳ ତାଙ୍କ ସାମ୍ବିଧାନିକ କ୍ଷମତା ପ୍ରୟୋଗ କରି ଚାଷୀଙ୍କ ସମସ୍ୟା ସମାଧାନ କରିବା ଦିଗରେ ପଦକ୍ଷେପ ନେବା ଓ ଧାନ କିଣା ଦୁର୍ନୀତିର ସିବିଆଇ ତଦନ୍ତ କରିବାକୁ ଦାବି କରାଯାଇଛି। ଜିଲା ସଭାପତି କେଶରୀ ଦୁର୍ଗାଙ୍କ ନେତୃତ୍ୱରେ ଦାବିପତ୍ର ପ୍ରଦାନ ସମୟରେ ରାଜ୍ୟ ସମ୍ପାଦକ ମନୋଜ ସାହୁ, ସାଧାରଣ ସମ୍ପାଦକ ସୁଧୀର ମୁଣ୍ଡ, ଭାଜପା ନେତ୍ରୀ ଡ଼ ସୁନୀତି ମୁଣ୍ଡ, ବରିଷ୍ଠ ନେତା ଜୟ ଶଙ୍କର ନାୟକ, ସନ୍ତୋଷ ବିଶି, ଶୈଳ ପରିଡା, ବସନ୍ତ ପୁରୋହିତ, ଡୋଲାମଣି ନାୟକ ଓ ବିଭୀଷଣ ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଭାଜପା କୃଷକ ମୋର୍ଚ୍ଚା ପକ୍ଷରୁ ଧର୍ମଗଡ଼ ଉପଜିଲାପାଳଙ୍କୁ ସୁଶାନ୍ତ ବାଗ, ଯଶୋବନ୍ତ ପଣ୍ଡା, ଚନ୍ଦନ ପାତ୍ର, ବାଞ୍ଛାନିଧି ଯୋଶୀ, ଦୁଷ୍ମନ୍ତ କୁମାର ପଣ୍ଡା ପ୍ରମୁଖ ଦାବିପତ୍ର ଦେଇଥିଲେ।



ଭବାନୀପାଟଣା ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

# ଚାଷୀଙ୍କ ସନ୍ଦେହଜନକ ମୃତ୍ୟୁକୁ ନେଇ ଉତ୍ତେଜନା

- ହତ୍ୟା ଅଭିଯୋଗ ଆଣିଲେ ମୃତଚାଷୀଙ୍କ ପୁଅ
- ମୃତଦେହ ରଖି ଧାରଣା, ଅଭିଯୁକ୍ତଙ୍କ ଗିରଫ ଦାବି
- ମୃତ୍ୟୁ ପଛରେ ମହାଜନୀ ସୁଧ କାରବାର ଚର୍ଚ୍ଚା

ଭେଡ଼େନ,୩୦।୧(ସୁଦନ ମହାକୁର)

ବରଗଡ଼ ଜିଲା ଭେଡ଼େନ ଥାନା ଅର୍ନ୍ତଗତ ସାଲେପାଲି ଗ୍ରାମର ଜଣେ ଚାଷୀଙ୍କ ସନ୍ଦେହଜନକ ମୃତ୍ୟୁକୁ ନେଇ ଉତ୍ତେଜନା ପ୍ରକାଶ ପାଇଛି। ସୋମବାର ସନ୍ଧ୍ୟାରୁ ନିଖୋଜ ଥିବା ଚାଷୀ ସାଧୁ ସାହୁ(୪୭)ଙ୍କୁ ଗାଁର ଅନତି ଦୂର ଏକ କ୍ଷେତରୁ ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର ଓ ବୁର୍ଲାରେ ବିଳମ୍ବିତ ରାତିରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁକୁ ପରିବାର ଲୋକେ ସହଜରେ ଗ୍ରହଣ କରି ପାରୁନାହାନ୍ତି। ଚାଷ ପାଇଁ ଉଦ୍ଧାରରେ ଆଣିଥିବା ସାର ଓ କୀଟନାଶକ ବାବଦ ଟଙ୍କା ପରିଶୋଧ କରି ନ ପାରିବା କାରଣରୁ ତାଙ୍କ ବାପାଙ୍କୁ ହତ୍ୟା କରାଯାଇଥିବା ମୃତଚାଷୀଙ୍କ ପୁଅ ଆଶିଷ ଅଭିଯୋଗ ଆଣିଛନ୍ତି। ମଙ୍ଗଳବାର ବୁର୍ଲାରେ ବ୍ୟବଚ୍ଛେଦ ପରେ ମୃତଦେହ ପହଞ୍ଚିବା ପରେ ପରିବାର ଲୋକଙ୍କ ସହ ଗ୍ରାମର ବହୁ ଲୋକେ ଭେଡେନ ଥାନା ସମ୍ମୁଖରେ ଶବ ରଖି ଧାରଣାରେ ବସିଥିଲେ। ଘଟଣାର ନିରପେକ୍ଷ ତଦନ୍ତ ପୂର୍ବକ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ଦାବି କରିଥିଲେ। ଏହାକୁ ନେଇ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ଖବର ପାଇ ଉଜିଲାପାଳ କୁମାର ନାଗଭୂଷଣ, ଅତିରିକ୍ତ ଏସ୍‌ପି ତପନ କୁମାର ମହାନ୍ତି, ଏସ୍‌ଡ଼ିପିଓ ପଦାରବିନ୍ଦ ତ୍ରିପାଠୀ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। ମାତ୍ର ଏଥିରୁ କୌଣସି ସମାଧାନର ସୂତ୍ର ବାହାରି ପାରି ନ ଥିଲା। ଖବର ଲେଖା ହେବା ପର୍ଯ୍ୟନ୍ତ(ରାତି ୯.୩୦) ଧାରଣା ଜାରି ରହିଥିଲା।

ଅଭିଯୋଗ ଅନୁସାରେ, ଭେଡ଼େନ ଥାନା ଅରେଇଗୁଡ଼ି ପଞ୍ଚାୟତ ଅନ୍ତର୍ଗତ ସାଲେପାଲି ଗ୍ରାମର ସାଧୁ ଗତ ଖରିଫ ଚାଷ ପାଇଁ ଗ୍ରାମର ଜଣେ ସାହୁକାରଙ୍କ ପାଖରୁ ସାର ଓ କୀଟନାଶକ ଧାର ସୂତ୍ରରେ ଆଣିଥିଲେ । ମାତ୍ର ଧାନ ଫସଲ ଅମଳ ଠିକ୍ ନହେବାରୁ କରଜ ଶୁଝି ପାରି ନ ଥିଲେ। ଏଥିପାଇଁ ସାହୁକାର ସାଧୁଙ୍କ ଘରକୁ ଆସି ବାରମ୍ବାର ଧମକ ଚମକ ଦେଉଥିଲେ। ସୋମବାର ସନ୍ଧ୍ୟାରେ ସମ୍ପୃକ୍ତ ସାହୁକାର ଓ ଅନ୍ୟ ଜଣେ ଯୁବକ ସାଧୁଙ୍କ ଘରକୁ ଆସି ତାଙ୍କୁ ବଳପୂର୍ବକ ବାଇକରେ କୁଆଡ଼େ ନେଇଯାଇଥିଲେ। ରାତ୍ରି ସୁଦ୍ଧା ସାଧୁ ଘରକୁ ନ ଫେରିବାରୁ ତାଙ୍କ ପୁଅ ଆଶିଷ ଏବଂ କାକା ବିଭୀଷଣ ସମ୍ପୃକ୍ତ ସାହୁକାଙ୍କ ଘରକୁ ଯାଇ ପଚରା ଉଚରା କରିଥିଲେ। ହେଲେ ତାଙ୍କ ପାଖରୁ କୌଣସି ସନ୍ତୋଷଜନକ ଉତ୍ତର ମିଳି ନ ଥିଲା। ଓଲଟି ସାହୁକାର ସେମାନଙ୍କୁ କୁଆଡେ ଗାଲିଗୁଲଜ କରିଥିଲେ। ସେଠାରୁ ସେମାନେ ହତାଶ ହୋଇ ଫେରିବା ପରେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ। ବିଳମ୍ବିତ ରାତିରେ ଗାଁ ନିକଟ ଏକ ବିଲରୁ ସାଧୁଙ୍କୁ ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ବରପାଲି, ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଥିଲା। ମାତ୍ର ଚିକିତ୍ସାଧୀନ ଅବସ୍ଥାରେ ତାଙ୍କୁ ଡ଼ାକ୍ତର ମୃତ ଘୋଷଣା କରିଥିଲେ। ବେଆଇନଭାବେ କୀଟନାଶକ, ସାର, ଔଷଧ ବିକ୍ରି କରି ମହାଜନୀ କାରବାର କରି ମୋଟା ଅଙ୍କର ସୁଧ ଆଦାୟ କରି ଚାଷୀଙ୍କୁ ଶୋଷଣ କରାଯାଉଥିବା ଏତଲାରେ ଉଲ୍ଲେଖ କରାଯାଇଛି।



ଗ୍ରାମବାସୀ ମୃତଦେହ ରଖି ଥାନା ସମ୍ମୁଖରେ ଧାରଣାରେ ବସିଛନ୍ତି ।

# ଶିକ୍ଷା ଅଧିକାରୀଙ୍କ ସ୍କୁଲ ପରିଦର୍ଶନ

ବରଗଡ଼,୩୦।୧(ପ୍ରେମାନନ୍ଦ ଖମାରୀ)

ବରଗଡ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଜ୍ୟୋତିକାନ୍ତ ସାହୁ ମଙ୍ଗଳବାର ସ୍ଥାନୀୟ ରାଣାପ୍ରତାପ ସ୍କୁଲ ପରିଦର୍ଶନରେ ଯାଇ ପ୍ରାର୍ଥନା କ୍ଲାସରେ ଉପସ୍ଥିତ ହୋଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା କରାଯାଉଥିବା ସୃଜନଶୀଳତା କାର୍ଯ୍ୟକ୍ରମ ଦେଖି ଆହୁରି ଆକର୍ଷଣୀୟ କରିବା ପାଇଁ ପରାମର୍ଶ ଦେଇଥିଲେ। ରୂପାନ୍ତରିତ ହୋଇଥିବା ସ୍ମାର୍ଟ କ୍ଲାସରୁମ ପରିଦର୍ଶନ କରି ଛାତ୍ରୀଛାତ୍ରମାନଙ୍କ ସହିତ ସେ ଭାବ ବିନିମୟ କରିଥିଲେ । ଦଶମ ଶ୍ରେଣୀ ଛାତ୍ରୀଛାତ୍ର ଆଗକୁ ହେବାକୁ ଥିବା ମାଟ୍ରିକ ପରୀକ୍ଷା ପାଇଁ ନିଜକୁ କିପରି ପ୍ରସ୍ତୁତ କରୁଛନ୍ତି ସେ ବିଷୟରେ ପଚାରି ବୁଝିଥିଲେ । ପ୍ରଧାନଶିକ୍ଷକ ଓ ସହକାରୀ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଛାତ୍ରୀଛାତ୍ରଙ୍କ ଆବଶ୍ୟକତା ଅନୁସାରେ ଅତିରିକ୍ତ ସମୟ ପ୍ରଦାନ କରିଶିକ୍ଷାଦାନ କରିବା ପାଇଁପରାମର୍ଶ ଦେଇଥିଲେ। ପ୍ରଧାନଶିକ୍ଷକ ସୁଦୀପ କୁମାର ରଥ, ବିଜ୍ଞାନ ଶିକ୍ଷୟିତ୍ରୀ ନିଳୀମା ପ୍ରଧାନ, ଗଣିତ ଶିକ୍ଷୟିତ୍ରୀ ଜ୍ୟୋତି ବେହେରା ଓ ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ ।



ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସ୍କୁଲ ପରିଦର୍ଶନ କରୁଛନ୍ତି।

## ସଂକ୍ଷେପରେ

### ଦୁର୍ଘଟଣାରେ ବାଇକ୍ ଆରୋହୀ ମୃତ

**ସରଣ୍ଡା, ୩୦।୧(ଯୁଧିଷ୍ଠିର ମହାପାତ୍ର):** ବରଗଡ ଜିଲା ଅତାବିରା ଥାନା ଅନ୍ତର୍ଗତ ସରଣ୍ଡାରେ ମଙ୍ଗଳବାର ଏକ ବାଇକ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଗୁରୁତର ହୋଇଛନ୍ତି। ମୃତକ ହେଲେ ବରଗଡ ବ୍ଲକ ତୋର ଗ୍ରାମର ଦୀପକ ତାଣ୍ଡି(୧୮)। ସମ୍ବଲପୁର-ବରଗଡ ୫୩ ନମ୍ବର ଜାତୀୟ ରାଜପଥରେ ବାଇକ (ନଂ.ଓଡ଼ି ୧୭ଇ/୦୫୬୬)ରେ ସେ ଦୀପକ ତାଣ୍ଡି(୨୪)ଙ୍କ ସହ ଯାଉଥିବା ବେଳେ ସରଣ୍ଡା ମନ୍ଦିର ପାଖ ପୋଲ ଉପରେ ଦୁର୍ଘଟଣାର ଶିକାର ହୋଇଥିଲେ। ସେହି ରାସ୍ତାରେ ଯାଉଥିବା ଅନ୍ୟ ପଥଚାରୀ ଉଭୟଙ୍କୁ ଅତାବିରା ଡାକ୍ତରଖାନା ନେଇଥିଲେ। ହେଲେ ସେଠାରେ ୧୮ ବର୍ଷୀୟ ଦୀପକଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ । ଅନ୍ୟ ପଟେ ୨୪ ବର୍ଷୀୟ ଗୁରୁତର ଥିବା ଦୀପକଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଛି । ଅତାବିରା ପୋଲିସ ଦୁର୍ଘଟଣାଗ୍ରସ୍ତ ବାଇକ ଜବତ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଡାକ୍ତରଖାନା ପଠାଯାଇଛି ।

### ଆତ୍ମସୁରକ୍ଷା ଶିବିର

କୋକସରା,୩୦।୧(ଦୁଷ୍ମନ୍ତ କୁମାର ପାଙ୍ଗଯୋଶୀ)

କୋକସରା ବ୍ଲକ ଲଡୁଗାଁ ମାଧ୍ୟମିକ ଉଚ୍ଚ ବିଦ୍ୟାଳୟରେ ଆତ୍ମ ସୁରକ୍ଷା ଶିବିର ଉଦଯାପିତ ହୋଇଯାଇଛି। ଅଧ୍ୟାପିକା କଲ୍ୟାଣି ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ପ୍ରଶିକ୍ଷଣ ଶିବିରରେ ପ୍ରଶିକ୍ଷିକା ପ୍ରିୟ ଦର୍ଶନୀ ବେହେରା ଛାତ୍ରୀଙ୍କୁ ଆତ୍ମ ସୁରକ୍ଷାର ବିଭିନ୍ନ କଳା କୌଶଳ ଉପରେ ପ୍ରଶିକ୍ଷଣ ଦେଇଥିଲେ। ଉଦଯାପନୀରେ କଲେଜ ଅଧ୍ୟକ୍ଷ ଡ଼. ନିହାରକାନ୍ତ ପଣ୍ଡାଙ୍କ ସଭାପତିତ୍ୱରେ ବରିଷ୍ଠ ସାମାଜିକ କର୍ମୀ ପ୍ରଫୁଲ୍ଲ ଚନ୍ଦ୍ର ମାଝି ଯୋଗଦେଇ ଶିବିରରେ ଭାଗ ନେଇଥିବା ଛାତ୍ରୀ ଓ ପ୍ରଶିକ୍ଷିକାଙ୍କୁ ମାନପତ୍ର ଦେଇ ପୁରସ୍କୃତ କରିଥିଲେ।

# ଗ୍ରାମାଞ୍ଚଳ ଭିତ୍ତିଭୂମି ବିକାଶକୁ ଗୁରୁତ୍ୱ

ବରଗଡ଼,୩୦।୧(ପ୍ରେମାନନ୍ଦ ଖମାରୀ)

ସହରାଞ୍ଚଳର ସାମଗ୍ରିକ ବିକାଶ ସହିତ ଗ୍ରାମାଞ୍ଚଳର ଭିତ୍ତିଭୂମିକୁ ଆହୁରି ବିକଶିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରୟାସ ଜାରି ରହିଛି। ମୁଖ୍ୟମନ୍ତ୍ରୀଙ୍କ ଉଦ୍ୟମରେ ପ୍ରତି ଗ୍ରାମପଞ୍ଚାୟତର ଗମନାଗମନ, ଶିକ୍ଷା, ସାସ୍ଥ୍ୟ, ପାନୀୟଜଳ, ଜଳସେଚନ, କୃଷି, ବାଣିଜ୍ୟର ବିକାଶ ପାଇଁ ଆର୍ଥିକ ଅନୁଦାନ ଯୋଗାଇ ଦେଉଥିବାରୁ ବିକାଶ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଛି। ବରଗଡ଼ ବ୍ଲକ ବିରମାଲ ଗ୍ରାମରେ ଅନୁଷ୍ଠିତ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମରେ ବରଗଡ଼ ବିଧାୟକ ତଥା ଜିଲା ଯୋଜନା କମିଟି ଅଧ୍ୟକ୍ଷ ଦେବେଶ ଆଚାର୍ଯ୍ୟ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହା କହିଛନ୍ତି । ଏଥି ସହିତ ବିରମାଲଠାରେ ଗ୍ରାମାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରତିଷ୍ଠା, ବିରମାଲ ସ୍କୁଲ ରୂପାନ୍ତରଣ ସହିତ ଉକ୍ତ ପଞ୍ଚାୟତରେ ହୋଇଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟଗୁଡ଼ିକ ସମ୍ବନ୍ଧରେ ଆଲୋକପାତ କରି ବିକାଶର ପ୍ରାମାଣିକ ତଥ୍ୟ ଉପସ୍ଥାପନ କରିଥିଲେ। ନିର୍ବାଚନ ପାଖେଇ ଆସୁଥିବାରୁ ଜନସାଧାରଣଙ୍କ ପାଇଁ କିଛି କରି ନ ଥିବା ଓ ୫ବର୍ଷ ଦେଖା ଦର୍ଶନ ନ ଥିବା ବିଭିନ୍ନ ଦଳର ନେତୃମଣ୍ଡଳୀ ଆସି କୁମ୍ଭୀର କାନ୍ଦଣା କାନ୍ଦିବେ ସେଥିପ୍ରତି ସଚେତନ ରହିବା ପାଇଁ ସେ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥିଭାବେ ବରଗଡ଼ ବ୍ଲକ ଉପାଧ୍ୟକ୍ଷ ଉମେଶ ପଣ୍ଡା, ଏବିଡିଓ ପୁଷ୍ପାଞ୍ଜଳି ନାଏକ ଉପସ୍ଥିତ ରହି ଜନସଚେତନତା କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଏହି ପରିପ୍ରେକ୍ଷୀରେ ବରଗଡ଼ ବ୍ଲକ ଅନ୍ତର୍ଗତ ବିରମାଲଠାରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ସୁଷମା ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତା ଓ ସୂର୍ଯ୍ୟ କୁମାର ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ନିଲେଶର୍ ସରପଞ୍ଚ ନିରଞ୍ଜନ ମଲ୍ଲିକ, ଖୁଣ୍ଟପାଲି ସରପଞ୍ଚ ବେଲାଲସେନ ମେହେର, ଧାଙ୍ଗେର ସରପଞ୍ଚ ରିତୁରାଜ ବାଗ, ଯୁବନେତା ପ୍ରଫୁଲ୍ଲ ଭୋଇ, ଧର୍ମ ଭୋଇ, କ୍ଷୀରୋଦ୍ର ସାହୁ, ସନ୍ତୋଷ ସାହୁ, ସରସରା ପ୍ୟାକ୍ସ ସଭାପତି ଜୟଦେବ ଗଡତିଆ, ସ୍ଥାନୀୟ ପଞ୍ଚାୟତ ପ୍ରତିନିଧି ଏବଂ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ସ୍ଥାନୀୟ ପଞ୍ଚାୟତ ନିର୍ବାହୀ ଅଧିକାରୀ ପଞ୍ଚାୟତର ସମସ୍ତ ବିକାଶ କାର୍ଯ୍ୟଗୁଡ଼ିକର ହିସାବ ଉପସ୍ଥାପନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜଗନ୍ନାଥ ସଂସ୍କୃତି ସୁରକ୍ଷା, ନାରୀ ସଶକ୍ତୀକରଣ, କ୍ରୀଡ଼ା ଭିତ୍ତିଭୂମିର ବିକାଶ, ଗମନାଗମନ, ପାନୀୟଜଳ ଓ ସ୍କୁଲ ରୂପାନ୍ତରଣ ଭଳି ଉନ୍ନୟନମୂଳକ କାର୍ଯ୍ୟ ସମ୍ବନ୍ଧରେ ଜନସାଧାରଣଙ୍କୁ ଅବଗତ କରାଯାଇଥିଲା। ଏହି ଅବସରରେ ଆମ ପଞ୍ଚାୟତର ବିକାଶ ପୁସ୍ତିକାକୁ ଅତିଥିବୃନ୍ଦ ଉନ୍ମୋଚନ କରିଥିଲେ।



ଆମ ପଞ୍ଚାୟତର ବିକାଶ ପୁସ୍ତିକାକୁ ଅତିଥିବୃନ୍ଦ ଉନ୍ମୋଚନ କରୁଛନ୍ତି।

# ହରଭଙ୍ଗା ଲୋକ ମହୋତ୍ସବର ଚତୁର୍ଥ ସନ୍ଧ୍ୟା

ବୌଦ୍ଧ,୩୦।୧(ଅଜିତ କୁମାର ବାରିକ)

ସଂସ୍କୃତି ଓ ପରମ୍ପରାର ବାର୍ତ୍ତା ନେଇ ହରଭଙ୍ଗାଠାରେ ଚାଲିଥିବା ଦ୍ୱିତୀୟ ହରଭଙ୍ଗା ଲୋକ ମହୋତ୍ସବ, ପଲ୍ଲିଶ୍ରୀ ମେଳାର ମଙ୍ଗଳବାର ଥିଲା ଚତୁର୍ଥହରଭଙ୍ଗା ଲୋକ ମହୋତ୍ସବର ଚତୁର୍ଥ ସନ୍ଧ୍ୟା। ଢୋଲ , ନିଶାନ ଓ ତାସାରେ ଦୁଲୁକିଲା ମଞ୍ଚ । ଚତୁର୍ଥ ଦିବସ ସନ୍ଧ୍ୟାରେ ମହୋତ୍ସବ ପଡିଆରେ ଲୋକକଳା ଓ ସାଂସ୍କୃତିକ ପରିଷଦର ସଭାପତି ସୁବୋଧ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ସଭା ହୋଇଥିଲା । ଏଥିରେ ମୁଖ୍ୟଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷା ପ୍ରଭାସିନୀ ଦାସ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ହସ୍ତତନ୍ତ ବୟନ ଶିଳ୍ପ ଉପଦେଷ୍ଟା ସୌଭାଗ୍ୟ ନାୟକ, ହରଭଙ୍ଗା ବ୍ଲକ ଅଧ୍ୟକ୍ଷା ସ୍ନେହଲତା ପ୍ରଧାନ, ବିଜେଡିର ବୌଦ୍ଧ ବିଧାନସଭା ପର୍ଯ୍ୟବେକ୍ଷକ ଚିତ୍ତରଞ୍ଜନ କର୍ଣ୍ଣ , ହରଭଙ୍ଗା ସରପଞ୍ଚ ଏସ. ବେହେରା, ହରଭଙ୍ଗା ସମିତିସଭ୍ୟ ଚିତରଞ୍ଜନ ସେଠୀ, କୁଶଙ୍ଗ ସମିତସଭ୍ୟ କାହ୍ନୁଚରଣ ନାଥ , ମହାଲିକପଡା ସମିତି ସଭ୍ୟା ସୁଷମା ବେହେରା ଓ ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ ଶାଶ୍ୱତ ତ୍ରିପାଠୀ ମଞ୍ଚାସୀନ ଥିଲେ। ସାଂସ୍କୃତିକ ସନ୍ଧ୍ୟାରେ ପ୍ରଣାମ ଅନୁଷ୍ଠାନ ପକ୍ଷରୁ ନୃତ୍ୟ ଓ ଶାଶ୍ୱତ ତ୍ରିପାଠୀଙ୍କ ସମ୍ବଲପୁରୀ ଗୀତ ଦର୍ଶକଙ୍କୁ ଝୁମାଇଥିଲା । ମହୋତ୍ସବରେ ସମ୍ବଲପୁରୀ ବାଦ୍ୟ ଢୋଲ, ନିଶାନ ଓ ତାସାରେ ପୁରା ମଞ୍ଚ ଦୁଲୁକି ଉଠିଥିଲା ।

# ଯୁବ ଓଡ଼ିଶା ଉତ୍ସବ ଉଦ୍‌ଯାପିତ




ସଭାରେ ମଞ୍ଚାସୀନ ଅତିଥିମାନେ।

ବରପାଲି, ୩୦।୧(ଚିତ୍ତରଞ୍ଜନ ସାହୁ)

ବରଗଡ ଜିଲା ବରପାଲି ବ୍ଲକ ରେଶମ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନୂଆ-ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା ଆନୁକୂଲ୍ୟରେ ଆୟୋଜିତ ବିଶ୍ୱ ଓଡ଼ିଆ ସାହିତ୍ୟ ପ୍ରତିଯୋଗୀତାରେ ଆଲୋଚନାଚକ୍ର ଓ ଉଦ୍‌ଯାପନୀ ସଭା ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସଭାରେ କଲେଜ ଅଧ୍ୟକ୍ଷ ଅରୁଣ କୁମାର ପଣ୍ଡା ଅଧ୍ୟକ୍ଷତା କରିଥିଲେ। ଅଧ୍ୟାପକ ସତ୍ୟ ପ୍ରକାଶ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ମିଳିତ ଗ୍ରାମ ପଞ୍ଚାୟତ କଲେଜ ସରସରାର ଅଧ୍ୟକ୍ଷ ଗୋପାଳକୃଷ୍ଣ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ଜଗନ୍ନାଥ ସଂସ୍କୃତି ବିଷୟରେ ଉପାଦେୟ ତଥ୍ୟ ପ୍ରଦାନ କରିଥିଲେ। ସମ୍ମାନୀତ ଅତିଥିଭାବେ ଦଧିବାମନ କଲେଜ ଭଟଲିର ଓଡ଼ିଆ ଅଧ୍ୟାପକ ଶମ୍ଭୁନାଥ ଠାକୁର ଆଲୋଚକଭାବେ ଯୋଗଦେଇ ଓଡ଼ିଆ ସାହିତ୍ୟ ଓ ଜଗନ୍ନାଥ ସଂସ୍କୃତି ଉପରେ ବକ୍ତବ୍ୟ ରଖିଥିଲେ। ଅଧ୍ୟାପିକା ନିକିତା ସାହୁ ଓ ଛାତ୍ରୀଛାତ୍ରମାନେ ବିଷୟ ଉପସ୍ଥାପନା କରିଥିଲେ। ଏହାପରେ ପୁରସ୍କାର ବିତରଣ କରାଯାଇଥିଲା। ଏହି ସଭା ଆୟୋଜନରେ ଅଧ୍ୟାପକ ନରେଶ ଶତପଥୀ, ରବିନ୍ଦ୍ର କୁମାର ସାହୁ, ପ୍ରହଲ୍ଲାଦ ତ୍ରିପାଠୀ, ନୀତେଶ ପଧାନ, ଅଧ୍ୟାପିକା ନମିତା ପ୍ରଧାନ, କାଜଲ ପ୍ରଧାନ ସହଯୋଗ କରିଥିଲେ।

# ପଦ୍ମଶ୍ରୀ ଭାଗବତ ପ୍ରଧାନଙ୍କୁ ସମ୍ବର୍ଦ୍ଧନା

ବରପାଲି, ୩୦।୧(ଚିତ୍ତରଞ୍ଜନ ସାହୁ)

ପଦ୍ମଶ୍ରୀ ପୁରସ୍କାର ଘୋଷିତ ବରଗଡ ଜିଲା ବରପାଲି ନିକଟସ୍ଥ କୁମ୍ଭାରୀ ଗ୍ରାମର ବିଶିଷ୍ଟ ଶବ୍ଦ ନୃତ୍ୟଗୁରୁ ଭାଗବତ ପ୍ରଧାନଙ୍କୁ ମଙ୍ଗଳବାର ସମ୍ବର୍ଦ୍ଧିତ କରାଯାଇଛି। ବ୍ଲକ ପ୍ରଶାସନ ଓ ବରପାଲି ସାମ୍ବାଦିକ ସଂଘ ମିଳିତ ଆନୁକୂଲ୍ୟରେ ବ୍ଲକ ସଭାଗୃହରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ବିଡ଼ିଓ ପ୍ରସନ୍ନ କୁମାର ପାଣ୍ଡେ ଅଧ୍ୟକ୍ଷତା କରିଥିଲେ। ସଭାରେ ମନ୍ତ୍ରୀ ରୀତା ସାହୁ, ବ୍ଲକ ଅଧ୍ୟକ୍ଷା ରୀନା ଥଇତ, ପୂର୍ବତନ ବରଗଡ ଲୋକ ସଭ ସଦସ୍ୟ ଡକ୍ଟର ପ୍ରଭାସ କୁମାର ସିଂହ ଉପସ୍ଥିତ ରହି ପଦ୍ମଶ୍ରୀ ପ୍ରଧାନଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ବିଶିଷ୍ଟ କଳାକାର ଭୁବନ ଭୋଇ, ଡାକ୍ତର ପ୍ରଣବ ପଟ୍ଟନାୟକ, ଡାକ୍ତର ରାଜେଶ ବେହେରା, ବିଇଓ ମୁକୁନ୍ଦ ମାହାର, ସିଡିପିଓ ସଂଯୁକ୍ତା ଲେଙ୍କା, ଟୀକାୟତ ମହନ୍ତମ, ସାମ୍ବାଦିକ ସଂଘ ସଭାପତି ଚିତ୍ତରଞ୍ଜନ ସାହୁ, ମୋହନ ପ୍ରଧାନ, ସାହେବ ପାଣ୍ଡେ, ଜିଲା ପରିଷଦ ସଭ୍ୟ ଗୋବିନ୍ଦ ସାହୁ ପ୍ରମୁଖ ତାଙ୍କ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ବାଲକିଶୋର ଖାଡଙ୍ଗା ସଂଯୋଜନା କରିଥିଲେ। ଏହି ସମ୍ବର୍ଦ୍ଧନା ସଭାରେ ବହୁ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।



ନୃତ୍ୟଗୁରୁ ଭାଗବତ ପ୍ରଧାନଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରୁଛନ୍ତି।

# ମହିଳାଙ୍କ ଆତ୍ମହତ୍ୟା

ବାଉଁଶୁଣୀ,୩୦।୧(ଦେବାଶିଷ ନେପାକ)

ବୌଦ୍ଧ ଜିଲା ବାଉଁଶୁଣୀ ଥାନା ହିଲୁଙ୍ଗ ଗ୍ରାମର ଜଣେ ମହିଳା ଆତ୍ମହତ୍ୟା କରିଥିବା ଜଣାଯାଇଛି । ମିଳିଥିବା ସୂଚନା ଅନୁଯାୟୀ, ହିଲୁଙ୍ଗ ଗ୍ରାମର କର୍ପୁର ମଲ୍ଲିକ (୫୦) କୌଣସି କାରଣରୁ ବିଷପାନ କରିଥିଲେ । ପରିବାର ଲୋକେ ଏହା ଜାଣିବା ପରେ ତାଙ୍କୁ ତୁରନ୍ତ ବାଉଁଶୁଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଖବର ପାଇ ବାଉଁଶୁଣୀ ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରିବା ସହ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି । ମୃତଦେହ ବ୍ୟବଚ୍ଛେଦ ପାଇଁ ବୌଦ୍ଧ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି । ମହିଳା ଜଣକ କୌଣସି ଏକ ବ୍ୟାଙ୍କରୁ ଋଣ ଆଣିଥିଲେ । କିନ୍ତୁ ଟଙ୍କା ଦେଇ ନ ପାରିବାରୁ ସେ ବିଷ ପିଇ ଦେଇଥିବା ଚର୍ଚ୍ଚା ହେଉଛି ।

# ବିଷମୁକ୍ତ କୃଷି ପାଇଁ ସଚେତନତା

ସୋହେଲା, ୩୦।୧(ଅଶ୍ୱିନୀ କୁମାର ପାତ୍ର)

ବରଗଡ ଜିଲାରେ ଚାଷ ପାଇଁ ବହୁଳ ରାସାୟନିକ ସାର ଏବଂ କୀଟନାଶକ ପ୍ରୟୋଗ ହେଉଛି। ଏଥିଯୋଗୁ ଖାଦ୍ୟ ବିଷାକ୍ତ ହୋଇ ମାରତ୍ମକ କର୍କଟ ରୋଗ କାୟା ବିସ୍ତାର କରୁଛି। ଏ ନେଇ ସଚେତନତା ସୃଷ୍ଟି ସହ ବିଷମୁକ୍ତ କୃଷି ପାଇଁ ଜିଲା କୃଷି ଅଧିକାରୀ ଅମିୟ କୁମାର ସାହୁଙ୍କ ପ୍ରୟାସରେ ଗତ ୨୮ ତାରିଖ ବିଶ୍ୱ ମୃତ୍ତିକା ସଂରକ୍ଷଣ ଦିବସରୁ ଏକ ବିଶେଷ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ସୋହେଲା ବ୍ଲକ କୃଷି ବିଭାଗ ପକ୍ଷରୁ ରାସାୟନିକ ସାରର ବିକଳ୍ପ ଭାବେ ଜୈବ ଅଘଟଣକାରୀ ପ୍ରସ୍ତୁତ କରାଯାଇ ଏହାର ବହୁଳ ବ୍ୟବହାର ପାଇଁ ଚାଷୀଙ୍କୁ ସଚେତନ କରାଯାଇଛି। ବାଉସେନମୁରା ଗାଁରେ କୃଷି ବିଭାଗ କନିଷ୍ଠ ଯନ୍ତ୍ରୀ ମାଣିଆ ମିର୍ଦ୍ଧା ଏହି ଦ୍ରବଣ ପ୍ରସ୍ତୁତି ବିଧି ଚାଷୀମାନଙ୍କୁ ଶିଖାଇଥିଲେ। ଏଥିପାଇଁ ଆବଶ୍ୟକ ମଦର କଲଚର ବଣ୍ଟନ କରିଥିଲେ। ସୋହେଲା ଅତିରିକ୍ତ କୃଷି ଅଧିକାରୀ ଅଭିଷେକ ଅଗ୍ରୱାଲ, ଘେଁସ ଅତିରିକ୍ତ କୃଷି ଅଧିକାରୀ ଆଦର୍ଶ କୁମାର ସାହୁ ଏହି ପ୍ରଣାଳୀରେ ମାଟିର ଉର୍ବରତା ଅଧିକ ଦିନ ପର୍ଯ୍ୟନ୍ତ ରହିବ ବୋଲି ଚାଷୀଙ୍କୁ ବୁଝା ଯାଇଥିଲା। ସୋହେଲା କୃଷି କାର୍ଯ୍ୟାଳୟରେ ଅନ୍ୟ ଏକ କାର୍ଯ୍ୟକ୍ରମରେ ବ୍ଲକ କୃଷି ଅଧିକାରୀ ନିତାଞ୍ଜଳି ବିଶି ନେତୃତ୍ୱ ନେଇଥିଲେ। ଏଥିରେ ବ୍ଲକର ସବୁ ଗ୍ରାମସେବକ ଉପସ୍ଥିତ ଥିଲେ।



ବାଉସେନମୁରାରେ ରାସାୟନିକ ସାରର ବିକଳ୍ପ ଜୈବ ଅଘଟଣକାରୀ ପ୍ରସ୍ତୁତ ତାଲିମ ଦିଆଯାଉଛି।

# ୩୦୦ ୟୁନିଟ୍ ପର୍ଯ୍ୟନ୍ତ ମାଗଣା ବିଦ୍ୟୁତ୍ ଦିଅ

- ତହସିଲ ଅଫିସ ଘେରିଲେ ଚାଷୀ
- ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୬ଦଫା ଦାବିପତ୍ର

ପାଇକମାଳ, ୩୦।୧(ବଡ ଶତପଥୀ)

ବରଗଡ ଜିଲା ଜୟ କିଶାନ ଆନ୍ଦୋଳନ ପାଇକମାଳ ଶାଖା ପକ୍ଷରୁ ମଙ୍ଗଳବାର ସ୍ଥାନୀୟ ତହସିଲ ଅଫିସ ଘେରାଉ କରାଯାଇଥିଲା। ସେଠାରେ ଅନୁଷ୍ଠିତ ବିକ୍ଷୋଭ ସମାବେଶରେ ଚାଷୀ ନେତାମାନେ ସରକାରଙ୍କ ଚାଷୀମାରଣ ନୀତିର ତୀବ୍ର ସମାଲୋଚନା କରିଥିଲେ। ବିଦ୍ୟୁତ୍ ବିତରକ କମ୍ପାନୀର ବିଲ୍‌ରେ ଲୁଟ୍ ଚାଷୀଙ୍କ ଉପରେ କୋରଡା ମାଡ ସଦୃଶ ହେଉଛି ବୋଲି କହିଥିଲେ। ଏଣୁ ବିଜୁଳି ବିଲ୍ ଛାଡ଼ ଓ ଚାଷୀଙ୍କୁ ୩୦୦ ୟୁନିଟ ପର୍ଯ୍ୟନ୍ତ ମାଗଣା ବିଦ୍ୟୁତ୍ ଯୋଗାଣ, ଅଙ୍ଗ ନଦୀରେ ବ୍ୟାରେଜ ନିର୍ମାଣ କରି ଚାଷ ଜମିକୁ ଜଳସେଚନ କରାଯିବା, ଅଦିନିଆ ବର୍ଷାରେ କ୍ଷତିଗ୍ରସ୍ତ ଚାଷୀଙ୍କୁ ବୀମା ଓ ଇନପୁଟ ସବସିଡ଼ି ପ୍ରଦାନ, ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୩୫୦୦ଟଙ୍କା କରାଯିବାକୁ ଦାବି କରାଯାଇଥିଲା। ବିଶ୍ୱନାଥ ରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବିକ୍ଷୋଭ ସମାବେଶରେ ଓଡ଼ିଶା କୃଷକ ସଂଗଠନ ସମନ୍ୱୟ ସମିତି କୃଷକ ନେତା ଲିଙ୍ଗରାଜ, ରାହସବିହାରୀ ସାହୁ, ବାଳକ୍ରିଷ୍ଣା ସାହୁ, ତ୍ରିଲୋଚନ ସାହୁ, ଶିବପ୍ରସାଦ ପ୍ରଧାନ, ସୁଶୀଲ ସାହୁ, ହର ବଣିଆ, ମିନିଷ୍ଟର ବାରିକ, ଚାଷୀ ଗୁପତରାମ ବାରିକ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଚାଷୀମାରଣ ନୀତି ଅବ୍ୟାହତ ରହିଲେ ଆଗାମୀ ନିର୍ବାଚନରେ ଚାଷୀମାନେ ଏହାର ଠିକଣା ଜବାବ ଦିଅନ୍ତୁ ବୋଲି ଚାଷୀ ନେତାମାନେ ଆହ୍ୱାନ ଦେଇଥିଲେ। ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ତହସିଲଦାର ସିନ୍ଧୁସୂତା ପାତ୍ରଙ୍କୁ ୬ଦଫା ସମ୍ମିଳିତ ଦାବୀପାତ୍ର ଚାଷୀମାନେ ପ୍ରଦାନ କରିଥିଲେ। ଏଥିପୂର୍ବରୁ ଏକ ଶୋଭାଯାତ୍ରାରେ ଚାଷୀମାନେ ପାଇକମାଳରୁ ତହସିଲ ଅଫିସ ପର୍ଯ୍ୟନ୍ତ ଯାଇଥିଲେ ।




ଚାଷୀମାନେ ତହସିଲ ଅଫିସ ଅଭିମୁଖେ ରାଲିରେ ଯାଉଛନ୍ତି।

## ସଂକ୍ଷେପରେ

### ପୋଖରୀ ହୁଡ଼ାରୁ ମୋଟର ପାଣି ପମ୍ପ ଚୋରି

**ବଡ଼ଗାଁ, ୩୦।୧(ଅଶୋକ ଷଡ଼ଙ୍ଗୀ):** ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅଞ୍ଚଳରେ ଅଧିକାଂଶ ଦିନ ଛୋଟ ବଡ଼ ଚୋରି ହେଉଥିବା ଦେଖାଯାଉଛି। ଚୋରମାନେ ଚାଷୀମାନଙ୍କ ବିଭିନ୍ନ ଉପକରଣ ନେଇ ଯାଉଛନ୍ତି। ଗତ କିଛି ମାସ ହେଲା ଏଭଳି ଚୋରି ବଢ଼ିଥିବା ଲକ୍ଷ୍ୟ କରାଯାଇଛି। ସୋମବାର ରାତିରେ ପଟୁଆବେଡା ଗ୍ରାମର ଦଶରଥ ବେହେରାଙ୍କ ବାଡି ନିକଟ ପୋଖରୀ ହିଡରେ ଜଳସେଚନ ପାଇଁ ରଖାଯାଇଥିବା ଏଚପି ମୋଟର ପମ୍ପକୁ ଚୋରମାନେ ନେଇଯାଇଥିବା ସେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଅଭିଯୋଗ ପାଇବା ପରେ ଘଟଣାସ୍ଥଳକୁ ଯାଇ ତଦନ୍ତ ଆରମ୍ଭ କରିଛି।

### ଖଣି ପରିସର ପାଣିରୁ ଯୁବକଙ୍କ ମୃତଦେହ ଜବତ

**କୁତ୍ରା, ୩୦।୧(ଦେବାଶିଷ ସାହୁ):** ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ ଲାଞ୍ଜିବେରନାଠାରେ ଅବସ୍ଥିତ ଡିସିବିଏଲ ଚୂନପଥର ଖଣି ପରିସରରେ ପାଣିରୁ ମଙ୍ଗଳବାର ସକାଳେ ଜଣେ ଯୁବକଙ୍କ ମୃତଦେହ ପୋଲିସ ଜବତ କରିଛି। ମୃତକ ଜଣକ ହେଉଛନ୍ତି ଲାଞ୍ଜିବେରନା ପେଲକାପଡାର ତେଲେଙ୍ଗା କୁଜୁର (୪୨)। ଘଟଣାରୁ ଜଣାପଡିଛି ଯେ, ତେଲେଙ୍ଗା ଉକ୍ତ ଚୂନପଥର ଖଣିରେ ଅସ୍ଥାୟୀ ସୁରକ୍ଷା କର୍ମଚାରୀ ଭାବେ କାର୍ଯ୍ୟ କରୁଥିଲେ। ଗତ ତିନି ଦିନ ତଳେ ସେ କାର୍ଯ୍ୟ କରିବାକୁ ଯାଇ ଘରକୁ ଫେରି ନ ଥିଲେ। ଘର ଲୋକେ ତାଙ୍କୁ ଖୋଜାଖୋଜି କରିଥିଲେ ହେଁ ତାଙ୍କ ଖୋଜଖବର ପାଇ ନ ଥିଲେ। ସକାଳୁ ତାଙ୍କ ମୃତଦେହ ଖଣିର ଜଳାଶୟରେ ଭାସୁଥିବା ଦେଖିବାକୁ ମିଳିଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଛି। ଏନେଇ ତଦନ୍ତ ଜାରି ରହିଛି। ଅନ୍ୟପକ୍ଷରେ ମୃତ ତେଲେଙ୍ଗା ସେହି ଖଣିରେ କାର୍ଯ୍ୟ କରୁଥିବା ଏବଂ ଖଣି ପରିସର ଜଳାଶୟରୁ ମୃତଦେହ ମିଳିଥିବାରୁ ପରିବାର ସଦସ୍ୟ କ୍ଷତିପୂରଣ ଦାବି କରୁଛନ୍ତି। କ୍ଷତିପୂରଣ ନେଇ କୌଣସି ସିଦ୍ଧାନ୍ତ ହୋଇ ନ ଥିବାରୁ ମୃତଦେହ ବ୍ୟବଚ୍ଛେଦ ହୋଇପାରି ନାହିଁ। ରାଜଗାଙ୍ଗପୁର ମର୍ଗ ହାଉସରେ ମୃତଦେହ ରଖାଯାଇଛି।

### ବ୍ରହ୍ମାନନ୍ଦ ପଣ୍ଡାଙ୍କ ଶ୍ରାଦ୍ଧୋତ୍ସବ ପାଳିତ

**ରାଜଗାଙ୍ଗପୁର, ୩୦।୧(ଅଶୋକ ପାଣି)**

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁରର ଲିପଲୋଇସ୍ଥିତ ନୀଳଚକ୍ର ଅନୁଷ୍ଠାନ ପକ୍ଷରୁ ନୀଳଚକ୍ରର ପ୍ରତିଷ୍ଠାତା, ଆଇନଜୀବୀ ତଥା ପୂର୍ବତନ ସାଂସଦ ବ୍ରହ୍ମାନନ୍ଦ ପଣ୍ଡାଙ୍କ ୧୫ତମ ଶ୍ରାଦ୍ଧୋତ୍ସବ ପାଳିତ ହୋଇଯାଇଛି। ରାଜଗାଙ୍ଗପୁର ନୀଳଚକ୍ର ଶାଖାର ସଭାପତି ତଥା ପୂର୍ବତନ ପୌରାଧ୍ୟକ୍ଷ ଶଶିରେଖା ସାମଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଲିପଲୋଇ ନଦୀରେ ତିଳତର୍ପଣ କରିବା ସହ, ଶାଖାରେ ଥିବା ବହ୍ମାନନ୍ଦଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ସହରର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇ ବହ୍ମାନନ୍ଦଙ୍କ ସ୍ମୃତିଚାରଣ କରିଥିଲେ।

### କୁଆଁରମୁଣ୍ଡା ଲ୍ୟାମ୍ପସ୍‌ର ବାର୍ଷିକ ସାଧାରଣ ବୈଠକ

**କୁଆଁରମୁଣ୍ଡା,୩୦।୧(ମହେନ୍ଦ୍ର କୁମାର ସାହୁ):** ସୁନ୍ଦରଗଡ ଜିଲା କୁଆଁରମୁଣ୍ଡା ବୃହତ୍ତକର ବହୁମୁଖି ଆଦିବାସୀ ସମବାୟ ସମିତି (ଲ୍ୟାମ୍ପ୍ସ)ର ୪୫ ତମ ବାର୍ଷିକ ସାଧାରଣ ବୈଠକ ସୋମବାର ମନ୍ଦିରା ଡ୍ୟାମ ନିକଟରେ ଅନୁଷ୍ଠିତ ହୋଇଥିଲା। ଲ୍ୟାମ୍ପସ ସଭାନେତ୍ରୀ ସିଲୱାନ୍ତି ଏକାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ୨୦୨୨-୨୩ ଆର୍ଥିକ ବର୍ଷର ଆୟବ୍ୟୟ ହିସାବର ଅନୁମୋଦନ ହୋଇଥିଲା। ଏହା ସହ ୨୦୨୪-୨୫ ବର୍ଷ ପାଇଁ ବିଜିନେସ ଡେଭଲପମେଣ୍ଟ ପ୍ଲାନ ପ୍ରସ୍ତୁତି, ୨୦୨୪-୨୫ ବର୍ଷର ବଜେଟ ପ୍ରସ୍ତୁତି, ଲ୍ୟାମ୍ପସର କମ୍ପ୍ୟୁଟରୀକରଣ, ନୂତନ ୪ଟି ଲ୍ୟାମ୍ପସର ଗୃହ ନିର୍ମାଣ ନିମନ୍ତେ ୩୦ ଲକ୍ଷ ୮୬ ହଜାର ଅର୍ଥ ମଞ୍ଜୁର, ଲ୍ୟାମ୍ପସ ମାଧ୍ୟମରେ ପେଟ୍ରୋଲ, ଡିଜେଲ ପମ୍ପ ନିର୍ମାଣ, ଚାଷୀମାନଙ୍କ ବଳକା ଧାନ ସଂଗ୍ରହ ଇତ୍ୟାଦି ବିଷୟରେ ଲ୍ୟାମ୍ପସ୍ ପରିଚାଳନା ନିର୍ଦ୍ଦେଶକ ରଣଜିତ ଲାକ୍ରାଙ୍କ ଦ୍ୱାରା ଆଗତ ପ୍ରସ୍ତାବ ସର୍ବସମ୍ମତି କ୍ରମେ ଅନୁମୋଦନ ଲାଭ କରିଥିବା ଜଣାପଡିଛି। ଏହି ବାର୍ଷିକ ବୈଠକରେ ଲ୍ୟାମ୍ପସର ୧୪ ଜଣ ନିର୍ଦ୍ଦେଶକଙ୍କ ସହ ୩୫୦ରୁ ଉର୍ଦ୍ଧ୍ୱ ଚାଷୀ ଉପସ୍ଥିତ ଥିଲେ।

# ଆଇଏସ୍‌ଏସ୍ ପାଇଲେ ସୁନ୍ଦରଗଡ଼ର ପ୍ରତୀକ

**ସୁନ୍ଦରଗଡ଼/ବାଲିଶଙ୍କରା,୩୦।୧ (ଜୟନାରାୟଣ ମେଣ୍ଡୁଲି/ହୃଦାନନ୍ଦ ବାରିକ)**


ପ୍ରତୀକଙ୍କୁ ସମ୍ବର୍ଦ୍ଧନା ଦିଆଯାଇ ଶୋଭାଯାତ୍ରାରେ ପାଛୋଟି ନିଆଯାଉଛି।

ୟୁପିଏସ୍‌ସି ଦ୍ୱାରା ପରିଚାଳିତ ଭାରତୀୟ ପରିସଂଖ୍ୟାନ ସେବା (ଆଇଏସ୍‌ଏସ୍) ପରୀକ୍ଷାରେ ସୁନ୍ଦରଗଡ଼ର ପୁଅ ପ୍ରତୀକ ନାଏକ(୨୬) ସଫଳତା ହାସଲ କରିଛନ୍ତି। ସୁନ୍ଦରଗଡ଼ ଜିଲା ଟାଙ୍ଗରପାଲି ବ୍ଲକ ବେଲସରା ନୂଆପଡ଼ାର ମୂଳବାସିନ୍ଦା ତଥା ବର୍ତ୍ତମାନ ବାଲିଶଙ୍କରା ବ୍ଲକ ନୂଆପଡ଼ାର ପ୍ରତୀକ ନାଏକ ସର୍ବଭାରତୀୟ ସ୍ତରରେ ଅଷ୍ଟମ ସ୍ଥାନରେ ରହି ଓଡ଼ିଶାରୁ ଏକମାତ୍ର ପରୀକ୍ଷାର୍ଥୀ ଭାବେ ରାଜ୍ୟ, ଜିଲା ତଥା ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି। ଶିକ୍ଷକ ଜୟବିହାରୀ ନାଏକ ଓ ଶିକ୍ଷୟିତ୍ରୀ ପ୍ରତିମା ଚୌଧୁରୀଙ୍କ ଏକମାତ୍ର ପୁଅ ହେଉଛନ୍ତି ପ୍ରତୀକ। ବାଲିଶଙ୍କରା ଶିଶୁ ମନ୍ଦିରରୁ ପ୍ରାଥମିକ ଶିକ୍ଷା ଗ୍ରହଣ କଲା ପରେ ଲେଫ୍ରିପଡା ବ୍ଲକ ଗିରିଙ୍ଗକେଲା କେସିପି ଉଚ୍ଚ ବିଦ୍ୟାଳୟରେ ଅଧ୍ୟୟନ କରି ମାଟ୍ରିକ ଟପ୍ପର ହୋଇଥିଲେ। ତା'ପରେ ଭୁବନେଶ୍ୱରର ପ୍ରତୀକ ସାଇନ୍ସ କଲେଜରେ ଯୁକ୍ତ ଦୁଇ ପଢିଥିଲେ। ବକସି ଜଗବନ୍ଧୁ ବିଦ୍ୟାଧର(ବିଜେବି) ସ୍ୱୟଂଶାସିତ କଲେଜରେ ଯୁକ୍ତ ତିନି ଏବଂ ବନାରସ ହିନ୍ଦୁ ୟୁନିଭର୍ସିଟି (ବିଏଚୟୁ)ରେ ପୋଷ୍ଟ ଗ୍ରାଜୁଏଟ ସାରି ଲକ୍ଷ୍ନୌରେ ଆଇଏସ୍‌ଏସ୍ କୋଚିଂ କରିଥିଲେ। ତାଙ୍କର ଏହି କୃତିତ୍ୱ ପ୍ରଭୁ ଜଗନ୍ନାଥଙ୍କ ସହ ମା' ବାପା ଏବଂ ଶିକ୍ଷା ଗ୍ରହଣ କରିଥିବା ବିଭିନ୍ନ ଶିକ୍ଷା ଅନୁଷ୍ଠାନର ଗୁରୁଜୀ ଓ ଗୁରୁମାଙ୍କ ଆଶୀର୍ବାଦ ଯୋଗୁ ହୋଇଛି। ସେ ତାଙ୍କର ସଫଳତାର ଶେୟ ଏମାନଙ୍କୁ ଦେଇଛନ୍ତି। ବାଲିଶଙ୍କରା ଶିଶୁ ମନ୍ଦିରରେ ପ୍ରାଥମିକ ଶିକ୍ଷା ଗ୍ରହଣ କରୁଥିବା ସମୟରୁ ହିଁ ତାଙ୍କର ପ୍ରତିଭା ଜଣାପଡ଼ିଥିଲା। ସେ ପିଲାଟି ଦିନରୁ ବିଭିନ୍ନ ତର୍କ ପ୍ରତିଯୋଗିତା, ବହି ପଢ଼ିବା, ପ୍ରବନ୍ଧ ଲିଖନ ଇତ୍ୟାଦିରେ ଭାଗ ନେଇ ପୁରସ୍କୃତ ହୋଇଛନ୍ତି। ଘର ବଗିଚାରେ ଫୁଲଫଳଗଛ ରୋପଣ ଏବଂ ଖବରକାଗଜ ପଢ଼ିବା ତାଙ୍କ ରୁଚି ରହିଥିଲା। ଯେଉଁ ଶିକ୍ଷା ଅନୁଷ୍ଠାନଗୁଡିକରେ ଅଧ୍ୟୟନ କରୁଥିଲେ ତାଙ୍କ ଶାନ୍ତ ସରଳ ମନୋଭାବକୁ ଦେଖି ଶିକ୍ଷୟିତ୍ରୀ ଶିକ୍ଷକ ତଥା ସାଙ୍ଗ ସାଥୀ ମଧ୍ୟ ବେଶ ପ୍ରଶଂସା କରୁଥିଲେ। ଜାନୁଆରୀ୨୪ରେ ଏହି ପରୀକ୍ଷା ଫଳ ପ୍ରକାଶ ପାଇଥିଲା। ୟୁପିଏସସି ଦ୍ୱାରା ପରିଚାଳିତ ଭାରତୀୟ ପରିସଂଖ୍ୟାନ ସେବା (ଆଇଏସ୍‌ଏସ୍) ପରୀକ୍ଷାରେ ସଫଳତା ନିଜ ଗାଁ ମାଟି ତଥା ସୁନ୍ଦରଗଡ ଜିଲା ପାଇଁ ଏକ ଗୌରବ ଆଣି ଦେଇଛି। ଏହି କୃତିତ୍ୱ ପାଇଁ ଅଞ୍ଚଳର ବିଭିନ୍ନ ମହଲରୁ ପ୍ରଶଂସାର ସୁଅ ଛୁଟିଛି। ମଙ୍ଗଳବାର ପ୍ରତୀକ ବାଲିଶଙ୍କରା ପହଞ୍ଚିବା ପରେ ଗ୍ରାମରେ ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇ ଏକ ଶୋଭାଯାତ୍ରାରେ ପାଛୋଟି ନିଆଯାଇଥିଲା। ସଂକୀର୍ତ୍ତନ୍ୟ ମଣ୍ଡଳୀର ନାମ ସଂକୀର୍ତ୍ତନ୍ୟ ସହ ତାଙ୍କୁ ଗ୍ରାମ ପରିକ୍ରମା କରାଯାଇଥିଲା। ଦୀନବନ୍ଧୁ ନାଏକ, ସୁଗ୍ରୀବ ବାଘ, ବଳରାମ ନାଏକ, ପ୍ରଦୀପ ନନ୍ଦଙ୍କ ସମେତ ଗ୍ରାମବାସୀ ତାଙ୍କୁ ଶୁଭେଚ୍ଛା ଜଣାଇଥିଲେ।

## ଛତିଶଗଡ଼ ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଝୁରିମାଲ ନୂଆଁଖାଇ କମିଟି


ଛତିଶଗଡ଼ର ମୁଖ୍ୟମନ୍ତ୍ରୀଙ୍କ ସହ ଝୁରିମାଲ ନୂଆଁଖାଇ କମିଟି କର୍ମକର୍ତ୍ତା।

**ସୁନ୍ଦରଗଡ଼,୩୦।୧(ଜୟନାରାୟଣ ମେଣ୍ଡୁଲି)**

- ଝୁରିମାଲର ଅଭିନବ ପରମ୍ପରାରେ ବିମୋହିତ ହେଲେ ଛତିଶଗଡ଼ ମୁଖ୍ୟମନ୍ତ୍ରୀ
- ଗ୍ରାମକୁ ଆସିବା ପାଇଁ ଦେଲେ ପ୍ରତିଶ୍ରୁତି

ସୁନ୍ଦରଗଡ଼ ଜିଲା ଝୁରିମାଲ ନୂଆଁଖାଇ କମିଟି ଓ ଝୁରିମାଲ ବନ ସୁରକ୍ଷା ସମିତିର ଏକ ପ୍ରତିନିଧି ଦଳ ପଡୋଶୀ ରାଜ୍ୟ ଛତିଶଗଡ଼ର ନୂତନ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାୟଙ୍କୁ ସୋମବାର ସୌଜନ୍ୟମୂଳକ ସାକ୍ଷାତକାର କରିଛନ୍ତି। ରାୟପୁରସ୍ଥିତ ରାଜ୍ୟ ଅତିଥି ଭବନଠାରେ ବରିଷ୍ଠ ସମାଜସେବୀ ଦିଗାମ୍ବର ଉପାଧ୍ୟାୟଙ୍କ ନେତୃତ୍ୱରେ ଝୁରିମାଲ ଗ୍ରାମର ୬ଜଣିଆ ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବା ସହ ଏକ ସ୍ୱତନ୍ତ୍ର ବୈଠକରେ ଯୋଗଦାନ କରିଥିଲେ। ଏହି ବୈଠକରେ ମୁଖ୍ୟମନ୍ତ୍ରୀଙ୍କୁ ଝୁରିମାଲର ଅଭିନବ ପରମ୍ପରା ସାମୂହିକ ନୂଆଁଖାଇ ବିଷୟରେ ଅବଗତ କରାଇ ଆସନ୍ତା ୨୦୨୪ ନୂଆଁଖାଇ ନିମନ୍ତେ ନିମନ୍ତ୍ରଣ କରିଥିଲେ। ଏତଦବ୍ୟତୀତ ରାଜ୍ୟସ୍ତରୀୟ ସର୍ବଶ୍ରେଷ୍ଠ ପୁରସ୍କାର ବିଜେତା ଝୁରିମାଲ ବନ ସୁରକ୍ଷା ସମିତି ଦ୍ୱାରା କାର୍ଯ୍ୟକାରୀ କରାଯାଇଥିବା ଅନେକ କାର୍ଯ୍ୟକ୍ରମ ଯଥା- ଔଷଧୀୟ ଉଦ୍ୟାନ, ସଞ୍ଜିବନୀ ବାଟିକା, ଜୟବଜରଙ୍ଗ ଫଳ ବଗିଚା, ବୃକ୍ଷ ରକ୍ଷାବନ୍ଧନର ନିଆରା ପରମ୍ପରା, ଜାତୀୟ ସ୍ତରରେ ବନ ସୁରକ୍ଷା ସମିତିର ପ୍ରଥମ ୱେବ ସାଇଟ ନିର୍ମାଣ, ଶ୍ରମଦାନ ମାଧ୍ୟମରେ ସାମୂହିକ ସମ୍ପତ୍ତି ସୃଷ୍ଟି ଇତ୍ୟାଦି କାର୍ଯ୍ୟକ୍ରମ ବିଷୟରେ ଉପସ୍ଥାପନା କରିଥିଲେ। ମୁଖ୍ୟମନ୍ତ୍ରୀ ଝୁରିମାଲ ବନ ସୁରକ୍ଷା ସମିତିର ଏହି ଅଭିନବ କାର୍ଯ୍ୟଶୈଳୀର ଭୂୟସୀ ପ୍ରଶଂସା କରିବା ସହ ଏହା କେବଳ ଓଡିଶା ନୁହେଁ ବରଂ ଜାତୀୟ ସ୍ତରରେ ଏକ ଆଦର୍ଶ ଓ ପ୍ରେରଣାର ଉତ୍ସ ବୋଲି କହିଥିଲେ। ନିକଟ ଭବିଷ୍ୟତରେ ଯେବେ ବି ସୁଯୋଗ ମିଳିବ ଝୁରିମାଲ ଗ୍ରାମକୁ ଆସିବାର ପ୍ରତିଶ୍ରୁତି ପ୍ରଦାନ କରିଥିଲେ। ଝୁରିମାଲ ଗ୍ରାମ ତରଫରୁ ଦିଗାମ୍ବର ଉପାଧ୍ୟାୟ, ଦିଲ୍ଲୀପ ପଟେଲ, ଆମର କୁମାର ଉପାଧ୍ୟାୟ, ନାରାୟଣ ଦଣ୍ଡସେନା, ମନୋରଞ୍ଜନ ମଲ୍ଲିକ ଓ ବସନ୍ତ ଭୈଶାଲ ଛତିଶଗଡ଼ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିଥିଲେ।

## ନାରୀ ସଶକ୍ତ ହେଲେ ଦେଶ ଶକ୍ତିଶାଳୀ ହେବ



ଆତ୍ମରକ୍ଷା ତାଲିମ କାର୍ଯ୍ୟକ୍ରମର ଉଦ୍‌ଯାପନୀରେ ଅତିଥିଙ୍କ ସହ ଛାତ୍ରୀ।

**ସୁନ୍ଦରଗଡ଼,୩୦।୧(ଜୟନାରାୟଣ ମେଣ୍ଡୁଲି)**

**ସରକାରୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର**

ସୁନ୍ଦରଗଡ଼ ସରକାରୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଚାଲିଥିବା ଆତ୍ମ ସୁରକ୍ଷା ତାଲିମ ଶିବିର ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସମାରୋହରେ ଅଧ୍ୟକ୍ଷା ଡକ୍ଟର ଇନ୍ଦିରା ଗଡନାୟକ ଅଧ୍ୟକ୍ଷତା କରି ନାରୀ ସଶକ୍ତ ହେଲେ ଦେଶ ଶକ୍ତିଶାଳୀ ହେବ ବୋଲି ମତବ୍ୟକ୍ତ କରିଥିଲେ। ଏହି ପ୍ରଶିକ୍ଷଣ ଶିବିରରେ ପ୍ରଶିକ୍ଷିତ ହୋଇ ଆତ୍ମ ସୁରକ୍ଷା କୌଶଳକୁ ପ୍ରତିକୂଳ ପରିସ୍ଥିତିରେ ପ୍ରୟୋଗ କରି ନିଜର ସୁରକ୍ଷା କରିବାକୁ କହିଥିଲେ। ମୁଖ୍ୟ ଅତିଥି ଭାବେ ସଦର ଏସ୍‌ଡିପିଓ ହିମାଂଶୁ ଭୂଷଣ ବେହେରା ଯୋଗଦେଇ ନିଜର ସୁରକ୍ଷା ପାଇଁ ଆତ୍ମ ବିଶ୍ୱାସ ବୃଦ୍ଧି କରିବାକୁ ଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ। ପ୍ରଶିକ୍ଷଣ ଶିବିରର ସଂଯୋଜକ ଡକ୍ଟର ସଞ୍ଜୟ କୁମାର ବେହେରା ପ୍ରଶିକ୍ଷଣ ଦ୍ୱାରା ମିଳିଥିବା ଏହି କୌଶଳକୁ ଛାତ୍ରୀମାନେ ଠିକ ଭାବେ ଉପଯୋଗ କରିବା ଆବଶ୍ୟକ ବୋଲି କହିଥିଲେ। ଅଧ୍ୟାପିକା ଚାରୁଲତା ନାଏକ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ପ୍ରଶିକ୍ଷିକା ମିତା ଧ୍ରୁଆ ଓ ପ୍ରଭାସିନୀ ଗର୍ଡିଆ ପ୍ରମୁଖ ଉପସ୍ଥିତ ଥିଲେ। ଏହି ପ୍ରଶିକ୍ଷଣ ଶିବିର ୧୬ରୁ ଆରମ୍ଭ ହୋଇ ୩୦ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଶିବିରରେ ୩୫୯ ଛାତ୍ରୀ ପ୍ରଶିକ୍ଷଣ ନେଇଥିଲେ।

## ପୂଜ୍ୟ ପଙ୍କଜ ଜୀ ମହାରାଜଙ୍କ ସତ୍‌ସଙ୍ଗ କାର୍ଯ୍ୟକ୍ରମ

**ବଡ଼ଗାଁ, ୩୦।୧(ଅଶୋକ ଷଡ଼ଙ୍ଗୀ)**

ଏ ଶରୀର କେଉଁ କାମ ପାଇଁ ମିଳିଛି, ତାହା ସତସଙ୍ଗ ମାଧ୍ୟମରେ ଅନୁଭୂତି ମିଳେ। ନାମଯୋଗ ସାଧନା କଳିଯୁଗରେ ଏକମାତ୍ର ବିକଳ୍ପ। ଲୋକେ କିପରି ମାରାତ୍ମକ ରୋଗରୁ ମୁକ୍ତ ରହିବେ, ଚରିତ୍ରର ଉତ୍ଥାନ କିପରି କରାଯିବ ସେ ନେଇ ମାର୍ଗଦର୍ଶନ ଦେଇଛନ୍ତି ମଥୁରାର ପୂଜ୍ୟ ପଙ୍କଜ ଜୀ ମହାରାଜ। ମଙ୍ଗଳବାର ସୁନ୍ଦରଗଡ ଜିଲା ବଡ଼ଗାଁ ନିକଟ ଭୋଇପାଲିସ୍ଥିତ ଖେଳ ପଡିଆଠାରେ ଜୟ ଗୁରୁଦେବ ସଙ୍ଗଟ ପକ୍ଷରୁ ଆୟୋଜିତ ସତସଙ୍ଗ କାର୍ଯ୍ୟକ୍ରମରେ ସେ ପ୍ରତ୍ୟେକ ବ୍ୟକ୍ତି ଶାକାହାରୀ ହେବାକୁ ଗୁରୁତ୍ୱାରୋପ କରିଥିଲେ। ନିଶା ମୁକ୍ତ ସମାଜ ଗଠନ ପାଇଁ ଯୁବପିଢିକୁ ମୁଖ୍ୟ ଆଧାର ବୋଲି ଦର୍ଶାଇ ତାଙ୍କ ମନରେ ଉଚିତ ସଂସ୍କାର ଭର୍ତ୍ତି କରିବା ଆବଶ୍ୟକ ବୋଲି ବୁଝାଇଥିଲେ। ମାନବ ଜୀବନର ଉଦ୍ଦେଶ୍ୟ କ'ଣ ଓ ଜୀବାତ୍ମାର କଲ୍ୟାଣ କିପରି କରାଯାଇପାରିବ ସେ ନେଇ ବିସ୍ତୃତ ଆଲୋଚନା କରିଥିଲେ। ଏହି ସତସଙ୍ଗ କାର୍ଯ୍ୟକ୍ରମରେ ଜୟ ଗୁରୁଦେବ ସଙ୍ଗଟର ଓଡ଼ିଶା ପ୍ରଦେଶ ଅଧ୍ୟକ୍ଷ ପ୍ରଦୀପ କୁମାର ମହାକୁଡ଼, ଛତିଶଗଡ଼ର କମଳ ପଟେଲ, ସୁନ୍ଦରଗଡ଼ ଜିଲା ଅଧ୍ୟକ୍ଷ ବେଦେଶ୍ୱର ମାଝି, ପ୍ରଭାରୀ ଡୁଡୁକା ସରପଞ୍ଚ ଜୟକୃଷ୍ଣ ମାଳି, ଭୋଇପାଲି ସରପଞ୍ଚ ମହେଶ୍ୱର ବରିହା, ଫୁଲବାରୀ ପଞ୍ଚାୟତ ଯୋଗୀନ୍ଦ୍ର କିଷାନ, ଡୁଡାଲଗା ସରପଞ୍ଚ ସୁଦୀପ ବାଡା, ଟିକିଲିପଡାର ପୂର୍ବତନ ସରପଞ୍ଚ ଧନେଶ୍ୱର କିଷାନ ପ୍ରମୁଖ ଯୋଗଦେଇଥିଲେ।

## ଓପିଜିସି ପକ୍ଷରୁ କୁମ୍ଭାରବନ୍ଧରେ ଚକ୍ଷୁ ପରୀକ୍ଷା ଶିବିର



ଓପିଜିସି ଆୟୋଜିତ ଚକ୍ଷୁ ଚିକିତ୍ସା ଶିବିର।

**ସମ୍ବଲପୁର,୩୦।୧(ବି.ଶଙ୍କର)**

ଓଡ଼ିଶା ପାୱାର ଜେନେରେଶନ କର୍ପୋରେଶନ ଲିମିଟେଡ (ଓପିଜିସି) ସିଏସ୍‌ଆର୍ ବିଭାଗ ପକ୍ଷରୁ ମଙ୍ଗଳବାର ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ କୁମ୍ଭାରବନ୍ଧ ଗ୍ରାମପଞ୍ଚାୟତଠାରେ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁରର ତ୍ରିଲୋଚନ ନେତ୍ରାଳୟ ସହଯୋଗରେ ଶିବିର ହୋଇଥିଲା। କମ୍ପାନୀର ଭାଇସ ପ୍ରେସିଡେଣ୍ଟ (ଅପରେଶନ୍ସ) ସୁକାନ୍ତ କୁମାର ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିର ଶୁଭାରମ୍ଭ କରିଥିଲେ। ଆଇଟିପିଏସ୍ ହସ୍ପିଟାଲର ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ସଂଗୀତା ପଣ୍ଡା, ସିଏସ୍‌ଆର ବିଭାଗର ସିନିୟର ମ୍ୟାନେଜର ହିମାଂଶୁ ଭୂଷଣ ବେହେରା, କୁମ୍ଭାରବନ୍ଧ ସରପଞ୍ଚ କମଳଲୋଚନ ବିଶ୍ୱାଳ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ତ୍ରିଲୋଚନ ନେତ୍ରାଳୟର ବିଶ୍ୱରଞ୍ଜନ ଜେନା ଓ ତାଙ୍କ ଟିମ୍ ରୋଗୀମାନଙ୍କ ମୋତିଆ ବିନ୍ଦୁ, ଦୃଷ୍ଟିଶକ୍ତି ଆଦି ଯାଞ୍ଚ କରିଥିଲେ। କୁମ୍ଭାରବନ୍ଧ, ପିପଲିକାନି, ଡାଲଗାଓଁ, ତେଲେନପାଲି ଗ୍ରାମ ପଞ୍ଚାୟତ ଅଧୀନ ବିଭିନ୍ନ ଗ୍ରାମରୁ ମୋଟ ୧୮୩ ଜଣ ବ୍ୟକ୍ତି ଆଖି ପରୀକ୍ଷା କରିଥିଲେ। ସେଥିମଧ୍ୟରୁ ୯୮ ରୋଗୀଙ୍କୁ ମାଗଣାରେ ସାମଗ୍ରୀ ଯୋଗାଇ ଦିଆଯାଇଥିଲା। ୨୩ ମୋତିଆବିନ୍ଦୁ ଚିହ୍ନଟ ହୋଇଥିବା ବ୍ୟକ୍ତିଙ୍କୁ ତ୍ରିଲୋଚନ ନେତ୍ରାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଓପିଜିସି ସିଏସ୍‌ଆର୍ ବିଭାଗର ରାଜେନ୍ଦ୍ର ସା, ତାପସ ପଣ୍ଡା, ରାମିୟାନ ଛତ୍ରିଆ, ବିରେନ ବିଶି ଶିବିରକୁ ସଂଯୋଜନା କରିଥିଲେ।

## ଓଡ଼ିଆ ଭାଷା ସାହିତ୍ୟ ପ୍ରତିଯୋଗିତା ଉଦ୍‌ଯାପିତ

**ବ୍ରଜରାଜନଗର,୩୦।୧(ବିଜୟ ବରାଡ଼)**

ନୂଆ-ଓ କାର୍ଯ୍ୟକ୍ରମ ଅନ୍ତର୍ଗତ ଓଡ଼ିଆ ଭାଷା ସାହିତ୍ୟ ପ୍ରତିଯୋଗିତା ମଙ୍ଗଳବାର ବ୍ରଜରାଜନଗର ମହାବିଦ୍ୟାଳୟରେ ଉଦ୍‌ଯାପିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ସମୀର ରଞ୍ଜନ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ ବ୍ରଜରାଜନଗର ପୌର ଅଧ୍ୟକ୍ଷା ଯାଜ୍ଞସିନି ଓରାମ ମୁଖ୍ୟଅତିଥି, ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ଡ. ସୁଦର୍ଶନ ପାଣିଗ୍ରାହୀ ମୁଖ୍ୟବକ୍ତା ଓ ଜିଲା ସଂସ୍କୃତି ଅଧିକାରୀ ଅନିଲ କେରକେଟା ସମ୍ମାନିତ ଅତିଥି ଭାବେ ଯୋଗଦେଇ ମାତୃଭାଷା, ସାହିତ୍ୟ, ଜଗନ୍ନାଥ ସଂସ୍କୃତିର ବିକାଶରେ ସହଭାଗୀ ହେବା ପାଇଁ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ ଦେଇଥିଲେ। ଯୁକ୍ତ ୩ ସଂଯୋଜିକା ଡ. ରିତୁପୂର୍ଣା ମହାନ୍ତି ଓଡ଼ିଆ ଭାଷା ସାହିତ୍ୟ ପ୍ରତିଯୋଗିତା ସମ୍ପର୍କ ବିବରଣୀ ପ୍ରଦାନ କରିଥିଲେ। କବିତା ପାଠ, ପ୍ରବନ୍ଧ, ବ୍ୟାକରଣ ଦକ୍ଷତା, ବକ୍ତୃତା, ଓଡ଼ିଆ ହସ୍ତାକ୍ଷର, ଲୋକ ନୃତ୍ୟ, ଓଡ଼ିଆ ଭଜନ ଆଦି ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଓଡ଼ିଆ ବିଭାଗ ଅଧ୍ୟାପିକା ମଧୁମିତା କର୍ଣ୍ଣ ସମସ୍ତଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ। ପରିଚାଳନା କମିଟି ସଦସ୍ୟ ସୁରେଶ ହରିପାଲ, ସଂଯୁକ୍ତା ନାୟକ, କାଉନସିଲର ମଧୁ ଶ୍ରୀବାସ୍ତବ, ନିକିତା ସେଠ, ସୁଜାତା ଜେନା ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ସଫଳ କରିବାରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ସହଯୋଗ କରିଥିଲେ।

## ଭାରତ ସ୍କାଉଟ୍ସ ଗାଇଡ୍ସ ରାଜ୍ୟ ପୁରସ୍କାର ପରୀକ୍ଷା ସମ୍ପନ୍ନ

**କୁତ୍ରା, ୩୦।୧(ଦେବାଶିଷ ସାହୁ)**

ସୁନ୍ଦରଗଡ଼ ଜିଲା କୁତ୍ରା ଉତ୍କୃଷ୍ଟ ଉଚ୍ଚ ବିଦ୍ୟାଳୟରେ ଚାଲିଥିବା ଦୁଇଦିନିଆ ଭାରତ ସ୍କାଉଟସ୍ ଗାଇଡସର ରାଜ୍ୟ ପୁରସ୍କାର ପରୀକ୍ଷା ଜିଲା ଶିକ୍ଷାଧିକାରୀ ତଥା ଜିଲା ମୁଖ୍ୟ କମିଶନର ଅମୂଲ୍ୟ କୁମାର ପଧାନଙ୍କ ନିର୍ଦ୍ଦେଶ କ୍ରମେ ମଙ୍ଗଳବାର ସମ୍ପନ୍ନ ହୋଇଯାଇଛି। ଏଥିରେ ସୁନ୍ଦରଗଡ଼ ସ୍କାଉଟସ୍ ଜିଲାର ୪୪୫ ସ୍କାଉଟସ୍ ଓ ୪୬୮ ଜଣ ଗାଇଡସ୍ ଯୋଗଦେଇ ପ୍ରାକ୍ଟିକାଲ ପରୀକ୍ଷା ଦେଇଥିଲେ। ପରୀକ୍ଷା ପରିଚାଳନା ପାଇଁ ଭାରତ ସ୍କାଉଟସ୍ ଗାଇଡସ୍ ରାଜ୍ୟ ଶାଖା ତରଫରୁ ପରୀକ୍ଷା ନିୟନ୍ତ୍ରକ ଭାବେ ସନ୍ତୋଷ କୁମାର ଦେ ଓ ଫକିରମୋହନ ଜେନା ପରୀକ୍ଷା ପରିଚାଳନା କରିଥିବା ବେଳେ ଜିଲା ସ୍କାଉଟସ୍ କମିଶନର ବିଭୀଷଣ ବାରିକ, ଜିଲା ଗାଇଡସ୍ କମିଶନର ଆରାଧନା ଭୋଇ, ଡିଟିସି ଖିଲାନ୍ଦ୍ରି ପଟେଲ, ଡିଓସି ସ୍କାଉଟସ୍ ବିଧିଚନ୍ଦ୍ର ବିଲୁଙ୍ଗ, ଡିଓସି ଗାଇଡସ୍ ଦୀପିକା କେର୍କେଟା, ସ୍କାଉଟସ୍ ମାଷ୍ଟର ଧୃତିସୁନ୍ଦର ସାହୁ, ଶ୍ରୀକାନ୍ତ ସାହୁ, ଅବିନାଶ କର, କୁନୁ ବିଶ୍ୱାଳ, ଦିନେଶ କୁମାର ନାଏକ, ସରୋଜ ସାହୁ, ଗାଇଡସ୍ କ୍ୟାପଟେନ ସବିତା ଦାସ, କୌଶଲ୍ୟା ପଟେଲ, ସ୍ୱର୍ଣ୍ଣଲତା ପଟେଲ, ସୁଜିତା ଏକ୍କା, ବିମଳା ଏକ୍କା ପ୍ରମୁଖ ସହଯୋଗ କରିଥିଲେ। ଦୁଇଦିନ ଧରି ଅନୁଷ୍ଠିତ ହୋଇଥିବା ରାଜ୍ୟ ପ୍ରାକ୍ଟିକାଲ ପୁରସ୍କାର ପରୀକ୍ଷାରେ ସ୍କାଉଟସ୍ ଓ ଗାଇଡସ୍ ସ୍କାଉଟସ୍ ପ୍ରମିସ, ପ୍ରାର୍ଥନା, ଝଣ୍ଡା ଗୀତ, ବେଣ୍ଡେଜ୍, ନଟିଙ୍ଗ ପ୍ରଭୃତି ଅନୁଷ୍ଠିତ ହୋଇଥିଲା।



ଭାରତ ସ୍କାଉଟ୍ସ ଗାଇଡ୍ସ ଅଧିକାରୀ, କର୍ମକର୍ତ୍ତା।

# କୋଶଳ ସମାଜର ବ୍ଲକ୍ ସମ୍ମିଳନୀ

- ବିଭିନ୍ନ ଦାବିନେଇ କୋଶଳ ସମାଜର କର୍ମକର୍ତ୍ତାଙ୍କ ଶୋଭାଯାତ୍ରା
- ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ

**ବଡ଼ଗାଁ, ୩୦।୧(ଅଶୋକ ଷଡ଼ଙ୍ଗୀ)**



କୋଶଳ ସମାଜର କର୍ମକର୍ତ୍ତା ସ୍ମାରକପତ୍ର ଦେବାପାଇଁ ଶୋଭାଯାତ୍ରାରେ ଯାଉଛନ୍ତି।

ସୁନ୍ଦରଗଡ ଜିଲା ବଡ଼ଗାଁସ୍ଥିତ ପୂର୍ତ୍ତ ବିଭାଗ ଡାକବଙ୍ଗଳାଠାରେ ମଙ୍ଗଳବାର କୋଶଳ ସମାଜର ବ୍ଲକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। କୋଶଳସମାଜମହାସଚିବ ଦିଲ୍ଲୀପ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ସମ୍ମିଳନୀରେ କୋଶଳ ସମାଜ ଦ୍ୱାରା ହୋଇଥିବା ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଆଲୋଚନା ହୋଇଥିଲା। ଏହା ସହିତ ସଙ୍ଗଠନକୁ କିପରି ଆହୁରି ସୁଦୃଢ କରାଯାଇ ପାରିବ, ସେଥିପାଇଁ ଆଲୋଚନା କରାଯାଇ କର୍ମକର୍ତ୍ତାମାନେ ମତ ଉପସ୍ଥାପନ କରିଥିଲେ। ଏହା ସହିତ କୋଶଳ ସମାଜ ଧନଶାଳୀ ଅଞ୍ଚଳ ହୋଇଥିଲେ ମଧ୍ୟ ଅବହେଳିତ ହୋଇ ରହିଛି। ବ୍ୟବସ୍ଥାର ଆମୂଳଚୁଳ ପରିବର୍ତ୍ତନ ସଙ୍ଗେ ଆର୍ଥିକ ଲୋକତନ୍ତ୍ର ସ୍ଥାପନ ପାଇଁ ଦାବି କରାଯାଇଥିଲା। ଏହି ଦାବିପତ୍ର ବିଡ଼ିଓ ଏବଂ ତହସିଲଦାରଙ୍କ ଜରିଆରେ ରାଷ୍ଟ୍ରପତି, ରାଜ୍ୟପାଳ ଓ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦିଆଯାଇଛି। କୋଶଳ ସମାଜ ଅନ୍ତର୍ଗତ ୧୭ଟି ଜିଲାକୁ ନେଇ ଶୋଷଣ, ଦୁର୍ନୀତିମୁକ୍ତ, ବେରୋଜଗାର, ନିଶା ମୁକ୍ତ, ଅର୍ଥନୈତିକ କୋଶଳ ରାଜ୍ୟ ଗଠନ କରାଯାଉ ବୋଲି ଦାବି କରାଯାଇଛି। ଏହା ସହ ୧୭ ଜିଲାରୁ ସଂଗୃହିତ ରାଜସ୍ୱ ଆଧାରରେ ଅଲଗା କୋଶଳ ବଜେଟ କରାଯାଉ, ପ୍ରାଥମିକ ସ୍ତରରୁ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ପିଲାଙ୍କୁ ମାଗଣା ଶିକ୍ଷା, ଖଣି କଳକାରଖାନାରେ ସ୍ଥାନୀୟ ଯୁବତୀ ଯୁବକଙ୍କୁ ନିଯୁକ୍ତି, କୃଷିକୁ ଶିଳ୍ପର ମାନ୍ୟତା ଓ ଉତ୍ପାଦିତ ଜିନିଷର ମୂଲ୍ୟ ନିର୍ଦ୍ଧାରଣ, ଦେଶୀ ବିଦେଶୀ ମଦ ପ୍ରଚଳନ ବନ୍ଦ, ଭଙ୍ଗା ଘରେ ରହୁଥିବା ପରିବାରକୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଦିଆଯାଉ ଆଦି ଦାବି କରାଯାଇଛି। ଏହି ସବୁ ଦାବିନେଇ ଶୋଭାଯାତ୍ରାରେ ଯାଇ କୋଶଳ ସମାଜ କର୍ମକର୍ତ୍ତା ଓ ସଦସ୍ୟମାନେ ବିଡ଼ିଓ ଏବଂ ତହସିଲଦାରଙ୍କୁ ସ୍ମାରକପତ୍ର ଦେଇଥିଲେ। ଏହାର ନକଲ ଜିଲାପାଳ, ଏସ୍‌ପି, ଅବକାରୀ ଅଫିସ, ଥାନା, କୃଷି ଅଧିକାରୀ, ଜଳସେଚନ ଅଧିକାରୀ, ଶିକ୍ଷା ଅଧିକାରୀ, ସମବାୟ ଅଧିକାରୀଙ୍କୁ ଦିଆଯାଇଥିଲା। ଏହି ସମ୍ମିଳନୀରେ ଜିଲା ମହିଳା ମହାସଚିବ ପଦ୍ମା ଦେବୀ, ବଡ଼ଗାଁ ବ୍ଲକ ମହିଳା ସମ୍ପାଦିକା ଦୀପ୍ତିରାଣୀ ରାଉତରାୟ, ବ୍ଲକ ସମ୍ପାଦକ ଅଜିତ ରାଉତରାୟ, ବାମଡେରା ପଞ୍ଚାୟତ ସମ୍ପାଦିକା ସୁମିତ୍ରା କରାଲି, ରୂନଗାଁ ପଞ୍ଚାୟତ ସମ୍ପାଦିକା ହରିପ୍ରିୟା କମାର ପ୍ରମୁଖ କର୍ମକର୍ତ୍ତା ସକ୍ରିୟ ଭୂମିକା ଗ୍ରହଣ କରିଥିଲେ।

## ସଂକ୍ଷେପରେ

### ଆନ୍ତଃ ଜିଲା ଫୁଟ୍‌ବଲ: ବଲାଙ୍ଗୀର ସେମିରେ

ସମ୍ବଲପୁର,୩୦।୧(ପ୍ରମୋଦ ବହିଦାର): ସମ୍ବଲପୁର ବର୍ଷିଆନ କ୍ରୀଡ଼ା ସଂଘ ଆନୁକୂଲ୍ୟରେ ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ଚାଲିଥିବା ବିଜୟ ବାହାଦୁର ସିଂ(ବଚନ) ଓ ଭୀମ୍‌ସେନ ଛତର ସ୍ମାରକୀ ପଶ୍ଚିମ ଓଡ଼ିଶାସ୍ତରୀୟ ଆନ୍ତଃ ଜିଲା ଫୁଟ୍‌ବଲ ପ୍ରତିଯୋଗିତା ଜାରି ରହିଛି। ବୁଧବାର କ୍ୱାର୍ଟର ଫାଇନାଲ ମ୍ୟାଚ ଝାରସୁଗୁଡ଼ା ଓ ବଲାଙ୍ଗୀର ଦଳ ମଧ୍ୟରେ ହୋଇଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ ମ୍ୟାଚ ୨-୨ ଗୋଲରେ ଅମୀମାଂସିତ ରହିଥିଲା। ଫଳରେ ଟାଇବ୍ରେକରର ସହାୟତା ନିଆଯାଇଥିଲା। ଏଥିରେ ବଲାଙ୍ଗୀର ଦଳ ଝାରସୁଗୁଡ଼ାକୁ ୪-୩ ଗୋଲରେ ପରାସ୍ତ କରି ସେମି ଫାଇନାଲ ପାଇଁ ଯୋଗ୍ୟତା ହାସଲ କରିଛି। ସମ୍ବଲପୁର ମହାନଗର ନିଗମ କମିଶନର ବେଦଭୂଷଣ ମୁଖ୍ୟଅତିଥି ଭାବେ ଯୋଗଦେଇ ମ୍ୟାଚର ଶ୍ରେଷ୍ଠ ଖେଳାଳି ଝାରସୁଗୁଡ଼ା ଦଳର ପ୍ରତାପ କିଷାନଙ୍କୁ ପୁରସ୍କୃତ କରିଥିଲେ। ସୁବ୍ରତ ପୁରୋହିତ, ପଞ୍ଚାନନ ପାତ୍ର, ମଥୁରା ଓରାମ ଓ ଅରୁଣ ଭୋଇ ରେଫରି ଭାବେ ଖେଳ ପରିଚାଳନା କରିଥିଲେ।

### ଆମ ଓଡ଼ିଶା ନବୀନ ଓଡ଼ିଶାର ପଞ୍ଚାୟତସ୍ତରୀୟ ସଚେତନତା

ସମ୍ବଲପୁର,୩୦।୧ (ଭବାନୀ ଶଙ୍କର ଭୋଇ): ମାନେଶ୍ୱର ବ୍ଲକ ଅନ୍ତର୍ଗତ ତବଲା ଗ୍ରାମ ପଞ୍ଚାୟତରେ ସୋମବାର ଆମ ଓଡ଼ିଶା ନବୀନ ଓଡ଼ିଶାର ପଞ୍ଚାୟତ ସ୍ତରୀୟ ସଚେତନତାର ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡିଶା ସରକାରଙ୍କ ଦ୍ୱାରା ପ୍ରଣୟନ କରାଯାଇଥିବା ବିଭିନ୍ନ ଯୋଜନା ସମ୍ପର୍କରେ ବ୍ଲକର ବିଭିନ୍ନ ବିଭାଗର ଅଧିକାରୀମାନେ ଜନସାଧାରଣଙ୍କୁ ସଚେତନ କରିଥିଲେ। ବିଭିନ୍ନ ବିଭାଗ ପକ୍ଷରୁ ଷ୍ଟଲ ଜରିଆରେ ଯୋଜନା ସମ୍ବନ୍ଧରେ ଅବଗତ କରଯାଇଥିଲା। ଏହି ଅବସରରେ ସ୍ଥାନୀୟ କଳାକାରଙ୍କ ଦ୍ୱାରା କଳା ସଂସ୍କୃତିର ପ୍ରଦର୍ଶନ ସହ ମୁଖ୍ୟମନ୍ତ୍ରୀଙ୍କ ସମଲେଇ ପ୍ରକଳ୍ପର ବାର୍ତ୍ତା ପ୍ରଦାନ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ମାନେଶ୍ୱର ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଣବ କୁମାର ଚାନ୍ଦ, ନୂଆତପୁରା ସରପଞ୍ଚ ପ୍ରତିମା ସାହୁ, ସମିତି ସଭ୍ୟ ସଞ୍ଜୟ କୁମାର ପଣ୍ଡା ଉପସ୍ଥିତ ଥିଲେ। ଶେଷରେ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ନୋଡାଲ ଅଧିକାରୀ ଶିବ ଶଙ୍କର ନାଏକ ଓ ଅଖୋଜ ପ୍ରଧାନ ପରିଚାଳନା କରିଥିଲେ।

### ଜିଲା କଂଗ୍ରେସର ମହାତ୍ମା ଗାନ୍ଧୀଙ୍କ ତିରୋଧାନ ଦିବସ

ସମ୍ବଲପୁର,୩୦।୧(ବି.ଶଙ୍କର)

ସମ୍ବଲପୁର ଜିଲା କଂଗ୍ରେସ କମିଟି କାର୍ଯ୍ୟାଳୟଠାରେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ତିରୋଧାନ ଦିବସ ପାଳିତ ହୋଇଯାଇଛି । ବରିଷ୍ଠ କଂଗ୍ରେସ ନେତା ପଦ୍ମଚରଣ ସ୍ୱାଇଁ, ମହମ୍ମଦ କୁବେର, ସଦାନନ୍ଦ ବରାଡ, ମହମ୍ମଦ ଜାକିର, ମହମ୍ମଦ ରହିମ, ମହମ୍ମଦ ସାହାବୁଦ୍ଦିନ, ମହମ୍ମଦ ସଲିମ, ଶେଖ୍ ସଖାୱତୁଲ୍ଲା ପ୍ରମୁଖ ଉପସ୍ଥିତ ରହି ମହାତ୍ମା ଗାନ୍ଧୀଙ୍କ ତିରୋଧାନ ଦିବସରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହାସହ ଦେଶ ସ୍ୱାଧୀନତାରେ ମହାତ୍ମା ଗାନ୍ଧୀଙ୍କ ଥିବା ଅତୁଳନୀୟ ଅବଦାନ ନେଇ ସ୍ମୃତିଚାରଣ କରାଯାଇଥିଲା।

# ସାଂସ୍କୃତିକ କାର୍ଯ୍ୟକ୍ରମରେ ମନ୍ତ୍ରମୁଗ୍ଧ ଶ୍ରଦ୍ଧାଳୁ

ସମ୍ବଲପୁର,୩୦।୧(ପ୍ରମୋଦ ବହିଦାର):

- ମା'ଙ୍କ ପୀଠର ଭବ୍ୟ ଶୋଭାରାଜି ଆକର୍ଷିତ କରୁଛି
- ବୁଧବାର ଯଜ୍ଞ ଓ ଚଣ୍ଡୀପାଠର ପୂର୍ଣ୍ଣାହୁତି



କଳା ଓ କଳାକାର ଅନୁଷ୍ଠାନର କଳାକାରଙ୍କ ସମ୍ବଲପୁରୀ ନୃତ୍ୟ ପରିବେଷଣ।

ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ରୂପାନ୍ତରିତ ପୀଠର ଲୋକାର୍ପଣ ପରେ ଉତ୍ସବମୁଖରିତ ହୋଇଉଠିଛି ସମ୍ବଲପୁରର ଆରାଧ୍ୟା ମା' ସମଲେଶ୍ୱରୀଙ୍କ ମନ୍ଦିର ପରିସର। ଉଜ୍ଜ୍ୱଳ ଆଲୋକମାଳା ଓ ଫୁଲରେ ସଜ୍ଜିତ ମନ୍ଦିର ତୋରଣର ଭବ୍ୟ ଶୋଭାରାଜି ଶ୍ରଦ୍ଧାଳୁଙ୍କୁ ଆକର୍ଷିତ କରୁଛି। ଲୋକାର୍ପଣ ପରେ ମଙ୍ଗଳବାର ପ୍ରଥମଥର ପାଇଁ ଆସିଥିବା ଭକ୍ତ ରୂପାନ୍ତରିତ ମନ୍ଦିର ପରିସର ଦେଖି ଆତ୍ମବିଭୋର ହୋଇପଡ଼ିଥିଲେ। ରିଭର ଭ୍ୟୁ ମଞ୍ଚରେ ଚାଲିଥିବା ମହାନଦୀ ଆଳତି ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଶ୍ରଦ୍ଧାଳୁଙ୍କୁ ବାନ୍ଧିରଖିଥିଲା।

ସନ୍ଧ୍ୟା ଠିକ୍ ସାଢ଼େ ୬ଟାରେ ମହାନଦୀ ଆଳତି ଆରମ୍ଭ ହୋଇଥିଲା। ସ୍ଥାନୀୟ ପଣ୍ଡିତ ଓ ମନ୍ଦିର ପୂଜକଙ୍କ ଦ୍ୱାରା ଆଳତି ସମ୍ପାଦିତ ହୋଇଥିଲା। ସହସ୍ରାଧିକ ଭକ୍ତ ଆଳତିରେ ସାମିଲ ହୋଇ ପ୍ରକୃତି ପୂଜା କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ପ୍ରଥମେ ଗୁରୁ ରଣଜିତ କୁମାର ସାହୁଙ୍କ ନିର୍ଦ୍ଦେଶନାରେ ସମ୍ବଲପୁରର କଳା ଓ କଳାକାର ଅନୁଷ୍ଠାନର କଳାକାରମାନେ ଢ଼ୋଲ, ନିଶାନ, ତାଶା, ଝାଞ୍ଜ ଓ ମହୁରି ଆଦି ପଞ୍ଚବାଦ୍ୟ ମଧ୍ୟରେ ଚିତ୍ତାକର୍ଷକ ସମ୍ବଲପୁରୀ ଲୋକନୃତ୍ୟ ପରିବେଷଣ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ମହେଶ ପଟେଲଙ୍କ ନେତୃତ୍ୱରେ ସମ୍ବଲପୁର ଧନୁପାଲିର ନଟରାଜ ଅନୁଷ୍ଠାନର କଳାକାରମାନେ ସଙ୍ଗୀତ ଓ ସମ୍ବଲପୁରୀ ନୃତ୍ୟ ପ୍ରଦର୍ଶନ କରିଥିଲେ। ଏଠାରେ ଥିବା ଦ୍ୱିତୀୟ ମଞ୍ଚରେ ଭୁବନେଶ୍ୱର ରୁଦ୍ରାକ୍ଷ ଫାଉଣ୍ଡେଶନର କଳାକାର ପାରମ୍ପରିକ ଗୋଟିପୁଅ ନୃତ୍ୟ ପରିବେଷଣ କରିଥିଲେ, ଯାହାକୁ ଦେଖି ଉପସ୍ଥିତ ଦର୍ଶକଙ୍କ ମନ୍ତ୍ରମୁଗ୍ଧ ହୋଇ ପଡ଼ିଥିଲେ। ଆଜି ମଧ୍ୟ ମନ୍ଦିର ପରିସରରେ ପଶ୍ଚିମ ଓଡ଼ିଶାର ୧୧ ଜିଲାରୁ ଆସିଥିବା ପଣ୍ଡିତମାନେ ଯଜ୍ଞକୁଣ୍ଡରେ ଘଣ୍ଟ, ଶଙ୍ଖ, ଦୁଲଦୁଲି ବାଦ୍ୟ ମଧ୍ୟରେ ହୋମ ଓ ଚଣ୍ଡୀପାଠରେ ସମଗ୍ର ଅଞ୍ଚଳକୁ ଭକ୍ତିମୟ କରି ତୋଳିଥିଲେ। ସନ୍ଧ୍ୟାରେ ସମସ୍ତେ ମିଶି ଆହୁତି ପ୍ରଦାନ କରିଥିଲେ। ବୁଧବାର ମା'ଙ୍କ ପୀଠ ପରିସରସ୍ଥ ଯଜ୍ଞକୁଣ୍ଡରେ ଗତ ୫ଦିନ ଧରି ଚାଲିଥିବା ଯଜ୍ଞ, ହୋମ ଓ ଚଣ୍ଡୀପାଠ ପୂର୍ଣ୍ଣାହୁତି ପଡ଼ିବ। ପରେ ପ୍ରସାଦ ସେବନର କାର୍ଯ୍ୟକ୍ରମ ରହିଥିବା ମନ୍ଦିର ଟ୍ରଷ୍ଟ ବୋର୍ଡ ପକ୍ଷରୁ ସୂଚନା ମିଳିଛି।

## ଶ୍ରୀଜଗନ୍ନାଥ କଥାମୃତ ଉଦ୍‌ଯାପିତ



ପ୍ରବଚନ ଶୁଣିବା ପାଇଁ ସମବେତ ଶ୍ରଦ୍ଧାଳୁ।

ସମ୍ବଲପୁର,୩୦।୧(ବି.ଶଙ୍କର)

ସମ୍ବଲପୁର ଝାଡୁଆପଡାସ୍ଥିତ ଆରଣ୍ୟକ ମଣ୍ଡପଠାରେ ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀ ୱେଲଫେୟାର ଟ୍ରଷ୍ଟ ଆୟୋଜିତ ଷଷ୍ଠ ଦିବସୀୟ ଶ୍ରୀଜଗନ୍ନାଥ କଥାମୃତ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଡା. ରାସେଶ୍ୱରୀ ପାଣିଗ୍ରାହୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ପୁରୀର ବିଶିଷ୍ଟ ଜଗନ୍ନାଥ ସଂସ୍କୃତି ପ୍ରବଚିକା ସରୋଜିନୀ ଦେବୀ ଶ୍ରୀଜଗନ୍ନାଥଙ୍କ ଲୀଳାମୃତ ଓ ତାଙ୍କୁ ଦର୍ଶନ କରିବାର ବିଧି ଉପରେ ସଙ୍ଗୀତମୟ ପ୍ରବଚନ ଦେଇଥିଲେ। ମହେଶ୍ୱର ଖୁଣ୍ଟିଆ, ବନମାଳୀ ଦାସ ଓ ସୁଦାମ ଚରଣ ସାହୁ ସଙ୍ଗୀତ ଓ ବାଦ୍ୟଯନ୍ତ୍ରରେ ସହଯୋଗ କରିଥିଲେ। ବରିଷ୍ଠ ଖବରଦାତା ହେମନ୍ତ କୁମାର ମହାପାତ୍ରଙ୍କ ସଂଯୋଜନାରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ଟ୍ରଷ୍ଟର ସଭାପତି ପ୍ରଫେସର ଶଙ୍କର ପ୍ରସାଦ ପତି ବ୍ୟାସ ପୂଜନ କରିଥିଲେ। ସେହିପରି ସମ୍ପାଦକ ସୁବାସ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ ଓ ପଣ୍ଡିତ ବେଦବ୍ୟାସ ପଣ୍ଡା ପୂଜାର୍ଚ୍ଚନା କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ବିଶ୍ୱାତ୍ମ ଚେତନା ପରିଷଦ ସମ୍ବଲପୁର ଶାଖା ସଭାପତି ପରମେଶ୍ୱର ଦାଶ, ଡା. ସୁରେନ୍ଦ୍ର ପଣ୍ଡା, ପ୍ରାଧାପିକା ଶ୍ରୀଲତା ମିଶ୍ର, ବିମଳ ପାଣ୍ଡିଆ, ରାମଜୀବନ ସିଂହ, ନଳିନୀ ବାବୁ ପ୍ରମୁଖ ସହଯୋଗ କରିଥିଲେ।

# ଶ୍ରୀନୀଳକଣ୍ଠେଶ୍ୱର ମନ୍ଦିର ପ୍ରତିଷ୍ଠା ପାଇଁ ଅଧିବାସ

## ସହସ୍ରାଧିକ ମହିଳାଙ୍କ ଦ୍ୱାରା ଭବ୍ୟ କଳସ ଯାତ୍ରା

କୁଚିଣ୍ଡା,୩୦।୧(ବିରଞ୍ଚି ଦର୍ଜୀ):



କଳସ ଯାତ୍ରାରେ ସାମିଲ ହୋଇଥିବା ମହିଳାମାନେ।

କୁଚିଣ୍ଡା ବ୍ଲକ ଗୋଛରା ପଞ୍ଚାୟତ ଉଲଣ୍ଡା ପୋଡପେଟା ନଦୀ ତଟରେ ଗଢିଉଠିଥିବା ଶ୍ରୀନୀଳକଣ୍ଠେଶ୍ୱର ମନ୍ଦିର ପ୍ରତିଷ୍ଠାର ଅଧିବାସ କର୍ମ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ମନ୍ଦିର କମିଟି ଓ ଗ୍ରାମବାସୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସହସ୍ରାଧିକ ମହିଳା କଳସ ଶୋଭାଯାତ୍ରାରେ ଆସି ଯଜ୍ଞମଣ୍ଡପରେ ସ୍ଥାପନ କରିଥିଲେ। ଘଣ୍ଟବାଦ୍ୟ, ସଂପ୍ରଦା ଓ ସଂକୀର୍ତ୍ତନ ମଣ୍ଡଳୀ, ଢୋଲ ନାଗରା ଆଦି ବାଦ୍ୟରେ ଉଲଣ୍ଡା ଓ ଆଖପାଖ ଅଞ୍ଚଳ ପ୍ରକମ୍ପିତ ହୋଇଥିଲା। ଏହି ଅବସରରେ ଉଲଣ୍ଡା ଗ୍ରାମର ପ୍ରତି ଘରେ କଳସ ସ୍ଥାପନ ପୂର୍ବକ ମୁରୁଜରେ ଝୋଟି ପ୍ରସ୍ତୁତ କରାଯାଇଥିବାରୁ ଗ୍ରାମରେ ଏକ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ପଣ୍ଡିତ ଅକ୍ଷୟ ମିଶ୍ରଙ୍କ ନେତୃତ୍ୱରେ ୧୦ଜଣ ପୂଜକ ମନ୍ଦିର ପ୍ରତିଷ୍ଠା ଦାୟିତ୍ୱ ତୁଲାଉଥିବା କମିଟି ପକ୍ଷରୁ ସୂଚନା ଦିଆଯାଇଛି। ଏଥିରେ ଶତାଧିକ ସାଧୁସନ୍ଥ ଯୋଗ ଦେଇଛନ୍ତି। ଏଥିପାଇଁ ଅଷ୍ଟକୁଣ୍ଡୀୟ ଯଜ୍ଞ କୁଣ୍ଡ ପ୍ରସ୍ତୁତ କରାଯାଇଛି। ସନ୍ଧ୍ୟାରେ ପୁରୀ ଶ୍ରୀକ୍ଷେତ୍ରର ଜଗନ୍ନାଥ ସଂସ୍କୃତି ପ୍ରଚାରିକା ମାନସ କୁମୁଦିନୀ ସରୋଜିନୀ ଦେବୀଙ୍କ ଦ୍ୱାରା ପ୍ରବଚନ ଓ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଯଜ୍ଞରେ ୨୭ ଯୋଡି ସପତ୍ନିକ କର୍ତ୍ତା ଦାୟିତ୍ୱ ତୁଲାଉଛନ୍ତି। ମନ୍ଦିର ପ୍ରତିଷ୍ଠା କମିଟି ପକ୍ଷରୁ ତିନିଦିନ ଧରି ହେବାକୁ ଥିବା ଏହି ମହୋତ୍ସବକୁ ସୂଚାରୁଭାବେ ପରିଚାଳନା ପାଇଁ ବିଭିନ୍ନ କମିଟି ଗଠନ କରାଯାଇଛି। ଅଫିସ ପରିଚାଳନା, ଖାଦ୍ୟ, ସାଂସ୍କୃତିକ, ବିଦ୍ୟୁତ, ଟେଣ୍ଟ,ମାଇକ ଓ ସାଉଣ୍ଡ, ପୂଜା ମଣ୍ଡପ ପରିଚାଳନା, ଭଣ୍ଡାର ଗୃହ, ଶାନ୍ତି ଶୃଙ୍ଖଳା ରକ୍ଷା, ସମନ୍ୱୟ ରକ୍ଷା, ଅତିଥି ସତ୍କାର, ପାନୀୟ ଜଳ ବ୍ୟବସ୍ଥା, ପରିମଳ, ସାଜସଜ୍ଜା, ପ୍ରସାଦ ବଣ୍ଟନ, ଯାନବାହନ ନିୟନ୍ତ୍ରଣ ଆଦି ବିଭାଗରେ ଗ୍ରାମ ତଥା ପଡୋଶୀ ଗ୍ରାମର ବ୍ୟକ୍ତିଙ୍କ ମଧ୍ୟରେ ଦାୟିତ୍ୱ ବଣ୍ଟନ କରାଯାଇଛି। ମହୋତ୍ସବ ପାଇଁ ବହୁ ଦୂରଦୂରାନ୍ତରୁ ଦୋକାନୀ ଆସି ପସରା ମେଲିଛନ୍ତି। ଶାନ୍ତି ଶୃଙ୍ଖଳା ରକ୍ଷାପାଇଁ ପୋଲିସ, ଅଗ୍ନିଶମ ବିଭାଗର ଅସ୍ଥାୟୀ କ୍ୟାମ୍ପ ଏବଂ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଅସ୍ଥାୟୀ ଚିକିତ୍ସା କେନ୍ଦ୍ର ଖୋଲାଯାଇଛି। ଅଧିବାସ କାର୍ଯ୍ୟକ୍ରମରେ କୁଚିଣ୍ଡା ପଞ୍ଚାୟତ ସମିତି ଅଧ୍ୟକ୍ଷ ଭୁବନେଶ୍ୱର କିଷାନ, ଆଠଗାଁ ଋଷିକୂଳ ଆଶ୍ରମ ବାବା ଜୀବନ ମୁକ୍ତାନନ୍ଦ ମହାରାଜ ପୁରୀଜୀଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ।

### ଛାତ୍ରୀ ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ

ନାକଟିଦେଉଳ,୩୦।୧(ବୈକୁଣ୍ଠ ନାଥ ସାହୁ)

ନାକଟିଦେଉଳ ବ୍ଲକ ବାଟଗାଁ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଗତ ୧୬ତାରିଖରୁ ଚାଲିଥିବା ଛାତ୍ରୀ ଆତ୍ମସୁରକ୍ଷା ତାଲିମ ଶିବିର ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ପ୍ରଥମ ବର୍ଷର ମୋଟ ୪୮ ଛାତ୍ରୀ ଅଂଶଗ୍ରହଣ କରିଥିଲେ। ମାଷ୍ଟର ଟ୍ରେନ ଦୀପାଞ୍ଜଳି ବାର୍ଲା ଆତ୍ମସୁରକ୍ଷା ସମ୍ବନ୍ଧୀୟ ବିଭିନ୍ନ କୌଶଳ ସମ୍ପର୍କରେ ତାଲିମ ପ୍ରଦାନ କରିଥିଲେ। କଲେଜ ଅଧକ୍ଷ ରମେଶ କୁମାର ଅଗ୍ରୱାଲାଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ସମାରୋହରେ ଅଧାପକ ପତିତ ମହାନନ୍ଦ, ଶରତ କୁମାର ଶତପଥୀ ଓ ପ୍ରଫୁଲ୍ଲ କୁମାର ପ୍ରଧାନ ପ୍ରମୁଖ ଯୋଗଦେଇ ତାଲିମ ଗ୍ରହଣ କରିଥିବା ଛାତ୍ରୀମାନେ ଆବଶ୍ୟକ ସ୍ଥଳେ ଏହାର ଉପଯୋଗ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ସଂଯୋଜିକା ଅଧାପିକା ସୁବାସିନୀ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଅଧାପକ ମହେନ୍ଦ୍ର କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ତାଲିମ ଗ୍ରହଣ କରିଥିବା ସମସ୍ତ ଛାତ୍ରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

## ବିଶ୍ୱ ଓଡ଼ିଆ ଭାଷା ସାହିତ୍ୟ ପ୍ରତିଯୋଗିତା



ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି ଅତିଥି।

କୁଚିଣ୍ଡା,୩୦।୧(ବିରଞ୍ଚି ଦର୍ଜୀ)

କୁଚିଣ୍ଡା କଲେଜ ପ୍ରେକ୍ଷାଳୟରେ ନୂଆ-ଓ କାର୍ଯ୍ୟକ୍ରମରେ ବିଶ୍ୱ ଓଡ଼ିଆ ଭାଷା ସାହିତ୍ୟ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। କଲେଜ ଅଧକ୍ଷା ପ୍ରଫେସର ସୁଚିତ୍ରା ମିଶ୍ରଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ କୁଚିଣ୍ଡା ଉପଜିଲାପାଳ ବିଭୂତିଭୂଷଣ ନାୟକ ମୁଖ୍ୟଅତିଥି, ଜିଲାପରିଷଦ ସଭ୍ୟ ଅଜିତ ମହାପାତ୍ର, କଲେଜ ପରିଚାଳନା କମିଟି ସଭାପତି ହୃଦାନନ୍ଦ ଶର୍ମା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଓଡ଼ିଆ ଭାଷା, ସଂସ୍କୃତିର ପ୍ରାଚୀନତା ଓ ଶାସ୍ତ୍ରୀୟତା ସମ୍ବନ୍ଧରେ ଅତିଥିଗଣ ବକ୍ତବ୍ୟ ରଖିଥିଲେ। ଏଥିରେ ପ୍ରାଧାପକ ଡ. ଅମିୟ କୁମାର ପାତ୍ର ଜଗନ୍ନାଥ ସଂସ୍କୃତି, ସେବା ଓ ରୀତିନୀତି ବିଷୟରେ ଆଲୋଚନା କରିଥିଲେ। ଅଧାପିକା ଡ. ସସ୍ମିତା ମିଞ୍ଜ ଓ ଅଧାପକ ଡ. ପ୍ରମୋଦ କୁମାର ପଧାନ, ଯୁକ୍ତ୩ ଛାତ୍ର ନିକୁ ମହାକୁଳ, ଛାତ୍ରୀ ପୂଜାରାଣୀ ବେହେରା ନିବନ୍ଧ ପାଠ କରିଥିଲେ। ଅତିଥିଗଣ ଯୁକ୍ତ୨ ଓ ଯୁକ୍ତ ୩ ସ୍ତରରେ ସ୍ଲୋଗାନ ଲିଖନ, ପ୍ରବନ୍ଧ ଲିଖନ, କବିତା ଲିଖନ, ସାଧାରଣ ଜ୍ଞାନ ଲିଖନ, କ୍ଷୁଦ୍ରଗଳ୍ପ ଲିଖନ ଆଦି ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ଯୁକ୍ତ ୩ ବର୍ଗ ଅଧାପିକା ରଞ୍ଜନୀ ନାୟକ ଓ ଯୁକ୍ତ ୨ ବର୍ଗ ଅଧାପିକା ସଞ୍ଜୁଶ୍ରୀ ସାହୁ ସଂଯୋଜିକା ଦାୟିତ୍ୱ ନିର୍ବାହ କରିଥିଲେ। ଅଧାପିକା ମମତା ସାହୁ ସଭା ପରିଚାଳନା କରିଥିବା ବେଳେ ଅଧାପିକା ଗଜମତୀ କୁମୁରା ଧନ୍ୟବାଦ ଅର୍ପଣ କରିଥିଲେ।

# ବିସିଜେଡିର ଜୋନସ୍ତରୀୟ କମିଟି ଘୋଷିତ

ସମ୍ବଲପୁର,୩୦।୧(ବି.ଶଙ୍କର)

**ମିଲନ ହୋତା ଜୋନ ସଭାପତି**

ବିଜୁ ଛାତ୍ର ଜନତା ଦଳ (ବିସିଜେଡି)ର ସମ୍ବଲପୁର ଜୋନସ୍ତରୀୟ କମିଟି କର୍ମକର୍ତ୍ତାଙ୍କ ନାମ ସୋମବାର ଘୋଷଣା କରାଯାଇଛି। ସମ୍ବଲପୁର, ବରଗଡ଼, ଝାରସୁଗୁଡ଼ା, ସୁନ୍ଦରଗଡ଼ ଓ ଦେବଗଡ଼ ଜିଲାକୁ ନେଇ ସମ୍ବଲପୁର ଜୋନ ଗଠିତ। ବିଜୁ ଛାତ୍ର ଜନତା ଦଳର ରାଜ୍ୟ ସଭାପତି ଦେବୀ ରଞ୍ଜନ ତ୍ରିପାଠୀଙ୍କ ଅନୁମୋଦନ ପରେ ସମ୍ବଲପୁର ଜୋନ କମିଟି ଘୋଷିତ ହୋଇଛି। ପୂର୍ବରୁ ସମ୍ବଲପୁର ଜୋନର ସଭାପତି ଥିବା ମିଲନ ହୋତା ନିଜ ପଦ ବଜାୟ ରଖିଥିବାବେଳେ ଅନ୍ୟ ସଦସ୍ୟମାନଙ୍କୁ ନୂତନ ଭାବେ ଚୟନ କରାଯାଇଛି । ଉପସଭାପତି ଭାବେ ଦେବଜ୍ୟୋତି ପଟ୍ଟନାୟକ, ଦେବାନନ୍ଦ ମେହେର, ସୁରେନ୍ଦ୍ର କୁମାର ତାଣ୍ଡି, ହେମନ୍ତ କୁମାର ପାଢ଼ୀ, କାହ୍ନୁକୁମାର ପୋଢ଼, ବିରଞ୍ଚି ସାମଲ ନିଯୁକ୍ତ ହୋଇଛନ୍ତି। ସତ୍ୟନାରାୟଣ ମିଶ୍ର, ସାନିଲ ନାୟକ, ଚିନ୍ମୟ ଦାସ, କାମିଲ ହୁସେନ, ମୋହିତ ଦାସ, ସନ୍ଦୀପ ମହାନ୍ତି, ପ୍ରଣବ ଭଟ୍ଟାଚାର୍ଯ୍ୟ, ପଙ୍କଜ କୁମାର ଶ୍ରେଷ୍ଠ, ସଞ୍ଜୀବ କୁମାର ବାଞ୍ଛିଆ ଓ ମୁକେଶ ମୁଖାର୍ଜୀ ସାଧାରଣ ସମ୍ପାଦକ ଏବଂ ଆଲୋକ ନାଥ, ନୀତିଶ ରଞ୍ଜନ ପାଣି, ବିଷ୍ଣୁଦେବ ମହାନ୍ତି, କାମାକ୍ଷା ପ୍ରସାଦ ସାମନ୍ତ, ପ୍ରବୀଣ କୁମାର ସାମଲ, ଶୁଭମ କୁମାର ମହାପାତ୍ର, ଇରଫାନ ଶେଖ, ହୋକେଶ ପ୍ରଧାନ, ପ୍ରଲୟ କୁମାର ସାହୁ, ଗୁଲସନ ସାହୁ, ଆଶୁତୋଷ ଅଗ୍ରୱାଲ, ସୃତି ପରିହାରୀ, ଶୁଭମ ପାତ୍ର ଓ ତନୁ କିଷାନ ସମ୍ପାଦକ ଭାବେ ନିଯୁକ୍ତ ହୋଇଛନ୍ତି। ସେହିପରି ନିଖିଳ ବାବୁ ଓ ଶୈଳେଶ ନାଏକଙ୍କୁ ଜୋନର ସୋସିଆଲ ମିଡିଆ ସଂଯୋଜକ ଭାବେ ନିଯୁକ୍ତ କରାଯାଇଛି। ନବନିଯୁକ୍ତ କର୍ମକର୍ତ୍ତା ମୁଖ୍ୟମନ୍ତ୍ରୀ ତଥା ଦଳର ସଭାପତି ନବୀନ ପଟ୍ଟନାୟକ, ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଓ ରାଜ୍ୟ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

### ଜିଲାସ୍ତରୀୟ ନିଯୁକ୍ତି ମେଳା

ରେଙ୍ଗାଲି,୩୦।୧(ଦେବବ୍ରତ ପଣ୍ଡା)

ସମ୍ବଲପୁର ଜିଲା ରେଙ୍ଗାଲିସ୍ଥିତ ସରକାରୀ ପଲିଟେକ୍‌ନିକଠାରେ ମଙ୍ଗଳବାର ଜିଲାସ୍ତରୀୟ ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଯାଇଛି। ପଲିଟେକ୍‌ନିକ ଅଧକ୍ଷ ସୁଧାଂଶୁ ରାୟ ମୁଖ୍ୟଅତିଥି ଭାବେ ଯୋଗଦେଇ ମେଳା ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠାନର ସରୋଜକାନ୍ତ ରାୟ, ସ୍ୱାଗତିକା ବାବୁ, ସୁସ୍ମିତା ବାଗ, ରେଙ୍ଗାଲି ବ୍ଲକ ପ୍ରୋଜେକ୍ଟ ମ୍ୟାନେଜର ଜପମାଲି ଭୋଷାଗର ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ମେଳାରେ ୪୨୫ଜଣ ଯୁବତୀଯୁବକ ନିଯୁକ୍ତି ପାଇଁ ନାମ ପଞ୍ଜୀକରଣ କରିଥିଲେ। ସେମାନଙ୍କ ମଧ୍ୟରୁ ୧୫୦ ଜଣ ତାଲିମ ପାଇଁ ଚୟନ ହୋଇଥିବା ବେଳେ ୬୨ ଜଣଙ୍କୁ ସିଧସଳଖ ନିଯୁକ୍ତି ମିଳିଥିଲା। ୧୨ଟି ସଂସ୍ଥା ନିଯୁକ୍ତି ମେଳାରେ ଅଂଶଗ୍ରହଣ କରିଥିଲେ। ଶେଷରେ ଡେପୁଟି ଡାଇରେକ୍ଟର ସ୍କିଲ ଆଣ୍ଡ ଏମ୍ପ୍ଲୟମେଣ୍ଟ ଅଧିକାରୀ ଶଙ୍କର ଚରଣ ମୁର୍ମୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଜୟଦୁର୍ଗା କଲେଜରେ ନୂଆ-ଓ କାର୍ଯ୍ୟକ୍ରମ



ଉଦ୍‌ଯାପନୀ ସଭାରେ ମଞ୍ଚାସୀନ ଅତିଥି।

ପଡିଆବାହାଲ, ୩୦।୧(ରାଧାମୋହନ ଷଡ଼ଙ୍ଗୀ)

ଯୁଯୁମୁରା ବ୍ଲକ ପଡିଆବାହାଲସ୍ଥିତ ଜୟ ଦୁର୍ଗା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନୂଆ-ଓ କାର୍ଯ୍ୟକ୍ରମରେ ଓଡ଼ିଆ ଭାଷା ସାହିତ୍ୟ ଓ ଜଗନ୍ନାଥ ସଂସ୍କୃତି ଆଧାରିତ ବିଭିନ୍ନ ପ୍ରତିଯୋଗିତା ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସଭାରେ ଅଧ୍ୟକ୍ଷ ଅକ୍ଷୟ ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ମୁରାସ୍ଥିତ ଦ୍ୱାରିକା ପ୍ରସାଦ ଅଗ୍ରୱାଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ନାରାୟଣ ପ୍ରଧାନ ମୁଖ୍ୟଅତିଥି, ବୀର ସୁରେନ୍ଦ୍ର ସାଏ ମହାବିଦ୍ୟାଳୟ ଅଧାପକ ପଦ୍ମନାଭ ସାମଲ, ଅଧାପକ ଗୀତିକାର ଯତୀନ୍ଦ୍ର କୁମାର ପ୍ରଧାନ ସମ୍ମାନିତ ଅତିଥି ରୂପେ ଯୋଗଦେଇ ଓଡ଼ିଆ ଭାଷା, ଜଗନ୍ନାଥ ସଂସ୍କୃତି ଉପରେ ଉଦ୍‌ବୋଧନ ଦେଇଥିଲେ। ଅଧାପକ ପ୍ରମୋଦ ନାୟକ ସଭା ପରିଚାଳନା କରିଥିଲାବେଳେ ଅଧାପକ ଅମିତ ନାଗ ଧନ୍ୟବାଦ ଅର୍ପଣ କରିଥିଲେ।

# ସମ୍ବଲପୁରୀ ନାଟକ 'ଟିକେଟ୍'ରେ ଦର୍ଶକ ବିଭୋର

ସମ୍ବଲପୁର,୩୦।୧(ପ୍ରମୋଦ ବହିଦାର):

**ଟିପିଲିମା ଉତ୍ସବ ଉଦ୍‌ଯାପିତ**



ଉତ୍ସବରେ କଳାକାରଙ୍କ ନୃତ୍ୟ ପରିବେଷଣ।

ଧନକଉଡ଼ା ବ୍ଲକ ଟିପିଲିମାଠାରେ ଆୟୋଜିତ ଦୁଇଦିନିଆ ଟିପିଲିମା ଉତ୍ସବ ଉଦ୍‌ଯାପିତ ହୋଇଛି। ପ୍ରତିବର୍ଷ ସୁରେନ୍ଦ୍ର ସାଏ ଜୟନ୍ତୀରେ ଏହି ଉତ୍ସବ ଅନୁଷ୍ଠିତ ହେଉଥିବା ବେଳେ ଚଳିତବର୍ଷ ଅଦିନିଆ ବର୍ଷା ଯୋଗୁ ଏଥିରେ ସାମାନ୍ୟ ବ୍ୟତିକ୍ରମ ଘଟି ଦୁଇଦିନ ବିଳମ୍ବ ହୋଇଥିଲା। ଟିପିଲିମା ଭିଏସ୍‌ଏସ୍ କ୍ଲବ ପକ୍ଷରୁ ଆୟୋଜିତ ଉତ୍ସବରେ ଟିପିଲିମା ଜଳ ବିଦ୍ୟୁତ୍ ପ୍ରକଳ୍ପ ମୁଖ୍ୟ ପ୍ରବନ୍ଧକ ନବକୃଷ୍ଣ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅବସରପ୍ରାପ୍ତ ସିଏଚ୍‌ଇପି ଅଶୋକ ପଣ୍ଡା, କଳାକାର ସଞ୍ଜୀବ ଅଗ୍ରୱାଲ, ରାଜକିଶୋର ମହାନନ୍ଦ ପ୍ରମୁଖ ସମ୍ମାନିତ ଅତିଥିଭାବେ ମଞ୍ଚାସୀନ ଥିଲେ। ଦ୍ୱିତୀୟ ସନ୍ଧ୍ୟାରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ବିଜେଡି ଜିଲା ସମ୍ପାଦକ ଦେବେନ୍ଦ୍ର ପତି ମୁଖ୍ୟଅତିଥି ଓ ବିଜେଡି ରାଜ୍ୟ ଯୁଗ୍ମ ସମ୍ପାଦକ ଦିଲୀପ ଦୁରିଆ, ସାମାଜିକ କର୍ମୀ କିରଣ ଜୟପୁରିଆ, ଜିଲାପରିଷଦ ସଭ୍ୟ ସୁଦର୍ଶନ ହରିପାଲ, ସ୍ଥାନୀୟ ସରପଞ୍ଚ ଗୋରେଖ ରାଉତ, ବ୍ଲକ ସଭାପତି ବାଞ୍ଛାନିଧି ମିଶ୍ର, ବସନ୍ତପୁର ସମିତି ସଭ୍ୟ ବଳରାମ ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥିଭାବେ ମଞ୍ଚାସୀନ ଥିଲେ। ପ୍ରତ୍ୟହ ସନ୍ଧ୍ୟାରେ ନୃତ୍ୟ, ଦୁଲଦୁଲି ଆଦି ପାରମ୍ପରିକ ଲୋକକଳା ପ୍ରଦର୍ଶିତ ହୋଇଥିଲା। ଉଦ୍‌ଯାପନୀ ସନ୍ଧ୍ୟାରେ ପଦ୍ମପୁରରୁ ନିମନ୍ତ୍ରିତ ନାଟ୍ୟ ଦଳ ପକ୍ଷରୁ ପରିବେଷିତ ସମ୍ବଲପୁରୀ କ୍ଷୁଦ୍ର ନାଟକ 'ଟିକେଟ୍' ଦର୍ଶକଙ୍କୁ ବିଭୋର କରିଥିଲା। ଅତିଥିଗଣ ଟିପିଲିମା ବିଦ୍ୟାଳୟର ଶ୍ରେଷ୍ଠ ମେଧାବୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। କ୍ଲବର ପୂର୍ବତନ ସଭାପତି ମହେନ୍ଦ୍ର ରାଉତ, ଜୟଶଙ୍କର ତିୱାରୀ, ସମ୍ପାଦକ ଗଣେଶ ତାଣ୍ଡିଆ, ଜଗିଶ୍ଚନ୍ଦ୍ର ଦଳାଇ, କୃଷ୍ଣ ପ୍ରଧାନ, ରାଜକିଶୋର ମହାନନ୍ଦ ସହଯୋଗ କରିଥିଲେ।

# ଆର୍‌ଡି ରାସ୍ତା ମାଇଲଖୁଣ୍ଟ ଦେଖି ଯାତ୍ରୀ ହଇରାଣ

ସମ୍ବଲପୁର,୩୦।୧ (ଭବାନୀ ଶଙ୍କର ଭୋଇ):




ଟିନିଛକିଆରେ ଲାଗିଥିବା ଧମାର ମାଇଲଖୁଣ୍ଟ।

**ଧମାଠାରୁ ୧୪ କି.ମି. ଦୂରରେ ଧମା ୦ କି.ମି. ଦର୍ଶାଯାଇଛି**

ରାସ୍ତାଗୁଡିକରେ ରହିଥିବା ମାଇଲଖୁଣ୍ଟ ପଥଚାରୀଙ୍କୁ ତାଙ୍କ ଗନ୍ତବ୍ୟସ୍ଥଳ କେତେଦୂରରେ ରହିଛି ତାହା ଜାଣିବାରେ ସହାୟକ ହୋଇଥାଏ। ହେଲେ ସମ୍ବଲପୁର ଜିଲା ମାନେଶ୍ୱର ବ୍ଲକରେ ଥିବା ଖାଙ୍କରପାଲି-ଯାଦୁ ଲୁଇସିଂହ ରାସ୍ତାରେ ମାଇଲ ଖୁଣ୍ଟରେ ଦର୍ଶାଯାଇଥିବା ଭୁଲ ତଥ୍ୟ ଅନେକ ଯାତ୍ରୀଙ୍କୁ ଅସୁବିଧାରେ ପକାଉଥିବା ଅଭିଯୋଗ ହୋଇଛି। ଯାତ୍ରୀମାନେ ମାଇଲଖୁଣ୍ଟକୁ ଅନୁସରଣ କରି ଯିବା ପରେ ହଠାତ୍ ଭୁଲ ଜାଗାକୁ ପହଞ୍ଚିପାଇଥିବା ଜାଣିପାରି ହଟହଟା ହେଉଛନ୍ତି। ଖାଙ୍କରପାଲିରୁ ଯାଦୁଲୁଇସିଂହ ପର୍ଯ୍ୟନ୍ତ ଯାଇଥିବା ସାଢେସାତ କିଲୋମିଟର ଆର୍‌ଡି ରାସ୍ତାରେ ଏପରି ସ୍ଥିତି ଦେଖିବାକୁ ମିଳିଛି । ଦୁଇବର୍ଷ ତଳେ ମୁଖ୍ୟମନ୍ତ୍ରୀ ଗ୍ରାମସଡ଼କ ଯୋଜନାରେ ଏହି ରାସ୍ତା ନିର୍ମାଣ କରାଯାଇଥିଲା। ରାସ୍ତା ନିର୍ମାଣ ପରେ ମାଇଲଖୁଣ୍ଟ ପୋତାଯାଇ ସେଥିରେ ଦୂରତା ସୂଚନା ଦିଆଯାଇଥିଲା। ହେଲେ ରାସ୍ତାଟି ଧମାରୁ ୧୪ କିଲୋମିଟର ଦୂରରେ ନିର୍ମାଣ ହୋଇଥିବା ସତ୍ତ୍ୱେ ବେଲବଙ୍ଗା ନିକଟ ଟିନିଛକିଆଠାରେ ପୋତାଯାଇଥିବା ମାଇଲଖୁଣ୍ଟରେ ଧମା ୦ କିମି ବୋଲି ଦର୍ଶାଯାଇଛି। ପୁଣି ଆଗକୁ ଖାଙ୍କରପାଲି ପର୍ଯ୍ୟନ୍ତ ମାଇଲଖୁଣ୍ଟରେ ୭ କିମି ପର୍ଯ୍ୟନ୍ତ ସୂଚନା ଦିଆଯାଇଛି। ଜିରୋ କିଲୋମିଟର ଲେଖା ଥିବା ସ୍ଥାନରୁ ଧମାର ଦୂରତା ହେଉଛି ୧୪ କିଲୋମିଟର। ଆଜକୁ ଦୁଇବର୍ଷ ହେବ ସେହି ଟିନିଛକିଆକୁ ଲୋକେ ମାଇଲଖୁଣ୍ଟ ପଢି ଧମା ବୋଲି ବିଚାର କରି ହଇରାଣ ହେଉଛନ୍ତି। ପୁଣି ନୂଆ ଲୋକଙ୍କ ପାଇଁ ଏହା ଆହୁରି ଅସୁବିଧା ସୃଷ୍ଟି କରୁଛି। ଦୀର୍ଘ ଦିନରୁ ଏମିତି ତ୍ରୁଟି ରହିଥିଲେ ବିଭାଗ ଏହାକୁ ସଂଶୋଧନ କରିନାହିଁ। ଏ ବିଷୟରେ ଅଞ୍ଚଳର ଲୋକେ ବିଭାଗୀୟ ଅଧିକାରୀଙ୍କୁ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ରାସ୍ତାଟି ଟିନିଛକିଆଠାରୁ ଖାଙ୍କରପାଲି ପର୍ଯ୍ୟନ୍ତ ନିର୍ମାଣ କରାଯାଇଥିବା ବେଳେ ସୂଚନା ଫଳକରେ ମଧ୍ୟ ଧମାଠାରୁ ଖାଙ୍କରପାଲି ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ହୋଇଥିବା ଲେଖାରହିଛି, ଯାହା ସାଧାରଣରେ ସନ୍ଦେହ ସୃଷ୍ଟି କରୁଛି। ଏ ସମ୍ପର୍କରେ ଆର୍‌ଡି ବିଭାଗ ଏସ୍‌ଡିଓ ବଞ୍ଜୁରାମ ହେମ୍ବ୍ରମଙ୍କୁ ପଚାରିବାରୁ ସେ କହିଛନ୍ତି, ପ୍ରକଳ୍ପଟି ପ୍ରକୃତରେ ଧମା-ଖାଙ୍କରପାଲି ଆର୍‌ଡି ରାସ୍ତା ପ୍ରକଳ୍ପ। କାମଟି ଧମାଠାରୁ ଆରମ୍ଭ ହେବା ବଦଳରେ ଶେଷମୁଣ୍ଡ ଖାଙ୍କରପାଲିଠାରୁ କରାଯାଇଥିଲା। ତେବେ ମାଇଲଖୁଣ୍ଟରେ ଖାଙ୍କରପାଲିକୁ ୦ରୁ ଆରମ୍ଭ କରିବା ବଦଳରେ ଶେଷ ମୁଣ୍ଡକୁ ୦ ଲେଖା ଆରମ୍ଭ କରାଯାଇଥିବାରୁ ଏଭଳି ସମସ୍ୟା ସୃଷ୍ଟି ହୋଇଛି। ଏହାର ଖୁବ୍‌ଶୀଘ୍ର ସମାଧାନ କରାଯିବ ବୋଲି ହେମ୍ବ୍ରମ ପ୍ରତିଶ୍ରୁତି ଦେଇଛନ୍ତି।

## ୩ ଅଧିକାରୀଙ୍କ କ୍ୱାର୍ଟର୍ସରୁ ଚୋରି

ଦେଓଗାଁ,(କୃଷ୍ଣ ପ୍ରସାଦ ପାଣିଗ୍ରାହୀ): ଦେଓଗାଁ ବ୍ଲକ କଲୋନୀରେ ଥିବା ୩ଅଧିକାରୀଙ୍କ ସରକାରୀ କ୍ୱାର୍ଟର୍ସରୁ ସୋମବାର ରାତିରେ ଚୋରି ହୋଇଛି। ଦେଓଗାଁ ଥାନା ଏଏସଆଇ ସଚିତ୍ର ଛତ୍ରିଆ, ବିପିସି ଭକ୍ତିଭୂଷଣ ପଣ୍ଡା ଓ ଭେଟେନେରୀର ଜଣେ କର୍ମଚାରୀଙ୍କ ଘରୁ ଚୋରି ହୋଇଛି। ଚୋରିବେଳେ କର୍ମଚାରୀ ଘରେ ନଥିଲେ। ଭବାନୀ ଶଙ୍କର ମହାପାତ୍ରଙ୍କ ଲିଖିତ ଅଭିଯୋଗ ଅନୁସାରେ ଏକ ଚୋରି ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ ତାରାବତୀ ପ୍ରଧାନ କହିଛନ୍ତି।

### ସଂକ୍ଷେପରେ

## ୩୪ଲିଟର ଦେଶୀମଦ ଜବତ, ୨ଗିରଫ

କଣ୍ଟାବାଞ୍ଜି, ୩୦।୧(ଗୁରୁଦୟାଲ ହଂସ)

ବଲାଙ୍ଗୀର ଜିଲା ତୁରେକେଲା ଥାନା ଅନ୍ତର୍ଗତ କୁଶପାଲି ଗ୍ରାମରେ ମଙ୍ଗଳବାର ଅବକାରୀ ବିଭାଗ ଚଢାଉ କରି ବେଆଇନ ଭାବେ ମଦ ବିକ୍ରି କରୁଥିବା ୨ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ ଜଣେ ମହିଳା ରହିଛନ୍ତି। ଗିରଫ ମୁକୁନ୍ଦ ମାଝିଙ୍କଠାରୁ ୧୮ ଲିଟର ଏବଂ ସଜମନି ମାଝିଙ୍କଠାରୁ ୧୬ଲିଟରେ ଏହିପରି ୩୪ଲିଟର ଦେଶୀମଦ ଜବତ କରାଯାଇଛି। ଗିରଫ ଅଭିଯୁକ୍ତଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଯାଇଛି। ଏ ନେଇ କଣ୍ଟାବାଞ୍ଜି ଅବକାରୀ କେଶ ନଂ.୧୬୫/୨୦୨୩-୨୪ ରୁଜୁ ହୋଇଛି। ଏହି ଚଢାଉରେ ସ୍ଥାନୀୟ ଅବକାରୀ ଥାନା ଅଧିକାରୀ ପ୍ରବୀଣ କୁମାର ସାହୁ, ଏଏସଆଇ ଆର୍ତ୍ତତ୍ରାଣ ବହିଦାର ଓ ଟିମ୍ ସାମିଲ ଥିଲେ।

## ମାଗଣା ସ୍ୱାସ୍ଥ୍ୟ ଶିବିର

ଲୋଇସିଂହା,୩୦।୧(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ପତଞ୍ଜଳି ଆରୋଗ୍ୟ କେନ୍ଦ୍ରରେ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ହରିଦ୍ୱାରରୁ ପ୍ରଶିକ୍ଷିତ ଡ. ଆଶିଷ କୁମାର ନାଥ, ନିରୀକ୍ଷକ ପବିତ୍ର କୁମାର ସାହୁ, ତାପସ କର ପ୍ରମୁଖ ଯୋଗଦେଇଥିଲେ । ଶିବିରେ ଯୋଗଦେଇ ଥିବା ବିଭିନ୍ନ ପ୍ରକାର ରୋଗୀଙ୍କ ସ୍ୱାସ୍ଥ୍ୟ ସମସ୍ୟା ଅବଗତ ହୋଇ ମାଗଣା ଔଷଧ ବଣ୍ଟନ କରି ନିୟମିତ ଯୋଗ ପ୍ରାଣାୟାମ କରିବାକୁ ପରାମର୍ଶ ଦେଇଥିଲେ। ଅଶୋକ କୁମାର ଅଗ୍ରୱାଲ,ରାମଚନ୍ଦ୍ର ସାହୁ, ଦୈତାରୀ ସାହୁ, ପ୍ରମିଳା ସାହୁ, ବାସନ୍ତି ସାହୁ, ଉପେନ୍ଦ୍ର ପ୍ରଧାନ ସହଯୋଗ କରିଥିଲେ ।

## ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଉଦ୍‌ଯାପିତ

କଣ୍ଟାବାଞ୍ଜି, ୩୦।୧(ଗୁରୁଦୟାଲ ହଂସ)

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ସହରସ୍ଥିତ ମୁକୁନ୍ଦିଲାଲ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ମଙ୍ଗଳବାର ନୂଆ-ଓ ବିଶ୍ୱ ଓଡ଼ିଶା ଭାଷା ସମ୍ମିଳନୀ ତଥା ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଅବସରରେ ଆୟୋଜିତ ସପ୍ତାହବ୍ୟାପୀ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ ଛାତ୍ରୀମାନେ ଜଗନ୍ନାଥ ସଂସ୍କୃତି ଉପରେ ଭଜନ ଏବଂ ସୁଶ୍ରୀ ଶୁଭଲକ୍ଷ୍ମୀ ମିଶ୍ର ଦ୍ୱାରା ଶ୍ଳୋକ ପାଠ କରାଯାଇଥିଲା । ସାଧାରଣ ସଭାରେ ବିଦ୍ୟାଳୟ ଅଧ୍ୟକ୍ଷା ରୀତା ଗୁରୁ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ନୂଆ-ଓ ବିଶ୍ୱ ଓଡିଆ ଭାଷା ସମ୍ମିଳନୀ ଜିଲା ସଂଯୋଜକ କ୍ଷମାନିଧି ପ୍ରଧାନ, ମୁଖ୍ୟବକ୍ତା ଜରାସିଂହା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟାପିକା କଲ୍ଲୋଲିନି ମିଶ୍ର, ଓ ବିଦ୍ୟାଳୟ ସଂଯୋଜିକା ଅନିତା ପଟ୍ଟନାୟକ ମଞ୍ଚାସୀନ ଥିଲେ। ଏହି ଅବସରରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଏବଂ ଶ୍ରୀ ଜଗନ୍ନାଥ ସଂସ୍କୃତି ଉପରେ ଆୟୋଜିତ ବିଭିନ୍ନ ପ୍ରତିଯୋଗୀତାର କୃତୀ ଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଅଧ୍ୟାପିକା ଡ. ସସ୍ମିତା ପଟ୍ଟନାୟକ, ଡ. ମିଲି କର ମଞ୍ଚ ପରିଚାଳନା କରିଥିଲେ ।

## ରାମ ମନ୍ଦିର ନିର୍ମାଣ ପାଇଁ ପ୍ରସ୍ତୁତି ବୈଠକ

ମୁରିବାହାଲ, ୩୦।୧(ଶ୍ରୀବତ୍ସ ବେହେରା)

ବଲାଙ୍ଗୀର ଜଲା ମୁରିବାହାଲ ସଦର ମହୁଲୁମାରେ ରାମ ମନ୍ଦିର ନିର୍ମାଣ ପାଇଁ ମଙ୍ଗଳବାର ସ୍ଥାନୀୟ ରାଧାକୃଷ୍ଣ ଓ ଶିବ ମନ୍ଦିର ପ୍ରାଙ୍ଗଣରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ବଜରଙ୍ଗ ଦଳ ପ୍ରମୁଖ ସୁଧାଂଶୁ ଶେଖର ପୋଡ଼ ଯାଦବଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ମୁରିବାହାଲ ସରପଞ୍ଚ ବିଶ୍ୱବିହାରୀ ଯୋଶୀ, ରାଜୀବ ଲୋଚନ, ସେନା ପ୍ରମୁଖ ରାଜୀବ କୁମାର ମହାନ୍ତି, ରାଜୀବ ଲୋଚନ ସେନା ସଭାପତି ରାଜୀବ କୁଆଁର, ବରିଷ୍ଠ ସଦସ୍ୟ ସୁଧୀର ପାଣି, ତରୁଣ ପୋଡ଼, ଚିନ୍ତାମଣି ମହାରଣା, ନେପାଳ ସାହୁ, ଶିବ କର, ରାମରଞ୍ଜନ ପାତ୍ର, ସୁଜିତ ରଞ୍ଜନ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ। ଏହାପରେ ନୂତନ ଶ୍ରୀରାମ ମନ୍ଦିର ପରିଚାଳନା କମିଟି ଗଠନ କରାଯାଇଥିଲା। ସଭାପତିରାଜୀବକୁଆଁର, ଉପସଭାପତିଦିବ୍ୟସୁନ୍ଦର ସାହୁ, ବାବୁଲାଲ କେତକୀ, ପିଣ୍ଟୁ ପୋଡ଼, ସାଧାରଣ ସମ୍ପାଦକ ବିକି ମହାରଣା, ସମ୍ପାଦକ ନୀତିଶ କୁମାର ସାହୁ, ସହସମ୍ପାଦକ ଉଦିତ କଟା, କୋଷାଧ୍ୟକ୍ଷଭାବେ ପଦ୍ମଲୋଚନ ସାହୁଙ୍କୁ ମନୋନୟନ କରାଯାଇଥିଲା। ଉପଦେଷ୍ଟା କମିଟିରେ ୪୨ଜଙ୍କୁ କମିଟିରେ ରଖାଯାଇଛି।

# ବ୍ଲକ ଅଫିସ ଘେରିଲେ ଆଦିବାସୀ

ବେଲପଡା,୩୦।୧(ମନୋଜ କୁମାର ମିଶ୍ର)

୧୩ଦଫା ଦାବି ନେଇ ବଲାଙ୍ଗୀର ଜିଲା ବେଲପଡା ବ୍ଲକର ଆଦିବାସୀମାନେ ମଙ୍ଗଳବାର ବ୍ଲକ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ବିଡିଓ ରାଜେଶ ମେହେରଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧୩ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଥିଲେ। ଆଦିବାସୀ ସଂଘ କର୍ମକର୍ତ୍ତାମାନେ ତାରିଣୀ ମନ୍ଦିର ନିକଟରୁ ପାରମ୍ପରିକ ଅସ୍ତ୍ରଶସ୍ତ୍ର ଧରି ଶୋଭାଯାତ୍ରାରେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖର ପହଞ୍ଚିଥିଲେ। ସେଠାରେ ଅନୁଷ୍ଠିତ ବିକ୍ଷୋଭ ସଭାରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ ଗୋରୁ ଗୁହାଳ, ଛେଳି ଗୁହାଳ, ମାଛଚାଷ, ପୋଖରୀ ଓ ଜମି ଉନ୍ନତୀକରଣରେ ଆଦିବାସୀମାନଙ୍କୁ ଅଗ୍ରାଧିକାର ଭିତ୍ତିରେ ଅନ୍ତର୍ଭୁକ୍ତ କରିବାକୁ


ଆଦିବାସୀମାନେ ପାରମ୍ପରିକ ଅସ୍ତ୍ରଶସ୍ତ୍ର ସହ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ଦାବି କରାଯାଇଥିଲା। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବାଦ୍ ପଡିଥିବା ଆଦିବାସୀଙ୍କୁ ତାଲିକାଭୁକ୍ତ କରିବା, ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ୨୦୧୩ ଅନୁସାରେ ପରିବାରର ପ୍ରତ୍ୟେକ ସଦସ୍ୟଙ୍କୁ ରାଶନ ଯୋଗାଣ, ବାର୍ଦ୍ଧକ୍ୟ, ବିଧବା ବିକଳାଙ୍ଗ ଭତ୍ତା ପ୍ରଦାନରେ ଅଗ୍ରାଧିକାର ଭିତ୍ତିରେ ମଞ୍ଜୁର, ଜଙ୍ଗଲ ଜମି ସ୍ୱୀକୃତି ଆଇନ ୨୦୦୬ ଅନୁସାରେ ଗଠନ କରାଯାଉଥିବା ନୂତନ କମିଟିକୁ ତୁରନ୍ତ କାର୍ଯ୍ୟକାରୀ କରିବା,

**ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧୩ଦଫା ଦାବିପତ୍ର ବିଡିଓଙ୍କୁ ଦେଲେ**

ଜଙ୍ଗଲ ଜମି ପଟା ଆଦିବାସୀଙ୍କୁ ପ୍ରଦାନ, ନକଲି ଆଦିବାସୀ ପ୍ରମାଣ ପତ୍ର ପ୍ରଦାନ ବନ୍ଦ କରିବାକୁ ଦାବି କରାଯାଇଥିଲା। ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନାରେ ଆଦିବାସୀମାନଙ୍କୁ ଅଣଦେଖା କରାଯାଉଥିବା ପ୍ରଦତ୍ତ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ସଂଘର ବ୍ଲକ ସଭାପତି ରସିକ ଧରୁଆ, ଦୁଃଖନାଶନ ମାଝି, ଯୁବ ସଂଗଠକ ଜଗଜୀବନ ଭୋଇ, ନିରୂପମା ଧରୁଆ, ପ୍ରମିଳା ବାରଲେବଡିଆ, ଧନେଶ୍ୱର ମାଝି, ରାଜକିଶୋର ଛତ୍ରିଆ, ରୋହିତ ବର୍ଗେ, ସତରାମ ମଲ୍ଲିକ, ମିତ୍ର ବରିହା, ଗୁଣନିଧି ବର୍ଗେ ପ୍ରମୁଖ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

# ଜିଲାସ୍ତରୀୟ ସ୍କାଉଟ୍ସ ଗାଇଡ୍ସ କ୍ୟାମ୍ପୋରି



ମଙ୍ଗଳବାର କ୍ୟାମ୍ପୋରି ଉଦ୍‌ଘାଟନୀ ଅବସରରେ ମଞ୍ଚାସୀନ ଅତିଥି।

ଖପ୍ରାଖୋଲ, ୩୦।୧(ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲୁହାସିଂହା ସର୍ବୋଦୟ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଖେଳ ପଡିଆରେ ୩୧ତମ ଜିଲାସ୍ତରୀୟ ସ୍କାଉଟ୍ସ ଓ ଗାଇଡ୍ସ କ୍ୟାମ୍ପୋରି ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ଜିଲା ଶିକ୍ଷା କାର୍ଯ୍ୟାଳୟ ତରଫରୁ ଅନୁଷ୍ଠିତ କେମ୍ପୋରିରେ ଜିଲା ଶିକ୍ଷାଧିକାରୀ ଧ୍ରୁବଚରଣ ବେହେରା ଅଧ୍ୟକ୍ଷତା କରିଥଲେ। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ପାଟଣାଗଡ ଉପଜିଲାପାଳ ଡା ବିଜୟାନନ୍ଦ ସେଠୀ, ସମ୍ମାନୀତ ଅତିଥିଭାବେ ଖପ୍ରାଖୋଲ ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର, ଜିଲା ଶାରୀରିକ ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ପାତ୍ର, ଲୁହସିଂହା ସରପଞ୍ଚ ସୀମାଞ୍ଚଳ ପୁରୋହିତ, ଲୁହସିଂହା ବିଦ୍ୟାଳୟ ଅଧ୍ୟକ୍ଷ ରାଧାକାନ୍ତ ସୁଆର, ପୂର୍ବତନ ଶାରୀରିକ ଶିକ୍ଷା ଅଧିକାରୀ ଅନ୍ତର୍ଯ୍ୟାମୀ ବିଶାଳ, ସ୍କାଉଟ ଜିଲା ସାଙ୍ଗଠନିକ କମିଶନର ବିନୋଦ ମହାପାତ୍ର ତଥା ଗାଇଡ କମିଶନର ଜୟଶ୍ରୀ ପୋଡ଼ ମଞ୍ଚାସୀନ ଥିଲେ। ଏହି କେମ୍ପୋରୀରେ ଜିଲାର ୧୪ଟି ବ୍ଲକରୁ ୧୮୩ଜଣ ସ୍କାଉଟ, ୧୫୬ ଗାଇଡ, ୨୯ ଜଣ ସ୍କାଉଟ ମାଷ୍ଟର ଏବଂ ୨୦ଜଣ ଗାଇଡ କ୍ୟାପଟେନ ଯୋଗ ଦେଇଛନ୍ତି। କେମ୍ପୋରି ମୁଖ୍ୟ ନୀଳମଣି ପଟେଲ, ସ୍କାଉଟ ଉପଦେଷ୍ଟା ନିଲାଞ୍ଚଳ ଟିଗ୍ରୁନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ନାନ୍ଦୁପଲା ଉନ୍ନୀତ ବିଦ୍ୟାଳୟ ପ୍ରଧାନଶିକ୍ଷକ ଶିବପ୍ରସାଦ ମେହେର, ଘୁନସର ପ୍ରଗତି ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଐଶର୍ଯ୍ୟ ଶେଖର ଦେବତା, ନବରତ୍ନ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ସୁଶାନ୍ତ ଦାଶ, ବାଘମୁଣ୍ଡ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଗୌରାଙ୍ଗ ଚରଣ ଦାସ, ଭାନପୁର ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଉମାକାନ୍ତ ଖମାରୀ, ଫୁଲକିମୁଣ୍ଡା ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଗୋପାଳ ଚନ୍ଦ୍ର ବେହେରା, ଗୋପୀନାଥ ସାହୁ, କିଶୋର ପାତ୍ର, ବିନୟ କୁମାର ମହରା, କୁଞ୍ଜବିହାରୀ ସରାଫ ଉପସ୍ଥିତ ଥିଲେ। ତିନିଦିନ ଧରି ଏହି କେମ୍ପୋରି ଅନୁଷ୍ଠିତ ହେବାକୁ ଥିବା ବେଳେ କ୍ୟାଡରମାନେ ବିଭିନ୍ନ କଳା କୌଶଳ ପ୍ରଦର୍ଶନ କରିବେ ବୋଲି ଜଣାପଡିଛି।

# ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ

ଗୁଡଭେଲା,୩୦।୧(ମନୋଜ କୁମାର ଜୈନ)

ଟିଟିଲାଗଡ଼ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଗୁଡଭେଲା ବ୍ଲକ ଜାମୁଟ ପଞ୍ଚାୟତରୁ ମଙ୍ଗଳବାର ବିଜେଡି ପକ୍ଷରୁ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମରେ ଟିଟିଲାଗଡ ନିର୍ବାଚନ ମଣ୍ଡଳୀ ପର୍ଯ୍ୟବେକ୍ଷକ ଅଜୟ ନାୟକ, ସହ ପର୍ଯ୍ୟବେକ୍ଷକ ସ୍ନେହାଞ୍ଜଳିମହାନ୍ତି, ଗୁଡଭେଲା ବ୍ଲକ ପର୍ଯ୍ୟବେକ୍ଷକ ଅଶୋକ ଜେନା, ତୁଷୁରା ଏନଏସି ଅଧ୍ୟକ୍ଷ ଅଜୟ ଜୟସ୍ୱାଲ, ଯୁବନେତା ବିକାଶ ଶର୍ମା, ରାମଶଙ୍କର ବାଗ, ରାକେଶ ବାଗ, ବାଳକ ବାଗ, ନିରୋଦ ନାଗ, ସୋମ ଭୋଇ, ବିଭୁ ସାହୁ, ରଘୁନାଥ ଦାସ, ପପିନ ପ୍ରଧାନ, ଜିଲା ପରିଷଦ ସଭ୍ୟ ଗୀତା ବିଶି, ବିଜୁ ମହିଳା ଜନତାଦଳ


କର୍ମୀମାନେ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମରେ ଲୋକଙ୍କ ପାଖକୁ ଯାଉଛନ୍ତି।

ରାଜ୍ୟ ସାଧାରଣସମ୍ପାଦିକା ରମାକାନ୍ତି ପୁଟେଲଙ୍କ ସହିତ ଦଳର ବହୁ କର୍ମୀ ଉପସ୍ଥିତ ଥିଲେ। ନେତୃବର୍ଗ ରାଜ୍ୟସରକାରଙ୍କ ବିଭିନ୍ନ ଜନହିତକର ଯୋଜନାର ସୁଫଳ ଲୋକମାନେ ଉପକୃତ ହେଉଥିବା ନେଇ ନେତୃବର୍ଗ ମତ ନେଇଥିଲେ।

## ମହାରାଣୀ ସାଗର, ଇନ୍ଦିରାନଗରରେ ଗରିବଙ୍କୁ ଜମିପଟ୍ଟା ଦିଅ: ନରସିଂହ

**ନଗର ଉନ୍ନୟନ ଗୃହ କମିଟି ଉପକମିଟି ବୈଠକ**

ବଲାଙ୍ଗୀର,୩୦।୧(ବୀରେନ୍ଦ୍ର କୁମାର ଝାଙ୍କର)

ଭୁବନେଶ୍ୱର ବିଧାନସଭା ପରିସର ସଭାଗୃହରେ ନଗର ଉନ୍ନୟନ ବିଭାଗ ଗୃହ କମିଟି ଅନ୍ତର୍ଗତ ଉପକମିଟି-୨ର ବୈଠକ କମିଟି ଅଧ୍ୟକ୍ଷ ତଥା ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ବୈଠକରେ ବଲାଙ୍ଗୀର ସହରର ମହାରାଣୀ ସାଗର, ଇନ୍ଦିରାନଗର ଓ ଲକ୍ଷ୍ମୀଯୋର କଡରେ ରହୁଥିବା ଭୂମିହୀନ ଲୋକଙ୍କୁ କିଭଳି ସେହି ସ୍ଥାନରେ ଥଇଥାନ କରାଯିବ ସେ ଉପରେ ଅଧ୍ୟକ୍ଷ ମିଶ୍ର ଗୁରୁତ୍ୱାରୋପ କରିଥିଲେ । ସେ କହିଥିଲେ ଯେ, ବର୍ତ୍ତମାନ ମହାରାଣୀ ସାଗରରେ ହେଉଥିବା ଉନ୍ନୟନ କାମ ଯେହେତୁ କେବଳ ପାଣି ରହୁଥିବା ଅଞ୍ଚଳରେ ହେଉଛି ତେଣୁ ବାକି ପାଖାପାଖି ୨୦ ଏକର ଜମିକୁ ସେଠାରେ ଘର କରି ରହୁଥିବା ଲୋକଙ୍କ ନାଁରେ ପଟ୍ଟା କରିଦିଆଯାଉ। ଏଥିରେ ଗ୍ରାମ୍ୟ ଉନ୍ନୟନ ବିଭାଗ ବରିଷ୍ଠ ଅଧିକାରୀମାନେ ସହମତି ପ୍ରକାଶ କରିଛନ୍ତି। ଅଧ୍ୟକ୍ଷ ମିଶ୍ରଙ୍କ ନିର୍ଦ୍ଦେଶ ମୁତାବକ ଇନ୍ଦିରାନଗର ଅଞ୍ଚଳରେ ପୂର୍ବରୁ ସରକାରଙ୍କ ଦ୍ୱାରା ପ୍ରସ୍ତାବିତ ଜିଲାପାଳ କାର୍ଯ୍ୟାଳୟ ଓ ସିଭିଲ କୋର୍ଟ ନିର୍ମାଣ ହେବାର ନାହିଁ। ତେଣୁ ସେଠାରେ ମଧ୍ୟ ଗରିବ ଜବରଦଖଲକାରୀଙ୍କ କବ୍‌ଜାରେ ଥିବା ସରକାରୀ ଜମିକୁ ଯିଏ ଯେଉଁଠାରେ ଘର କରି ରହୁଛି ତା ନାମରେ ସେଟେଲମେଣ୍ଟ କରିବା ପାଇଁ ବିଧାୟକ ମିଶ୍ର ବିଭାଗୀୟ ଅଧିକାରୀଙ୍କୁ କହିଥିଲେ। ଲକ୍ଷ୍ମୀଯୋର ଉଭୟ କଡରୁ ବିସ୍ଥାପିତ ହେବାକୁ ଥିବା ଲୋକଙ୍କୁ ଆଉ ବିସ୍ଥାପିତ ନ କରି ସେହିଠାରେ ହିଁ ତାଙ୍କୁ ଘର ଓ ଜମିର ପଟ୍ଟା ପ୍ରଦାନ କରାଯିବ ବୋଲି କହିଥିଲେ। ନଗର ଉନ୍ନୟନ ବିଭାଗ ନିର୍ଦ୍ଦେଶକଙ୍କ ଉପସ୍ଥିତିରେ ଅନୁଷ୍ଠିତ ଗୃହ କମିଟି ବୈଠକରେ ଜଳଚର ଅଞ୍ଚଳରେ ଥିବା ଜବରଦଖଲକାରୀଙ୍କୁ ଜାଗା ମିଶନ ମାଧ୍ୟମରେ ଜାଗା ଓ ଘର ଦିଆଯିବାର ବ୍ୟବସ୍ଥା ଶୀଘ୍ର କରାଯିବା ସହ ଇନ୍ଦିରାନଗର ଓ ଅନ୍ୟ ଅଞ୍ଚଳର ଜବରଦଖଲକାରୀଙ୍କୁ ରାଜସ୍ୱ ବିଭାଗ ଜମି ଓ ପଟ୍ଟା ପ୍ରଦାନ କରିବେ ବୋଲି ସହମତି ପ୍ରକାଶ ପାଇଛି। ବୈଠକ ନିଷ୍ପତ୍ତି ଶୀଘ୍ର କାର୍ଯ୍ୟକାରୀ ହେଲେ ବଲାଙ୍ଗୀରରେ ଜବରଦଖଲ କରିଥିବା ଜମିରେ ବାସ କରୁଥିବା ଲୋକଙ୍କୁ ଆଶ୍ୱସ୍ତି ମିଳିବ ବୋଲି ବିଧାୟକ ମିଶ୍ର କହିଛନ୍ତି ।

## ଚର୍ଚ୍ଚାରେ ଯୁବ କଳାକାର ସଙ୍କେତ

ଲୋଇସିଂହା,୩୦।୧(ସୁଶାନ୍ତ ବାରିକ)


ସଙ୍କେତ ତ୍ରିପାଠୀ

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଯୋଗୀସର୍ଡା ଗ୍ରାମର ଯୁବ କଳାକାର ସଙ୍କେତ ତ୍ରିପାଠୀ(୨୭) । ଷ୍ଟାର ଭାରତ ଏବଂ ହଟ୍‌ଷ୍ଟାର ଆପ୍‌ରେ ପ୍ରସାରିତ ସାବଧାନ୍ ଇଣ୍ଡିଆରେ ପୋଲିସ ଅଫିସର ଭୂମିକାରେ ଅଭିନୟ କରି ଏବେ ସେ ଚର୍ଚ୍ଚାକୁ ଆସିଛନ୍ତି। ତାଙ୍କ ଦକ୍ଷ କଳାକୁ ଦର୍ଶକ ଭାରି ପସନ୍ଦ କରୁଛନ୍ତି। ଅପରପକ୍ଷେ ଗାଁ ପୁଅକୁ ଟିଭି ପରଦାରେ ଦେଖି ଯୋଗୀସର୍ଡା ଗ୍ରାମରେ ଆନନ୍ଦର ଲହରି ଖେଳିଯାଇଛି । ଉଚ୍ଚ ଶିକ୍ଷିତ ସଙ୍କେତ ଭୁବନେଶ୍ୱରସ୍ଥିତ କିଟ୍‌ରେ ପଢୁଥିବା ସମୟରେ ନିଜେ ସ୍କ୍ରିପଟ ଲେଖି ସହପାଠୀଙ୍କୁ ନେଇ ଅଣ୍ଡର ଗ୍ରେଟସ୍ ଡ୍ରାମା ଆୟୋଜନ କରିଥିଲେ । ଏପରିକି କେତେକ ଶର୍ଟଫିଲ୍ମ ପ୍ରସ୍ତୁତ କରିଥିଲେ । ୩ରୁ ୪ ବର୍ଷ ପରେ ସେ ଏସବୁକୁ ୱାର୍ଦ୍ଧା ଫିଲ୍ମ ଫେଷ୍ଟିଭାଲ, ଇଣ୍ଡିପେଣ୍ଡେନ ଡେ ଫେଷ୍ଟିଭାଲ, ୧ନଂ ବାଜରା ମୋଭିକୁ ଜୟପୁର ଫେଷ୍ଟିଭାଲରେ ପ୍ରଦର୍ଶିତ କରି ପୁରସ୍କୃତ ହୋଇଛନ୍ତି। ହିନ୍ଦୀ ଚ୍ୟାନେଲ ଷ୍ଟାର ଭାରତ ଏବଂ ହଟଷ୍ଟାର ଆପ୍‌ରେ ପ୍ରସାରିତ ସବଧାନ ଇଣ୍ଡିଆରେ ଅଭିନୟ କରି ଆଉ ଏକ ମାଇଲଖୁଣ୍ଟ ଅତିକ୍ରମ କରିଛନ୍ତି। ତାଙ୍କ ରଚନା ଓ ନିର୍ଦ୍ଦେଶନାରେ ଓଡ଼ିଆ ଚଳଚ୍ଚିତ୍ର ଗୁରଜୀ ନମସ୍କାର ଆଗକୁ ମୁକ୍ତିଲାଭ କରିବାକୁ ଯାଉଛି । ଏଥିରେ ସେ ନିର୍ଦ୍ଦେଶନା ଦେବା ସହ ଅଭିନୟ କରିଛନ୍ତି। ସଙ୍କେତ ସସ୍ମିତା ତ୍ରିପାଠୀ ଏବଂ ସ୍ୱର୍ଗତ ଧୀରେନ୍ଦ୍ର ତ୍ରିପାଠୀଙ୍କ ଜ୍ୟେଷ୍ଠପୁତ୍ର । ସଙ୍କେତ ବରଗଡ ବିକାଶ ଶିକ୍ଷାନୁଷ୍ଠାନରେ ମାଧ୍ୟମିକ ଶିକ୍ଷା କରି ପରେ ବିଟେକ କରିଛନ୍ତି। ଏବେ ସେ ବରଗଡ କଲେକ୍ଟୋରେଟରେ କାର୍ଯ୍ୟରତ ଅଛନ୍ତି।

## ଦେଶୀମଦ, ଗଞ୍ଜେଇ ଜବତ: ୪ ଗିରଫ

ଗୁଡଭେଲା,୩୦।୧(ମନୋଜ କୁମାର ଜୈନ)

ବଲାଙ୍ଗୀର ଜିଲା ତୁଷୁରା ଅବକାରୀ ବିଭାଗ ପକ୍ଷରୁ ୪୮ଲିଟର ଦେଶୀ ମଦ ଓ ୩୨ କେଜି ୩୮୦ ଗ୍ରାମ ଗଞ୍ଜେଇ ସହ ତିନୋଟି ବାଇକ ଜବତ କରାଯାଇଛି। କାରବାରରେ ସମ୍ପୃକ୍ତ ୪ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିବା ତୁଷୁରା ଅବକାରୀ ଅଧିକାରୀ ଶ୍ରୀକାନ୍ତ ପାଣିଗ୍ରାହୀ କହିଛନ୍ତି। ପାଟୋଲିଂ ସମୟରେ ଡୁଙ୍ଗିବାହାଲ ଛକରେ ଏକ ବାଇକରେ ତୁଷୁରା ଥାନା ଅନ୍ତର୍ଗତ ଡୁଙ୍ଗିବାହାଲ ଗ୍ରାମର ସୂର୍ଯ୍ୟମଣି ରଣା ଆସୁଥିବା ବେଳେ ସନ୍ଦେହ କରି ଅବକାରୀ ବିଭାଗ ଅଧିକାରୀ ଅଟକାଇ ଥିଲେ। ଯାଞ୍ଚ ପରେ ୪୮ଲିଟର ଦେଶୀ ମଦ ବାହାରିଥିଲା। ବଡବାହାଲ ଛକ ପାଖରେ ଦୁଇଟି ବାଇକରେ ୩ଜଣ ଯୁବକ ଏକ ଜରି ପ୍ୟାକେଟ ଅଦଳବଦଳ କରୁଥିବା ବେଳେ ଅବକାରୀ ବିଭାଗ ପକ୍ଷରୁ ସନ୍ଦେହ କରି ଯାଞ୍ଚ କରିଥିଲା। ସେମାନଙ୍କଠାରୁ ୩୨ କେଜି ୩୮୦ଗ୍ରାମ ଗଞ୍ଜେଇ ଜବତ କରାଯାଇଥିଲା। ଉକ୍ତ ଯୁବକ ମାନେ ଗୌରଗୋଠ ଗ୍ରାମର ବ୍ରଜରାଜ କୁମ୍ଭାର, ଓମପ୍ରକାଶ ରଣା ଓ ତରଭା ଥାନା ଅନ୍ତର୍ଗତ କମସରା ଗ୍ରାମର ରାଜୀବ ବେହେରା।

## ଜଗନ୍ନାଥ ସଂସ୍କୃତି ସମ୍ପର୍କିତ କାର୍ଯ୍ୟକ୍ରମ


କାର୍ଯ୍ୟକ୍ରମର ଉଦ୍‌ଯାପନୀ ଦିବସରେ ମଞ୍ଚାସୀନ ଅତିଥି।

ମୁରିବାହାଲ,୩୦।୧(ଶ୍ରୀବତ୍ସ ବେହେରା)

ବଲାଙ୍ଗୀର ଜିଲ୍ଲା ମୁରିବାହାଲ ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଓ ଜଗନ୍ନାଥ ସଂସ୍କୃତି ସମ୍ବନ୍ଧୀୟ କାର୍ଯ୍ୟକ୍ରମ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ରମେଶ ଚନ୍ଦ୍ର ମହାନନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଡିଏଭି ମହାବିଦ୍ୟାଳୟ ଇତିହାସ ବିଭାଗ ଅଧ୍ୟାପକ ଅଳକାନନ୍ଦ ମଲ୍ଲ ମୁଖ୍ୟ ଅତିଥିଭାବେ ଯୋଗଦେଇ ଓଡ଼ିଶା ଭାଷା ଓ ଜଗନ୍ନାଥ ସଂସ୍କୃତି ବିଷୟରେ ଆଲୋଚନା କରିଥିଲେ। ସମ୍ମାନୀତ ଅତିଥିଭାବେ କାର୍ଯ୍ୟକ୍ରମ ନୋଡାଲ ଅଧିକାରୀ ବିକ୍ରମ ତାଣ୍ଡି, ଅଧ୍ୟାପକ ନରେନ୍ଦ୍ର ପାଣିଗ୍ରାହୀ, ରାଧେଶ୍ୟାମ ତ୍ରିପାଠୀ, ହୃଦାନନ୍ଦ ପୁହାଣ ମଞ୍ଚାସୀନ ଥିଲେ। ଗତ ୨୪ ତାରିଖଠାରୁ ଚାଲିଥିବା କାର୍ଯ୍ୟକ୍ରମରେ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ନେଇ ଜଗନ୍ନାଥ ସଂସ୍କୃତି, ଓଡ଼ିଆ ଭାଷାରେ ବକ୍ତୃତା, ରଚନା, ସଙ୍ଗୀତ, ଚିତ୍ରାଙ୍କନ ଆଦି ପ୍ରତିଯୋଗିତାମାନ ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ମାନପତ୍ର, ଟ୍ରଫି ଓ ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ଚାମ୍ପିୟନ ଭାବେ ସ୍ନେହାମୟୀ ଦାସ, ଶ୍ରେଷ୍ଠ ଭଲିଣ୍ଟିୟର ତରୁଣ ଛୁରାଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଅଧ୍ୟାପକ ପୂଜାରାଣୀ ରଥ ସଂଯୋଜନା କରିଥିବା ବେଳେ ଧନ୍ୟବାଦ ଅର୍ପଣ କରିଥିଲେ ଅଧ୍ୟାପକ ଭବାନୀ ପୋଢ଼ ।

## ଶହୀଦ ଦିବସରେ ଗାନ୍ଧୀଙ୍କୁ ଶ୍ରଦ୍ଧାଞ୍ଜଳି

ବଲାଙ୍ଗୀର,୩୦।୧(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଗାନ୍ଧୀ ଭବନ ସମ୍ମୁଖ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ଗାନ୍ଧୀ ସ୍ମୃତି କମିଟି ପକ୍ଷରୁ ଶହୀଦ ଦିବସ ପାଳନ କରାଯାଇଥିଲା। ଏଥିରେ ଗାନ୍ଧୀ ଭବନ ପାଠକ ମଞ୍ଚର ପାଠକ, ପାଠିକା ଯୋଗଦାନ କରିଥିଲେ। ଆଲୋଚକଭାବେ ଗ୍ରନ୍ଥକାର ହେମନ୍ତ କୁମାର ପଣ୍ଡା, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ବୀରେନ୍ଦ୍ର କୁମାର ଝାଙ୍କର ବକ୍ତବ୍ୟ ରଖିଥିଲେ। ଗାନ୍ଧୀଜୀଙ୍କୁ ହତ୍ୟା କରାଯାଇପାରେ କିନ୍ତୁ ଗାନ୍ଧୀ ବିଚାରକୁ କେବେ ହତ୍ୟା କରାଯାଇପାରିବ ନାହିଁ ବୋଲି ବକ୍ତାମାନେ କହିଥିଲେ। ଆଜି ଯୁଦ୍ଧଖୋର ବିଶ୍ୱରେ ଗାନ୍ଧୀଜୀଙ୍କ ସତ୍ୟ, ଅହିଂସା ଓ ଶାନ୍ତି ଅଧିକରୁ ଅଧିକ ପ୍ରାସଙ୍ଗିକ ହୋଇପଡିଛି ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମକୁ କମିଟି ଆବାହକ ଯୁଜେଷ୍ଟି ମେହେର ପରିଚାଳନା କରିଥିଲେ। ବରିଷ୍ଠ ନାଗରିକ ଗୋପଭୂଷଣ ନାଥ, ମନରଞ୍ଜନ ପୁରୋହିତ, ପ୍ରେସ କ୍ଲବ୍ ସଭାପତି ଅରୁଣ ମିଶ୍ର, ବାବୁ ପୂଜାରୀ, ପ୍ରଶାନ୍ତ ମହାକୁର ଉପସ୍ଥିତ ଥିଲେ। ବିଭୂକଲ୍ୟାଣ ଗଡତ୍ୟା ଧନ୍ୟବାଦ ଦେଇଥିଲେ। ଗାନ୍ଧୀଜୀଙ୍କ ସହୀଦ ଦିବସରେ ଗାନ୍ଧୀ ପ୍ରତିମୂର୍ତ୍ତି ସ୍ଥଳ ସଫେଇ କରାଯାଇନଥିବାରୁ ଏବଂ ପ୍ରଶାସନ ପକ୍ଷରୁ ଗାନ୍ଧୀ ପ୍ରତିମୂର୍ତ୍ତିରେ ଫୁଲମାଳ ଲଗାଯାଇ ନ ଥିବାରୁ ଗାନ୍ଧୀପ୍ରେମୀମାନେ ଘୋର ଅସନ୍ତୋଷ ବ୍ୟକ୍ତ କରିଥିଲେ।


ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ଶହୀଦ ଦିବସ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି ଜଣାଯାଇଛି।

# ଘୃଣା ନୁହେଁ, ସହାନୁଭୂତି କର

ଲୋଇସିଂହା,୩୦।୧(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ସହାୟତା ଏବଂ ଲୋଇସିଂହା ପଞ୍ଚାୟତ ସମିତି ଆନୁକୂଲ୍ୟରେ ଢୋଲମହୁଲ ଶାନ୍ତି କଲୋନୀରେ ବିଶ୍ୱ କୁଷ୍ଠରୋଗ ନିବାରଣ ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଆଶା ପଧାନ ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ । ଏଥିରେ ପଞ୍ଚାତ ସମିତି ଅଧ୍ୟକ୍ଷ ଯତୀନ୍ଦ୍ର ପଟେଲ ମୁଖ୍ୟ ଅତିଥି, ସିଡିପିଓ ଗାୟତ୍ରୀ ବାରିକ, ବ୍ଲକ ସହକାରୀ ଯନ୍ତ୍ରୀ ସିଦ୍ଧାର୍ଥ ପାଢ଼ୀ, ଜିପିଓ କିଶୋର ମାନସିଂ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। କୁଷ୍ଠ ରୋଗାକ୍ରାନ୍ତଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ନିରନ୍ତର ସ୍ୱାସ୍ଥ୍ୟ ସେବା ଯୋଗାଇବା ସହ ସରକାରଙ୍କ ବିବିଧ ଯୋଜନାରେ ସାମିଲ କରି ମୁଖ୍ୟସ୍ରୋତକୁ ଫେରାଇ ଆଣିବାକୁ ବ୍ଲକ ପ୍ରଶାସନ ପକ୍ଷରୁ ଉଦ୍ୟାମ


ସଭାରେ ଉପସ୍ଥିତ ପଞ୍ଚାୟତ ସମିତି ଅଧ୍ୟକ୍ଷ ଏବଂ ଅଧିକାରୀ।

**ଲୋଇସିଂହାରେ ବିଶ୍ୱ କୁଷ୍ଠରୋଗ ନିବାରଣ ଦିବସ ପାଳିତ**

କରାଯାଉଥିବା ସମିତି ଅଧ୍ୟକ୍ଷ ପଟେଲ କହିଥିଲେ। ଅନ୍ୟରୋଗ ଭଳି କୁଷ୍ଠରୋଗ ଏକ ସାଧାରଣ ଜୀବାଣୁଜନିତ ରୋଗ ହୋଇଥିବାରୁ ସେମାନଙ୍କୁ ଘୃଣା ନ କରି ସେବା ତଥା ସହାୟତା ପାଇଁ ଆଗେଇ ଆସିବାକୁ କହିଥିଲେ ବ୍ଲକ ସହକାରୀ ଯନ୍ତ୍ରୀ ପାଢୀ। ଆଗାମୀ ୧୦ବର୍ଷ ମଧ୍ୟରେ ଏହି ରୋଗ ମଳୋତ୍ପାଟନ ପାଇଁ ସରକାର ଲକ୍ଷ୍ୟ ରଖିଥିବା ସେ କହିଥିଲେ। ଏହି ରୋଗର ଲକ୍ଷଣ ଦେଖାଦେବା ମାତ୍ରେ ନ ଲୁଚାଇ ସ୍ୱାସ୍ଥ୍ୟ ବିଭାଗର ପରାମର୍ଶ ନେବାକୁ ଜିପିଓ ମାନସିଂ କହିଥିଲେ। ଶାନ୍ତି କଲୋନୀର ୨୪ ଅନ୍ତେବାସୀଙ୍କ ମଧ୍ୟରୁ ୧୪ ଜଣଙ୍କୁ ମଧୁବାବୁ ପେନସନ ଯୋଜନାରେ ଅନ୍ତର୍ଭୁକ୍ତ ହୋଇଥିବା ସୂଚନା ଦେଇଥିଲେ। ଏହି ଅବସରରେ ଅନ୍ତେବାସୀଙ୍କୁ ବ୍ଲକ ପ୍ରଶାସନ ପକ୍ଷରୁ ବିଭିନ୍ନ ନିତ୍ୟ ବ୍ୟବହୃତ ସାମଗ୍ରୀ ପ୍ରଦାନ କରାଯାଇଥିଲା। ଏହି ଉପଲକ୍ଷେ ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଥିଲା। କୁଷ୍ଠରୋଗର ଭାରପ୍ରାପ୍ତ ଅଧିକାରୀ ଗୋବିନ୍ଦ ବଲ୍ଲଭ ସାହୁ ବ୍ଲକରେ ୩୭ ଜଣ କୁଷ୍ଠ ରୋଗୀ ଥିବାବେଳେ ଚଳିତ ମାସରେ ୧୭ ଜଣ ନୂଆ ରୋଗୀ ଚିହ୍ନଟ ହୋଇଥିବା ସୂଚନା ଦେଇଥିଲେ।

## ସଂକ୍ଷେପରେ

# ଭିତ୍ତିଭୂମିର ବିକାଶ ଉପରେ ଗୁରୁତ୍ୱ

### ସୁବର୍ଣ୍ଣପୁରରେ ନୂତନ ଜିଲାପାଳଙ୍କ ଯୋଗଦାନ



ସୋନପୁର,୩୦।୧(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁରର ୩୩ତମ ଜିଲାପାଳ ଭାବେ ଅନ୍ୟା ଦାସ ମଙ୍ଗଳବାର କାର୍ଯ୍ୟରେ ଯୋଗଦାନ କରିଛନ୍ତି। ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲା ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅଶ୍ୱିନୀ ମେହେରଙ୍କଠାରୁ ସେ ଦାୟିତ୍ୱ ଗ୍ରହଣ କରିଥିଲେ। ଜିଲାପାଳ ଦାସ ଏହା ପୂର୍ବରୁ ନବରଙ୍ଗପୁରର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଦାୟିତ୍ୱରେ ଥିଲେ। ଅନ୍ୟା ହେଉଛନ୍ତି ୨୦୧୯ ବ୍ୟାଚ୍‌ର ଆଇଏଏସ ଅଫିସର। ଜିଲାରେ ଭିତ୍ତିଭୂମିର ବିକାଶ ଉପରେ ସେ ପ୍ରାଥମିକତା ଦେବେ ବୋଲି ଗଣମାଧ୍ୟମ ପ୍ରତିନିଧିଙ୍କ ସହିତ ଆଲୋଚନା ସମୟରେ କହିଛନ୍ତି। ସେହିପରି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପଗୁଡ଼ିକର କାର୍ଯ୍ୟ କିଭଳି ନିର୍ଦ୍ଧାରିତ ସମୟରେ ସରିବ, ଲୋକଙ୍କ ଜୀବନଜୀବିକାର ଉନ୍ନତି ଓ ଲୋକଙ୍କୁ କିଭଳି ତ୍ୱରିତ ପ୍ରଶାସନିକ ସେବା ମିଳିପାରିବ ସେ ଦିଗରେ ଦୃଷ୍ଟି ଦେବେ ବୋଲି କହିଥିଲେ। ଅତିରିକ୍ତ ଜିଲାପାଳ ଅଞ୍ଜଳିନା ପ୍ରଧାନଙ୍କ ସମେତ ଅନ୍ୟ ପ୍ରଶାସନିକ ଅଧିକାରୀମାନେ ନୂତନ ଜିଲାପାଳ ଦାସଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ସହ ଅଭିନନ୍ଦନ ଜଣାଇଥିଲେ । ପ୍ରକାଶଥାଉ କି, ଏଠାରେ ପୂର୍ବରୁ କାର୍ଯ୍ୟରତ ଜିଲାପାଳ ବିମଳେନ୍ଦୁ ରାୟଙ୍କର ରାଜ୍ୟ ସରକାରଙ୍କ ଇପିଏମ ଓ ଓମ୍‌ଫେଡ୍ ନିର୍ଦ୍ଦେଶକ ଭାବେ ବଦଳି ହୋଇଛି।

# ସଂଯମୀ, ସଂସ୍କାରୀ ହେଲେ ଲକ୍ଷ୍ୟ ହାସଲ ହେବ

ଅମରପାଲି,୩୦।୧(ପୀତାମ୍ବର ସାହୁ)

ଛାତ୍ରୀଛାତ୍ରମାନେ ହେଉଛନ୍ତି ଦେଶର ଭବିଷ୍ୟତ। ଏଣୁ ଏମାନଙ୍କୁ ଭବିଷ୍ୟତ ପାଇଁ ଗଢ଼ିବା ସମସ୍ତଙ୍କ କର୍ତ୍ତବ୍ୟ। ସଂଯମୀ ଓ ସଂସ୍କରୀ ହେଲେ ଉତ୍ତମ ନାଗରିକ ହୋଇ ଲକ୍ଷ୍ୟସ୍ଥଳରେ ପହଞ୍ଚି ପାରିବ। ତେଣୁ ସମସ୍ତେ ଏଥିପ୍ରତି ଧ୍ୟାନ ଦେଇ ଭଲ ପାଠ ପଢ଼ି ଭବିଷ୍ୟତରେ ଉତ୍ତମ ନାଗରିକ ହେବାକୁ ଚେଷ୍ଟା କରିବା ଉଚିତ। ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଦୁର୍ଜନତୈଲା ପଞ୍ଚାୟତର କୁଞ୍ଜାପାଲି ଆଶ୍ରମ ସ୍କୁଲ ରେ ହୋଇଥିବା ବାର୍ଷିକ ଉତ୍ସବରେ ଯୋଗଦେଇ ଅତିଥିମାନେ ଉପରୋକ୍ତ ମତବ୍ୟକ୍ତ କରିଛନ୍ତି। ସ୍କୁଲର ପ୍ରଧାନ ଶିକ୍ଷକ ଶୁଭ୍ରାଂଶୁ ଶେଖର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବାର୍ଷିକ ଉତ୍ସବ ସମାରୋହରେ ସୁବର୍ଣ୍ଣପୁର ଅତିରିକ୍ତ ଜିଲା ମଙ୍ଗଳ ଅଧିକାରିଣୀ ସଂଯୁକ୍ତା ମାଝୀ ମୁଖ୍ୟଅତିଥି ଏବଂ ବୀରମହାରାଜପୁର ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପ୍ରଦୀପ କୁମାର ବାଗ, ଦୁର୍ଜନତୈଲା ସରପଞ୍ଚ ବିଷ୍ଣୁପ୍ରିୟା କୁମ୍ଭାର ଓ ସ୍କୁଲ ପରିଚାଳନା କମିଟିର ସଭାନେତ୍ରୀ ପ୍ରଭାବତୀ ବଗର୍ତ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେଇ




ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

### କୁଞ୍ଜାପାଲି ଆଶ୍ରମ ସ୍କୁଲର ବାର୍ଷିକୋତ୍ସବ

ଛାତ୍ରୀ ଛାତ୍ରମାନଙ୍କ ଉଦ୍ଦେଶ୍ୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସ୍କୁଲର ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା। ଛାତ୍ରୀ ସନ୍ଧ୍ୟାରାଣୀ ନାଏକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଲିଜା ସୁମୁର୍ଥା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପ୍ରଧାନଶିକ୍ଷକ ପଣ୍ଡା ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ଏହି ଅବସରରେ ପୂର୍ବରୁ ହୋଇଥିବା କୁଇଜ, ରଙ୍ଗୋଲି, ବକ୍ତୃତା ଆଦି ପ୍ରତିଯୋଗିତା ସହିତ ସ୍କୁଲସ୍ତରୀୟ କ୍ରିକେଟ, ବ୍ୟାଡମିଣ୍ଟନ, ଭଲିବଲରେ ଚାମ୍ପିୟନ ଦଳକୁ ଅତିଥିମାନେ ଟ୍ରଫି ଓ ମାନପତ୍ର ଦେଇ ପୁରସ୍କୃତ କରିଥିଲେ। ଏହାସହିତ ଝିଲି ପ୍ରଧାନଙ୍କୁ ଚଳିତ ଶିକ୍ଷାବର୍ଷର ଶ୍ରେଷ୍ଠ ଛାତ୍ରୀ , ଉପସ୍ଥାନ ଅଧିକ ଥିବାରୁ ମନୋଜ ଭରାସାଗରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷକ ଗିରିଧାରୀ ନାଏକ ଓ ତ୍ରିଲୋଚନ ସାହୁ ପୁରସ୍କାର ବିତରଣରେ ସହଯୋଗ କରିଥିଲେ। ଶେଷରେ ଛାତ୍ର ମୁକେଶ ଜଗତ ଧନ୍ୟବାଦ ଅର୍ପଣ କରିଥିଲେ। ସଭା ପରେ ସ୍କୁଲର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଛାତ୍ରୀ ଲିଜା ନାଏକ ଓ ଲିଜା ସୁମୂର୍ଥା ମଞ୍ଚ ପରିଚାଳନା କରିଥିଲେ।

# ଶତାଧିକ ବୃଦ୍ଧାବୃଦ୍ଧଙ୍କୁ କମ୍ବଳ ବଣ୍ଟନ

ଅମରପାଲି,୩୦।୧(ପୀତାମ୍ବର ସାହୁ)

### ଜିଲାସ୍ତରୀୟ ବରିଷ୍ଠ ନାଗରିକଙ୍କ ସମ୍ମିଳନୀ

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରସ୍ଥିତ କଲ୍ୟାଣ ମଣ୍ଡପଠାରେ ମଙ୍ଗଳବାର ପିପୁଲ ଫୋରମ ତରଫରୁ ଜିଲାସ୍ତରୀୟ ବରିଷ୍ଠ ନାଗରିକମାନଙ୍କ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହାସହିତ ଶତାଧିକ ବୃଦ୍ଧାବୃଦ୍ଧଙ୍କୁ କମ୍ବଳ ବଣ୍ଟନ କରାଯାଇଛି। ଏହି ଅବସରରେ ଅନୁଷ୍ଠାନର ପ୍ରତିଷ୍ଠାତା ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସୁବର୍ଣ୍ଣପୁର ଜିଲା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ହେମନ୍ତ କୁମାର ପାଢ଼ୀ ମୁଖ୍ୟଅତିଥି ଏବଂ ବୀରମହାରାଜପୁର ଉପଖଣ୍ଡ ପୋଲିସ ଅଧିକାରୀ ବାସୁଦେବ ଛତ୍ରିଆ, ସ୍ଥାନୀୟ ତହସିଲଦାର ଅମୃତ ଲାଲ ବେହେରା, ଗୋଷ୍ଠୀ ଉନ୍ନୟନ ଅଧିକାରୀ ରଘୁନାଥ ପାଣିଗ୍ରାହୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ ଅନୁଷ୍ଠାନର ଏଭଳି ସମାଜ ସେବା କାର୍ଯ୍ୟକୁ ପ୍ରଶଂସା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ୱେଚ୍ଛାସେବୀ କିଶୋର କୁମାର ହୋତା, ଅଧ୍ୟାପକ ଭକ୍ତରାମ ପଣ୍ଡା ବକ୍ତବ୍ୟ ପ୍ରଦାନ କରିଥିଲେ। ମୀନକେତନ ମହାକୁର କାର୍ଯ୍ୟକ୍ରମରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ପ୍ରକାଶ ରଥ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସର୍ବଭାରତୀୟ ସ୍ତରରେ ଆଗାମୀ ଦିନରେ କମ ଖର୍ଚ୍ଚରେ ଅନୁଷ୍ଠାନ ପକ୍ଷରୁ ଗରିବ ଲୋକଙ୍କ ପାଇଁ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯିବ ବୋଲି ସୂଚନା ଦିଆଯାଇଥିଲା। କାର୍ଯ୍ୟକ୍ରମକୁ ଯୁଗଳ କିଶୋର ମିଶ୍ର ସଂଯୋଜନା କରିଥିବା ବେଳେ ସାମନ୍ତ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ମାହେଶ୍ୱରୀ ସେନା ଓ ଅନ୍ୟାନ୍ୟ କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।



ଉପସ୍ଥିତ ବୃଦ୍ଧାବୃଦ୍ଧ।

# କେନଝିରିଆପାଲିକୁ ହରାଇ ହିଲୁଙ୍ଗ ଚାମ୍ପିୟନ




ଅତିଥିଙ୍କ ସହିତ ଉଭୟ ଦଳର ଖେଳାଳିମାନେ।

ଅମରପାଲି,୩୦।୧(ପୀତାମ୍ବର ସାହୁ)

### ଜ୍ୟୋତି ସ୍ପୋର୍ଟିଂ କ୍ରିକେଟ ଟୁର୍ନାମେଣ୍ଟ

### ବିକାଶଙ୍କୁ ମ୍ୟାନ୍ ଅଫ୍ ଫାଇନାଲ ଓ ସିରିଜ

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ କେନଝିରିଆପାଲିରେ ହେଉଥିବା ଜ୍ୟୋତି ସ୍ପୋର୍ଟିଂ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲରେ ଆୟୋଜକ କେନଝିରିଆପାଲି କୁ ହରାଇ ହିଲୁଙ୍ଗ ଦଳ ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚ ଦୁଇଟି ଫର୍ମାଟରେ ଖେଳାଯାଇଥିଲା। ହିଲୁଙ୍ଗ ଦଳ ଟସ ଜିଣି ପ୍ରଥମ ଫର୍ମାଟରେ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୫ ଉଇକେଟ ହରାଇ ୧୩୯ ରନ କରିଥିଲା। ଜବାବରେ କେନଝିରିଆପାଲି ଦଳ ନିର୍ଦ୍ଧାରିତ ୧୦ ଓଭରରେ ୮ ଉଇକେଟ ହରାଇ ୧୧୦ ରନ କରିଥିଲା। ଦ୍ୱିତୀୟ ଫର୍ମାଟରେ ହିଲୁଙ୍ଗ ଦଳ ନିର୍ଦ୍ଧାରିତ ୭ ଓଭରରେ ୫ ଉଇକେଟ ହରାଇ ୧୨୦ ରନ କରିଥିବା ବେଳେ କେନଝିରିଆପାଲି ଦଳ ନିର୍ଦ୍ଧାରିତ ୭ ଓଭରରେ ୮ ଉଇକେଟ ହରାଇ ୯୦ ରନ କରିଥିଲା। ଉଭୟ ଫର୍ମାଟରେ ବିଜୟୀ ହୋଇ ହିଲୁଙ୍ଗ ଦଳ ଚାମ୍ପିୟନ ହୋଇଥିଲା। ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ବୀରମହାରାଜପୁର ବ୍ଲକ ଅଧ୍ୟକ୍ଷା ଶାନ୍ତି ଲୁହା ମୁଖ୍ୟଅତିଥି ଏବଂ ସ୍ଥାନୀୟ ସରପଞ୍ଚ ସସ୍ମିତା ଦୀପ, ସମିତି ସଭ୍ୟା ସୁଷମା ସେଠୀ,କ୍ରୀଡାବିତ ଗୁଣସାଗର କର୍ଣ୍ଣ,ଜାତକ ପ୍ରଧାନ,ରାଜୀବ ପ୍ରଧାନ, ନୀଳାଞ୍ଚଳ ପ୍ରଧାନ,ବ୍ୟାସଦେବ ରଥ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ହିଲୁଙ୍ଗର ବିକାଶ ଙ୍କୁ ମ୍ୟାନ ଅଫ ଦି ଫାଇନାଲ ଓ ସିରିଜ ଭାବେ ପୁରସ୍କୃତ କରାଯାଇଥିଲା। ଚାମ୍ପିୟନ ହିଲୁଙ୍ଗ ଦଳକୁ ନଗଦ ୧୩ ହଜାର ଟଙ୍କା ସହିତ ଟ୍ରଫି ଏବଂ ରନର୍ସ ଅପ୍ କେନଝିରିଆପାଲି ଦଳକୁ ନଗଦ ୮ ହଜାର ଟଙ୍କା ସହିତ ଟ୍ରଫି ପ୍ରଦାନ କରାଯାଇଥିଲା। ଫାଇନାଲ ଖେଳକୁ ତରଣୀ ସେନ ପ୍ରଧାନ ଓ ପୃଥ୍ୱୀରାଜ ମହାକୁର ଅମ୍ପାୟର ଭାବେ ପରିଚାଳନା କରିଥିଲେ। ସରୋଜ କୁମାର ଭୁକ୍ତା ସ୍କୋରିଂ ଏବଂ ଝସକେତନ ରଣା, ଶ୍ରବଣ ଦେହୁରୀ ଓ ବିରେନ୍ଦ୍ର କୁମାର ଖେତି ଧାରା ବିବରଣୀ ପ୍ରଦାନ କରିଥିଲେ।

# ମହିଳା ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଘାଟିତ

### ଘଣ୍ଟାପଡ଼ା ଜୁନିୟର କଲେଜ

ଘଣ୍ଟାପଡ଼ା,୩୦।୧(ପ୍ରଭାତ କୁମାର ସାହୁ)

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଘଣ୍ଟାପଡ଼ା ଟିକେଏସଏମଆରଜି ଜୁନିୟର କଲେଜରେ ପ୍ରୋଗ୍ରାମ ଅଫିସର ଖେଳ ଶିକ୍ଷକ ରାଜକିଶୋର ଭୋଇଙ୍କ ତତ୍ତ୍ୱାବଧାନରେ ମହିଳା ଆତ୍ମରକ୍ଷା ତାଲିମ ଶିବିର ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ପରମାନନ୍ଦ ଡାଙ୍ଗ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିର ଉଦ୍‌ଘାଟନ କରିଥିଲେ। ଶିବିରରେ ମୁଖ୍ୟବକ୍ତା ଭାବେ ସମାଜସେବୀ ପ୍ରଭାତ କୁମାର ସାହୁ ଯୋଗଦେଇ ଅସୁରକ୍ଷିତ ଜୀବନରେ ମହିଳାଙ୍କ ପାଇଁ ଆତ୍ମକୌଶଳ ଶରୀରର ସୁରକ୍ଷା କବଚ ଭାବେ କାର୍ଯ୍ୟ କରିଥାଏ। ସେହିପରି ଅନ୍ୟତମ ଅତିଥି ଭାବେ ଅଧ୍ୟାପକ ଝସକେତନ ଡାଙ୍ଗ, ସତ୍ୟନାରାୟଣ ପଣ୍ଡା, ପରେଶ ସାହୁ, ନୀଳକଣ୍ଠ ସା, ଅଧ୍ୟାପିକା ସସ୍ମିତା ଖ୍ୱାସ , ମାଷ୍ଟର ଟ୍ରେନର ପଞ୍ଚଦିନୀ ଜାନି ପ୍ରମୁଖ ଯୋଗଦେଇ ବର୍ତ୍ତମାନ ସମୟରେ ମହିଳା ନିଜ ନିଜର ସୁରକ୍ଷା ପାଇଁ ବିଭିନ୍ନ ଶାରୀରିକ କୌଶଳ ଶିଖିବାର ଆବଶ୍ୟକତା ଉପରେ ବକ୍ତବ୍ୟ ରଖିଥିଲେ। ମାଷ୍ଟର ଟ୍ରେନରଙ୍କ ଦ୍ୱାରା ୮ ଦିନ ଧରି ଉକ୍ତ ତାଲିମ ଶିବିର ଚାଲୁ ରହିବ ବୋଲି ପ୍ରକାଶ କରିଛନ୍ତି ପ୍ରୋଗ୍ରାମ ଅଫିସର ଭୋଇ। ଶିବିରରେ ଯୁକ୍ତ ଦୁଇ ପ୍ରଥମ ବର୍ଷର ଛାତ୍ରୀମାନେ ଉପସ୍ଥିତ ଥିଲେ । କଲେଜର ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀ ସହଯୋଗ କରିଥିଲେ।

# ଶହୀଦ ଗୁରୁବାରୀ ମେହେର ସ୍ମୃତି ଦିବସ ପାଳିତ

ବିନିକା ୩୦।୧ (ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ନୂଆପଡା କମ୍ୟୁନିଟିସେଣ୍ଟରଠାରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଶହୀଦ ଗୁରୁବାରୀ ମେହେରଙ୍କ ସ୍ମୃତି ଦିବସ ପାଳିତ ହୋଇଯାଇଛି। ଶହୀଦ ଗୁରୁବାରୀ ମେହେର, ସ୍ମୃତି କମିଟି ସଭାପତି ମାନଗୋବିନ୍ଦ ମେହେରଙ୍କ ସଭାପତିତ୍ୱରେ ମଙ୍ଗଳବାର ସନ୍ଧ୍ୟାରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଡା. ସୁବାଷ ଚନ୍ଦ୍ର ମେହେର ଓ ମୁଖ୍ୟବକ୍ତା ଭାବେ ଡା. ଅନିରୁଦ୍ଧ କୁରକୁରିଆ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ସିଦ୍ଧାର୍ଥ ଜୁନିଅର କଲେଜର ଅଧ୍ୟକ୍ଷା ରେଖା ପଧାନ, ଏନଏସି ଉପାଧ୍ୟକ୍ଷା ତପସ୍ୱିନୀ ମେହେର, କବି ମାନଗୋବିନ୍ଦ ମେହେର, ସ୍ୱାଧୀନ ମେହେର, ସୁରଜ କୁମାର ମେହେର, ଶିକ୍ଷାବିତ୍ ନୀଳାଚଳ ମେହେର ଯୋଗଦେଇ ଶହୀଦ ଗୁରୁବାରୀ ମେହେରଙ୍କ ତ୍ୟାଗ, ଦେଶପ୍ରେମ ଓ ଦେଶ ସ୍ୱାଧୀନତାରେ ତାଙ୍କର ଅବଦାନ ବିଷୟରେ ସ୍ମୃତିଚାରଣ କରିଥିଲେ। ଶିକ୍ଷାବିତ୍ ହିମାଂଶୁ ପଣ୍ଡା ମଞ୍ଚ ପରିଚାଳନା କରିଥିବା ବେଳେ ଉପ ସଭାପତି ହିମାଂଶୁ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ କମିଟିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ ।



ସଭାରେ ମଞ୍ଚାସୀନ ଅତିଥି।

# ମନ୍ଦିର ପ୍ରତିଷ୍ଠା ଉତ୍ସବ

ବୌଦ୍ଧ,୩୦।୧(ଅଜିତ କୁମାର ବାରିକ)

ବୌଦ୍ଧ ଜିଲାର ବଡ଼ିଗାଁ ଗ୍ରାମରେ ମଙ୍ଗଳବାର ଦିନ ନୂତନ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ ଆରମ୍ଭ ହୋଇଛି। ମନ୍ଦିର ପ୍ରତିଷ୍ଠା ଅବସରରେ ଗ୍ରାମର ତଥା ଆଖପାଖ ଗ୍ରାମର ମହିଳାମାନଙ୍କ ଦ୍ୱାରା ଏକ ବିରାଟ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ବୌଦ୍ଧ ସହରର ଚନ୍ଦ୍ରଚୁଡ ମନ୍ଦିର ନିକଟସ୍ଥ ମହାନଦୀ ଆଳତୀ ଘାଟଠାରୁ କଳସ ଶୋଭାଯାତ୍ରା ବାହାରି ଗ୍ରାମର ମନ୍ଦିର ପର୍ଯ୍ୟନ୍ତ ଯାଇ ସେଠାରେ ସ୍ଥାପନ କରାଯାଇଥିଲା। ମୁଖ୍ୟ କର୍ତ୍ତା ଭାବେ ଗ୍ରାମର ଗୌନ୍ତିଆ ସତ୍ୟ ନାରାୟଣ ଭୋଇ ଓ ତାଙ୍କ ସ୍ତ୍ରୀ ଆରତୀ କାର୍ଯ୍ୟ ତୁଲାଇଥିଲେ । ପୂଜକ ରଞ୍ଜିତ ହୋତା, ଶ୍ରୀଧର ପୂଜାହାରୀ, ନୃସିଂହ ଚରଣ ହୋତା, ଶିବ ପାଣିଗ୍ରାହୀ, ବିଭୁପ୍ରସାଦ ପଣ୍ଡା, ଅଶୋକ ପୂଜାହାରୀ, ସୁଧାଂଶୁ ପାଢ଼ୀ, ସୁଦାମ ପାଣିଗ୍ରାହୀ ପୂଜାର୍ଚ୍ଚନା କରିଥିଲେ ।

# ସମ୍ବଲପୁରୀ ନାଚ ଦର୍ଶକଙ୍କ ମନ ମୋହିଲା

ବୌଦ୍ଧ/ବାଉଁଶୁଣୀ,୩୦।୧(ଅଜିତ କୁମାର ବାରିକ/ ଦେବାଶିଷ ନେପାକ)

### ଗନ୍ଧରାଡ଼ୀ ଲୋକ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳାର ତୃତୀୟ ଦିନ

ଗତ ରବିବାରଠାରୁ ବୌଦ୍ଧ ଜିଲାର ଐତିହାସିକ ଗନ୍ଧରାଢ଼ୀ ପୀଠଠାରେ ଆରମ୍ଭ ହୋଇଥିବା ତୃତୀୟ ଗନ୍ଧରାଢ଼ୀ ଲୋକ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳାର ମଙ୍ଗଳବାର ଥିଲା ତୃତୀୟ ଦିବସ। ତୃତୀୟ ଦିବସ ସନ୍ଧ୍ୟାରେ କମିଟିର ସଭାପତି ଅଶୋକ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ତଥା ଜିଲା ଆଦିବାସୀ ଉନ୍ନୟନ ପରିଷଦର ଅଧ୍ୟକ୍ଷ ଭଗବାନ କହଁର, ସମ୍ମାନିତ ଅତିଥି ଭାବେ ଉପଜିଲାପାଳ ରବିନ୍ଦ୍ରନାଥ କହଁର, ଜିଲା ପରିଷଦ ଉପାଧ୍ୟକ୍ଷ ଶଙ୍କର୍ଷଣ ପ୍ରଧାନ, ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ବେହେରା ଓ କମିଟି ସମ୍ପାଦକ ଶମ୍ଭୁ ଗିରି ମଞ୍ଚାସୀନ ଥିଲେ। ଅତିଥିମାନେ ଗନ୍ଧରାଢ଼ୀ ପୀଠର ବିକାଶ ଏହି ମହୋତ୍ସବ ଦ୍ୱାରା ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ । ଜହ୍ନାପଙ୍ଗ ସରସ୍ୱତୀ ଶିଶୁ ମନ୍ଦିରର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ଶିକ୍ଷକ ବସନ୍ତ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ କୋଷାଧ୍ୟକ୍ଷ ନିରଞ୍ଜନ ଗିରି ଧନ୍ୟବାଦ ପ୍ରଦାନ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ସମ୍ବଲପୁରୀ ନୃତ୍ୟ ଦର୍ଶକଙ୍କ ମନ ମୋହିଥିଲା। ସ୍ଥାନୀୟ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଲୋକ ମହୋତ୍ସବକୁ ଆକର୍ଷଣୀୟ କରିବାକୁ ମୀନାବଜାର ସାଙ୍ଗକୁ ଚଟପଟି ଖାଦ୍ୟ ପସରା ଖୋଲିଛି। ସାଂସ୍କୃତିକ ମଞ୍ଚକୁ ଜଗନ୍ନାଥ ସାହୁ ଓ ବିଶ୍ୱଜିତ ସାହୁ ପରିଚାଳନା କରିଥିଲେ।



ମଞ୍ଚରେ ପରିବେଷିତ ସମ୍ବଲପୁରୀ ନୃତ୍ୟ।

# କ୍ଷତିପୂରଣ ଦାବିରେ ରାଜ୍ୟ ରାଜପଥ ଅବରୋଧ

ଖୁଣ୍ଟିଗୋରା,୩୦।୧(ମକରନ୍ଦ ସାହୁ)

ବୌଦ୍ଧ ଜିଲା ଘଣ୍ଟାପଡା ଥାନା ଅନ୍ତର୍ଗତ ୪୧ ନମ୍ବର ରାଜ୍ୟ ରାଜପଥର ସିନ୍ଧିଗୋରା ନିକଟସ୍ଥ ଟିକିରିପଡା ଗ୍ରାମ ରାସ୍ତାରେ ଏକ ଅଜଣା ଗାଡି ଧକ୍କାରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି ଓ ତାଙ୍କ ଝିଅ ଆହତ ହୋଇଛନ୍ତି। ମୃତକ ହେଲେ ସମାରି ସାହୁ (୮୦)। ଏହାର ପ୍ରତିବାଦରେ ଅଞ୍ଚଳବାସୀ ମୃତଦେହ ରଖି ମଙ୍ଗଳବାର ଅପରାହ୍ନ ୩ଟାରୁ ରାଜ୍ୟ ରାଜପଥକୁ ଅବରୋଧ କରି ମୃତକଙ୍କ ପରିବାରବର୍ଗଙ୍କୁ ୨୦ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରିବାକୁ ଦାବି କରିଥିଲେ। ଏହାସହ ଅଜଣା ଗାଡିକୁ ଚିହ୍ନଟ କରି ଡ୍ରାଇଭରଙ୍କ ନାମରେ ମାମଲା ରୁଜୁ କରିବାକୁ ଦାବି ହୋଇଛି। କଣ୍ଟାମାଳ ତହସିଲଦାର ଶ୍ୱେତପଦ୍ମା ଯୋଶୀ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ। ମୃତକଙ୍କ ପରିବାରବର୍ଗଙ୍କୁ ରେଡକ୍ରସ ପାଣ୍ଠିରୁ ୧୦ ହଜାର, ସରପଞ୍ଚ ୩ ହଜାର ଟଙ୍କା ଦେବାରୁ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ତେବେ ରାସ୍ତା ଅବରୋଧ ଯୋଗୁ ଉଭୟ ପାର୍ଶ୍ୱରେ ଶତାଧିକ ଗାଡି ପ୍ରାୟ ୩ ଘଣ୍ଟା ଧରି ଅଟକି ରହିଥିଲା। ଶାନ୍ତିଶୃଙ୍ଖଳା ରକ୍ଷା କରିବାକୁ ଘଣ୍ଟାପଡା ଥାନା ପୋଲିସ ଘଟଣାସ୍ଥଳରେ ମୁତୟନ ହୋଇଥିଲେ।



କ୍ଷତିପୂରଣ ପ୍ରଦାନ ଦାବିରେ ଲୋକେ ରାସ୍ତା ଅବରୋଧ କରିଛନ୍ତି।

### ଗାଡ଼ି ଧକ୍କାରେ ବୃଦ୍ଧା ମୃତ, ଝିଅ ଗୁରୁତର

ସୂଚନାଯୋଗ୍ୟ, ପରତିମାଲ ଗ୍ରାମର ସମାରୀ ତାଙ୍କ ଝିଅ ଘର ଟିକିରିପଡା ଗ୍ରାମକୁ ବୁଲିବାକୁ ଆସିଥିବା ବେଳେ ରବିବାର ବିଳମ୍ବିତ ରାତିରେ ଏକ ଅଜଣା ଗାଡି ତାଙ୍କୁ ଧକ୍କା ଦେଇଥିଲା। ମା'ଙ୍କୁ ସହାୟତା ପାଇଁ ଦୌଡି ଆସିଥିବା ଝିଅ ଶୈଳଙ୍କୁ ମଧ୍ୟ ଉକ୍ତ ଗାଡି ଧକ୍କା ଦେବାରୁ ସେ ଗୁରୁତର ଆହତ ହୋଇଥିଲେ। ଉଭୟ ମା' ଓ ଝିଅଙ୍କୁ ଗ୍ରାମବାସୀ ଉଦ୍ଧାର କରି ପ୍ରଥମେ କଣ୍ଟାମାଳ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ପରେ ଉଭୟଙ୍କୁ ବଲାଙ୍ଗୀର ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା । ବଲାଙ୍ଗୀର ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ସୋମବାର ରାତିରେ ସମାରିଙ୍କ ମୃତ୍ୟୁ ହୋଇଥିଲା। ଝିଅ ଶୈଳଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସା କରାଯାଉଛି। ଗାଡି ଡ୍ରାଇଭର ଫେରାର ହୋଇ ଯାଇଥିବା ସୂଚନା ମିଳିଛି।

## ସଂକ୍ଷେପରେ

### ଆରଏମ୍‌ସି କମିଶନରଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ରାଉରକେଲା,୩୦।୧(ଦିନେଶ ମିଶ୍ର): ରାଉରକେଲା ମହାନଗର ନିଗମ (ଆରଏମ୍‌ସି) କମିଶନର ତଥା ରାଉରକେଲା ଏଡିଏମ୍ ଦାୟିତ୍ୱରେ ଥିବା ଡକ୍ଟର ଶୁଭଙ୍କର ମହାପାତ୍ରଙ୍କର ଯାଜପୁରକୁ ଜିଲାପାଳ ଭାବେ ବଦଳି ହୋଇଯାଇଥିବାରୁ ଆରଏମ୍‌ସି ଲାଇବ୍ରେରୀ ହଲରେ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆରଏମ୍‌ସିର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି ଡକ୍ଟର ମହାପାତ୍ରଙ୍କୁ ପୁଷ୍ପଗୁଚ୍ଛ ଦେଇ ତାଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ। ତାଙ୍କ ସମୟରେ ରାଉରକେଲାରେ ହକି ବିଶ୍ୱକପ ସହ ସହରରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମର ସ୍ମୃତିଚାରଣ କରିଥିଲେ। ସେହିଭଳି ଆରଏମ୍‌ସି ଉପାୟୁକ୍ତ ସୁଧାଂଶୁ ଶେଖର ଭୋଇଙ୍କ ଗଞ୍ଜାମ ଜିଲା ଛତ୍ରପୁରକୁ ପିଡିଆରଡିଏ ଭାବେ ବଦଳି ହୋଇଥିବାବେଳେ ସୀତାଦେବୀ ମାଝିଙ୍କୁ ସମ୍ବଲପୁର ଉପାୟୁକ୍ତ ଭାବେ ବଦଳି କରାଯାଇଛି। ଆରଏମ୍‌ସିର ସହ ଉପାୟୁକ୍ତ ନଗେନ୍ଦ୍ର ପ୍ରଧାନଙ୍କୁ ବ୍ରହ୍ମପୁର ଓ ରୋନିତ କୁମାରଙ୍କୁ ବ୍ରହ୍ମପୁରକୁ ସହ ଉପାୟୁକ୍ତ ଭାବେ ବଦଳି କରାଯାଇଥିବାରୁ ତାଙ୍କୁ ମଧ୍ୟ ବିଦାୟକାଳିନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା।

# ୬ ପରିବାର ସଦସ୍ୟଙ୍କ ଭାଗ୍ୟ ଅନିଶ୍ଚିତତାରେ

ରାଉରକେଲା,୩୦।୧(ସଙ୍ଗୀତା ଜେନା)

ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଦ୍ୟୋଗିକ ମନ୍ତ୍ରଣାଳୟ ପରିଚାଳିତ ସଫ୍ଟୱେୟାର ଟେକ୍‌ନୋଲୋଜି ପାର୍କ ଅଫ୍ ଇଣ୍ଡିଆ (ଏସ୍‌ଟିପିଆଇ) ରାଉରକେଲା ଶାଖାରେ ଦୀର୍ଘ ୧୧ ବର୍ଷରୁ ନିୟୋଜିତ ୬ ଜଣ ସିକ୍ୟୁରିଟି ଗାର୍ଡ ଓ ସେମାନଙ୍କ ପରିବାରବର୍ଗଙ୍କ ଭାଗ୍ୟ ଅନିଶ୍ଚିତତା ଦେଖାଯାଇଛି। ଜାନୁଆରୀ ୩୧ରେ ସେମାନେ ଚାକିରୀ କରୁଥିବା ସିଆଇଏସ୍‌ଏସ୍ (ଠିକା ସୁରକ୍ଷା କମ୍ପାନୀ)ରେ ଅବଧି ଶେଷ ହେବାକୁ ଯାଉଛି। ଏସ୍‌ଟିପିଆଇ ସୁରକ୍ଷା ଦାୟିତ୍ୱରେ ଥିବା ସିଆଇଏସ୍‌ଏସ୍ ପରେ ଅନ୍ୟ ଏକ ପୁଣେର କମ୍ପାନୀକୁ ଠିକା ମିଳିଛି। ହେଲେ ଉକ୍ତ ନୂତନ କମ୍ପାନୀ ଏହି ୬ଜଣ ସିକ୍ୟୁରିଟି ଗାର୍ଡ଼ଙ୍କୁ ଚାକିରିରେ ରଖିବ ନାହିଁ ବୋଲି କହିଛି। ଏହାଦ୍ୱାରା ଅସମୟରେ ୬ ପରିବାର ସମସ୍ୟାର ସମ୍ମୁଖୀନ ହୋଇଥିବା କୁହାଯାଇଛି। ଏ ନେଇ ମଙ୍ଗଳବାର ସକାଳ ୧୦ଟାରୁ ଉକ୍ତ ୬ ଜଣ ସିକ୍ୟୁରିଟି ଗାର୍ଡ଼ ଯଥା ଅଞ୍ଜନ ନାୟକ, ଶରତ ବାରିକ, ବ୍ରଜବନ୍ଧୁ ବାରିକ, ସୋନୁ ଗୋଚ୍ଛାୟତ, ତୁଷାର ବିଶୋୟୀ, ଭାରତ ନାଗ ଓ ସେମାନଙ୍କ ପରିବାରବର୍ଗ ସେକ୍ଟର-୫ ଏସ୍‌ଟିପିଆଇ ସମ୍ମୁଖରେ ୨ ଦିନ ପର୍ଯ୍ୟନ୍ତ ଶାନ୍ତିପୂର୍ଣ୍ଣ ପ୍ରତିବାଦ କରିବା ଆରମ୍ଭ କରିଛନ୍ତି। ୨ ଦିନ ପରେ ଏସ୍‌ଟିପିଆଇର ମୁଖ୍ୟ ଗେଟ୍ ତାଲା ପକାଇ ଆନ୍ଦୋଳନ କରିବେ ବୋଲି ଆନ୍ଦୋଳନକାରୀମାନେ ଚେତାବନୀ ଦେଇଛନ୍ତି। ବରିଷ୍ଠ ସିକ୍ୟୁରିଟି ଗାର୍ଡ଼ ଅଞ୍ଜନ ନାୟକଙ୍କ ଅଭିଯୋଗ ଅନୁଯାୟୀ, ୨୦୧୪ ମସିହାରେ ୬ ଜଣଙ୍କୁ ସୁରକ୍ଷା ବିଭାଗରେ ନିୟୋଜିତ କରାଯାଇଥିଲା। ହେଲେ ଅବଧି ଶେଷ ହେବା ପରେ ନୂତନ ଠିକା ସୁରକ୍ଷା କମ୍ପାନୀ ବାହାର ରାଜ୍ୟରୁ କର୍ମଚାରୀ ଆଣି ଏସ୍‌ଟିପିଆଇରେ ନିୟୋଜନ କରିବାକୁ ଯାଉଛି। ଯାହା ଦ୍ୱାରା ୬ ଜଣ ରୋଜଗାର ହରାଇବେ। ଏ ସମ୍ପର୍କରେ ଏସ୍‌ଟିପିଆଇ କର୍ତ୍ତୃପକ୍ଷ ମଧ୍ୟ କୌଣସି ହସ୍ତକ୍ଷେପ କରିନାହାନ୍ତି। ଏପରି ମନମୁଖୀ କାର୍ଯ୍ୟକଳାପକୁ ଆଦୌ ବରଦାସ୍ତ କରାଯିବ ନାହିଁ। ତେଣୁ ଉକ୍ତ ସମସ୍ୟା ସମ୍ପର୍କରେ ଶ୍ରମିକ ସଂଘ ହିନ୍ଦ୍ ମଜଦୁର ସଭାକୁ ଅଭିଯୋଗ କରାଯାଇଥିଲା। ସକାଳୁ ଏହି ପ୍ରତିବାଦ ଆରମ୍ଭ ହୋଇଛି ବୋଲି ନାୟକ କହିଥିଲେ। ସେହିପରି ଉକ୍ତ ପ୍ରତିବାଦର ନେତୃତ୍ୱ ନେଇଥିବା ହିନ୍ଦ୍ ମଜଦୁର ସଭା ରାଜ୍ୟ ସମ୍ପାଦକ ତଥା ସୁନ୍ଦରଗଡ଼ ଜିଲା ଶିଳ୍ପାଞ୍ଚଳ ଶ୍ରମିକ ସଭାର ଆବାହକ ଦିଗାମ୍ବର ମହାନ୍ତି କହିଛନ୍ତି, ନୂତନ କମ୍ପାନୀ ସ୍ଥାନୀୟ ଲୋକଙ୍କୁ ରୋଜଗାର ହେବାକୁ ଇଚ୍ଛା ପ୍ରକାଶ କରୁନାହିଁ। ଏ ସମ୍ପର୍କରେ ଉଚ୍ଚ କର୍ତ୍ତୃପକ୍ଷଙ୍କ ସହ ଆଲେଚନା କରାଯାଇଥିଲା। ଏପରିକି ଉକ୍ତ ସମସ୍ୟା ପାଇଁ ରାଉରକେଲା ଅତିରିକ୍ତ ଜିଲାପାଳ ଓ ଏସ୍‌ପିଙ୍କୁ ଅବଗତ କରାଯାଇଛି ବୋଲି ମହାନ୍ତି କହିଥିଲେ। ଏଚଏମ୍‌ଏସ୍‌ର ମୀନତି ବିଶ୍ୱାଳ, ଏମ୍‌ସିଏଲ୍ ବ୍ରଜରାଜନଗରର ସମ୍ପାଦକ କୁଳମଣି ପରିଡ଼ା, ନିଖିଲ ଓଡ଼ିଶା ହିନ୍ଦ୍ ଅଙ୍ଗନୱାଡ଼ି କର୍ମଚାରୀ ସଭାର ସାଧାରଣ ସମ୍ପାଦିକା ଦୀପ୍ତିରାଣୀ ଦାସଙ୍କ ସମେତ ଅନ୍ୟମାନେ ଏଥିରେ ଉପସ୍ଥିତ ଥିଲେ। ଅପରପକ୍ଷରେ ଏ ନେଇ ଏସ୍‌ଟିପିଆଇ କର୍ତ୍ତୃପକ୍ଷଙ୍କ କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ। ସୂଚନାଯୋଗ୍ୟ, ୬ଜଣ ସିକ୍ୟୁରିଟି ଗାର୍ଡ଼ଙ୍କୁ ଫେବୃଆରୀ ୧ରୁ ଛଟେଇ କରିବା ଲାଗି କୁହାଯାଇଥିବା ପରିପ୍ରେକ୍ଷୀରେ ଏପରି ପଦକ୍ଷେପ ଗ୍ରହଣ କରାଯାଇଥିଲା।

**ଏସ୍‌ଟିପିଆଇ ଆଗରେ ସିକ୍ୟୁରିଟି ଗାର୍ଡ ଓ ପରିବାର ଲୋକଙ୍କ ପ୍ରତିବାଦ**



ଏସ୍‌ଟିପିଆଇ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ସିକ୍ୟୁରିଟି ଗାର୍ଡ଼ ଓ ସେମାନଙ୍କ ପରିବାରବର୍ଗ।

# ନିଖିଳ ଓଡ଼ିଶା ବାଣାୟତ ସମାଜର ବାର୍ଷିକ ଉତ୍ସବ

ରାଉରକେଲା,୩୦।୧(ଦିନେଶ ମିଶ୍ର)

ସେକ୍ଟର-୩ ସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଥିବା ଖଡ୍ଗଭବନରେ ନିଖିଳ ଓଡିଶା ବାଣାୟତ ଓଡିଆ ସମାଜ ରାଉରକେଲା ତାଲୁକର ବନ୍ଧୁମିଳନ ଓ ବାର୍ଷିକ ଉତ୍ସବ ସଭାପତି ଅଭିରାମ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନୁଷ୍ଠାନର ବରିଷ୍ଠ ସଦସ୍ୟ ବାବାମଣି ପରିଡା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଦୀନବନ୍ଧୁ ଭୋଳ, ଶଶଧର ପାତ୍ର ଯୋଗଦେଇ ସମାଜର ସମସ୍ତ ସଦସ୍ୟଙ୍କ ଭିତରେ ଭାଇଚାରା ଓ ଐକ୍ୟବଦ୍ଧତା ତଥା ପରସ୍ପର ମଧ୍ୟରେ ସହାନୁଭୂତିଶୀଳ ହେବାପାଇଁ ଆହ୍ୱାନ ଦେଇଥିଲେ। ଆରମ୍ଭରେ ସଦସ୍ୟ ପ୍ରକାଶ ଚନ୍ଦ୍ର ପଲେଇଙ୍କ ବିୟୋଗରେ ତାଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ବିଭିନ୍ନ ଖବରଦାତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ଅନୁଷ୍ଠାନ ପକ୍ଷରୁ ପୂର୍ବରୁ ଆୟୋଜିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏଥିରେ ଅନୁଷ୍ଠାନର ଉପସଭାପତି ବାବୁଲା ନାହାକ, ସହ ସମ୍ପାଦକ ଅଜିତ କୁମାର ପୃଷ୍ଟି, ଶରତ ଚନ୍ଦ୍ର ଜେନା, ଅନ୍ତର୍ଯ୍ୟାମୀ ପରିଡା, ଭିକାରୀ ସ୍ୱାଇଁ, ନଳିନୀ ନାୟକ, ସୁବାସିନୀ ପରିଡା, ହେଲେନ ପ୍ରଧାନ, ବିଜୟଲକ୍ଷ୍ମୀ ପ୍ରଧାନଙ୍କ ସହ ସମସ୍ତ କର୍ମକର୍ତ୍ତା ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ସାଧାରଣ ସମ୍ପାଦକ ଅଜୟ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।



ବାଣାୟତ ଓଡ଼ିଆ ସମାଜର ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

# ସର୍ବଭାରତୀୟ ଆନ୍ତଃ ଏନ୍‌ଆଇଟି କ୍ରୀଡ଼ା ଉତ୍ସବ

ରାଉରକେଲା, ୩୦।୧(ସଙ୍ଗୀତା ଜେନା)

ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଏନ୍‌ଆଇଟି) ରାଉରକେଲାରେ ସର୍ବଭାରତୀୟ କ୍ରୀଡ଼ା ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି। ଏନ୍‌ଆଇଟି କ୍ରୀଡ଼ା ଓ ଖେଳ ସୋସାଇଟି ବିଭାଗ ପକ୍ଷରୁ ତିନିଦିବସୀୟ କ୍ରୀଡ଼ା ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଜାନୁଆରୀ ୨୬ରୁ ୨୮ ପର୍ଯ୍ୟନ୍ତ ଦିଲୀପ ଟିର୍କୀ ଷ୍ଟାଡ଼ିୟମରେ ଆୟୋଜିତ ହୋଇଥିଲା। ଏଥିରେ ଦେଶର ୧୭ଟି ଏନ୍‌ଆଇଟି କ୍ରୀଡ଼ା ପ୍ରତିଭା ଅଂଶଗ୍ରହଣ କରିଥିଲେ। ୨୨୫ ଜଣ ମହିଳା ଓ ୧୨୫ ଜଣ ପୁରୁଷ ଖେଳାଳି ଅନ୍ତର୍ଭୁକ୍ତ ଥିଲେ। ସନ୍ତରଣ, ଟେନିସ୍, ଫୁଟବଲ୍, କ୍ରିକେଟ ପ୍ରତିଯୋଗିତା ଆଦି କରାଯାଇଥିଲା। ଏଥି ମଧ୍ୟରୁ ପ୍ରଥମକରି କ୍ରିକେଟ ଓ ଫୁଟବଲକୁ ସାମିଲ କରାଯାଇଥିଲା। ଏନ୍‌ଆଇଟି ରାଉରକେଲା ସମେତ ଏନ୍‌ଆଇଟି କାଲିକଟ୍, ରାୟପୁର, ସୁରଟ, ଅଗରତାଲା, ଜୟପୁର, ଦୁର୍ଗାପୁର, ଆନ୍ଧ୍ରପ୍ରଦେଶ, ଦିଲ୍ଲୀ, ଉତ୍ତରାଖଣ୍ଡ, ଜଳନ୍ଧର, ସିଲଚର୍, ନାଗପୁର, ସୁରଥକଲ୍, ୱାରାଙ୍ଗଲ, ତ୍ରିଚୁରାପଲୀ, ଜାମସେଦପୁର ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। ଏନ୍‌ଆଇଟି ନିର୍ଦ୍ଦେଶକ ପ୍ରଫେସର କେ ଉମାମହେଶ୍ୱର ରାଓଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାଧାନରେ ଛାତ୍ର କଲ୍ୟାଣ ସଂଘ ଡିନ୍ ପ୍ରଫେସର ସିଦ୍ଧାର୍ଥ ଶଙ୍କର ଜେନା, ରେଜିଷ୍ଟ୍ରାର ରୋହନ୍ ଧୀମାନ୍, ବିନୋଦ ବିହାରୀ ସାହୁ, ରମେଶ ମହାପାତ୍ର, ଡ. ମୟଙ୍କ ଯାଦବ ପ୍ରମୁଖ ଏଥିରେ ଯୋଗଦେଇ କୃତୀ ଖେଳାଳୀଙ୍କୁ ପୁରସ୍କୃତ କରିଥିଲେ। ଫୁଟବଲରେ ଏନ୍‌ଆଇଟି ରାଉରକେଲା, କ୍ରିକେଟରେ ଏନ୍‌ଆଇଟି ଜଳନ୍ଧର, ସନ୍ତରଣରେ ଏନ୍‌ଆଇଟି ରାଉରକେଲା(ମହିଳା), ଏନ୍‌ଆଇଟି ସିଲଚର ଅଭିଷେକ ବରୁଆ (ପୁରୁଷ) ଚାମ୍ପିୟନ୍ ହୋଇଥିଲେ। ସେହିପରି ଲଙ୍ଗ ଟେନିସ୍ ( ମହିଳା) ଏନ୍‌ଆଇଟି ନାଗପୁର ଓ ଏନ୍‌ଆଇଟି ସୁରତ୍ (ପୁରୁଷ) ଚାମ୍ପିୟନ୍ ହୋଇଥିଲେ।


ଏନ୍‌ଆଇଟି ଦିଲୀପ ଟିର୍କୀ ଷ୍ଟାଡ଼ିୟମରେ ଆୟୋଜିତ କ୍ରୀଡ଼ା ପ୍ରତିଯୋଗିତା।



ସେକ୍ଟର-୧୮ ପାର୍କରେ ସିପିଆଇଏମ୍ ପକ୍ଷରୁ ବାପୁଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି।

# ମହାତ୍ମାଗାନ୍ଧୀଙ୍କ ମହାପ୍ରୟାଣ ଦିବସ

ରାଉରକେଲା,୩୦।୧(ସଙ୍ଗୀତା ଜେନା)

ଜାତିରଜନକ ମହାତ୍ମା ଗାନ୍ଧୀଙ୍କ ମହାପ୍ରୟାଣ ଦିବସ ମଙ୍ଗଳବାର ପାଳନ କରାଯାଇଛି। ଏହି କ୍ରମରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ମାର୍କସବାଦୀ) ରାଉରକେଲା ଆଞ୍ଚଳିକ କମିଟି ପକ୍ଷରୁ ସକାଳୁ ସେକ୍ଟର-୧୮ ପାର୍କରେ ବାପୁଙ୍କ ପ୍ରତିମୂର୍ତ୍ତି ସଫେଇ କରାଯିବା ପରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ସିପିଆଇଏମ୍ ବରିଷ୍ଠ ନେତା ବିଷ୍ଣୁ ମହାନ୍ତିଙ୍କ ନେତୃତ୍ୱରେ ବିମାନ ମାଇତି, ବସନ୍ତ ନାୟକ, ରାଜକିଶୋର ପ୍ରଧାନ, ଯଯାତି କେଶରୀ ସାହୁ, ଶ୍ରୀମନ୍ତ ବେହେରା, ଲକ୍ଷ୍ମୀଧର ନାୟକ, ପ୍ରଦୋଷ ପରିଡ଼ା, ପ୍ରଦୀପ ସେଠୀ, ସୁରେନ୍ଦ୍ର ମହାନ୍ତି, ବିଶ୍ୱଜିତ୍ ମାଝି, ଭାଗୀରଥି ଟୁଡ୍ଡୁଙ୍କ ସମେତ ଅନ୍ୟମାନେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ଆୟୋଜିତ ବୈଠକରେ ବାପୁଙ୍କ ସ୍ମୃତିଚାରଣ ଓ ଦେଶ ସ୍ୱାଧୀନତାରେ ତାଙ୍କର ମହାନ୍ ବଳିଦାନ ସମ୍ପର୍କରେ ସଦସ୍ୟମାନେ ଆଲୋଚନା କରିଥିଲେ। ସେହିପରି ପାନପୋଷ ଗାନ୍ଧୀ ଛକରେ ମଧ୍ୟ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଅନୁରୂପ ଭାବେ ରାଉରକେଲା ଜିଲା କଂଗ୍ରେସ ପକ୍ଷରୁ ପୂର୍ବତନ ଡିସିସି ବିରେନ୍ ସେନାପତି, ରବିରାୟ, ତ୍ରୈଲୋଚନ ସାହୁ, ବିନୋଦ ରାଉତଙ୍କ ସମେତ ଅନ୍ୟମାନେ ପାନପୋଷ ଗାନ୍ଧୀ ଛକରେ ବାପୁଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ଦେଶୀମଦ, ଗଞ୍ଜେଇ ଜବତ: ୪ ଗିରଫ

ଗୁଡଭେଲା,୩୦।୧(ମନୋଜ କୁମାର ଜୈନ)

ବଲାଙ୍ଗୀର ଜିଲା ତୁଷୁରା ଅବକାରୀ ବିଭାଗ ପକ୍ଷରୁ ୪୮ଲିଟର ଦେଶୀ ମଦ ଓ ୩୨ କେଜି ୩୮୦ ଗ୍ରାମ ଗଞ୍ଜେଇ ସହ ତିନୋଟି ବାଇକ ଜବତ କରାଯାଇଛି। କାରବାରରେ ସମ୍ପୃକ୍ତ ୪ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିବା ତୁଷୁରା ଅବକାରୀ ଅଧିକାରୀ ଶ୍ରୀକାନ୍ତ ପାଣିଗ୍ରାହୀ କହିଛନ୍ତି। ପାଟୋଲିଂ ସମୟରେ ତୁଙ୍ଗିବାହାଲ ଛକରେ ଏକ ବାଇକରେ ତୁଷୁରା ଥାନା ଅନ୍ତର୍ଗତ ତୁଙ୍ଗିବାହାଲ ଗ୍ରାମର ସୂର୍ଯ୍ୟମଣି ରଣା ଆସୁଥିବା ବେଳେ ସନ୍ଦେହ କରି ଅବକାରୀ ବିଭାଗ ଅଧିକାରୀ ଅଟକାଇ ଥିଲେ। ଯାଞ୍ଚ ପରେ ୪୮ଲିଟର ଦେଶୀ ମଦ ବାହାରିଥିଲା। ବଡବାହାଲ ଛକ ପାଖରେ ଦୁଇଟି ବାଇକରେ ୩ଜଣ ଯୁବକ ଏକ ଜରି ପ୍ୟାକେଟ ଅଦଳବଦଳ କରୁଥିବା ବେଳେ ଅବକାରୀ ବିଭାଗ ପକ୍ଷରୁ ସନ୍ଦେହ କରି ଯାଞ୍ଚ କରିଥିଲା।

# ଆନ୍ତଃ ମହାବିଦ୍ୟାଳୟ ନାଟକ ମହୋତ୍ସବ ଉଦ୍‌ଯାପିତ

ରାଉରକେଲା,୩୦।୧(ବିପ୍ଳବରଞ୍ଜନ ଦାଶ)

**ଶ୍ରେଷ୍ଠ ନାଟକ ଭାବେ ମରୀଚିକା, ପରଶମଣି ବିବେଚିତ**

ରାଉରକେଲା ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ତରଫରୁ ରାଉରକେଲା ସିଭିକ ସେଣ୍ଟରଠାରେ ଚାଲିଥିବା ତୃତୀୟ ଆନ୍ତଃ ମହାବିଦ୍ୟାଳୟସ୍ତରୀୟ ତିନି ଦିନାତ୍ମକ ଓଡିଆ ନାଟକ ମହୋତ୍ସବ--୨୦୨୪ ମଙ୍ଗଳବାର ବିଳମ୍ବିତ ରାତିରେ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସମାରୋହ ସଭାରେ ଅନୁଷ୍ଠାନର ସଭାପତି ଅଶୋକ ସେଠି ଅଧ୍ୟକ୍ଷତା ଏବଂ ଉପସଭାପତି ପଞ୍ଚାନନ ମହାପାତ୍ର ପରିଚାଳନା କରିଥିଲେ। ମଙ୍ଗଳବାର ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବରେ ଶ୍ରମମନ୍ତ୍ରୀ ସାରଦା ପ୍ରସାଦ ନାୟକ ଯୋଗଦେଇ ଆଜିର ଛାତ୍ରସମାଜ ଦେଶ ଏବଂ ରାଜ୍ୟରେ କଳାକାର ଜଗତରେ ନିଜର ନାଁ କରିବାକୁ ହେଲେ ସର୍ବପ୍ରଥମେ ଜଣେ ଦକ୍ଷ ନାଟ୍ୟ କଳାକାର ହେବା ଆବଶ୍ୟକ। କାରଣ ନାଟ୍ୟକଳା କଳାକାରଙ୍କୁ ଅଭିନୟର ସମସ୍ତ କଳାକାରିତାରେ ଅଳଙ୍କୃତ କରେ। ଫଳରେ ବିଷାଦ, ହାସ୍ୟରସ ବ୍ୟଙ୍ଗ, ଆମୋଦପ୍ରମୋଦ ଆଦି ଅଭିନୟର ପ୍ରମୁଖ ମୁଦ୍ରା ଭାବଭଙ୍ଗିମାନଙ୍କରେ ପାରଙ୍ଗମତା ହାସଲ କରି ଶ୍ରେଷ୍ଠ କଳାକାର ଭାବେ ପରିଗଣିତ ହୁଏ ବୋଲ କହିଥିଲେ। ସମ୍ମାନିତ ଅତିଥି ଭାବରେ ନାଟ୍ୟକାର, ନିର୍ଦ୍ଦେଶକ ଓ ଅଭିନେତା ଭାସ୍କର ଚନ୍ଦ୍ର ମହାପାତ୍ର ଓ ଆଇଆଇପିଏମ ନିର୍ଦ୍ଦେଶକ ଡକ୍ଟର ସୁଦିପ ଘୋଷ ଯୋଗ ଦେଇଥିଲେ। ନାଟ୍ୟ ମହୋତ୍ସବ ଉଦଯାପନୀ ସମାରୋହ ଉତ୍ସବରେ ମୁଖ୍ୟଅତିଥି ଓ ସମ୍ମାନିତ ଅତିଥି ସେକ୍ଟର-୨୦ ସ୍ଥିତ ଉତ୍କଳ ଗୌରବ ମଧୁସୂଦନ କଲେଜ ଛାତ୍ରୀଛାତ୍ରଙ୍କ ଦ୍ୱାରା ଅଭିନୀତ ନାଟକ ମରିଚିକାକୁ ଶ୍ରେଷ୍ଠ ନାଟକ,ଶ୍ରେଷ୍ଠ ମଞ୍ଚଶିଳ୍ପ ନାଟ୍ୟ ଭାବେ ମୁନିସିପାଲ କଲେଜର ଛାତ୍ରୀଛାତ୍ରଙ୍କ ଦ୍ୱାରା ଅଭିନୀତ ପରଶ ମଣି ଓ ହୀରାକୁଦ କଲେଜ ଛାତ୍ରୀଛାତ୍ରଙ୍କ ଦ୍ୱାରା ଅଭିନିତ ନାଟକ ପଦ୍ମାବତୀର ପୃଥିବୀ, ଶ୍ରେଷ୍ଠ ପାର୍ଶ୍ୱ ଅଭିନେତା ନାଟକ ଅଭିଶାପ ପାଇଁ ରିମସ କଲେଜର ଛାତ୍ର ସୌଭାଗ୍ୟ ରାଉତ,ଶ୍ରେଷ୍ଠ ପାର୍ଶ୍ୱ ଅଭିନେତ୍ରୀ ଭାବେ ନାଟକ ରିମସ କଲେଜ ସ୍ନେହା ଦାସଙ୍କୁ ପୁରସ୍କୃତ ଓ ସମ୍ମାନିତ କରାଯାଇଥିଲା।


ଆନ୍ତଃ ମହାବିଦ୍ୟାଳୟସ୍ତରୀୟ ନାଟକ ମହୋତ୍ସବର ଉଦ୍‌ଯାପନୀରେ ମଞ୍ଚାସୀନ ଅତିଥି।

# ବିଶ୍ୱ କୁଷ୍ଠରୋଗ ଦିବସ ପାଳିତ

ରାଉରକେଲା,୩୦।୧(ସଙ୍ଗୀତା ଜେନା): ସାମାଜିକ ସଙ୍ଗଠନ 'ଦି ମିରର୍' ପକ୍ଷରୁ ମଙ୍ଗଳବାର ବିଶ୍ୱ କୁଷ୍ଠରୋଗ ଦିବସ ପାଳିତ ହୋଇଛି। ଏ ନେଇ ଦକ୍ଷିଣ ରାଉରକେଲାସ୍ଥିତ ଦେଓଗାଁ କୁଷ୍ଠରୋଗୀ ବସ୍ତିରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନର ଅଧ୍ୟକ୍ଷ ବିଶ୍ୱଜିତ୍ ରାଉତଙ୍କ ନେତୃତ୍ୱରେ ବସ୍ତିବାସୀଙ୍କ ମଧ୍ୟରେ ସଚେତନତା କରାଯିବା ସହ ସାମଗ୍ରୀ ବଣ୍ଟନ କରାଯାଇଥିଲା। ଅଶୋକ ଦକ୍ଷିଣରାୟ, ସୁରେଶ ସାବତଙ୍କ ସମେତ ଅନ୍ୟମାନେ ଏଥିରେ ସହଯୋଗ କରିଥିଲେ।

# ଅଲ୍ ଓଡ଼ିଶା କ୍ରିକେଟ୍: ସେମିଫାଇନାଲରେ ଆର୍‌ୱାଇସିସି

ରାଉରକେଲା,୩୦।୧(ଦିନେଶ ମିଶ୍ର)

ବାସନ୍ତୀ କଲୋନୀସ୍ଥିତ ଡିଏଭି ଖେଳ ପଡିଆରେ ବାସନ୍ତୀ ୟୁଥ୍ କ୍ରିକେଟ୍ କ୍ଲବ ପକ୍ଷରୁ ଆୟୋଜିତ ୧୭ତମ ପ୍ରକାଶ ସ୍ମାରକୀ ଅଲ୍‌ଓଡିଶା କ୍ରିକେଟ୍‌ଟୁର୍ନାମେଣ୍ଟରେ ରାଉରକେଲା ଆରୱାଇସିସି ଦଳ ଆରଏସ୍‌ପି ଦଳକୁ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଛି। ମଙ୍ଗଳବାର ଏହି ମ୍ୟାଚରେ ଆରଏସ୍‌ପି ଦଳ ପ୍ରଥମେ ଟସ୍ ଜିତି ଫିଲଡିଂ କରିବାର ନିଷ୍ପତି ନେଇଥିଲା। ରାଉରକେଲା ଆରୱାଇସିସି ଦଳ ପ୍ରଥମେ ବ୍ୟାଟିଂ ଆରମ୍ଭ କରି ନିର୍ଦ୍ଧାରିତ ୩୦ ଓଭରରେ ୬ ଉଇକେଟ ହରାଇ ୨୫୭ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଅଙ୍କିତ ସିଂ ମାତ୍ର ୫୪ ବଲ ଖେଳି ସର୍ବାଧିକ ୭୭ ରନ ସଂଗ୍ରହ କରିଥିଲେ। ଏହି ରନ୍‌ର ଲକ୍ଷ୍ୟକୁ ନେଇ ଆରଏସ୍‌ପି ଦଳ ୧୯ ଓଭରରେ ସମସ୍ତ ଉଇକେଟ ହରାଇ ମାତ୍ର ୮୨ ରନରେ ଅଲଆଉଟ୍ ହୋଇଯାଇଥିଲା। ଆରୱାଇସିସି ଦଳ ପକ୍ଷରୁ କିଶୋର ଛତ୍ରୀ ୬ ଓଭର ବୋଲିଂ କରି ୧୦ ରନ ଦେଇ ସର୍ବାଧିକ ୪ଟି ଉଇକେଟ ନେଇଥିଲେ। ଦଳର ସୌମ୍ୟ ଲେଙ୍କାଙ୍କୁ ମ୍ୟାନ ଅଫ ଦ ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ମ୍ୟାଚକୁ ପତିତପାବନ ସ୍ୱାଇଁ ଓ ଦେବାଶିଷ ରଥ ଅମ୍ପିଆର ଭାବେ ଉପସ୍ଥିତ ରହି ପରିଚାଳନା କରିଥିଲେ। ବୁଧବାର ୱାଇସିସି ଓ ଆରଏସ୍‌ଏ ଦଳ ମଧ୍ୟରେ ପ୍ରଥମ ସେମିଫାଇନାଲ ମ୍ୟାଚ ଖେଳାଯିବ ବୋଲି କ୍ଲବର ସଭାପତି ବାନାମ୍ବର ସାହୁ ସୂଚନା ଦେଇଥିଲେ।


ପ୍ରକାଶ ସ୍ମାରକୀ ଅଲ୍ ଓଡିଶା କ୍ରିକେଟ୍ ଟୁର୍ନାମେଣ୍ଟରେ ଅତିଥିଙ୍କ ସହ ଖେଳାଳି।

# ନାରୀ ସମାଜ ପରିବର୍ତ୍ତନର ମୁଖ୍ୟସ୍ରୋତ

**ବାସନ୍ତୀ ପାଠାଗାରରେ ମାସିକ ସାହିତ୍ୟ ଆସର**

ରାଉରକେଲା,୩୦।୧(ଦିନେଶ ମିଶ୍ର)

ରାଉରକେଲା ସହରର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ବାସନ୍ତୀ ପାଠାଗାର ପ୍ରେକ୍ଷାଳୟରେ ମାସିକ ସାହିତ୍ୟ ଆସର କାର୍ଯ୍ୟକାରୀ ସଭାପତି ବିକ୍ରମ ଚନ୍ଦ୍ର ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସଦସ୍ୟା ଶୁଭାସିନୀ ସାହୁଙ୍କ ସଂଯୋଜନାରେ ଆୟୋଜିତ ହୋଇଥିବା କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ବିଜୟିନୀ ଜେନା ଯୋଗଦେଇ 'କଥା ସମ୍ରାଟ ଫକୀର ମୋହନ ସେନାପତିଙ୍କ ରଚନାରେ ନାରୀ ଚରିତ୍ର' ସମ୍ପର୍କ ଶୀର୍ଷକ ଉପରେ ଆଲୋଚନା କରିଥିଲେ। ନାରୀ ହେଉଛନ୍ତି ସମାଜ ପରିବର୍ତ୍ତନର ମୁଖ୍ୟ ସ୍ରୋତ । ଫକୀରମୋହନ ତାଙ୍କ ଗଳ୍ପ ଓ ଲେଖାମୁନରେ ନାରୀର ଚରିତ୍ରକୁ ସୁନ୍ଦରଭାବରେ ଚିତ୍ରଣ କରିଛନ୍ତି। ନାରୀ ସୃଷ୍ଟି ଧର୍ମୀ ଓ ବିଧ୍ୱସ୍ତ କାରିଣୀ ରୂପେ ରେବତୀ ଗଳ୍ପ ମାଧ୍ୟମରେ ଲେଖି ସମାଜକୁ ଅବଗତ କରିଥିବା ଅତିଥି ଜେନା କହିଥିଲେ। ପରେ ଆର୍ତ୍ତତ୍ରାଣ ମହାପାତ୍ର ଅନ୍ୟ ଏକ ରେବତୀ ଶୀର୍ଷକ ଗଳ୍ପପାଠ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ କବି କୁଞ୍ଜବିହାରୀ ରାଉତ ଓ ଶୁଶାନ୍ତ ନାୟକଙ୍କ ସଂଯୋଜନାରେ ଏକ କବିତାପାଠ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଉରକେଲାରେ ବହୁ କବି ଓ କବୟିତ୍ରୀ ନିଜସ୍ୱ ରଚିତ କବିତା ପାଠ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସତ୍ୟପ୍ରିୟ ମହାନ୍ତି, ବିଭୁଦତ୍ତ ବେହେରା, ଶ୍ରୀକାନ୍ତ ପାଣିଗ୍ରାହୀ, ଶରତ ଚନ୍ଦ୍ର ରାଉତ, ସ୍ୱର୍ଣ୍ଣଲତା ଘଡେଇ, କୌଶଲ୍ୟା ମହାରଣା, ପ୍ରିୟା ପାତ୍ର, ସମୃଦ୍ଧି ମହାରଣା, ସମୀକ୍ଷା ପାତ୍ର ପ୍ରମୁଖ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ସହ ସମ୍ପାଦକ ବସନ୍ତ ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ।



ମାସିକ ସାହିତ୍ୟ ଆସରରେ ମଞ୍ଚାସୀନ ଅତିଥି।

## ସଂକ୍ଷେପରେ

### ବାଇକ୍ ଧକ୍କାରେ ବୃଦ୍ଧ ମୃତ

**ରିଆମାଳ, ୩୦।୧(ନିରଞ୍ଜନ ବେହେରା):** ରିଆମାଳ ଥାନା ଭିତରପଦ ଗ୍ରାମରେ ମଙ୍ଗଳବାର ଏକ ବାଇକ୍ ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ଥାନାଧିକାରୀ ସରସ୍ୱତୀ ଟୁଡୁଙ୍କ ସୂଚନା ଅନୁସାରେ କୁମାଳ ଗ୍ରାମର ବିଷ୍ଣୁ ଚରଣ ସ୍ୱାଇଁ(୬୦) ନିଜ ସମ୍ପର୍କୀୟ ଘର ଗୁଦୁରିମୁଣ୍ଡା ଗ୍ରାମକୁ ଆସିଥିଲେ। ମଙ୍ଗଳବାର ଅପରାହ୍ନରେ ସେ ଘରକୁ ଫେରୁଥିବା ସମୟରେ ଜାତୀୟ ରାଜପଥ ୫୩ ଭିତରପଦଠାରେ ତେଲିମୁଣ୍ଡା ପାଖରୁ ଆସୁଥିବା ଏକ ବାଇକ୍ (ନଂ.ଓଡି୨୮ବି ୩୬୧୧) ତାଙ୍କୁ ଧକ୍କା ଦେଇଥିଲା। ଫଳରେ ବିଷ୍ଣୁ ଛିଟିକି ପଡି ସଞ୍ଜାହୀନ ହୋଇ ପଡିଥିଲେ। ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେବା ସହିତ ତାଙ୍କୁ ଛତାବର ଡାକ୍ତରଖାନାକୁ ନେଇଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଥାନାଧିକାରୀ ଟୁଡୁ ପହଞ୍ଚି ବାଇକ୍ ଜବତ କରିବା ସହିତ ଚାଳକଙ୍କୁ ଅଟକ ରଖିଥିଲେ। ମୃତଦେହ ବ୍ୟବଚ୍ଛେଦ ପାଇଁ ଦେବଗଡ ଡାକ୍ତରଖାନା ପଠାଯାଇଛି।

### ଯୁବ ଓକିଲଙ୍କ ଅକାଳ ବିୟୋଗ

ସମ୍ବଲପୁର,୩୦।୧ (ଭବାନୀ ଶଙ୍କର ଭୋଇ): ସମ୍ବଲପୁର ଝାଡୁଆପଡା ନିବାସୀ ଯୁବ ଓକିଲ ତଥା ସଂଗଠକ ନନ୍ଦକିଶୋର ମିଶ୍ର(ରାଣା)ଙ୍କ ମଙ୍ଗଳବାର ସକାଳେ ହୃଦ୍‌ଘାତରେ ଅକାଳ ବିୟୋଗ ଘଟିଛି। ତାଙ୍କୁ ୪୨ ବର୍ଷ ହୋଇଥିଲା। ସମ୍ବଲପୁର ରାଜଘାଟରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ସାନ ଭାଇ ପ୍ରାଣକିଶୋର ମିଶ୍ର ମୁଖାଗ୍ନି ଦେଇଥିଲେ। ଖବର ପ୍ରଚାରିତ ହେବା ପରେ ସହରର ଶତାଧିକ ଲୋକ ଶେଷଦର୍ଶନ ପାଇଁ ପହଞ୍ଚିଥିଲେ। ନନ୍ଦକିଶୋର ବରିଷ୍ଠ ଆଇନଜୀବୀ ଜ୍ଞାନସ୍ୱରୁପ ମିଶ୍ର ଓ ସୁହାସିନୀ ମିଶ୍ରଙ୍କ ବଡପୁଅ। ସମ୍ବଲପୁର କେନ୍ଦ୍ରୀୟ ବିଦ୍ୟାଳୟ ଓ ଗଙ୍ଗାଧର ମେହେର ମହାବିଦ୍ୟାଳୟରୁ ପାଠ ପଢିବା ପରେ ଆଇନ ଶିକ୍ଷା ଗ୍ରହଣ କରି ବାପାଙ୍କ ସହ ଆଇନଜୀବୀ ଭାବେ କାର୍ଯ୍ୟ କରୁଥିଲେ। ସେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ସକ୍ରିୟ ସଦସ୍ୟ ଭାବେ କାର୍ଯ୍ୟ କରିବା ସହ ଧର୍ମ ଜାଗରଣ ମଞ୍ଚର ସମ୍ବଲପୁର ଜିଲା ସମ୍ପାଦକ ଥିଲେ। ଏହାସହ ବିଶ୍ୱାତ୍ମା ଚେତନା ପରିଷଦର ସମ୍ପାଦକ ଭାବେ କାର୍ଯ୍ୟ କରୁଥିଲେ। ତାଙ୍କ ସ୍ତ୍ରୀ ଓ ଦୁଇପୁଅ ରହିଛନ୍ତି। ପରଲୋକ ଖବର ପାଇବା ପରେ ଜିଲା ଓକିଲ ସଂଘ ସମେତ ସହରରେ ଶୋକର ଛାୟା ଖେଳିଯାଇଛି।

### ଦୁର୍ଘଟଣାରେ ବାଇକ୍ ଆରୋହୀ ମୃତ

**ସରଣ୍ଡା, ୩୦।୧(ଯୁଧିଷ୍ଠିର ମହାପାତ୍ର):** ବରଗଡ ଜିଲା ଅତାବିରା ଥାନା ଅନ୍ତର୍ଗତ ସରଣ୍ଡାରେ ମଙ୍ଗଳବାର ଏକ ବାଇକ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଗୁରୁତର ହୋଇଛନ୍ତି। ମୃତକ ହେଲେ ବରଗଡ ବ୍ଲକ ତୋର ଗ୍ରାମର ଦୀପକ ତାଣ୍ଡି(୧୮)। ସମ୍ବଲପୁର-ବରଗଡ ୫୩ ନମ୍ବର ଜାତୀୟ ରାଜପଥରେ ବାଇକ (ନଂ.ଓଡ଼ି ୧୭ଇ/୦୫୬୬)ରେ ସେ ଦୀପକ ତାଣ୍ଡି(୨୪)ଙ୍କ ସହ ଯାଉଥିବା ବେଳେ ସରଣ୍ଡା ମନ୍ଦିର ପାଖ ପୋଲ ଉପରେ ଦୁର୍ଘଟଣାର ଶିକାର ହୋଇଥିଲେ। ସେହି ରାସ୍ତାରେ ଯାଉଥିବା ଅନ୍ୟ ପଥଚାରୀ ଉଭୟଙ୍କୁ ଅତାବିରା ଡାକ୍ତରଖାନା ନେଇଥିଲେ। ହେଲେ ସେଠାରେ ୧୮ ବର୍ଷୀୟ ଦୀପକଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ । ଅନ୍ୟ ପଟେ ୨୪ ବର୍ଷୀୟ ଗୁରୁତର ଥିବା ଦୀପକଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଛି ।



ଆନ୍ଦୋଳନରେ ସାମିଲ ହୋଇଥିବା ମହିଳାପୁରୁଷ।

# ଆର୍‌ଆଇ ଅଫିସ ଘେରିଲା କୃଷକ ସଂଘର୍ଷ ସଂଘ

ଦେବଗଡ଼,୩୦।୧(ଶଶାଙ୍କ ଶେଖର ଝାଙ୍କର)

ଚାଷ ହେଉଥିବା ସରକାରୀ ଜମିର ପଟ୍ଟା ପ୍ରଦାନ, ଭୂମିହୀନଙ୍କୁ ଘରଡିହ ପଟ୍ଟା ପ୍ରଦାନ, ଆଦିବାସୀ ଲୋକଙ୍କୁ ଜଙ୍ଗଲ ଜମିର ସ୍ଥାୟୀ ପଟ୍ଟା ପ୍ରଦାନ, ରେଙ୍ଗାଲି ବାସହ୍ୟୁତଙ୍କୁ ଜମି ପ୍ରଦାନ, ଜମିର କିସମ ପରିବର୍ତ୍ତନ ଆଦି ୫ ଦଫା ଦାବି ପୂରଣରେ ବିଳମ୍ବ ଯୋଗୁ ମଙ୍ଗଳବାର ଦେବଗଡ ଜିଲା କୃଷକ ସଂଘର୍ଷ ସଂଘ ପକ୍ଷରୁ ତିଲେଇବଣି ବ୍ଲକ ଅନ୍ତର୍ଗତ ଲଇମୁରା ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ଜିଲା ସଂଘ ସଭାପତି ସେମ ହେମ୍ବ୍ରମ ଓ ସମ୍ପାଦକ ଗୁଣନିଧି ବେହେରାଙ୍କ ନେତୃତ୍ୱରେ ଅଞ୍ଚଳର ସହସ୍ରାଧିକ ଚାଷୀ ଏଥିରେ ସାମିଲ ହୋଇଥିଲେ। ଏଥିସହ ଲଇମୁରା ରାଜସ୍ୱ ସର୍କଲ ଅଧୀନ ଲଇମୁରା ସମେତ ଡିମିରିକୁଦା ଓ ଗଣ୍ଡମ ଆଦି ଗ୍ରାମ ପଞ୍ଚାୟତରେ ଆଗାମୀ ଏକ ସପ୍ତାହ ମଧ୍ୟରେ ଉପରୋକ୍ତ ଦାବି ପୂରଣ ନେଇ ଜିଲାପାଳଙ୍କ ଉଦ୍ଦେଶ୍ୟରେ ରାଜସ୍ୱ ନିରୀକ୍ଷକଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା।ଏକସପ୍ତାହ ମଧ୍ୟରେ ଦାବି ପୂରଣ ନ ହେଲେ ସଂଘର୍ଷ ସଂଘ ପକ୍ଷରୁ ଆନ୍ଦୋଳନ ଜୋରଦାର କରାଯିବ ବୋଲି ଲିଖିତ ଚେତାବନୀ ଦିଆଯାଇଥିଲା।

**ଦାବି ପୂରଣରେ ବିଳମ୍ବ**

ଜିଲା କୃଷକ ସଂଘର୍ଷ ସଂଘର ଅଭିଯୋଗ ଅନୁଯାୟୀ ୨୦୨୩ ନଭେମ୍ବର ୨୨ରେ ଉପରୋକ୍ତ ୫ ଦଫା ଦାବି ନେଇ ସଂଘ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ ସହ ଦରଖାସ୍ତ ପ୍ରଦାନ କରାଯାଇଥିଲା। ମାତ୍ର ଅଦ୍ୟାବଧି ଦାବି ପୂରଣ ନେଇ ପ୍ରଶାସନ ପକ୍ଷରୁ କୌଣସି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଜିଲାର ରାଜସ୍ୱ ନିରୀକ୍ଷକମାନେ ଆବେଦନକାରୀଙ୍କ ଦରଖାସ୍ତ ଆଧାରରେ ତଦନ୍ତ ରିପୋର୍ଟ ପ୍ରଦାନରେ ବିଳମ୍ବ କରୁଥିବାରୁ ଏଭଳି ସମସ୍ୟା ଦେଖାଦେଇଛି। ଏହାର ପ୍ରତିବାଦରେ ସଂଘ ବାଧ୍ୟହୋଇ ଆନ୍ଦୋଳନକୁ ଓହ୍ଲାଇଛି। ଦାବି ପୂରଣ ନ ହେଲେ ପର୍ଯ୍ୟାୟକ୍ରମେ ଜିଲାର ଅନ୍ୟ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ସଂଘ ସଭାପତି ହେମ୍ବ୍ରମ ଗଣମାଧ୍ୟମ ସମ୍ମୁଖରେ ପ୍ରକାଶ କରିଛନ୍ତି। ଘେରାଉ କାର୍ଯ୍ୟକ୍ରମରେ ଜିଲା ସଂଘ ଉପସଭାପତି ଦେବରାଜ ପ୍ରଧାନଙ୍କ ସମେତ ଅଞ୍ଚଳର ବହୁ ଚାଷୀ ଅଂଶଗ୍ରହଣ କରିଥିଲେ।

# ୩ରେ ସମ୍ବଲପୁରରେ ଗ୍ୟାରେଣ୍ଟି ସମାବେଶ ପାଇଁ ପ୍ରସ୍ତୁତି

ସମ୍ବଲପୁର,୩୦।୧ (ଭବାନୀ ଶଙ୍କର ଭୋଇ)

ଆସନ୍ତା ଫେବୃଆରୀ ୩ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସମ୍ବଲପୁରରେ ଏକ ସାଧାରଣ ସଭାରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହାକୁ ଦଳ ପକ୍ଷରୁ ବିଶାଳ ଗ୍ୟାରେଣ୍ଟି ସମାବେଶ ଭାବେ ନାମକରଣ କରାଯାଇଛି। ମଙ୍ଗଳବାର ରେମେଡସ୍ଥିତ ଏକ ହୋଟେଲରେ ଭାଜପାର ବରିଷ୍ଠ ନେତାଙ୍କ ବୈଠକ ଅନୁଷ୍ଠିତ ହୋଇଥିଲା। ଏହାପରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଓଡିଶାର ବିକାଶ ପାଇଁ ମୋଦିଙ୍କ ସଂକଳ୍ପ ବିଷୟରେ ଭାଜପା ନେତାମାନେ ବ୍ୟାଖ୍ୟା କରିଥିଲେ। ରେଳ ବଜେଟଠାରୁ ଆରମ୍ଭ କରି ବିଭିନ୍ନ ପ୍ରକଳ୍ପ ପାଇଁ ପୂର୍ବ ସରକାରଙ୍କ ତୁଳନାରେ ମୋଦି ସରକାର ବହୁଗୁଣା ଅର୍ଥ ମଞ୍ଜୁର କରିଥିବା ରାଜ୍ୟ ସାଧାରଣ ସମ୍ପାଦକ ସୀମାଞ୍ଚଳ ଖଟେଇ ସୂଚନା ଦେଇଥିଲେ। ତିନୋଟି ରାଜ୍ୟରେ ମୋଦିଙ୍କ ଉପରେ ଭରସା କରି ଭୋଟର ଭାଜପାକୁ ଶାସନଭାର ଦେଇଥିବା ବେଳେ ଆଗକୁ ଓଡ଼ିଶାରେ ମଧ୍ୟ ପରିବର୍ତ୍ତନ ହେବ ବୋଲି ଦଳ ପକ୍ଷରୁ କୁହାଯାଇଛି। ଗସ୍ତ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବହୁ ପ୍ରତିକ୍ଷିତ ଆଇଆଇଏମ୍ ସମ୍ବଲପୁରର ସ୍ଥାୟୀ କ୍ୟାମ୍ପସକୁ ଲୋକାର୍ପଣ କରିବା ସହ ୧୧ଟି ଅନ୍ୟ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିବେ ବୋଲି ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ପ୍ରଧାନମନ୍ତ୍ରୀ ଝାରସୁଗୁଡାସ୍ଥିତ ବୀର ସୁରେନ୍ଦ୍ର ସାଏ ବିମାନବନ୍ଦରରେ ଓହ୍ଲାଇବା ପରେ ସେଠାରୁ ସ୍ୱତନ୍ତ୍ର ବିମାନ ଯୋଗେ ଆଇଆଇଏମ୍‌ରେ ନିର୍ମାଣ ହୋଇଥିବା ହେଲିପ୍ୟାଡରେ ଓହ୍ଲାଇବେ। କ୍ୟାମ୍ପସ ଉଦ୍‌ଘାଟନ ପରେ ରେମେଡ ପଡିଆରେ ସାଧାରଣ ସଭାରେ ପ୍ରଧାନମନ୍ତ୍ରୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଖବରଦାତା ସମ୍ମିଳନୀରେ ପ୍ରଧାନମନ୍ତ୍ରୀଙ୍କ ଭିଡିଓ ଓ ଅଡିଓ ମେସେଜ ସହ ପୋଷ୍ଟର ଲୋକାର୍ପଣ କରାଯାଇଥିଲା। ଖବରଦାତା ସମ୍ମିଳନୀରେ ରାଜ୍ୟ ଉପସଭାପତି ତଥା ରେଙ୍ଗାଲି ବିଧାୟକ ନାଉରୀ ନାୟକ, ରାଜ୍ୟ ସାଧାରଣ ସମ୍ପାଦକ ସୀମାଞ୍ଚଳ ଖଟେଇ, ରବି ନାୟକ, ଜିଲା ସଭାପତି ଗିରୀଶ ପଟେଲ, ସମ୍ବଲପୁର ଜିଲା ପ୍ରଭାରୀ ଟଙ୍କଧର ତ୍ରିପାଠୀ, କ୍ଷେତ୍ରୀୟ ପ୍ରବକ୍ତା ମାନସ ରଞ୍ଜନ ବକ୍ସି, ଜିଲା ଗଣମାଧ୍ୟମ ସଂଯୋଜକ ସଞ୍ଜୟ କୁମାର ଷଡଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ।



ଭାଜପାର ଖବରଦାତା ସମ୍ମିଳନୀ।

# ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସାହିତ୍ୟ ସଂସ୍କୃତି ପ୍ରତିଯୋଗିତା

ଦେବଗଡ଼,୩୦।୧(ଶଶାଙ୍କ ଶେଖର ଝାଙ୍କର)

ତିଲେଇବଣି ବ୍ଲକ ସୁଗୁଡାସ୍ଥିତ ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସପ୍ତାହ ବ୍ୟାପୀ ଚାଲିଥିବା ନୂଆ-ଓ ସାହିତ୍ୟ ସଂସ୍କୃତି ପ୍ରତିଯୋଗିତା ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷ ସନ୍ତୋଷ କୁମାର ଦେବତାଙ୍କ ଅଧ୍ୟକ୍ଷତା ଓ ଓଡିଆ ଅଧ୍ୟାପିକା ସୁବ୍ରତା ସାହୁଙ୍କ ସଂଯୋଜନାରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବ ଅବସରରେ ଶ୍ରୀ ଜଗନ୍ନାଥ ସଂସ୍କୃତି ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ସାହିତ୍ୟିକ ତଥା ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ ଡ. ପଦ୍ମନାଭ ସାହୁ ମୁଖ୍ୟ ଅତିଥି ଓ ଜଗନ୍ନାଥ ସଂସ୍କୃତି ଗବେଷକ ଆନନ୍ଦ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ସାହିତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ମୁଖ୍ୟ ଅତିଥି ଡକ୍ଟର ସାହୁଙ୍କୁ ମଧ୍ୟ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମ ଆୟୋଜନରେ ଅଧ୍ୟାପକ ରଞ୍ଜନ କୁମାର ସାହୁ, ବିଜୟ କୁମାର ଶତପଥି, ବିଜୟ କୁମାର ପ୍ରଧାନ, ଜନସନ ସ୍ୱାଇଁ, କର୍ମଚାରୀ କିଶୋର ଚନ୍ଦ୍ର ମହାକୁଳ, କାଶୀନାଥ ଶବର ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଅଧ୍ୟାପିକା ଦେବଜାନି କର ଧନ୍ୟବାଦ ଅର୍ପଣ କରିଥିଲେ।





ଅତିଥିଙ୍କ ସହ ପୁରସ୍କୃତ ଛାତ୍ରୀଛାତ୍ର।

# ଚୋରି ସାମଗ୍ରୀ ଜବତ: ୩ ଗିରଫ

**ଦେବଗଡ,୩୦।୧(ଶଶାଙ୍କ ଶେଖର ଝାଙ୍କର):** ଗତ ୨୫ରେ ବାରକୋଟ ଥାନା ଅନ୍ତର୍ଗତ ଗୋଲାବନ୍ଧ ଗ୍ରାମରେ ଥିବା ନିର୍ମାଣକାରୀ ସଂସ୍ଥା ଓରିଏଣ୍ଟାଲ କ୍ୟାମ୍ପରୁ ହୋଇଥିବା ଚୋରି ଘଟଣାରେ ପୋଲିସ ମଙ୍ଗଳବାର ସମ୍ପୃକ୍ତ ୩ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ଚୋରି ସାମଗ୍ରୀ ଜବତ କରିଛି। ପୋଲିସ ସୂଚନା ଅନୁଯାୟୀ ଗତ ୨୫ ତାରିଖ ପୂର୍ବାହ୍ନ ପ୍ରାୟ ୧୧ଟା ସମୟରେ ଅଭିଯୁକ୍ତମାନେ ବିଞ୍ଜାବାହାଲ-ତିଲେଇବଣି ୪୯ ନମ୍ବର ଜାତୀୟ ରାଜପଥ ନିର୍ମାଣ କାର୍ଯ୍ୟରେ ନିୟୋଜିତ ଓରିଏଣ୍ଟାଲ କମ୍ପାନୀର ଗୋଲାବନ୍ଧ କ୍ୟାମ୍ପରେ ପଶି ଫର୍ଣ୍ଣିଚର, ପାଇପ, ଲୁହା ଛଡ ଓ ହାଲୋଜେନ ଲାଇଟ ଇତ୍ୟାଦି ଚୋରି କରିନେଇଥିଲେ। ଏ ନେଇ କମ୍ପାନୀ ମ୍ୟାନେଜର (ମାନବ ସମ୍ବଳ) ଦୀପକ ରଞ୍ଜନ ତରାଇ ଗତ ୨୮ ତାରିଖରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା ରୁଜୁ କରିବାସହ ଘଟଣାର ତଦନ୍ତ ଚଳାଇଥିଲା। ତଦନ୍ତ ସମୟରେ ଏହି ଘଟଣାରେ ଗୋଲାବନ୍ଧ ଗ୍ରାମ (କଟେଇ ସାହି)ର କୃଷ୍ଣଚନ୍ଦ୍ର ଦେହୁରି (୪୨) ଓ ଦିପୁ ଦେହୁରି (୨୫) ସମ୍ପୃକ୍ତ ଥିବା ଜଣାପଡିଥିଲା। ସେମାନେ ଏହି ଚୋରି ସାମଗ୍ରୀ ଅନୁଗୋଳ ଜିଲା ପାଲଲହଡା ଥାନା ଅନ୍ତର୍ଗତ ସିମିଳିପାଳି ଗ୍ରାମର ଲକ୍ଷ୍ମୀଧର ବାରିକଙ୍କୁ ବିକ୍ରି କରିଥିବା ଜଣାପଡିଥିଲା। ଫଳରେ ପୋଲିସ ଲକ୍ଷ୍ମୀଧରଙ୍କ ନିକଟରୁ ଚୋରି ସାମଗ୍ରୀ ଜବତ କରି ତାଙ୍କୁ ଗିରଫ କରିଥିଲା। ଏହିସବୁ ସାମଗ୍ରୀ ଚୋରି କରିଥିବା କୃଷ୍ଣଚନ୍ଦ୍ର ଓ ଦିପୁଙ୍କୁ ପୋଲିସ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଥିବା ଜଣାପଡିଛି।

# ନୃସିଂହ ଗୁରୁ ଟାଉନ ହାଇସ୍କୁଲ ପୁରାତନ ଛାତ୍ରସଂସଦ ବୈଠକ

ସମ୍ବଲପୁର,୩୦।୧(ବି.ଶଙ୍କର)

ସମ୍ବଲପୁର ନୃସିଂହ ଗୁରୁ ଟାଉନ ହାଇସ୍କୁଲ ପୁରାତନ ଛାତ୍ର ସଂସଦର ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ଡ. ପରେଶ ଚନ୍ଦ୍ର ଦାନିଙ୍କ ସଭାପତିତ୍ୱରେ ସଭା ହୋଇଥିଲା। ଯୁଗ୍ମ ସମ୍ପାଦକ ଗୋରେଖ ଲାଲ ଦାଶ ଓ କୋଷାଧକ୍ଷ ବେଦବ୍ୟାସ ସୁପକାର ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ପୁରାତନ ଛାତ୍ର ନାଟ୍ୟକାର ସ୍ୱର୍ଗତ ରବି ନାରାୟଣ ବହିଦାର, ହୀରାକୁଦ କଲେଜ ଅଧକ୍ଷ ସ୍ୱର୍ଗତ ପ୍ରସନ୍ନ କୁମାର ସାହୁ ଓ ସ୍ୱର୍ଗତ କିଶୋର କୁମାର ଗୁରୁଙ୍କ ବିୟୋଗରେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ସଭାପତି ଦାନି ବିଦ୍ୟାଳୟର ପୁରାତନ ସଭାଗୃହର ନବୀକରଣ, ଶ୍ରେଣୀଗୃହ ନିର୍ମାଣ ଏବଂ ବାର୍ଷିକ ଉତ୍ସବ ପାଳନ ଦିଗରେ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ। ଉପସ୍ଥିତ ସଭ୍ୟମାନେ ଏନସିସିର ପୁନଃ ସ୍ଥାପନ ନେଇ ମତ ଦେଇଥିଲେ। ଏହି ସଭାରେ ନିର୍ମାଣ କାର୍ଯ୍ୟ ତଦାରଖ ପାଇଁ ଏକ କମିଟି ଗଠନ କରାଯାଇଥିଲା। ବାର୍ଷିକ ବନ୍ଧୁମିଳନ ଆସନ୍ତା ମାର୍ଚ୍ଚ ୧୦ରେ ପାଳନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଅକ୍ଷୟ କୁମାର ହୋତା, ଅରବିନ୍ଦ ମିଶ୍ର, ଗୋକୁଳ ମେହେର, ବିଷ୍ଣୁ ପ୍ରସାଦ, ଗୁରୁ, ଚକ୍ରଧର ମିଶ୍ର, ରାମକୃଷ୍ଣ ନନ୍ଦ, ଅରୁଣ କୁମାର ମୁଖାର୍ଜୀ, ପ୍ରଫୁଲ୍ଲ ଗୁରୁ, ଅମୂଲ୍ୟ କୁମାର ମିଶ୍ର, ହର୍ଷଦ କକଡ଼, ଦେବାର୍ଚ୍ଚନ ଠାକୁର ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଗୋରେଖ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

# ପଦ୍ମଶ୍ରୀ ଭାଗବତ ପ୍ରଧାନଙ୍କୁ ସମ୍ବର୍ଦ୍ଧନା

ବରପାଲି, ୩୦।୧(ଚିତ୍ତରଞ୍ଜନ ସାହୁ)

ପଦ୍ମଶ୍ରୀ ପୁରସ୍କାର ଘୋଷିତ ବରଗଡ ଜିଲା ବରପାଲି ନିକଟସ୍ଥ କୁମ୍ଭାରୀ ଗ୍ରାମର ବିଶିଷ୍ଟ ଶବ୍ଦ ନୃତ୍ୟଗୁରୁ ଭାଗବତ ପ୍ରଧାନଙ୍କୁ ମଙ୍ଗଳବାର ସମ୍ବର୍ଦ୍ଧିତ କରାଯାଇଛି। ବ୍ଲକ ପ୍ରଶାସନ ଓ ବରପାଲି ସାମ୍ବାଦିକ ସଂଘ ମିଳିତ ଆନୁକୂଲ୍ୟରେ ବ୍ଲକ ସଭାଗୃହରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ବିଡ଼ିଓ ପ୍ରସନ୍ନ କୁମାର ପାଣ୍ଡେ ଅଧ୍ୟକ୍ଷତା କରିଥିଲେ। ସଭାରେ ମନ୍ତ୍ରୀ ରୀତା ସାହୁ, ବ୍ଲକ ଅଧ୍ୟକ୍ଷା ରୀନା ଥଇତ, ପୂର୍ବତନ ବରଗଡ ଲୋକ ସଭ ସଦସ୍ୟ ଡକ୍ଟର ପ୍ରଭାସ କୁମାର ସିଂହ ଉପସ୍ଥିତ ରହି ପଦ୍ମଶ୍ରୀ ପ୍ରଧାନଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ବିଶିଷ୍ଟ କଳାକାର ଭୁବନ ଭୋଇ, ଡାକ୍ତର ପ୍ରଣବ ପଟ୍ଟନାୟକ, ଡାକ୍ତର ରାଜେଶ ବେହେରା, ବିଇଓ ମୁକୁନ୍ଦ ମାହାର, ସିଡିପିଓ ସଂଯୁକ୍ତା ଲେଙ୍କା, ଟୀକାୟତ ମହଓମ, ସାମ୍ବାଦିକ ସଂଘ ସଭାପତି ଚିତ୍ତରଞ୍ଜନ ସାହୁ, ମୋହନ ପ୍ରଧାନ, ସାହେବ ପାଣ୍ଡେ, ଜିଲା ପରିଷଦ ସଭ୍ୟ ଗୋବିନ୍ଦ ସାହୁ ପ୍ରମୁଖ ତାଙ୍କ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ବାଲକିଶୋର ଖାଡଙ୍ଗା ସଂଯୋଜନା କରିଥିଲେ। ଏହି ସମ୍ବର୍ଦ୍ଧନା ସଭାରେ ବହୁ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

# ଶିକ୍ଷା ଅଧିକାରୀଙ୍କ ସ୍କୁଲ ପରିଦର୍ଶନ

ବରଗଡ଼,୩୦।୧
(ପ୍ରେମାନନ୍ଦ ଖମାରୀ)

ବରଗଡ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଜ୍ୟୋତିକାନ୍ତ ସାହୁ ମଙ୍ଗଳବାର ସ୍ଥାନୀୟ ରାଣାପ୍ରତାପ ସ୍କୁଲ ପରିଦର୍ଶନରେ ଯାଇ ପ୍ରାର୍ଥନା କ୍ଲାସରେ ଉପସ୍ଥିତ ହୋଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା କରାଯାଉଥିବା ସୃଜନଶୀଳତା କାର୍ଯ୍ୟକ୍ରମ ଦେଖି ଆହୁରି ଆକର୍ଷଣୀୟ କରିବା ପାଇଁ ପରାମର୍ଶ ଦେଇଥିଲେ। ରୂପାନ୍ତରିତ ହୋଇଥିବା ସ୍ମାର୍ଟ କ୍ଲାସରୁମ ପରିଦର୍ଶନ କରି ଛାତ୍ରୀଛାତ୍ରମାନଙ୍କ ସହିତ ସେ ଭାବ ବିନିମୟ କରିଥିଲେ । ଦଶମ ଶ୍ରେଣ ଛାତ୍ରୀଛାତ୍ର ଆଗକୁ ହେବାକୁ ଥିବା ମାଟ୍ରିକ ପରୀକ୍ଷା ପାଇଁ ନିଜକୁ କିପରି ପ୍ରସ୍ତୁତ କରୁଛନ୍ତି ସେ ବିଷୟରେ ପଚାରି ବୁଝିଥିଲେ । ପ୍ରଧାନଶିକ୍ଷକ ଓ ସହକାରୀ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଛାତ୍ରୀଛାତ୍ରଙ୍କ ଆବଶ୍ୟକତା ଅନୁସାରେ ଅତିରିକ୍ତ ସମୟ ପ୍ରଦାନ କରି ଶିକ୍ଷାଦାନ କରିବା ପାଇଁ ପରାମର୍ଶ ଦେଇଥିଲେ। ପ୍ରଧାନଶିକ୍ଷକ ସୁଦୀପ କୁମାର ରଥ, ବିଜ୍ଞାନ ଶିକ୍ଷୟିତ୍ରୀ ନିଳୀମା ପ୍ରଧାନ, ଗଣିତ ଶିକ୍ଷୟିତ୍ରୀ ଜ୍ୟୋତି ବେହେରା ଓ ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ ।

# ନୂଆ-ଓ ସାହିତ୍ୟ ପ୍ରତିଯୋଗିତା ଉଦ୍‌ଯାପିତ

ଦେବଗଡ଼,୩୦।୧(ଶଶାଙ୍କ ଶେଖର ଝାଙ୍କର)

ରାଜ୍ୟ ସରକାରଙ୍କ କ୍ରୀଡା ଓ ଯୁବ ବ୍ୟାପାର ବିଭାଗ ସହାୟତାରେ ବାରକୋଟସ୍ଥିତ ଡ଼ଁରା ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଗତ ୧୮ ତାରିଖରୁ ଆରମ୍ଭ ହୋଇଥିବା ନୂଆଁ-ଓ ସାହିତ୍ୟ ପ୍ରତିଯୋଗିତା ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷ ଯାତ୍ରାକର ପ୍ରଧାନଙ୍କ ସଭାପତିତ୍ୱ ଓ ଅଧ୍ୟାପକ ମନୋଜ କୁମାର ପ୍ରଧାନଙ୍କ ପରିଚାଳନାରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ନୂଆପଡାସ୍ଥିତ ସ୍ୱାମୀ ଶିବାନନ୍ଦ ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷ ପଣ୍ଡିତ ରୋହିତ କୁମାର ଦାଶ ଯୋଗଦେଇ ଜଗନ୍ନାଥ ସଂସ୍କୃତି ଓ ଓଡ଼ିଆ ଅସ୍ମିତା ସମ୍ବନ୍ଧରେ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। ଏହି ଅବସରରେ ପୂର୍ବରୁ ଓଡ଼ିଆ ସଂସ୍କୃତି ଆଧାରିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯେଗୀଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ମାନପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ଆୟୋଜନରେ ଅନୁଷ୍ଠାନର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀ ସକ୍ରିୟ ସହଯୋଗ କରିଥିଲେ।



ଉଦ୍‌ଯାପନୀ ଉତ୍ସବରେ ଅତିଥିମାନେ।

# ୩୦୦ ୟୁନିଟ୍ ପର୍ଯ୍ୟନ୍ତ ମାଗଣା ବିଦ୍ୟୁତ୍ ଦିଅ

ପାଇକମାଳ, ୩୦।୧(ବଡ ଶତପଥୀ)

ବରଗଡ ଜିଲା ଜୟ କିଶାନ ଆନ୍ଦୋଳନ ପାଇକମାଳ ଶାଖା ପକ୍ଷରୁ ମଙ୍ଗଳବାର ସ୍ଥାନୀୟ ତହସିଲ ଅଫିସ ଘେରାଉ କରାଯାଇଥିଲା। ସେଠାରେ ଅନୁଷ୍ଠିତ ବିକ୍ଷୋଭ ସମାବେଶରେ ଚାଷୀ ନେତାମାନେ ସରକାରଙ୍କ ଚାଷୀମାରଣ ନୀତିର ତୀବ୍ର ସମାଲୋଚନା କରିଥିଲେ। ବିଦ୍ୟୁତ୍ ବିତରକ କମ୍ପାନୀର ବିଲ୍‌ରେ ଲୁଟ୍ ଚାଷୀଙ୍କ ଉପରେ କୋରଡା ମାଡ ସଦୃଶ ହେଉଛି ବୋଲି କହିଥିଲେ। ଏଣୁ ବିଜୁଳି ବିଲ୍ ଛାଡ଼ ଓ ଚାଷୀଙ୍କୁ ୩୦୦ ୟୁନିଟ ପର୍ଯ୍ୟନ୍ତ ମାଗଣା ବିଦ୍ୟୁତ୍ ଯୋଗାଣ, ଅଙ୍ଗ ନଦୀରେ ବ୍ୟାରେଜ ନିର୍ମାଣ କରି ଚାଷ ଜମିକୁ ଜଳସେଚନ କରାଯିବା, ଅଦିନିଆ ବର୍ଷାରେ କ୍ଷତିଗ୍ରସ୍ତ ଚାଷୀଙ୍କୁ ବୀମା ଓ ଇନପୁଟ ସବସିଡ଼ି ପ୍ରଦାନ, ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୩୫୦୦ଟଙ୍କା କରାଯିବାକୁ ଦାବି କରାଯାଇଥିଲା। ବିଶ୍ୱନାଥ ରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବିକ୍ଷୋଭ ସମାବେଶରେ ଓଡ଼ିଶା କୃଷକ ସଂଗଠନ ସମନ୍ୱୟ ସମିତି କୃଷକ ନେତା ଲିଙ୍ଗରାଜ, ରାହସବିହାରୀ ସାହୁ, ବାଳକ୍ରିଷ୍ଣା ସାହୁ, ତ୍ରିଲୋଚନ ସାହୁ, ଶିବପ୍ରସାଦ ପ୍ରଧାନ, ସୁଶୀଲ ସାହୁ, ହର ବଣିଆ, ମିନିଷ୍ଟର ବାରିକ, ଚାଷୀ ଗୁପତରାମ ବାରିକ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଚାଷୀମାରଣ ନୀତି ଅବ୍ୟାହତ ରହିଲେ ଆଗାମୀ ନିର୍ବାଚନରେ ଚାଷୀମାନେ ଏହାର ଠିକଣା ଜବାବ ଦିଅନ୍ତୁ ବୋଲି ଚାଷୀ ନେତାମାନେ ଆହ୍ୱାନ ଦେଇଥିଲେ। ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ତହସିଲଦାର ସିନ୍ଧୁସୂତା ପାତ୍ରଙ୍କୁ ୬ଦଫା ସମ୍ମିଳିତ ଦାବୀପାତ୍ର ଚାଷୀମାନେ ପ୍ରଦାନ କରିଥିଲେ। ଏଥିପୂର୍ବରୁ ଏକ ଶୋଭାଯାତ୍ରାରେ ଚାଷୀମାନେ ପାଇକମାଳରୁ ତହସିଲ ଅଫିସ ପର୍ଯ୍ୟନ୍ତ ଯାଇଥିଲେ ।





ଚାଷୀମାନେ ତହସିଲ ଅଫିସ ଅଭିମୁଖେ ରାଲିରେ ଯାଉଛନ୍ତି।

# ରଘୁନନ୍ଦନ-ପ୍ରଶାନ୍ତଙ୍କ ଶୀତଳଯୁଦ୍ଧ

## ବାଲିକୁଦା-ଏରସମା ବିଧାନସଭା ନିର୍ବାଚନମଣ୍ଡଳୀ

**ଜଗତ୍‌ସିଂହପୁର, ୩୦।୧ (ପ୍ରମୋଦ କୁମାର ନାୟକ)**


ରଘୁନନ୍ଦନ ଦାସ


ପ୍ରଶାନ୍ତ ମୁଦୁଲି

ଜଗତ୍‌ସିଂହପୁର ଜିଲାର ୪ ବିଧାନସଭା ନିର୍ବାଚନମଣ୍ଡଳୀ ମଧ୍ୟରୁ ବାଲିକୁଦା-ଏରସମାର ରାଜନୈତିକ ଗୁରୁତ୍ୱ ରହିଆସିଛି। ବିଧାନସଭା ନିର୍ବାଚନମଣ୍ଡଳୀ ପୁନର୍ଗଠନ ପରେ ୨୦୦୯ରୁ ଏଠାରେ ବିଜୁ ଜନତା ଦଳ (ବିଜେଡି) ପ୍ରାର୍ଥୀ ବିଜୟୀ ହୋଇଆସୁଛନ୍ତି। ୨୦୦୯ ଓ ୨୦୧୪ରେ ପ୍ରଶାନ୍ତ ମୁଦୁଲି ବିଧାୟକ ହୋଇଥିବା ବେଳେ ୨୦୧୯ରେ ରଘୁନନ୍ଦନ ଦାସ ଜିତିଥିଲେ। ସାଧାରଣ ନିର୍ବାଚନ ପାଖେଇ ଆସୁଥିବାରୁ ଏହି ଆସନରେ ଏବେଠାରୁ ପ୍ରାକ୍ ନିର୍ବାଚନୀ ବାତାବରଣ ସରଗରମ ହେବାରେ ଲାଗିଲାଣି। ବିଶେଷକରି ବିଜେଡିରୁ କିଏ ପ୍ରାର୍ଥୀ ହେବେ ସେନେଇ କଳ୍ପନାଜଳ୍ପନା ଆରମ୍ଭ ହୋଇଗଲାଣି। ତେବେ ପୂର୍ବତନ ମନ୍ତ୍ରୀ, ବାଲିକୁଦା-ଏରସମା ବିଧାୟକ ତଥା ଜିଲା ଯୋଜନା କମିଟି ଅଧ୍ୟକ୍ଷ ରଘୁନନ୍ଦନ ଦାସ ଏବଂ ବିଧାନସଭାରେ ଶାସକ ଦଳର ମୁଖ୍ୟ ସଚେତକ ତଥା ଜଗତ୍‌ସିଂହପୁର ବିଧାୟକ ପ୍ରଶାନ୍ତ ମୁଦୁଲିଙ୍କ ମଧ୍ୟରେ ଚାଲିଥିବା ଶୀତଳ ଯୁଦ୍ଧ ପଦାରେ ପଡ଼ିଛି। ଶୁଣିବାକୁ ମିଳୁଛି, ପ୍ରଶାନ୍ତ ବାଲିକୁଦା-ଏରସମାରୁ ଦଳୀୟ ପ୍ରାର୍ଥୀ ହେବା ପାଇଁ ପ୍ରୟାସ କରୁଛନ୍ତି। ଫଳରେ ପ୍ରଶାନ୍ତଙ୍କ ଆଡ଼କୁ ରଘୁନନ୍ଦନ ଅଙ୍ଗୁଳି ନିର୍ଦ୍ଦେଶ କରି ସାଂଘାତିକ ଅଭିଯୋଗ ଆଣିଛନ୍ତି। ରଘୁନନ୍ଦନଙ୍କ ସହ କଥା ହେବା ବେଳେ ସେ କହିଛନ୍ତି, ଗତ ୫ ବର୍ଷ ହେବ ନିର୍ବାଚନମଣ୍ଡଳୀରେ ବିଜେଡି ସଙ୍ଗଠନରେ ବିଶୃଙ୍ଖଳା ପାଇଁ ଉସୁକାଯିବା ସହ ତାଙ୍କୁ ଅପମାନିତ ଲାଗି ଚେଷ୍ଟା କରାଯାଇଛି। ଦୀର୍ଘ ୪୦ ବର୍ଷ ହେଲା ସେ ଲୋକଙ୍କ ସାଥିରେ ଥିଲେ ଓ ରହିଛନ୍ତି ମଧ୍ୟ। କିନ୍ତୁ ତାଙ୍କୁ ହଇରାଣ କରିବା ସକାଶେ ଯେଉଁ ପ୍ରକାର ଚକ୍ରାନ୍ତ ଚାଲିଛି ତାହା ଅତ୍ୟନ୍ତ ଦୁଃଖଦାୟକ। ଏ ସମ୍ପର୍କରେ ସେ ପର୍ଯ୍ୟବେକ୍ଷକଙ୍କ ଦୃଷ୍ଟି ଆକର୍ଷଣ କରିଥିବା କହିଛନ୍ତି।

ଅତୀତକୁ ଦେଖିଲେ, ୨୦୦୦ ମସିହା ନିର୍ବାଚନରେ ରଘୁନନ୍ଦନଙ୍କୁ ବାଲିକୁଦା ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ବିଜେଡି ଟିକେଟ୍ ଦିଆଯାଇଥିଲା। କମ୍ ଭୋଟ ବ୍ୟବଧାନରେ ସେ ହାରି ଯାଇଥିଲେ। ୨୦୦୪ରେ ତାଙ୍କୁ ଟିକେଟ ଦିଆଯାଇ ନ ଥିଲା। ତେଣୁ ସେ ସ୍ୱାଧୀନ ପ୍ରାର୍ଥୀ ହୋଇ ୩୯,୫୨୦ ଖଣ୍ଡ ଭୋଟ ପାଇଥିଲେ। ୨୦୧୪ରେ ପୁଣିଥରେ ସ୍ୱାଧୀନ ପ୍ରାର୍ଥୀ ହୋଇଥିଲେ। ପରେ ରଘୁନନ୍ଦନ ଭାଜପାରେ ଯୋଗ ଦେଇଥିଲେ ମଧ୍ୟ ୨୦୧୯ରେ ଘରବାହୁଡ଼ା କରି ବିଜେଡି ଟିକେଟ୍ ପାଇଥିଲେ। ଜିତିଲା ପରେ ତାଙ୍କୁ ମନ୍ତ୍ରୀ ପଦ ମିଳିଥିଲା। ଏସବୁ ସତ୍ତ୍ୱେ ରଘୁନନ୍ଦନ କହିଛନ୍ତି, ସେତେବେଳେ କଂଗ୍ରେସ ପ୍ରାର୍ଥୀ ଲଲାଟେନ୍ଦୁ ମହାପାତ୍ର (ଜିତୁ)ଙ୍କ ସହ ପ୍ରଶାନ୍ତଙ୍କ ଗୁପ୍ତ ବୁଝାମଣା ହୋଇଥିଲା, ଯେଉଁ କାରଣରୁ ଜିତୁଙ୍କୁ ପୂର୍ବ ନିର୍ବାଚନ ତୁଳନାରେ ଅଧିକ ୧୦ ହଜାର ଭୋଟ ମିଳିଥିଲା। ଏଥିରୁ ପ୍ରଶାନ୍ତଙ୍କ ଚକ୍ରାନ୍ତ ବିଷୟରେ ସମସ୍ତେ ଅବଗତ ବୋଲି ରଘୁନନ୍ଦନ ଖୋଲାଖୋଲି କହିଛନ୍ତି।

ଅନ୍ୟପଟେ ପ୍ରଶାନ୍ତ କହିଛନ୍ତି, ସେ ଦୁଇ ଥର ବାଲିକୁଦା-ଏରସମା ବିଧାନସଭା ନିର୍ବାଚନମଣ୍ଡଳୀରେ ବିଧାୟକ ଥିଲେ। ଏହି ଆସନରୁ ତାଙ୍କ ରାଜନୈତିକ କ୍ୟାରିୟର ଆରମ୍ଭ ହୋଇଛି। ତେଣୁ ଅନେକ ଲୋକ ତାଙ୍କ ସାଥିରେ ଅଛନ୍ତି। ଏହାର ଅର୍ଥ ନୁହେଁ ଯେ, ସେ ଏହି ନିର୍ବାଚନମଣ୍ଡଳୀରେ ଦଳୀୟ ବିଭ୍ରାଟ କରୁଛନ୍ତି। ତାଙ୍କ ନାମରେ ଯାହା କିଛି ଅଭିଯୋଗ ହେଉଛି ତାହା ଭୁଲ୍। ଯଦି ଦଳ ଜଗତ୍‌ସିଂହପୁର ହେଉ କି ଏହି ଆସନରେ ତାଙ୍କୁ ପ୍ରାର୍ଥୀ କରେ, ତେବେ ଦଳୀୟ ନିଷ୍ପତ୍ତିକୁ ସେ ଗ୍ରହଣ କରିବେ ବୋଲି ପ୍ରଶାନ୍ତ କହିଛନ୍ତି।

ନିର୍ବାଚନମଣ୍ଡଳୀରୁ ଶୁଣିବାକୁ ମିଳୁଛି, ୨୦୦୪ ପରି ଏବେ ଦଳରେ ଅଧିକ ସଂଖ୍ୟକ ଆଶାୟୀ ସୃଷ୍ଟି କରାଯାଇ ତା'ର ଫାଇଦା ନେବାକୁ ଚକ୍ରାନ୍ତ ଚାଲିଛି। ୨୦୧୯ ସାଧାରଣ ନିର୍ବାଚନ ସମୟରେ ଜଣେ ଦଳୀୟ ମହିଳା ନେପଥ୍ୟରେ ରହି ଭୋଟ ବ୍ୟାଙ୍କ ପ୍ରଭାବିତ ପାଇଁ ଅନେକ କିଛି କରିଥିଲେ। କିନ୍ତୁ ଗତ ପଞ୍ଚାୟତ ନିର୍ବାଚନ ସମୟରେ ସେ ଖୋଲାଖୋଲି ବାହାରି ଆସି ଦଳୀୟ ଜିଲା ପରିଷଦ ପ୍ରାର୍ଥୀଙ୍କୁ ବିରୋଧ କରିଥିଲେ। କିନ୍ତୁ କିଛି ଲାଭ ହୋଇ ନ ଥିଲା। କିଛି ମାସ ହେଲା ଆଉ ଜଣେ ବ୍ୟକ୍ତି ହଠାତ୍ ନିର୍ବାଚନମଣ୍ଡଳୀରେ ଆବିର୍ଭାବ ହୋଇ ସାମାଜିକ କର୍ମୀ ବୋଲାଇ ଦଳୀୟ ଟିକେଟ ଲବିରେ ଥିବା କହୁଛନ୍ତି। ଏହାର ପୃଷ୍ଠଭୂମିରେ ମଧ୍ୟ ପ୍ରଶାନ୍ତ ଥିବା ଚର୍ଚ୍ଚା ହେଉଛି। କୁହାଯାଉଛି ଏଭଳି ଗୋଳିଆ ସ୍ଥିତି ସୃଷ୍ଟି ହୋଇପାରିଲେ ଦଳ ପ୍ରକାରାନ୍ତରେ ବାଲିକୁଦା-ଏରସମାରୁ ପ୍ରଶାନ୍ତଙ୍କୁ ଟିକେଟ ଦେଇପାରେ। କିନ୍ତୁ ଏଥିରେ ରଘୁନନ୍ଦନ ଆଦୌ ବିଚଳିତ ନୁହନ୍ତି ବୋଲି ପ୍ରତିକ୍ରିୟାରେ କହିଛନ୍ତି।

ରଘୁନନ୍ଦନ ଯେଉଁଭଳି ଭାବେ ସିଧାସଳଖ କଥା କହିଛନ୍ତି, ତାହା ଆଗାମୀ ଦିନରେ ଜଗତ୍‌ସିଂହପୁର ଜିଲା ବିଜେଡି ରାଜନୈତିକ ସ୍ଥିତିରେ କି ପରିବର୍ତ୍ତନ ଆଣୁଛି ତାହା ଦେଖିବାକୁ ବାକି ରହିଲା। ଏହା ମଧ୍ୟ ଆଲୋଚନା ହେଉଛି, ବାଲିକୁଦା-ଏରସମା ଆସନ ଟିକେଟ ଦୌଡ଼ ଆଗରେ କଂଗ୍ରେସ ଛାଡ଼ି ବିଜେଡିରେ ଯୋଗ ଦେଇଥିବା ସାରଦା ଜେନା ଅଛନ୍ତି। କାରଣ ସେ ଏବେ ବିଜେଡି ସାଧାରଣ ସମ୍ପାଦକ, କାଳିଆ ଯୋଜନା ଉପଦେଷ୍ଟା ଓ ଜିଲା ଯୋଜନା କମିଟିର ଏକ୍ସପର୍ଟ ସଭ୍ୟ ଦାୟିତ୍ୱ ତୁଲାଉଛନ୍ତି। ଏମାନଙ୍କ ବ୍ୟତୀତ ମହିଳା ଭାବେ ବରିଷ୍ଠ ବିଜେଡି ନେତା ସ୍ୱର୍ଗତ ଉମେଶ ସ୍ୱାଇଁଙ୍କ ବୋହୂ ଶିଖା ଉମେଶ ସ୍ୱାଇଁ, ଓଡ଼ିଶା ଶିଶୁ ସୁରକ୍ଷା ଆୟୋଗ ଅଧ୍ୟକ୍ଷା ମନ୍ଦାକିନୀ କର ଓ ବାଲିକୁଦା ବ୍ଲକ ପୂର୍ବତନ ଅଧ୍ୟକ୍ଷା ତଥା ବର୍ତ୍ତମାନର ମହିଳା କମିଶନ ସଭ୍ୟା ବବିତା ସ୍ୱାଇଁ ମଧ୍ୟ ଆଶାୟୀ ତାଲିକାରେ ରହିଛନ୍ତି।


ଅନୁଗୋଳ ଜିଲା କିଶୋରନଗର ବ୍ଲକ ହଣ୍ଡପା ଥାନା କଣ୍ଟେଇକୋଳିଆ ଗ୍ରାମରେ ଅନୁଷ୍ଠିତ କର୍ମୀ ସମ୍ମିଳନୀରେ ବିଜେଡି ନେତା ନଳିନୀ ପ୍ରଧାନଙ୍କ ସମେତ ଅନ୍ୟମାନେ ଲୋକଙ୍କୁ ସରକାରୀ ଯୋଜନା ସମ୍ପର୍କରେ ବୁଝାଉଛନ୍ତି।

## ସରକାରୀ ଯୋଜନା ସମ୍ପର୍କରେ ଲୋକଙ୍କୁ ଅବଗତ କରାଅ

**ବଇଣ୍ଡା, ୩୦।୧ (ପରିକ୍ଷିତ ସାହୁ):** ଗ୍ରାମାଞ୍ଚଳରେ ବସବାସ କରିଥିବା ଲୋକଙ୍କ ପାଇଁ ରାଜ୍ୟ ସରକାର ଅନେକ ଯୋଜନା ପ୍ରଚଳନ କରିଛନ୍ତି। ସେହିସବୁ ଯୋଜନା ସମ୍ପର୍କରେ ଲୋକଙ୍କୁ ଅବଗତ କରାଅ ବୋଲି ସୋମବାର ଅନୁଗୋଳ ଜିଲା କିଶୋରନଗର ବ୍ଲକ ହଣ୍ଡପା ଥାନା କଣ୍ଟେଇକୋଳିଆ ଗ୍ରାମରେ ଅନୁଷ୍ଠିତ ବିଜେଡି କର୍ମୀ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଜେଡି ନେତା ନଳିନୀ ପ୍ରଧାନ ମତ ପ୍ରକାଶ କରିଛନ୍ତି। ପଞ୍ଚାୟତ ସଭାପତି ସୁବାସ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ପ୍ରଧାନ ଯୋଗଦେଇ ଦଳକୁ ମଜଭୁତ କରିବା ସହ ସମସ୍ତ କର୍ମୀ ଏକଜୁଟ ହେବାକୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷା ଶୈରେନ୍ଦ୍ରୀ ପ୍ରଧାନ, ଜିଲା ପରିଷଦ ସଦସ୍ୟା ବିଷ୍ଣୁପ୍ରିୟା ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ।

# ରାଜନୈତିକ ଦଳଙ୍କୁ ଭରସା ଘରୋଇ ସର୍ଭେ ସଂସ୍ଥା

**ଭୁବନେଶ୍ୱର, ୩୦।୧ (ସୁନିତ୍ ମିଶ୍ର)**

ରାଜନୈତିକ ଦଳଗୁଡ଼ିକ କାର୍ଯ୍ୟପନ୍ଥା ବଦଳାଇବାରେ ଲାଗିଲେଣି। ପୂର୍ବରୁ ନେତାମାନେ ତୃଣମୂଳସ୍ତରରେ ଲୋକଙ୍କ ସହ ଆଲୋଚନାକରି ଦଳ ପକ୍ଷରୁ କେଉଁସବୁ କାର୍ଯ୍ୟକ୍ରମ କରାଯିବ, ସେ ସଂକ୍ରାନ୍ତରେ ନିଷ୍ପତ୍ତି ନେଇପାରୁଥିଲେ। ଏହାଦ୍ୱାରା ରାଜନୈତିକ ବ୍ୟକ୍ତିଙ୍କ ପ୍ରଭାବ ମଧ୍ୟ ସର୍ବସାଧାରଣରେ ରହୁଥିଲା। ହେଲେ ଏବେ ଦଳଗୁଡ଼ିକର କୌଣସି କାର୍ଯ୍ୟକ୍ରମ ହେଉ ଅବା କିଏ ପ୍ରାର୍ଥୀ ହେବେ ବା କିଏ ହେବେ ନାହିଁ, ଏପରି ପ୍ରାୟତଃ ସବୁ ନିଷ୍ପତ୍ତି ଏଜେନ୍ସିଗୁଡ଼ିକର ରିପୋର୍ଟ ଆଧାରରେ ସ୍ଥିର କରାଯାଉଛି। ରାଜ୍ୟର ୩ ପ୍ରମୁଖ ରାଜନୈତିକ ଦଳ ବିଜେଡି, ଭାଜପା ଏବଂ କଂଗ୍ରେସ ୨୦୨୪ ସାଧାରଣ ନିର୍ବାଚନ ବିଭିନ୍ନ ଘରୋଇ ସର୍ଭେ ସଂସ୍ଥା ଆଧାରରେ ଲଢ଼ିବାକୁ ଯାଉଛନ୍ତି। ଓଡ଼ିଶାରେ ଏଭଳି ସଂସ୍ଥାକୁ ନିୟୋଜିତ କରାଯାଇ ନେତାମାନଙ୍କ ପତିଆରା ଧୀରେ ଧୀରେ ଗୌଣ କରି ଦିଆଯାଉଥିବା ଚର୍ଚ୍ଚା ହେଉଛି।

୩ ପ୍ରମୁଖ ଦଳ ଏବେ ନିଜର ସର୍ଭେ ସଂସ୍ଥା ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ। ବିଜେଡି 'ଇଟିଜି' ନାମକ ଏକ ସଂସ୍ଥାକୁ ଦଳର ରାଜନୈତିକ କାର୍ଯ୍ୟକ୍ରମ ପାଇଁ ନିୟୋଜିତ କରିଛି। ସେହିପରି ଭାଜପା 'ଭରାହେ' ଏବଂ ଅଖିଳ ଭାରତ କଂଗ୍ରେସ କମିଟି (ଏଆଇସିସି) ଓଡ଼ିଶା କଂଗ୍ରେସ ପାଇଁ 'ଇନ୍‌କ୍ଲୁସିଭ ମାଇଣ୍ଡ' ନାମକ ସଂସ୍ଥାକୁ ଦାୟିତ୍ୱ ଦେଇଥିବା ଜଣାପଡ଼ିଛି। ରାଜ୍ୟ ବାହାରର ଏହି ସଂସ୍ଥାଗୁଡ଼ିକୁ ବିପୁଳ ଅର୍ଥ ଦେଇ ସବୁ ରାଜନୈତିକ ଦଳ ନିର୍ବାଚନ ରଣନୀତି ପ୍ରସ୍ତୁତ କରୁଛନ୍ତି। କହିବାକୁ ଗଲେ ଏହି ସର୍ଭେ ସଂସ୍ଥାଗୁଡ଼ିକ ଉପରେ ରାଜନୈତିକ ଦଳ ଏକ ପ୍ରକାର ନିର୍ଭରଶୀଳ। ଯେହେତୁ ଉକ୍ତ ସର୍ଭେ ସଂସ୍ଥାର ରିପୋର୍ଟକୁ ଆଧାରକରି ଦଳର ଶୀର୍ଷ ନେତୃତ୍ୱ ଦଳୀୟ ରଣନୀତି ପ୍ରସ୍ତୁତ କରୁଛନ୍ତି, ସେଥିଲାଗି ସ୍ଥାନୀୟ ନେତାଙ୍କ ଗୁରୁତ୍ୱ ଦିନକୁ ଦିନ ହ୍ରାସ ପାଉଛି। ଅନ୍ୟପଟେ ସ୍ଥାନୀୟ ନେତାଙ୍କ ପାଖରେ ଅନେକ ଖବର ରହୁ ନ ଥିବାରୁ ନିଜ ନିର୍ବାଚନମଣ୍ଡଳୀରେ ସେମାନଙ୍କ ଗୁରୁତ୍ୱ ଗୌଣ ହୋଇଯାଉଛି।

ମିଳିଥିବା ସୂଚନା ମୁତାବକ, ଏହି ସର୍ଭେ ସଂସ୍ଥାଗୁଡ଼ିକ ଓଡ଼ିଶାରେ ବିଭିନ୍ନ ରାଜନୈତିକ ଦଳର ଦାୟିତ୍ୱ ପାଇବା ପରେ ଗଣମାଧ୍ୟମ ସଂସ୍ଥା ସହ ଜଡ଼ିତ ଥିବା ଖବରଦାତା, କିଛି ଯୁବ, ଛାତ୍ର ଯେଉଁମାନେ ସେହି ଦଳର ଚିନ୍ତାଧାରା ସହିତ ଜଡ଼ିତ ସେମାନଙ୍କୁ ଦରମା ସୂତ୍ରରେ ନିଯୁକ୍ତି ଦେଇଛନ୍ତି। ସେମାନେ ତୃଣମୂଳସ୍ତରକୁ ଯାଇ ଦଳର ରାଜନୈତିକ ସ୍ଥିତି ଓ ସ୍ଥାନୀୟ ବିଧାୟକ କିମ୍ବା ବିଧାୟକ ପ୍ରାର୍ଥୀଙ୍କ ବିରୋଧରେ ଜନମତ ରହିଛି ନା ବିପକ୍ଷରେ ଯାଉଛି, ତା'ର ଟିକିନିକି ତଥ୍ୟ ସଂଗ୍ରହ କରୁଛନ୍ତି। ଏ ବିଷୟରେ ସ୍ଥାନୀୟ ବିଧାୟକ କିମ୍ବା ସେଠାକାର ନେତାମାନଙ୍କୁ ମଧ୍ୟ ଏ ବିଷୟରେ କୌଣସି ସୂଚନା ଦିଆଯାଉ ନାହିଁ। ଏପରିକି ସରକାରୀ ଦଳ ପକ୍ଷରୁ ନିୟୋଜିତ ଥିବା ସଂସ୍ଥା ସରକାରଙ୍କ କେଉଁ ଯୋଜନାକୁ ଲୋକମାନେ ପସନ୍ଦ କରୁଛନ୍ତି, କେଉଁ କାର୍ଯ୍ୟକ୍ରମକୁ ବିରୋଧ କରୁଛନ୍ତି ସେହି ସମ୍ବନ୍ଧୀୟ ରିପୋର୍ଟ ମଧ୍ୟ ସଂଗ୍ରହ କରୁଛନ୍ତି। ସେହିପରି ଭାଜପା ପକ୍ଷରୁ ଭରାହେ ନାମକ ଯେଉଁ ସଂସ୍ଥାକୁ ଓଡ଼ିଶା ପାଇଁ ନିୟୋଜିତ କରାଯାଇଛି, ତାହା ସେହି ଦଳର କେନ୍ଦ୍ରୀୟ ନେତାଙ୍କ ଦ୍ୱାରା ପରିଚାଳିତ ହେଉଛି। ଏହି ସଂସ୍ଥା ଓଡ଼ିଶାରେ କେତେଜଣ ଯୁବକଙ୍କୁ ଏହି କାମରେ ନିୟୋଜିତ କରି କାମ କରୁଛି। ପ୍ରତ୍ୟେକ ଲୋକ ସଭା କ୍ଷେତ୍ର ପାଇଁ ଟିମ୍ ଗଠନକରି ଏହି ସଂସ୍ଥା ନିଜର ସର୍ଭେ ଚଳାଇଛି। ଓଡ଼ିଶାରେ ବିଜେଡି ବିରୋଧରେ ଥିବା ଜନମତ ଏବଂ ଭାଜପାର କେଉଁଠି କାହାକୁ ପ୍ରାର୍ଥୀ କରାଯିବ, ସେସବୁର ରିପୋର୍ଟ ଏକ ପ୍ରକାର ପ୍ରସ୍ତୁତ ସରିଥିବା ଏକ ସୂତ୍ରରୁ ଜଣାପଡ଼ିଛି। ଏଆଇସିସି ଇନ୍‌କ୍ଲୁସିଭ ମାଇଣ୍ଡ ନାମକ ସଂସ୍ଥାକୁ ଓଡ଼ିଶା ପାଇଁ ନିୟୋଜିତ କରି ଦଳୀୟ ଲକ୍ଷ୍ୟ ହାସଲ ଦିଗରେ ଲାଗି ପଡ଼ିଛି।

କେବଳ ଏତିକି ନୁହେଁ, ବହୁ ଏମ୍‌ପି, କେନ୍ଦ୍ରମନ୍ତ୍ରୀ ଏବଂ ରାଜ୍ୟର କେତେଜଣ ମନ୍ତ୍ରୀ ନିଜସ୍ୱ ପକେଟ୍‌ରୁ ଅର୍ଥ ଖର୍ଚ୍ଚକରି ବ୍ୟକ୍ତିଗତ ଭାବେ କିଛି ସର୍ଭେ ସଂସ୍ଥାଙ୍କୁ ନିୟୋଜିତ କରିଛନ୍ତି। ଯେଉଁ ସ୍ଥାନରେ ସେମାନେ ନିର୍ବାଚନ ଲଢ଼ିବାକୁ ମନସ୍ଥ କରିଛନ୍ତି, ସେହି ନିର୍ବାଚନମଣ୍ଡଳୀ ଲାଗି ସେଗୁଡ଼ିକୁ ନିୟୋଜିତ କରିଛନ୍ତି। ଏହି ସଂସ୍ଥାର ରିପୋର୍ଟ ଉପରେ ସେମାନେ ବ୍ୟକ୍ତିଗତ ସ୍ତରରେ ଏକ ପ୍ରକାର ନିର୍ଭରଶୀଳ ହୋଇ ରହିଛନ୍ତି। ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ରିପୋର୍ଟ ମୁତାବକ, ଉଦାହରଣ ସ୍ୱରୂପ ଯଦି ବି ରାଜ୍ୟକୁ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କାର୍ଯ୍ୟକ୍ରମ ରହେ, ସେମାନଙ୍କ ସଭା କେଉଁଠି ହେବ, ସଭା ମଞ୍ଚରେ ଉକ୍ତ ନେତା କେଉଁ ସ୍ଥାନୀୟ ଠାକୁରଙ୍କ ନାମକୁ ଉଚ୍ଚାରଣ କରିବେ, କେଉଁ ସ୍ଥାନରେ ଗାଡ଼ିରୁ ଓହ୍ଲାଇ ହାତ ହଲାଇବେ, କ'ଣ ସ୍ଥାନୀୟ ଖାଦ୍ୟ ଖାଇବେ, ସେହି ଅଞ୍ଚଳର କେଉଁ ବିଶିଷ୍ଟ ବ୍ୟକ୍ତିଙ୍କୁ ପ୍ରଣାମ କରିବେ, କେଉଁ ବ୍ୟକ୍ତିଙ୍କ ନାମ ଉଦ୍‌ବୋଧନ ସମୟରେ ଉଚ୍ଚାରଣ କରିବେ, ଏସବୁ କଥା ସର୍ଭେ ସଂସ୍ଥା ଦ୍ୱାରା ସ୍ଥିର କରାଯାଇଥାଏ। ଏପରିକି ସେହି ବଡ଼ ନେତାମାନଙ୍କ ଭାଷଣର ଲେଖା ମଧ୍ୟ ସର୍ଭେ ସଂସ୍ଥା ଦ୍ୱାରା ପ୍ରସ୍ତୁତ କରାଯାଉଥିବା ଶୁଣିବାକୁ ମିଳୁଛି। ଏବେ ସାମାଜିକ ଗଣମାଧ୍ୟମରେ ଯେତେସବୁ ଆଇଡି ପ୍ରସ୍ତୁତକରି ବିଜେଡି, ଭାଜପା ଏବଂ କଂଗ୍ରେସ ବୁଲାଉଛନ୍ତି ସେସବୁ ମଧ୍ୟ ସର୍ଭେ ସଂସ୍ଥା ଦ୍ୱାରା ପରିଚାଳନା କରାଯାଉଛି।

# କଂଗ୍ରେସ ଗଣମାଧ୍ୟମ ବିଭାଗରେ ନୂଆ ନିଯୁକ୍ତି କଲା ପିସିସି

**ଭୁବନେଶ୍ୱର, ୩୦।୧ (ସୁନିତ୍ ମିଶ୍ର)**

ପ୍ରଦେଶ କଂଗ୍ରେସ କମିଟି (ପିସିସି)ର ଗଣମାଧ୍ୟମ ବିଭାଗକୁ ସୁଦୃଢ଼ ତଥା ତ୍ୱରାନ୍ୱିତ କରିବା ପାଇଁ ପିସିସି ସଭାପତି ଶରତ ପଟ୍ଟନାୟକ କେତେଜଣଙ୍କୁ ନୂଆ ନିଯୁକ୍ତି ଦେଇଛନ୍ତି। ପିସିସି ଗଣମାଧ୍ୟମ ବିଭାଗ ବରିଷ୍ଠ ମୁଖପାତ୍ର, ମୁଖପାତ୍ର, ପ୍ୟାନେଲିଷ୍ଟ, ସମ୍ପାଦକ ଏବଂ ସଂଯୋଜକମାନଙ୍କ ତାଲିକାକୁ ଅନୁମୋଦନ କରାଯାଇଛି। ଏନେଇ ପିସିସି ଗଣମାଧ୍ୟମ ଓ ଯୋଗାଯୋଗ ବିଭାଗ ଅଧ୍ୟକ୍ଷ ବିଶ୍ୱରଞ୍ଜନ ମହାନ୍ତି ସୂଚନା ଦେଇଛନ୍ତି। ବରିଷ୍ଠ ମୁଖପାତ୍ର ଭାବେ ପଞ୍ଚାନନ କାନୁନ୍‌ଗୋ, ଗଣେଶ୍ୱର ବେହେରା, ସନ୍ତୋଷ ସିଂ ସାଲୁଜା, ଦେବାଶିଷ ପଟ୍ଟନାୟକ, ଲଲାଟେନ୍ଦୁ ମହାପାତ୍ର କାର୍ଯ୍ୟ କରିବେ। ସେହିପରି ହମିଦ୍ ହୁସେନ୍, ମନୋରଞ୍ଜନ ଦାସ, ସୁଦର୍ଶନ ଦାସ, ସସ୍ମିତା ବେହେରା, ଅଧିରାଜ ପାଣିଗ୍ରାହୀ, ପ୍ରଶାନ୍ତ ଶତପଥୀ, ନିଶିକାନ୍ତ ମିଶ୍ର, ପଦ୍ମାକର ଗୁରୁ, ରଜନୀ ମହାନ୍ତି, ରଶ୍ମି ମହାପାତ୍ର, ଅପର୍ଣ୍ଣା ଧୀର ସିଂ, କୃଷ୍ଣଚନ୍ଦ୍ର ପତି, ଅଭିଷେକ ମହାନନ୍ଦ, ସ୍ମୃତିରଞ୍ଜନ ଲେଙ୍କା, ଅମିୟ ପାଣ୍ଡବ, ରାଜୀବ ପଟ୍ଟନାୟକ, ଦେବାଶିଷ ଭୂୟାଁ ଓ ରବୀନ୍ଦ୍ର ଆଚାର୍ଯ୍ୟଙ୍କୁ ମୁଖପାତ୍ର ଭାବେ ନିଯୁକ୍ତି ମିଳିଛି। ପ୍ରଶାନ୍ତ ଶତପଥୀଙ୍କୁ ଗଣମାଧ୍ୟମ ସମ୍ପାଦକ ଭାବେ ନିଯୁକ୍ତି ଦିଆଯାଇଛି। ପଞ୍ଚାନନ ଦାସ, ଜିନେଶ ଦାସ, ପୀତବାସ ପଣ୍ଡା, ଅମିତ ମହାନ୍ତି, ଆଲବର୍ଟ କିଣ୍ଡୋ, ନଳିନୀକାନ୍ତ ନାୟକ, ମନସା ତ୍ରିପାଠୀ, ଜୟଶ୍ରୀ ପାତ୍ର, ଝୁନା ପଟ୍ଟନାୟକ, ଶୁଭେନ୍ଦୁ ଶେଖର ମଲିକ, ସଂଗ୍ରାମ କିଶୋର ମାଝି ଓ କୈଳାସ ମୁଖୀଙ୍କୁ ପ୍ୟାନେଲିଷ୍ଟ ଭାବେ ଦାୟିତ୍ୱ ମିଳିଛି। ଦୀପକ କୁମାର ମହାପାତ୍ରଙ୍କୁ ବରିଷ୍ଠ ସଂଯୋଜକ ଏବଂ ବୀରେନ କୁମାର ଦଳାଇ ଓ ହରି ଶଙ୍କର ଜେନାଙ୍କୁ ସଂଯୋଜକ ଭାବେ ଦାୟିତ୍ୱ ଦିଆଯାଇଛି।


**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ. MCSW-ISO-3834-23-24-30

**କାର୍ଯ୍ୟର ନାମ :** ରେଳଡବା ମରାମତି କାରଖାନା, ମଞ୍ଚେଶ୍ୱର ପାଇଁ ISO 3834-2:2005 କିମ୍ବା ସର୍ବଶେଷର ପୁନଃ-ପ୍ରମାଣପତ୍ର।

**ବିଜ୍ଞାପିତ ମୂଲ୍ୟ (₹) :** 91,448.64, EMD (₹): 1,800.00, ଟେଣ୍ଡର ନଥିପତ୍ରର ମୂଲ୍ୟ (₹) : 1,000/-, ଶେଷ ହେବା ଅବଧି : 36 ମାସ।

ବିଡ୍ ଆରମ୍ଭ ହେବା ତାରିଖ : ତା.05.02.2024ରିଖ,

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.19.02.2024 ରିଖ 1500 ଘଟିକାରେ।

ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।
ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଟେଣ୍ଡର ନଥିପତ୍ର http://www.ireps.gov.in ରେ ଉପଲବ୍ଧ ଅଟେ।

ଡେପୁଟି ଚିଫ୍ ମେକାନିକାଲ ଇଞ୍ଜିନିୟର (P),
PR-1038/O/23-24 ରେଳଡବା ମରାମତି କାରଖାନା/ମଞ୍ଚେଶ୍ୱର



कार्यपालक अभियंता का कार्यालय,
ग्रामीण विकास विशेष प्रमंडल, जमशेदपुर।
ई–निविदा आमंत्रण सूचना

ई0–निविदा सूचना संख्या– **E-RDSD/JSR/28/2023-24/2nd Call**

1.कार्य की विस्तृत विवरणी :

| क्र0 सं0 | कार्य का नाम | प्राक्कलित राशि (रू0) | अग्रधन की राशि (रू0) | परिमाण विपत्र का मूल्य (रू0) | कार्य पूर्ण करने की अवधि | निविदा Call सं0 |
|---|---|---|---|---|---|---|
| 1 | पूर्वी सिंहभूम जिला के डुमरिया प्रखण्ड अंतर्गत केंदुआ पंचायत के जंगल ब्लॉक नदी पर पुलिया निर्माण। | 3,35,00,800.00 | 6,71,000.00 | 10,000.00 | 18 माह | 2nd Call |

2. वेबसाइट में निविदा प्रकाशन की तिथि – 15.02.2024
3. ई–निविदा प्राप्ति की तिथि एवं समय – दिनांक 15.02.2024 से दिनांक 21.02.2024 को अपराह्न 05:00 बजे तक।
4. ई–निविदा खोलने का स्थान – कार्यपालक अभियंता का कार्यालय, ग्रामीण विकास विशेश प्रमंडल, जमशेदपुर।
5. ई–निविदा खोलने की तिथि एवं समय – 23.02.2024 अपराह्न 02:00 बजे।
6. ई–निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण विकास विशेश प्रमंडल, जमशेदपुर।
7. ई–निविदा प्रकोष्ठ का दूरभाष सं0 – 7903003903
8. परिमाण विपत्र की राशि घट–बढ़ सकती है तदनुसार अग्रधन की राशि देय होगी।
9. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
10. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो उसकी सारी जवाबदेही आपकी होगी।

विस्तृत जानकारी के लिए वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।

कार्यपालक अभियंता
ग्रामीण विकास विशेष प्रमंडल,
जमशेदपुर।

PR 317417 Rural Development(23-24)D



OFFICE OF THE RETURNING OFFICER
**SAHARAYN UNIVERSAL MULTIPURPOSE SOCIETY LIMITED**
**Regd. Office:** 195, Zone-1, In Front of D.B. Mall, M.P. Nagar, Bhopal, Madhya Pradesh-462011
**Tel.:** 0755-4296180, **Email ID:** sumsl.cooperative@sumsl.in, sumsl.cooperative@gmail.com

**To all members, notice is hereby given for conducting the Election of Delegates in terms of the provisions of bye-laws and Subsidiary Rules for Constituting a Smaller Representative General Body of Saharayn Universal Multipurpose Society Limited, election programme is as under:**

| | | |
|---|---|---|
| 1) | Place of filing Nominations : | As Mentioned below for Respective Constituencies |
| 2) | Date & Time of filing Nominations : | 20/02/2024 From 10:00 A.M to 03:00 P.M. |
| 3) | Date and Time of publication of list of Nominations Received : | 20/02/2024 05:00 P.M. |
| 4) | Date and Time of Scrutiny of Nominations Received : | 21/02/2024 From 10:00 A.M. to 03:00 P.M. |
| 5) | Date and Time of publication of list of valid Nominations : | 21/02/2024 05:00 P.M. |
| 6) | Date and Time of withdrawal of Nominations : | 22/02/2024 From 10:00 A.M. to 04:00 P.M. |
| 7) | Date and Time of Publication of list of final Nominations : | 22/02/2024 5:00 P.M. |
| 8) | Date, Time of Voting, if necessary : | 24/02/2024 From 08:00 A.M. to 03:00 P.M. |
| 9) | Date, Time of counting & declaration of the result : | 24/02/2024, Immediately after the voting is over |

**One Delegate to be elected from each constituency, name of constituency and venues for voting are mentioned below :**

| Name of constituency | Venue for Voting |
|---|---|
| Ahmedabad | 301, 302 3rd Floor, Rajlaxmi Plaza, Near Hajipura Garden, Ahmedabad, Gujarat- 380004 |
| Ambala | H. No. 5744, Ist Floor, Near Golden Transport Building, above Corp. Bank, Nicholson Road, Ambala, Haryana- 133001 |
| Aurangabad | K P Agarwal Complex, M.G.Road, Aurangabad, Bihar- 824101 |
| Ayodhya | In front of Dutta Dairy, Rishi Tola, Fatehganj Ayodhya, Uttar Pradesh -224123 |
| Azamgarh | 291/9, Civil Lines, Opp. Sudarshan Das Petrol Pump, Azamgarh, Uttar Pradesh- 276001 |
| Bahraich | S N Tower Gonda Road, HDFC Bank 3rd Floor Bahraich, Uttar Pradesh- 271801 |
| Ballia | C/O Chandrawati Devi, Central Bank Of India, Sri Nath Baba Road, Rasra, Ballia, Uttar Pradesh-221712 |
| Barabanki (W) | Preet Bihar Colony, St. Anthony School , Barabanki, Uttar Pradesh- 225001 |
| Bareilly | 186, Near Post Office, Patanjali Store, Bareilly, Uttar Pradesh- 243001 |
| Basti (SC/ST) | Infront of S K Pandey Inter College, Near Zamiya Complex, Station Road, Basti, Uttar Pradesh-272002 |
| Bhagalpur | 2nd Floor, Chandralok Complex, Ghantaghar Bhagalpur, Bihar- 812001 |
| Bhopal (SC/ST) | 1st Floor Sahara India Kunj, 195, Zone-1, M.P. Nagar, Bhopal, Madhya Pradesh-462011 |
| Bhubaneswar | Plot No. 702, Ice Factory Lane, Bandhan Cards Building, Bhubaneswar, Khordha, Odisha-751006 |
| Bokaro (SC/ST) | Bari Co-operative Colony, Plot No 307, Bokaro Steel City, Sector 12, Bokaro, Jharkhand-827012 |
| Champaran | Above V-Mart Mall, Near Janpul Chowk, Main Road, Motihari, East Champaran, Bihar- 845401 |
| Chandigarh | SCO 1110-1111, 2nd Floor, Sector 22-B, Chandigarh, Punjab-160022 |
| Cuttack | Shishu Bharati High School, Sector-6, Plot No. Pl/747, Near Ram Mandir, Cuttack, Odisha-753014 |
| Darbhanga | Mufti Mohalla, Naka No.5, P.O. -Lalbagh, Darbhanga, Bihar-846004 |
| Dehradun | Sahara India Pariwar Near Central Bank Koyal Ghati, Rishikesh Dist-Dehradun, Uttrakhand-249201 |
| Deoria | Jila Panchyat Bhawan, Civil Lines, Deoria, Uttar Pradesh-274001 |
| Fatehpur | Ashoka Lodge, Mohalla Kheldar G.T.Road, Fatehpur, Uttar Pradesh-212601 |
| Gaya | 2nd Floor, J S Market, Tekari Road, Gaya, Bihar-823001 |
| Ghazipur (W) | C/O Ramashankar Prasad, Shahu Market (Main Road), Near Roadways Bus Stand , Shastri Nagar, Jangipur, Ghazipur , Uttar Pradesh Pin- 233305 |
| Gonda | Near Ambedkar Chauraha, Lucknow Road, Gonda, Uttar Pradesh-271002 |
| Gorakhpur | Sahara India Niketan, 2nd Floor, Cinema Road, Gorakhpur, Uttar Pradesh-273001 |
| Hardoi | Canal Road, Hardoi, Uttar Pradesh-241001 |
| Jaipur | 33, Prithviraj Nagar, Maharani Farm, Durgapura, Jaipur, Rajasthan-302018 |
| Kanpur (W) | Sahara India, Region Office 1st Floor, 117/N/98 Kaka Dev, Kanpur Nagar, Uttar Pradesh-208025 |
| Khalilabad | Mehdawal Road, Khalilabad, Sant Kabir Nagar, Uttar Pradesh-272175 |
| Kolkata | Disha Apartment, 470, Purbanchal Main Road, Near Kalikapur Bus Stand, Kolkata, West Bengal-700078 |
| Lucknow (W) | 3rd Floor, Sahara Shopping Centre, Faizabad Road, Indira Nagar, Lucknow,Uttar Pradesh-226024 |
| Etawah | H.No. C/7/A, Awas Vikash Colony, Numaish Chauraha, Etawah, Uttar Pradesh- 206001 |
| Mau | Church Compound Near Ashish Nursing, Ghazipur Road, Mau, Uttar Pradesh-275101 |
| Mumbai | Flat No.110-11, Building No.2A, Apna Ghar Cooperative Society, Opp. Ginger Hotel Teli Gali, Andheri(East), Mumbai, Suburban, Maharashtra-400069 |
| Muzaffarpur | Above S.B.I. Akharaghat Branch, Akharaghat Road, Muzaffarpur, Bihar-842001 |
| Nalanda | Ranjan Commercial Complex, 2nd Floor Patna Ranchi Road, Bhaisasur, Bihar Sharif, Nalanda, Bihar-803101 |
| New Delhi | WZ1, Phool Bagh, Commercial Building 1st Floor, Tri Nagar, Rampura, Delhi- 110008 |
| Padrauna | Tubewell colony Kasia, Padrauna, Uttar Pradesh-274402 |
| Patna | Sahara India Pariwar, Region Office, Sahara India Vihar 4th Floor, Boring Road Chauraha, Patna, Bihar- 800001 |
| Pharenda | Region Office Pharenda Road, Infront of Kotwali, Mahrajganj, Distt-Mahrajganj, Uttar Pradesh-273303 |
| Pratapgarh(SC/ST) | Laxmi Complex, opp. Distt. Hospital, Kachehari Road, Pratapgarh, Uttar Pradesh-230001 |
| Prayagraj | 25/51 M G Marg, Civil Lines, Allahabad, Prayagraj, Uttar Pradesh-211003 |
| Raipur (W) | Aviral Complex, 1st Floor, Raipura Chowk, Ring Road No 2, Raipur, Chhattisgarh-492013 |
| Ranchi | 2nd Floor Mahabir Complex, I.T.I Road Near Piska more, Post- Hehal Ratu Road, Piska More, Ranchi, Jharkhand- 834005 |
| Samastipur | Bahadurpur W.No. 26, Near Shiv Durga Mandir, Bahadurpur, Samastipur, Bihar-848101 |
| Sambalpur | Vidyut Colony, P.O. Budharaja, Behind Hotel Kaveri, Ainthapali, Distt.- Sambalpur, Odisha- 768004 |
| Shimla (W) | Avadh Palace, Near Clark Hotel, The Mall Road, Shimla, Himachal Pradesh-171001 |
| Siliguri | HMA Building, Near Pani Tanki More (Clock Tower), Nabin Sen Road, Mahakal Pally, Janta Nagar, Siliguri, West Bengal-734001 |
| Sitapur | Opp. Rajasthani Hotel, Dr. B D Kapoor Marg, Arya Nagar, Sitapur, Uttar Pradesh-266001 |
| Siwan | Near Krishna Cinema Hall, Lal Palace, Station Road, Near Union Bank of India, Siwan, Bihar-841226 |
| Sultanpur | Opp. Dist. Hospital, Dharmpal Complex, 1st Floor, Sultanpur, Uttar Pradesh-228001 |
| Tata Nagar | Jugsalai Moonka Honda Showroom, Near Ghora Chowk, PO- Jugsalai, Tatanagar, Jamshedpur, East Singhbhum, Jharkhand-831002 |
| Vaishali | Piyush Hotel, Gandhi Ashram, Near Railway Station, Hajipur, Vaishali, Bihar-844101 |
| Varanasi | Sahara India Kashi Niketan, B 8/90-91, Bara Gambhir Singh, Sonarpura, Varanasi, Uttar Pradesh-221001 |
| Vijayawada (W) | D.No.52-1/1-1/B, 3rd floor, Sri Surya Premier, Veterinary Colony, Gunadala, Vijayawada, Krishna, Andhra pradesh-520008 |

Note:-
1. For Contesting the election, candidate must be qualified as per the provisions of the Bye-laws of the Society and the MSCS Act, 2002.
2. Four seats shall be reserved for SC/ST (SC/ST) and Seven seats for Women (W). At the time of filing nomination contestants must bring his/her appropriate documents/certificates for reserved seat.
3. At the time and place of election, members are requested to bring their photo-ID card with them.
4. The list of the eligible members to vote and contest as per the provisions of the MSCS Act 2002, will be published by the Returning Officer and shall be available from 31.01.2024 to 03.02.2024, at all authorized centers and Registered office of the Society. Members may raise objection (if any) during this period between 11:00 a.m. to 03:00 p.m.
5. The Nomination form will be available at the respective Sector Office/Authorised Centre.

**Date:** 29/01/2024
**Place:** Bhopal

For and on behalf of **Saharayn Universal Multipurpose Society Limited**
S/d
Returning Officer

**ଖସିଲା ଶେୟାର ବଜାରର**

ନୂଆଦିଲ୍ଲୀ: ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ୨ୟ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ କୋଟିର ନିବେଶ ହରାଇଛନ୍ତି। ବିଶେଷକରି ମଙ୍ଗଳବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସଇ)ର ସେନସେକ୍ସ ୮୦୨ (୮୦୧.୬୭) ପଏଣ୍ଟ ଖସି ୭୧,୧୪୦ (୭୧,୧୩୯.୯୦) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସ୍ଇ)ର ନିଫ୍ଟି-୫୦ରେ ମଧ୍ୟ ୨୧୫(୨୧୫.୫୦) ପଏଣ୍ଟ ହ୍ରାସ ଘଟି ୨୧,୫୨୨ (୨୧,୫୨୨.୧୦) ଅଙ୍କରେ କାରବାର ବନ୍ଦ କରିଥିଲା।

# ବଜେଟ ଉପରେ ଅନେକ ଆଶା

ଭୁବନେଶ୍ୱର,୩୦।୧(ଅନୁରାଧା ମହାରଣା)



କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଫେବୃଆରୀ ପହିଲାରେ ୧୦ଟା ୩୦ରେ ପାର୍ଲାମେଣ୍ଟରେ ୨୦୨୪-୨୫ ପାଇଁ ଅନ୍ତରୀଣ କେନ୍ଦ୍ର ବଜେଟ ଉପସ୍ଥାପନ କରିବେ। ବିଶେଷଜ୍ଞଙ୍କ ଆକଳନ ଅନୁସାରେ ଏଥିରେ ପ୍ରତିରକ୍ଷା ଓ ଇନ୍ଫ୍ରାଷ୍ଟ୍ରକଚର୍ ପାଇଁ କିଛି ଘୋଷଣା ହୋଇପାରେ। ସେହିପରି ନିର୍ମଳା ମଧ୍ୟବିତ୍ତ ତଥା ବେତନ ପ୍ରାପ୍ତ ଶ୍ରେଣୀଙ୍କୁ କିଛି ବିଶେଷ ଉପହାର ଦେଇପାରନ୍ତି ବୋଲି ଆଶା କରାଯାଉଛି। ତେବେ ରୋଜଗାର ବା ନିଯୁକ୍ତି କ୍ଷେତ୍ର ଉପରେ ସାଧାରଣ ଲୋକଙ୍କର ଧ୍ୟାନ ରହିବ। ଟିକସ ଛାଡ, ଶସ୍ତା ଘର, ମୁଦ୍ରାସ୍ଫୀତି ନିୟନ୍ତ୍ରଣ ଏବଂ ଗୃହଋଣ ନେଇଥିବା ବ୍ୟକ୍ତିଙ୍କ ପାଇଁ କିଛି ରିହାତି ସହ ଆୟକର ଛାଡ ନେଇ ଅଧିକାଂଶ ଆଶା ବାନ୍ଧିଛନ୍ତି। ଟିକସ ବୋଝ ହ୍ରାସ କରିବାକୁ ସରକାର ଆୟକର ଛାଡ ମଧ୍ୟ ଘୋଷଣା କରିପାରନ୍ତି। ତେବେ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି କ୍ଷେତ୍ରକୁ ନେଇ ବଜେଟ ଉପସ୍ଥାପନା ଉପରେ ସମସ୍ତଙ୍କ ନଜର ରହିଛି।

## ଇଭି କ୍ରୟକୁ ପୂର୍ବପରି ଟିକସମୁକ୍ତ ରଖାଯାଉ



ବଜେଟକୁ ନେଇ ସବୁବର୍ଗର ଲୋକ ବେଶ୍ ଆଶାବାଦୀ ଅଛନ୍ତି। ଅଟୋମୋବାଇଲ୍ କ୍ଷେତ୍ରରେ ବିଶେଷ କିଛି ପରିବର୍ତ୍ତନ ହେବା ପରି ମନେହେଉନାହିଁ। ଇଲେକ୍ଟ୍ରୋନିକ୍ ଭେହିକିଲ(ଇଭି) କ୍ରୟ ଉପରେ ଟିକସ୍ ଲାଗୁ କରାଯାଇପାରେ। ତେବେ ଏହାଦ୍ୱାରା ସାଧାରଣବର୍ଗର ଗ୍ରାହକ ପ୍ରଭାବିତ ହେବେ। କାରଣ ଏହାଦ୍ୱାରା ଗ୍ରାହକଙ୍କ ରେଜିଷ୍ଟ୍ରେଶନ୍ ଖର୍ଚ୍ଚ ବଢ଼ିପାରେ। ତେଣୁ ଏହାକୁ ପୂର୍ବପରି ଟିକସମୁକ୍ତ ରଖାଯିବା ଉଚିତ।

**–ଆଦିତ୍ୟ ପାତ୍ର, ମ୍ୟାନେଜିଂ ଡାଇରେକ୍ଟର, ଆଦିତ୍ୟ ଗ୍ରୁପ୍**

## ସବୁ କ୍ଷେତ୍ରର ଆର୍ଥିକ ଅଭିବୃଦ୍ଧିକୁ ସୁନିଶ୍ଚିତ କରିବା ଭଳି ହେବା ଆବଶ୍ୟକ



ନିର୍ବାଚନକୁ ଦୃଷ୍ଟିରେ ରଖି ନିଶ୍ଚିତ ଭାବେ ବଜେଟ୍ ଉପସ୍ଥାପନ କରାଯିବ। ପୂର୍ବରୁ ଭିନ୍ନ ଭିନ୍ନ ଅର୍ଥମନ୍ତ୍ରୀଙ୍କ କାର୍ଯ୍ୟକାଳ ମଧ୍ୟରେ ଗ୍ଲୋବାଲ ବଜେଟ୍, ଆଇଟି ବଜେଟ କୃଷି ପାଇଁ ସ୍ୱତନ୍ତ୍ର ବଜେଟ୍, କୋଭିଡ୍ ପାଇଁ ସ୍ୱତନ୍ତ୍ର ଥିମ୍ ବଜେଟ୍ ଘୋଷଣା ହୋଇଛି। ମାତ୍ର ଚଳିତବର୍ଷ ସେପରି କିଛି ଘୋଷଣା କରାଯାଇ ନ ପାରେ। ମଧ୍ୟବିତ୍ତ ବର୍ଗର କରଦାତାଙ୍କୁ ରିହାତି ପ୍ରଦାନଠାରୁ ଆରମ୍ଭ କରି ଗ୍ରାମାଞ୍ଚଳର ବିଭିନ୍ନ କ୍ଷେତ୍ରକୁ ଦୃଷ୍ଟିରେ ରଖି ବଜେଟ୍ ପ୍ରସ୍ତୁତ କରାଯାଇଥିବ। କୃଷିକ୍ଷେତ୍ର, ହାଉସିଂ ସେକ୍ଟର, ଏମ୍ଏସ୍ଏମ୍ଇ, ଗବେଷଣା କ୍ଷେତ୍ରରେ ମଧ୍ୟ ସ୍ୱତନ୍ତ୍ର ଘୋଷଣା ହୋଇପାରେ। ଉତ୍ପାଦନ କ୍ଷେତ୍ରରେ ମଧ୍ୟ ନୂଆ ଘୋଷଣା ହୋଇପାରେ। ଏହାଦ୍ୱାରା ବିଭିନ୍ନ କମ୍ପାନୀ ଉପକୃତ ହେବେ। ତେଣୁ ଏହି ଅନ୍ତରୀଣ ବଜେଟ୍ ସବୁ କ୍ଷେତ୍ରରେ ଆର୍ଥିକ ଅଭିବୃଦ୍ଧିକୁ ସୁନିଶ୍ଚିତ କରିବା ଭଳି ହେବା ଆବଶ୍ୟକ।

**– ତ୍ରିନାଥ ଲେଙ୍କା, ଅର୍ଥନୀତି ବିଶେଷଜ୍ଞ**

## ସାଧାରଣ ଲୋକ, ବିକାଶ ଉପରେ ଗୁରୁତ୍ୱ ଦିଆଯାଉ



ବଜେଟକୁ ନେଇ ଜଣେ ସାଧାରଣ ନାଗରିକ ମନରେ ଅନେକ ଉତ୍କଣ୍ଠା ଥାଏ। ବଜେଟର ସାଧାରଣ ଜୀବନ ଉପରେ କ'ଣ ପ୍ରଭାବ ରହିବ ତାହା ଜାଣିବାକୁ ସମସ୍ତେ ଇଚ୍ଛୁକ ଥାନ୍ତି। ବିଶେଷକରି ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ସୁରକ୍ଷା, ରୋଜଗାର ଆଦି ଦିଗରେ ବଜେଟରେ ପ୍ରାଥମିକତା ରହିବା ଜରୁରୀ। ସାଧାରଣ ଲୋକଙ୍କ ଆଶା ଓ ଭରସାକୁ ଗୁରୁତ୍ୱ ଦିଆଯିବା ସହ ବିକାଶ ଉପରେ ଜୋର ଦିଆଯିବା ଆବଶ୍ୟକ।

**–ଡ. ଦେବୀଲାଲ ମିଶ୍ର, ସମାଜବିଜ୍ଞାନୀ**

## ଗୁରୁତର ରୋଗ ଚିକିତ୍ସା କ୍ଷେତ୍ରର ଭିତ୍ତିଭୂମି ବିକାଶ ଜରୁରୀ



ସ୍ୱାସ୍ଥ୍ୟ କ୍ଷେତ୍ରରେ ସରକାର ବହୁତ ପଦକ୍ଷେପ ଗ୍ରହଣ କରିଛନ୍ତି। ଉପସ୍ଥାପନ ହେବାକୁ ଥିବା ବଜେଟ୍‌ରେ ଆକ୍ୟୁଟ୍ ଟ୍ରମାକେୟାର, ଷ୍ଟ୍ରୋକ୍, ମେଣ୍ଟାଲ ହେଲ୍ଥ ଭଳି ଗୁରୁତର ରୋଗର ଚିକିତ୍ସା କ୍ଷେତ୍ରରେ ସରକାର ଭିତ୍ତିଭୂମି ବିକାଶ କରିବା ଜରୁରୀ। ଦେଶର ଚିକିତ୍ସାକ୍ଷେତ୍ରରେ ତାଲିମ ପ୍ରଦାନ ନେଇ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯିବା ଉଚିତ। ସେହିପରି 'ଆୟୁଷ୍ମାନ ଭାରତ' ପରିଯୋଜନାରେ ସାମିଲ ହେଉଥିବା ହସ୍ପିଟାଲଗୁଡ଼ିକୁ ଯଥା ସମୟରେ ଦେୟ ପୈଠ କରିବା ଦିଗରେ ସ୍ୱତନ୍ତ୍ର ପଦକ୍ଷେପ ନିଆଯିବା ଦରକାର। ଏହାଦ୍ୱାରା ଅଧିକରୁ ଅଧିକ ହସ୍ପିଟାଲ ଏଭଳି ସରକାରୀ ଯୋଜନାରେ ଯୋଡିହେବା ସହ ଉନ୍ନତ ତଥା ଦ୍ରୁତ ଚିକିତ୍ସା ଯୋଗାଇ ଦେବାକୁ ମନ ବଳାଇବେ।

**–ଡ. ଶକ୍ତିମୟ ମହାପାତ୍ର, ୟୁନିଟ୍ ହେଡ୍, ଆମ୍ରି ହସ୍ପିଟାଲ, ଭୁବନେଶ୍ୱର**

## ଅର୍ଥନୀତି ଅଭିବୃଦ୍ଧିରେ ସହାୟକ ହେଲା ଭଳି ବଜେଟ୍ ହେବ



ଆଗକୁ ନିର୍ବାଚନ ପାଇଁ ଅନ୍ତରୀଣ ବଜେଟ୍ ବହୁତ ଗୁରୁତ୍ୱପୂର୍ଣ୍ଣ। ସବୁକ୍ଷେତ୍ର ଓ ସବୁ ନାଗରିକଙ୍କ ଉନ୍ନତି ନେଇ ଏହି ବଜେଟ୍‌ରେ ଗୁରୁତ୍ୱ ଦିଆଯାଇଥିବ ନିଶ୍ଚିତ। ବିଶେଷକରି ବ୍ୟାଙ୍କିଙ୍ଗ୍ ସେକ୍ଟରକୁ ନେଇ ନିଶ୍ଚିତ ଭାବେ ସକାରାତ୍ମକ ଘୋଷଣା ହେବ। ଏଥିପାଇଁ ସମସ୍ତେ ଖୁବ୍ ଆଶାବାଦୀ ଅଛନ୍ତି। ଚଳିତ ଆର୍ଥିକବର୍ଷରେ ଜିଡିପି ଅଭିବୃଦ୍ଧି ପ୍ରାୟ ୭% ହୋଇପାରେ। ଏଥି ସହିତ ୨୦୩୦ ସୁଦ୍ଧା ଭାରତୀୟ ଅର୍ଥନୀତିର ମୂଲ୍ୟ ୭ ଟ୍ରିଲିୟନ ଡଲାର ହେବ। ୨୦୨୪ ବଜେଟ ପୂର୍ବରୁ ଅର୍ଥ ମନ୍ତ୍ରଣାଳୟ ଆର୍ଥିକ ସମୀକ୍ଷା କରି ଏହା ଦର୍ଶାଇଛନ୍ତି। ତେଣୁ ଦେଶର ଅର୍ଥନୀତି ଅଭିବୃଦ୍ଧିରେ ସହାୟକ ହେଲା ଭଳି ବଜେଟ୍ ଉପସ୍ଥାପନ କରାଯିବ ବୋଲି ଆଶା।

**– ମୁନିସ୍ ଶାରଦା, ଗ୍ରୁପ୍ ଏକଜିକ୍ୟୁଟିଭ୍, ଆକ୍ସିସ୍ ବ୍ୟାଙ୍କ**

# ରାମରାଜ୍ କଟନ୍‌ର ନୂଆ ଚେହେରା ରିଷଭ



ନୂଆଦିଲ୍ଲୀ,୩୦।୧

ଦେଶର ଅଗ୍ରଣୀ ପୋଷାକ ବ୍ରାଣ୍ଡ୍ ରାମରାଜ୍ କଟନ୍ ଜଣାଶୁଣା ଫିଲ୍ମ ନିର୍ମିତା ତଥା ଭାରତୀୟ ଅଭିନେତା ରିଷଭ ସେଟ୍ଟୀଙ୍କୁ ବ୍ରାଣ୍ଡ୍‌ର ନୂଆ ଚେହେରା (ବ୍ରାଣ୍ଡ ଆମ୍ବାସାଡାର) ଭାବେ ନିଯୁକ୍ତି କରିଛି। ଏପରିକି ସେଟ୍ଟୀ ବ୍ରାଣ୍ଡ୍‌ର ଅଗ୍ରଣୀ ପୋଷାକ ରାମରାଜ୍ ଧୋତି, ଶାର୍ଟ ଏବଂ କୁର୍ତ୍ତା ଆଦିର ପ୍ରଚାରପ୍ରସାର କରିବେ ବୋଲି ଜଣାପଡିଛି। ଏ ସମ୍ପର୍କରେ ରାମରାଜ୍ କଟନ୍‌ର ଏମ୍‌ଡି ଅରୁଣ ଈଶ୍ୱର କହିଥିଲେ, ଆମେ ରିଷଭଙ୍କୁ ଆମ ପରିବାରକୁ ସ୍ୱାଗତ କରୁଛୁ। ଏପରିକି ରିଷଭ ବ୍ରାଣ୍ଡ୍‌ର ବ୍ରାଣ୍ଡ୍ ଆମ୍ବାସାଡର ଭାବେ ଆମ ସହ ଯୋଡ଼ିହୋଇଥିବାରୁ ଆମେ ବେଶ୍ ଉତ୍ସାହିତ ଅଛୁ। ବିଶେଷକରି ରିଷଭ ଆମର ବ୍ରାଣ୍ଡ୍‌ଗୁଡିକୁ ସବୁ ବର୍ଗର ଗ୍ରାହକଙ୍କ ନିକଟତର କରାଇପାରିବେ ବୋଲି ଆମର ବିଶ୍ୱାସ ଓ ଭରସା ରହିଛି।

# ଏଲ୍ଆଇସିର ସିଏସ୍ଆର୍ କାର୍ଯ୍ୟକ୍ରମ

ନୂଆଦିଲ୍ଲୀ,୩୦।୧

ଭାରତୀୟ ଜୀବନ ବୀମା ନିଗମ (ଏଲଆଇସି)ର ଇଷ୍ଟ ସେଣ୍ଟ୍ରାଲ ଜୋନ ପାଟନା (ବିହାର) ପକ୍ଷରୁ ବିହାରର ଲୋକ ନାୟକ ଜୟପ୍ରକାଶ ନାରାୟଣ ହସ୍ପିଟାଲକୁ ୧୦ଟି ଷ୍ଟ୍ରେଚର ଟ୍ରଲି ଯୋଗାଇ ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ଏଲଆଇସିର ଇଷ୍ଟ ସେଣ୍ଟ୍ରାଲ ଜୋନ ପାଟନା (ବିହାର) ପକ୍ଷରୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଏଲଆଇସି ଇଷ୍ଟ ସେଣ୍ଟ୍ରାଲ ଜୋନ ପାଟନା (ବିହାର)ର କ୍ଷେତ୍ରୀୟ ପ୍ରବନ୍ଧକ ଶ୍ରବଣ କୁମାର ସମ୍ମାନିତ ଅତିଥି ଭାବେ ଯୋଗ ହସ୍ପିଟାଲ କର୍ତ୍ତୃପକ୍ଷକୁ ୧୦ଟି ଷ୍ଟ୍ରେଚର ଟ୍ରଲି ପ୍ରଦାନ କରିବା ସହ ସେଗୁଡିକ ରୋଗୀଙ୍କ ସେବାରେ ନିଯୋଜିତ ବା ରୋଗୀମାନେ ବ୍ୟବହାର କରିବେ ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଥିଲେ। ଏହି ଅବସରରେ ଲୋକ ନାୟକ ଜୟପ୍ରକାଶ ନାରାୟଣ ହସ୍ପିଟାଲର ନିର୍ଦ୍ଦେଶକ ଡା. ସୁଭାଷ ଚନ୍ଦ୍ରା ଏଲଆଇସିର ଇଷ୍ଟ ସେଣ୍ଟ୍ରାଲ ଜୋନ ପାଟନା (ବିହାର)କୁ ସାଧୁବାଦ ଜଣାଇବା ସହିତ ଶ୍ରବଣ କୁମାରଙ୍କ ଠାରୁ ଷ୍ଟ୍ରେଚର ଟ୍ରଲି ଗ୍ରହଣ କରିଥିଲେ। ଏ ନେଇ ଏଲଆଣସିର ପ୍ରାଦେଶିକ ପ୍ରବନ୍ଧକ (ବିପଣନ) ସନୋଜ କୁମାର କହିଥିଲେ ବୀମା ସପ୍ତାହ ଅବସରରେ ନିଗମର କର୍ପୋରେଟ ସାମାଜିକ ଦାୟିତ୍ୱବୋଧ (ସିଏସଆର) କାର୍ଯ୍ୟକ୍ରମ ଅଧୀନ (ଅର୍ନ୍ତଗତ)ରେ ଉକ୍ତ ଷ୍ଟ୍ରେଚର ଟ୍ରଲି ପ୍ରଦାନ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଏଲଆଇସିର ପ୍ରାଦେଶିକ ପ୍ରବନ୍ଧକ ବି.କେ. ସିଂହଙ୍କ ସମେତ ରାକେଶ କୁମାର ଏବଂ ରାକେଶ ରଞ୍ଜନ ଓ ଡା. ରବିନ୍ଦ୍ର ସିଂହ, ଡା. ଗୁପ୍ତେଶ୍ୱର ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଦୀର୍ଘ ବର୍ଷ ହେବ ଏଲଆଇସି ତା'ର ସିଏସଆର କାର୍ଯ୍ୟକ୍ରମ ଅଧୀନରେ ଦେଶର ପ୍ରମୁଖ ହସ୍ପିଟାଲ, ଶିକ୍ଷଣୀୟ ସଂସ୍ଥା, ସାମାଜିକ ସଂସ୍ଥା ଏବଂ ଏନଜିଓଗୁଡିକ ସହାୟତା ଯୋଗାଇ ଦେଇ ଆସୁଛି।

# ଓଡ଼ିଶା ଗ୍ରାମାଞ୍ଚଳରେ ଆକ୍ସିସ୍ ବ୍ୟାଙ୍କର ଅଗ୍ରଗତି

ଭୁବନେଶ୍ୱର,୩୦।୧

ଅଗ୍ରଣୀ ଘରୋଇ ବ୍ୟାଙ୍କ ଆକ୍ସିସ୍ ବ୍ୟାଙ୍କ ଭାରତ ବ୍ୟାଙ୍କିଙ୍ଗ୍ ବ୍ୟବସାୟ ମାଧ୍ୟମରେ ଓଡ଼ିଶାର ଗ୍ରାମୀଣ ଓ ଅର୍ଦ୍ଧ ସହରାଞ୍ଚଳ(ରୁସୁ) ଅଞ୍ଚଳରେ ଅଗ୍ରଗତି କରୁଛି। ସମଗ୍ର ଓଡ଼ିଶାରେ ବ୍ୟାଙ୍କର ୨୧୦ଟି ଶାଖା ରହିଥିବାବେଳେ ଏହାର ୭୦ ପ୍ରତିଶତ ଶାଖା ରୁସୁ ଅଞ୍ଚଳରେ ରହିଛି। ରାଜ୍ୟର ଦୁର୍ଗମ ଅଞ୍ଚଳରେ ବ୍ୟାଙ୍କିଙ୍ଗ୍ ସେବା ପ୍ରଦାନ ପାଇଁ ବ୍ୟାଙ୍କ ୩୦୦୦ରୁ ଅଧିକ ଜନସେବା କେନ୍ଦ୍ର (ସିଏସ୍‌ସି) ଗ୍ରାମ୍ୟ ସ୍ତରୀୟ ଉଦ୍ୟୋଗୀ (ଭିଏଲ୍ଇ)ଙ୍କୁ ନିୟୋଜିତ କରିଛି। ଗତ ୯ ମାସରେ ଏହାର ଗୋଲ୍ଡ ଲୋନ୍ ବୁକ୍ ମଧ୍ୟ ୩୫%ରୁ ଅଧିକ ବୃଦ୍ଧି ଘଟିଛି। ଏହି ଅବସରରେ ଆକ୍ସିସ୍ ବ୍ୟାଙ୍କର ଗ୍ରୁପ୍ ଏକ୍ସିକ୍ୟୁଟିଭ୍ ତଥା ଭାରତ ବ୍ୟାଙ୍କିଙ୍ଗ୍ ମୁଖ୍ୟ ମୁନିସ ଶାରଦା କହିଛନ୍ତି, ଆକ୍ସିସ୍ ବ୍ୟାଙ୍କ ବିଭିନ୍ନ ଉତ୍ପାଦ ଓ ସେବା ମାଧ୍ୟମରେ ରାଜ୍ୟରେ ଆର୍ଥିକ ଅନ୍ତର୍ଭୁକ୍ତୀକରଣକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ। ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ୍ଏସ୍ଏମ୍ଇ), ଉଦୀୟମାନ କର୍ପୋରେଟ୍, ବାଣିଜ୍ୟିକ କୃଷି, କ୍ଷୁଦ୍ର ଓ ନାମମାତ୍ର ଚାଷୀ, ସ୍ୱାସ୍ଥ୍ୟସେବା ଫାଇନାନ୍ସ ଆଦିର ବିବିଧ ଆବଶ୍ୟକତା ପୂରଣ ପାଇଁ ଲକ୍ଷ୍ୟ ରଖାଯାଇଥିବା ସେ ସୂଚାଇଛନ୍ତି। ବ୍ୟାଙ୍କ ଜଏଣ୍ଟ ଲାଏବିଲିଟି ଗ୍ରୁପ୍ (ଜେଏଲ୍‌ଜି) ଗ୍ରାହକଙ୍କ ପାଇଁ ବ୍ୟକ୍ତିଗତ ମିଆଦୀ ଋଣ ଉତ୍ପାଦ, କୃଷକମାନଙ୍କ ପାଇଁ ଅଳ୍ପ ମୂଲ୍ୟର ମିଆଦୀ ଋଣ, ଟ୍ରାକ୍ଟର ରିଫାଇନାନ୍ସ ଆଦି ସେବା ଆରମ୍ଭ କରିଛି। ଏହା ସହ ମେଡିକାଲ ଉପକରଣ, ସୌର ଉପକରଣ, କୃଷି ବାଣିଜ୍ୟିକ ଯାନ, ସିଜିଟିଏସ୍ଏମ୍ଇ ହାଇବ୍ରିଡ୍, ଇପିସି କମୋଡିଟି ଏବଂ ଫ୍ଲେକ୍ସ୍ ମେଟାଲ ରହିଛି।

# ଏଆଇ ପ୍ଲାଟ୍‌ଫର୍ମ 'ଜିଓ ବ୍ରେନ୍'ର ଶୁଭାରମ୍ଭ

ନୂଆଦିଲ୍ଲୀ,୩୦।୧

ରିଲାଏନ୍ସ ଗ୍ରୁପ୍‌ର ଅଗ୍ରଣୀ କମ୍ପାନୀ ଜିଓ ପ୍ଲାଟ୍‌ଫର୍ମସ୍‌ର ଏକ ନୂତନ ୫ଜି ସମନ୍ୱିତ ମେଶିନ୍ ଲର୍ନିଂ ଏବଂ କୃତ୍ରିମ ଇଣ୍ଟେଲିଜେନ୍ସ (ଏଆଇ) ପ୍ଲାଟ୍‌ଫର୍ମ 'ଜିଓ ବ୍ରେନ୍'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଜିଓ ବ୍ରେନ୍ ସମସ୍ତ ପ୍ରକାର ଶିଳ୍ପ ଏବଂ ବ୍ୟବସାୟ ପାଇଁ ଏକ ସମନ୍ୱିତ ମେଶିନ୍ ଲର୍ଣ୍ଣିଂ ପ୍ଲାଟ୍‌ଫର୍ମ ପ୍ରଦାନ କରିଥାଏ। ସେହିଭଳି ଜିଓ ବ୍ରେନ୍ ପ୍ଲାଟ୍‌ଫର୍ମ କମ୍ପାନୀ ବର୍ତ୍ତମାନର ନେଟ୍‌ୱର୍କ ସହିତ ସହଜରେ ଏକାଠି କାର୍ଯ୍ୟ କରିବାର କ୍ଷମତା ରଖିଛି। ଏହାକୁ ବ୍ୟବହାର କରିବାକୁ କମ୍ପାନୀଗୁଡିକ ସେମାନଙ୍କର ବର୍ତ୍ତମାନର ନେଟ୍‌ୱର୍କକୁ ପରିବର୍ତ୍ତନ କରିବା ଆବଶ୍ୟକ ପଡ଼ିବ ନାହିଁ। ଅପରପକ୍ଷରେ ଟେଲିକମ୍ ନେଟ୍‌ୱର୍କ ହେଉ ବା ଏଣ୍ଟରପ୍ରାଇଜ୍ ନେଟ୍‌ୱର୍କ କିମ୍ବା ଯେକୌଣସି ପ୍ରକାର ଆଇଟି ନେଟ୍‌ୱର୍କ, ଜିଓ–ବ୍ରେନ୍ ସମସ୍ତ ପ୍ରକାର ନେଟ୍‌ୱର୍କ ସହିତ ସଂଯୁକ୍ତ ଭାବେ କାର୍ଯ୍ୟ କରିପାରିବ। ଏପରିକି ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ସହ ସଜ୍ଜିତ ଏହି ଅଭିନବ ପ୍ଲାଟ୍‌ଫର୍ମ ଶହ ଶହ ଇଞ୍ଜିନିୟରଙ୍କ ଉଦ୍ୟମ ଏବଂ ଦୀର୍ଘ ୨ବର୍ଷର ଗବେଷଣା ପରେ ବିକଶିତ ହୋଇଥିବା କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। ବିଶେଷ କରି ମେଶିନ୍ ଲର୍ନିଂକୁ ସହଜ କରିବାକୁ ଜିଓ ବ୍ରେନ୍ ପ୍ଲାଟ୍‌ଫର୍ମ ୫୦୦ରୁ ଅଧିକ ପ୍ରୟୋଗ ବା ଆପ୍ଲିକେଶନ ସହିତ ସଜ୍ଜିତ ରହିଛି। ସେହିପରି ଚିତ୍ର, ଭିଡିଓ, ଲେଖା, ଡକ୍ୟୁମେଣ୍ଟ ପାଇଁ ଉନ୍ନତ ଏଆଇ ଫିଚର ସହିତ ଅନ୍ତର୍ନିହିତ (ଇନ୍–ବିଲ୍ଟ) ଏଆଇ ଆଲଗୋରିଦମ ସୁବିଧା ଜିଓ ବ୍ରେନ୍ ପ୍ଲାଟ୍‌ଫର୍ମରେ ମଧ୍ୟ ଉପଲବ୍ଧ ରହିଛି।

ଉଲ୍ଲେଖଯୋଗ୍ୟ, ଜିଓ ପ୍ଲାଟ୍‌ଫର୍ମସ୍ ଏହାକୁ ୫ଜି ଏବଂ ଭବିଷ୍ୟତର ଟେକ୍ନୋଲୋଜି ୬ଜି ପାଇଁ ଉତ୍ପାଦ ଶୃଙ୍ଖଳ ବିକାଶ ଦିଗରେ ଏକ ମାଇଲଖୁଣ୍ଟ ଭାବେ ବିଚାର କରୁଛି। ଜିଓ ବ୍ରେନ୍ ଉଦ୍ୟୋଗଗୁଡ଼ିକୁ ପରିବର୍ତ୍ତନ ଏବଂ ନେଟ୍‌ୱର୍କ ଅପ୍ଟିମାଇଜେଶନ୍ କରିବା ଦିଗରେ ସହାୟତା କରିବା ସହ ୬ଜି ବିକାଶ ପାଇଁ ମଧ୍ୟ ମଞ୍ଚ ପ୍ରସ୍ତୁତ କରିବ, ଯେଉଁଥିରେ ମେଶିନ୍ ଲର୍ନିଂକୁ ଏକ ପ୍ରମୁଖ ସାମର୍ଥ୍ୟ ଭାବେ ବିବେଚନା କରାଯାଉଛି। ଜିଓ ବ୍ରେନ୍ ଇନୋଭେଶନ୍ ଇକୋସିଷ୍ଟମ ପରିସର ବିସ୍ତାର କରିବାକୁ ସମାନ ଚିନ୍ତାଧାରା ସମ୍ପନ୍ନ ଏଆଇ ଏବଂ ମେଶିନ୍ ଲର୍ନିଂ ଗବେଷକମାନଙ୍କ ସହିତ ଏକାଠି କାର୍ଯ୍ୟ କରିବାକୁ ପ୍ରସ୍ତୁତ ରହିଥିବା ପ୍ଲାଟ୍‌ଫର୍ମ ପକ୍ଷରୁ ପ୍ରକାଶ କରାଯାଇଛି।

## ପି.ସି. ଚନ୍ଦ୍ରାର ଡାଇମଣ୍ଡ ଉତ୍ସବ

**ନୂଆଦିଲ୍ଲୀ,୩୦।୧:** ଦେଶର ଅଗ୍ରଣୀ ଅଳଙ୍କାର ପ୍ରତିଷ୍ଠାନ ପି.ସି. ଚନ୍ଦ୍ରାର ଡାଇମଣ୍ଡ ଉତ୍ସବ ନିକଟରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଉତ୍ସବ ୨୦୨୪ ଫେବୃଆରୀ ୪ ପର୍ଯ୍ୟନ୍ତ ପି.ସି. ଚନ୍ଦ୍ରା ଶୋ'ରୁମ୍‌ରେ ଉପଲବ୍ଧ। ପି.ସି. ଚନ୍ଦ୍ରା ପକ୍ଷରୁ ଗ୍ରାହକଙ୍କୁ ଆକର୍ଷଣୀୟ ଅଫର ଓ ରିହାତି ପ୍ରତି କ୍ରୟରେ ଯୋଗାଇ ଦିଆଯାଉଛି।

**ODISHA PVTG EMPOWERMENT & LIVELIHOODS IMPROVEMENT PROGRAMME**
**ST & SC DEVELOPMENT DEPARTMENT**
**PROGRAMME MANAGEMENT UNIT**
2ND FLOOR, TDCC BUILDING, RUPALI SQUARE, BHUBANESWAR -751022
Notice No. 122/Date: 29.01.2024

**EMPANELMENT OF PROJECT MANAGER FOR MPAs UNDER OPELIP**

No.CAD-3879:- Programme Director, OPELIP invites applications from eligible candidates for the post of **Project Manager** to be positioned at different MPAs under OPELIP purely on **contractual basis**. Applications form along with the detail ToR can be downloaded from the office Website i.e. **www.opelip.org**. Last date of receipt of applications by **Speed Post/Registered Post/Courier Service** only is **dt.12.02.2024 up to 5.00 PM.** Only short-listed candidates will be called for interview for empanelment.

Programme Director, OPELIP reserves the right to accept or reject the applications without assigning any reason thereof.

Date: 29.01.2024
Place: Bhubaneswar

Sd./- Programme Director
OIPR-26024/11/0016/2324

**OFFICE OF THE DHENKANAL MUNICIPAL COUNCIL, DHENKANAL**
No.C-2945
**Tender Call Notice No.298/DKLMPLTY/Date:24.01.2024**

| | | |
|---|---|---|
| 1. Name of the Work | : | Individual Civil Construction Work Published the website. |
| 2. No. of Works put to tender | : | 02 Nos. individual works |
| 3. Estimated Cost | : | Rs.69.04 Lakhs upto 104.61 Lakhs |
| 4. Period of Completion | : | 90 days |
| 5. Date and Time of availability of bid document in the portal | : | From 11.00 hours of Dt.30.01.2024 to 17.30 hrs of Dt.13.02.2024 |
| 6. Last date/time for receipt of bids | : | 17.30 hours of Dt.13.02.2024 |
| 7. Date and Time of Opening of Bid | : | 11.00 hours of Dt.15.02.2024 |
| 8. Name and Address of the Officer Inviting Bid | : | Executive Officer, Dhenkanal Municipality, Dhenkanal |

Further details can be seen from the e-Procurement portal **https://tenderorissa.gov.in.**

**Sd./- Executive Officer**
**Dhenkanal Municipality**
OIPR-13146/11/0047/2324

**GOVERNMENT OF ODISHA**
**SPORTS & YOUTH SERVICES DEPARTMENT**
**REQUEST FOR PROPOSAL**

No. TT-: Sports & Youth Services Department, Government of Odisha invites bids from reputed agencies for **"Engagement of Catering Agency for FIH Pro League 2023-24 at Birsa Munda Hockey Stadium, Rourkela**

| Sl. No. | RFP No. |
|---|---|
| 1 | PT1-SYS-SEB-EVENTS-0013-2023/3370 |

The details of the documents are available at the below mentioned website.
Website: **https://sports.odisha.gov.in/**
Interested firms/parties/agencies are advised to study the RfP document carefully before submitting their bid.
**Important Dates and Information:**
**Last date and time for sending pre-bid queries - Date: 29 January 2024, Time: 02.00 P.M.**
**Pre-Bid Meeting - Date: 29 January 2024, Time: 05.00 P.M.**
**Last date and time of submission of proposal - Date: 02 Febraury 2024, Time: 03.00 P.M.**
**Opening of the Technical Bid - Date: 02 February 2024, Time: 05.00 P.M..**

**Sd./- Commissioner-cum-Secretary**
OIPR-29001/11/0193/2324

# ବେଦାନ୍ତର ବାର୍ଷିକ ଖଣି ସୁରକ୍ଷା ପକ୍ଷ ଉଦ୍‌ଯାପିତ




ଭୁବନେଶ୍ୱର,୩୦।୧ (ଅଭୟ ଦାଶ)

ବେଦାନ୍ତ ଆଲୁମିନିୟମର ଓଡ଼ିଶା ୟୁନିଟ୍ ପକ୍ଷରୁ ନିକଟରେ ଆୟୋଜିତ ବାର୍ଷିକ ଖଣି ସୁରକ୍ଷା ପକ୍ଷ ମଙ୍ଗଳବାର ବିଧିବଦ୍ଧ ଭାବେ ଉଦ୍‌ଯାପିତ ହୋଇଯାଇଛି। ଏପରିକି ଓଡ଼ିଶାର ଜାମକାନିଠାରେ ଚାଲିଥିବା କମ୍ପାନୀର ବାର୍ଷିକ ସୁରକ୍ଷା ପକ୍ଷ କାର୍ଯ୍ୟକ୍ରମରେ ନିରାପତ୍ତାକୁ ଗୁରୁତ୍ୱ ଦେଇ କମ୍ପାନୀ ନିଜର ପ୍ରତିବଦ୍ଧତାକୁ ଦୋହରାଇଛି। ବିଶେଷକରି ଖଣି ମହାନିର୍ଦ୍ଦେଶାଳୟର ନିର୍ଦ୍ଦେଶାବଳୀ ସହ ୪୦୦ରୁ ଅଧିକ କର୍ମଚାରୀ ଓ ବ୍ୟବସାୟିକ ସହଭାଗୀମାନେ ଉକ୍ତ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ। ଏ ସମ୍ପର୍କରେ ବେଦାନ୍ତ ଆଲୁମିନିୟମର ସିଇଓ (ମାଇନ୍ସ) ଭି. ଶ୍ରୀକାନ୍ତ କହିଥିଲେ, ସୁରକ୍ଷା କମ୍ପାନୀର ପ୍ରାଥମିକତା ହୋଇଥିଲାବେଳେ ଆମେ ତାହାକୁ ଆମ କାର୍ଯ୍ୟରେ ନିଶ୍ଚିତ କରିଥାଉ। ଏପରିକି ବିସ୍ତୃତ ସୁରକ୍ଷା ତାଲିମ ଓ ଅତ୍ୟାଧୁନିକ ସୁରକ୍ଷା ସମାଧାନ ନିୟୋଜନ ମାଧ୍ୟମରେ ଆମେ ନିଜର କାର୍ଯ୍ୟକ୍ଷେତ୍ରରେ ଜିରୋ ହର୍ମ ପରିବେଶ ପ୍ରତିପୋଷଣ କରିବାକୁ ପ୍ରତିବଦ୍ଧ । ସେହିଭଳି ମହାନଦୀ କୋଲ୍‌ଫିଲ୍ଡ ଲିମିଟେଡ୍‌ର ଚିଫ୍ ମ୍ୟାନେଜର ସେଫ୍ଟି ଆଣ୍ଡ ଆଇଏସ୍‌ଓ ଅବଜର୍ଭର ତାପସ କୁମାର ମହାନ୍ତି କହିଥିଲେ, ଏହି ପାକ୍ଷିକ ସୁରକ୍ଷା କାର୍ଯ୍ୟକ୍ରମକୁ ସଫଳତାର ସହ ଆୟୋଜନ କରିଥିବାରୁ ମୁଁ ବେଦାନ୍ତ ଆଲୁମିନିୟମର ମାଇନ୍ସ ଦଳକୁ ଧନ୍ୟବାଦ ଜଣାଉଛି। ଏପରିକି କମ୍ପାନୀର ସୁରକ୍ଷା ନୀତି ଚମତ୍କାର ହୋଇଥିବାବେଳେ ଏହା କମ୍ପାନୀର ଉତ୍କର୍ଷକୁ ବୃଦ୍ଧି କରୁଛି। ଏହି ସଫଳତା କେବଳ ସାଂଗଠନିକ ଉତ୍କର୍ଷକୁ ପ୍ରତିଫଳିତ କରେ ନାହିଁ ବରଂ କାର୍ଯ୍ୟର ପ୍ରତ୍ୟେକ ଦିଗରେ ନିରାପତ୍ତାକୁ ପ୍ରାଧାନ୍ୟ ଦେବା ପାଇଁ ସଂଗଠନର ନିରନ୍ତର ଉତ୍ସର୍ଗକୁ ମଧ୍ୟ ପ୍ରତିଫଳିତ କରୁଛି। ସେହିପରି ଉକ୍ତ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇ ଅନେକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା, ଯେଉଁଥିରେ ଅଂଶଗ୍ରହଣକାରୀମାନେ ବିଭିନ୍ନ ବିଷୟ ଉପରେ ଆଲୋଚନା କରିଥିଲେ। ସମସ୍ତଙ୍କ ପାଇଁ ଏକ ନିରାପଦ କାର୍ଯ୍ୟ ପରିସର ସୃଷ୍ଟି ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏପରିକି କୋଲ୍ ଇଣ୍ଡିଆ ଲିମିଟେଡ୍ ଅଧୀନରେ ଥିବା ବା କୋଲ୍ ଇଣ୍ଡିଆର ମହାନଦୀ କୋଲ୍ ଲିମିଟେଡ୍, ଇବ୍ ଭ୍ୟାଲିଙ୍କ ଦ୍ୱାରା କମ୍ପାନୀର ବାହ୍ୟ ନିରାପତ୍ତା ଯାଞ୍ଚ ମଧ୍ୟ କରାଯାଇଥିଲା। ଏପରିକି ବେଦାନ୍ତ ପକ୍ଷରୁ ଯୋଗଦେଇଥିବା ସଂପୃକ୍ତ କର୍ମଚାରୀ ସେମାନଙ୍କ ନିଜ ନିଜ ବିଭାଗରେ ସୁରକ୍ଷା ନିୟମକୁ ଠିକ୍ ଅନୁପାଳନ ଉପରେ ସଚେତନ ହୋଇଥିଲେ।

**GOVERNMENT OF ODISHA**
**DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER**
**RENGALI LEFT BANK CANAL DIVISION,**
AT/P.O.- Kamakhyanagar, Dist.: Dhenkanal, Odisha, PIN-759018
Ph.: 06769-270771, Email ID- eerlbcdivision@gmail.com

**"e" Procurement Notice No. RLBCD-P1-08/2023-24 (Online)**

No. A-1328:- The Superintending Engineer, Rengali Left Bank Canal Division, Kamakhyanagar on behalf of Governor of Odisha invites Percentage Rate bids in double cover system to be received in ONLINE MODE from eligible contractors for construction of Irrigation works as detailed below:

| | | | |
|---|---|---|---|
| 1 | Category of Work | : | Road Works |
| 2 | Total Nos. of works | : | 10 (Ten) Nos. |
| 3 | Estimated Cost put to Tender | : | Approximately Rs.84.05 Lakh to Rs.93.60 Lakh |
| 4 | Cost of Bid Document (Non-refundable) | : | Rs.10,000.00 (On-line Payment) |
| 5 | Bid Security/EMD | : | Approximately Rs.0.84 Lakh to Rs.0.94 Lakh |
| 6 | Class of Contractor | : | 'B' Class |
| 7 | Period of Completion of Work | : | 45 Days |
| 8 | Date and time of availability of Bid Document in the website | : | Dt.31.01.2024 from 10.00 A.M. to Dt.14.02.2024 upto 5.00 P.M. |
| 9 | Date of opening of Technical Bid | : | Dt.15.02.2024 at 11.30 A.M. |
| 10 | Place of opening of Technical Bid | : | Office of the Superintending Engineer, Rengali Left Bank Canal Division, Kamakhyanagar |

The bidders have to participate in ONLINE bidding only. Further details can be seen from the e-Procurement Portal: www.tendersodisha.gov.in. Any addendum/ corrigendum/ cancellation of tenders can also be seen from the above portal.

**Sd./- Superintending Engineer**
OIPR-32298/11/0015/2324 **R.L.B. Canal Division, Kamakhyanagar**

**GOVERNMENT OF ODISHA** No. A-1306
**DEPARTMENT OF WATER RESOURCES**
**Office of the Engineer-In-Chief, Water Resources, Secha Sadan, Bhubaneswar**
Email Address: cemech.eicwr.od@gmail.com

**e-Procurement Notice- Bid Identification No.- CEM/MDL-03/ 2023-24**

| | | |
|---|---|---|
| 1. Name of the Work | : | Mechanical Gate Works |
| 2. No. of Works | : | 01 (One) |
| 3. Category of executors | : | SSI Units registered under DIC/ NSIC/ MSME for Irrigation Shutters / Hydro mechanical gates. |
| 4. Bid Identification No. | : | CEM / MDL - 03 / 2023-24 |
| 5. Tender Value | : | Rs. 49,33,302.00 |
| 6. Period of Completion | : | 02 (Two) Calendar months. |
| 7. Date & time of availability of bid documents in the Portal | : | From dt.29.01.2024 (10.00 AM) to dt.07.02.2024 (5.30 PM) |
| 8. Last date/ time for receipt of bid In the Portal | : | Dt.07.02.2024 (up to 5.30 PM) |
| 9. Date and Place of opening of Technical Bid | : | Dt.08.02.2024 (12.00 Noon onwards in the O/o the undersigned) |
| 10. Date and Place of opening of Financial Bid | : | To be intimated to the qualified Bidders after evaluation of Technical Bid. |
| 11. Name of the Officer inviting bid | : | Chief Engineer, Mechanical, O/o the E.I.C, Water Resources, Odisha, Bhubaneswar |

Further details can be seen from the e-procurement portal **https://tendersodisha.gov.in.** Any further issue of Addenda/ Corrigenda/ Cancellation Notice shall be uploaded in the aforesaid website only.

**Sd./- Chief Engineer, Mechanical**
OIPR-32031/11/0008/2324 **O/o- Engineer-In-Chief, Secha Sadan, Bhubaneswar**

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଖାଦ୍ୟର ବିଲ୍ ୯୦ ଲକ୍ଷ

**ଦୁବାଇ:** ଦୁବାଇର ଏକ ସଲ୍ଟ ବେ ନାମକ ରେଷ୍ଟୁରାଣ୍ଟର ଏକ ଭିଡିଓ ସମସ୍ତଙ୍କୁ ଚକିତ କରିଛନ୍ତି। ସେଥିରେ ଏକ ଖାଦ୍ୟର ବିଲ୍ ରହିଛି, ଯାହାର ମୂଲ୍ୟ ୧,୦୮, ୫୦୦ ଡଲାର ଅର୍ଥାତ୍ ୯୦ ଲକ୍ଷ ୨୩ ହଜାର ପାଖାପାଖି ହେବ। ଏହି ବିଲ୍‌ଟି ରେଷ୍ଟୁରାଣ୍ଟରେ ଗତ ସପ୍ତାହରେ କେତେ ଜଣ ଲୋକ ଖାଇଥିବା ଖାଦ୍ୟର ମୂଲ୍ୟ। ବିଲ୍‌ରେ ଖାଦ୍ୟ ଏବଂ ତା'ର ମୂଲ୍ୟ ଲେଖାଯାଇଛି। ଏଥିରୁ ଜଣାପଡୁଛି ଯେ ଲୋକେ ଏଠାରେ କେତେ ଟଙ୍କାର ଖାଦ୍ୟ ଖାଉଛନ୍ତି। ହେଲେ ଆହୁରି ଏକ ଆଶ୍ଚର୍ଯ୍ୟକର କଥା ହେଉଛି, ଲୋକେ ଖାଇ ସାରିବା ପରେ ମଧ୍ୟ ଟିପ୍‌ସ ଆକାରରେ ୨୪,୫୦୦ ଡଲାର ଅର୍ଥାତ୍ ୨୦ ଲକ୍ଷ ଟଙ୍କା ଦେଇ ଯାଉଛନ୍ତି।

# ୩୧.୪ ସେକେଣ୍ଡରେ ମେଗାମିଙ୍କ୍ସର ସମାଧାନ

ମୁମ୍ବାଇ

ନିକଟରେ ଜଣେ ୧୬ ବର୍ଷୀୟ ୩୧.୪ ସେକେଣ୍ଡରେ ଏକ ୟୁରୋପୀୟ ରେକର୍ଡର ଅଧିକାରୀ ହୋଇପାରିଛନ୍ତି। ରୟାଲ ୱଟନ ବାସେଟ୍ ଏକାଡେମୀର ଛାତ୍ର ଐଡାନ ଗ୍ରିଙ୍ଗର ମେଗାମିଙ୍କ୍ସକୁ ସ୍ପିଡକ୍ୟୁବିଂ କରିଛନ୍ତି, ଯେଉଁଥିରେ ସେ ୟୁରୋପୀୟ ରେକର୍ଡ ହାସଲ କରିପାରିଛନ୍ତି। ମେଗାମିଙ୍କ୍ସ ହେଉଛି ୧୨ ସାଇଡ୍‌ର ପଜଲ୍, ଯାହା ରୁବିକ୍ସ କ୍ୟୁବ ଭଳି କାମ କରେ। ରିପୋର୍ଟ ମୁତାବକ, ଐଡାନ ନିଜ ଆଙ୍ଗୁଠିରେ ଖେଳିବାରେ ମାହିର। ସେ ଭବିଷ୍ୟତରେ ବିଶ୍ୱ ରେକର୍ଡ କରିବାକୁ ଇଚ୍ଛା ରଖିଛନ୍ତି। ୱାର୍ଲ୍ଡ କ୍ୟୁବ୍ ଆସୋସିଏଶନ ପ୍ରତିଯୋଗିତାରେ ୨ଲକ୍ଷରୁ ଅଧିକ ଲୋକ ଭାଗ ନେଇଥିଲେ। ମେଗାମିଙ୍କ୍ସରେ ୧୨ ସାଇଟ୍ ସହିତ ୫୦ଟି ମୁଭିଂ ପାର୍ଟ ରହିଛି। ରୁବିକ୍ସ କ୍ୟୁବ୍‌ରେ ୪ଟି ସାଇଟ୍ ଥିବାବେଳେ ୨୦ଟି ମୁଭିଂ ପାର୍ଟ ରହିଛି।



ଐଡାନଙ୍କ ଏହି ସଫଳତାରେ ସେ କହିଛନ୍ତି, ଏହି ସଫଳତା ପାଇଁ ମୁଁ ଗର୍ବ ଅନୁଭବ କରୁଛି, କାରଣ ମୁଁ ଏହାକୁ ବହୁ ଲମ୍ବା ସମୟ ଧରି ହାସିଲ କରିବାକୁ ଚାହୁଁଥିଲି। ପ୍ରତିଯୋଗିତାରେ ଅନେକ ଅସଫଳତା ପରେ ଏହି ସଫଳତା ଖୁବ୍ ଆରାମ ଦେଇଛି ଏବଂ ଆଗକୁ ଆହୁରି ଭଲ ଭାବେ ଖେଳି ବିଶ୍ୱ ସେ ରେକର୍ଡ କରିବାକୁ ଇଚ୍ଛା ରଖିଛନ୍ତି।

# କାମରୁ କିଛି ମାସର ବିରତିରେ ପ୍ରଭାସ

ମୁମ୍ବାଇ



ନିକଟରେ ଅଭିନେତା ପ୍ରଭାସଙ୍କ ରିଲିଜ୍ ହୋଇଥିବା ଫିଲ୍ମ 'ସାଲାର' ଭଲ ରୋଜଗାର କରିଛି। ଦର୍ଶକମାନେ ଏହାକୁ ବେଶ୍ ପ୍ରଶଂସା କରିଛନ୍ତି। ଏହି ଫିଲ୍ମ ପ୍ରଭାସଙ୍କ କ୍ୟାରିୟରକୁ ଅଧିକ ମଜଭୁତ କରିଛି। ସିନେମାର ସଫଳତା ନେଇ ସେ ବେଶ୍ ଖୁସି ଅଛନ୍ତି। ଏହି ସଫଳତା ପାଇଁ ସେ ଫିଲ୍ମ ଜଗତରୁ କିଛି ମାସ ବିରତି ନେଇଛନ୍ତି। ପରେ ମାର୍ଚ୍ଚରୁ ପୁଣି ଥରେ ସେ ଫିଲ୍ମ କ୍ୟାରିୟର ଆରମ୍ଭ କରିବେ। ଏହାପରେ ସେ ଆଗାମୀ ପ୍ରୋଜେକ୍ଟ ନାଗ ଅଶ୍ୱିନୀଙ୍କ ନିର୍ଦ୍ଦେଶିତ 'କଲ୍‌କି ୨୮୯୮ ଏଡି'ରେ ଶୁଟିଂ କରିବେ। ଏଥିରେ ତାଙ୍କ ସହିତ ଅଭିନେତ୍ରୀ ଦୀପିକା ପାଦୁକୋନ୍, କମଲ ହାସନ, ଅମିତାଭ ବଚ୍ଚନ, ଦିଶା ପଟାନୀ ପ୍ରମୁଖ ନଜରକୁ ଆସିବେ। ପରେ ସନ୍ଦୀପ ରେଡ୍ଡୀ ଭଙ୍ଗାଙ୍କ 'ସ୍ପିରିଟ୍', ମାରୁଥିଙ୍କ ଫିଲ୍ମ 'ଦି ରାଜା ସବ୍'ରେ ମାଳଭିକା ମୋହନାନ ଏବଂ ନିଦ୍ଧି ଅଗ୍ରୱାଲଙ୍କ ସହିତ ଦେଖିବାକୁ ତାଙ୍କୁ ମିଳିବ। ତେବେ ପ୍ରଭାସ ୨୦୦୨ରୁ ଫିଲ୍ମ କ୍ୟାରିୟର ଆରମ୍ଭ କରିଥିଲେ। ସେବେଠାରୁ ଅନେକ ହିଟ୍ ସିନେମା ଦର୍ଶକଙ୍କୁ ଭେଟି ଦେଇ ଦର୍ଶକଙ୍କ ପ୍ରିୟଭାଜନ ହୋଇ ପାରିଛନ୍ତି।

# ନିଃସଙ୍ଗତା ଦୂର ପାଇଁ ଶତାୟୁଙ୍କ ୩ୟ ବିବାହ

ମୁମ୍ବାଇ

ନିକଟରେ ମଧ୍ୟପ୍ରଦେଶ ରାଜଧାନୀ ଭୋପାଳରେ ଏକ ନିଆରା ବିବାହ ଆଲୋଚନାର ବିଷୟବସ୍ତୁ ପାଲଟିଛି। ପୂର୍ବରୁ ଏପରି ଅନେକ ଘଟଣା ଦେଖିବାକୁ ମିଳିଥିଲେ ମଧ୍ୟ ଏହି ବିବାହ ସ୍ୱତନ୍ତ୍ର। କାରଣ ବିବାହ କରିଥିବା ବର ହବିବ୍ ନଜାରଙ୍କୁ ୧୦୩ ବର୍ଷ ହୋଇଥିବାବେଳେ କନ୍ୟା ଫିରୋଜ ଜାହାନ୍‌ଙ୍କୁ ୪୯ ବର୍ଷ। ସୋସିଆଲ ମିଡିଆରେ ସେମାନଙ୍କ ବିବାହ ବେଳର ଭିଡିଓ ଭାଇରାଲ ହେବା ପରେ ଦୁହେଁ ଏବେ ଲାଇମଲାଇଟ୍‌ରେ ଅଛନ୍ତି। ଭିଡିଓରେ ହବିବ୍ ବିବାହ କରିବା ପରେ ଏକ ଅଟୋରେ ତାଙ୍କ ସ୍ତ୍ରୀଙ୍କ ସହିତ ନିଜ ଘରକୁ ଫେରୁଥିବା ଦେଖିବାକୁ ମିଳିଛି। ଲୋକେ ହବିବ୍‌ଙ୍କୁ ତାଙ୍କ ବିବାହ ପାଇଁ ଅଭିନନ୍ଦନ ଜଣାଉଛନ୍ତି। ହବିବ୍ ମଧ୍ୟ ଲୋକଙ୍କୁ ଧନ୍ୟବାଦ ଦେଉଛନ୍ତି।



ଭୋପାଳ ଇଟାୱାରର ବାସିନ୍ଦା ସ୍ୱାଧୀନତା ସଂଗ୍ରାମୀ ହବିବ୍‌ଙ୍କ ପ୍ରଥମ ବିବାହ ନାସିକ୍‌ରେ ହୋଇଥିଲା। ପରେ ତାଙ୍କ ଦ୍ୱିତୀୟ ବିବାହ ଲକ୍ଷ୍ନୌରେ ହୋଇଥିଲା। କିଛି ଦିନ ପୂର୍ବେ ହବିବ୍‌ଙ୍କ ଦ୍ୱିତୀୟ ସ୍ତ୍ରୀଙ୍କ ମୃତ୍ୟୁ ଘଟିଥିଲା। ଏହାପରେ ସେ ନିଃସଙ୍ଗ ଅନୁଭବ କରୁଥିଲେ। ସେଥିପାଇଁ ସେ ତୃତୀୟ ବିବାହ କରିବାକୁ ସ୍ଥିର କଲେ। ଏବେ ସେ ଫିରୋଜଙ୍କୁ ତାଙ୍କ ଜୀବନସାଥୀ କରିଛନ୍ତି। ଅନ୍ୟପକ୍ଷରେ ଫିରୋଜଙ୍କ ସ୍ୱାମୀଙ୍କ ଦେହାନ୍ତ ହୋଇଥିଲା। ସେବେଠାରୁ ସେ ମଧ୍ୟ ଏକୁଟିଆ ଥିଲେ। ଫିରୋଜଙ୍କ କହିବା ମୁତାବକ, ଏ ବୟସରେ ହବିବ୍‌ଙ୍କ ଯତ୍ନ ନେବାକୁ କେହି ନ ଥିବାରୁ ସେ ଏହି ବିବାହ ପାଇଁ ରାଜି ହୋଇଥିଲେ।


## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**TO-LET FOR OFFICE**
(1000 sqft to 4000 sqft)
Wide parking area, Lift facility & Security facility
At Jharapada Ganesh Mandap Chhack, Bhubaneswar
7978450312
8908183997

**OAS HUB**
*Make your dreams into reality*
**OAS / IAS**
JOIN NEW PRELIMS TO PERSONALITY TEST (P2P) BATCH.
For Odisha Administrative Services.
ADMISSION OPEN NOW
Somi Palace, Plot No. M5/17, Ground Floor, Acharya Vihar, Bhubaneswar
Contact Us:
8926232634
9827166018

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## Classified Everyday
0674-2580101, 2549949



**MATRIMONIAL**

**BRIDE WANTED**

Bangalore Based Educated Well Settled Never Married Hindu OBC Groom 48 seeks Never Married Bride 7019600492. D-2368

**GROOM WANTED**

Wanted well settled Odia groom 35-38yrs for a beautiful bride M.Tech, Ph.D., Bhubaneswar, caste no bar. 8917585202. D-74316

Beautiful Khandayat girl 26/5'4"/B.Tech/Railway Engineer/ Bhubaneswar. 9938199964. D-2367

Age-33, Government Job Divorcee ସୁନ୍ଦର ନିଃସନ୍ତାନ ଖଣ୍ଡାୟତ ଝିଅଙ୍କ ପାଇଁ ଯେକୌଣସି ଜାତିର ବରପାତ୍ର ଦରକାର। 7787907421. D-2370

ବୟସ 30, Government Nurse, ସୁନ୍ଦର ନିଃସନ୍ତାନ Divorcee ବ୍ରାହ୍ମଣ ଝିଅଙ୍କ ପାଇଁ ଯେକୌଣସି ଜାତିର ବରପାତ୍ର ଆବଶ୍ୟକ । 9124021207. D-71384

ପାଠକଙ୍କ ପାଇଁ ସୂଚନା– କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



**REAL ESTATE**

**SALE**

ଭୁବନେଶ୍ୱର ପଟିଆ ରେଲୱେ ଷ୍ଟେଶନ ପାଖରେ **100ft. roadside yellowzone 30ft.** ରାସ୍ତା ଥାଇ ସଙ୍ଗେସଙ୍ଗେ ଘର କଲାଭଳି ପୋଜେସନ୍ ପ୍ଲଟ୍ ମିଳୁଛି। **7978701424, 9937025614.** D-75299

ଭୁବନେଶ୍ୱର ଖୋର୍ଦ୍ଧା ପିତାପଲ୍ଲି ଛକ ପାଖରେ ସଙ୍ଗେସଙ୍ଗେ ଘର କଲାଭଳି ପ୍ଲଟ୍ **30'** ରୋଡ୍, ଇଲେକ୍ଟ୍ରିସିଟି ଥାଇ ମିଳୁଛି। **7504861292.** D-75292

**Ready to move flat for sale near Centurian University and KIST Engineering College, Jatni. Contact- 7873000076, 8249415350.** D-2340

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 3,60,000/-, ଛତାବର bypass sqft-500/-. 9348232008. D-75298

**Flat for sale 2BHK, 3BHK near Rasulgarh, Bhubaneswar with modern facilities & affordable pricecall- 9439856856, 7008982279, 6371097442, 9040116788.** D-2271

Duplex sale at Bhubaneswar @ 57 lakhs only. Contact: 9777433701. D-75300

**Semifurnished 3BHK flat at Jharpada 80' road side near Ganesh Mandap Chhak. Contact No.- 9437307086, 7978209277.** D-2362

ହଂସପାଳ ଶିବଶକ୍ତିନଗରରେ Sqft. 2800/–, CV Raman College Frontରେ Sqft. 1800/– yellow zone ସ୍ଥିତିବାନ ପ୍ଲଟ୍ ବିକ୍ରିହେବ। 9776866520. D–75901



**CONSTRUCTION**

**Construct your Dream home @460/-, 850/-, 1325/- with Branded material along with 3Years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856.** D-2272





Refreshments Body massage Therapy with experienced Therapists, Ashirvad Panchakarma Spa, Keshari Mall, B h u b a n e s w a r , 8926173473. D-67128

Newly open health benefits SPA special offer @ 999 Bapujinagar. 8018429809. D-75195

Spa Kerala body Massage best Therapist @699/- Bhubaneswar. Kajal-9337672475. D-2344

**Relax, Refresh your body, Mind at Saikrupa Spa with best therapies. 8984068077.** D-2369

Newly health benefited Spa Expert Therapist at Mastercanteen. Contact: 7749034655. D-75193

**AFFIDAVIT**

By virtue of an affidavit before Tahasildar, Daspalla I, Brajabandhu Naik do hereby changed my surname to Swain instead of Naik. Hence, I will be known as Brajabandhu Swain in all purpose. D-2391

In the Court of Executive Magistrate, Chandabali, I, Baidhar Behera alias Padmalochan Behera, aged about 48 years, S/o. Ekadashi Behera, At- Kandha, P.O.- Bentalpur P.S.- Chandabali, declare that my name is Baidhar Behera and Padmalochan Behera S/o. Ekadashi Behera is one and same person. D-2394

In the Court of Executive Magistrate, Chandabali, I, Sukanta Nayak aged about 34 years, S/o. Maheswar Nayak, At- Gobindapur, P.O.- Orasahi, P.S.- Chandabali, Dist.- Bhadrak declare that my name is Sukanta Nayak and Sushanta Kumar Nayak, S/o. Maheswar Nayak is one and same person. D-2393


## ପ୍ରଥମ ପୃଷ୍ଠାରୁ...

### ମହାନଦୀରେ ୩ ଘଣ୍ଟା ...

କରିଥିଲା। କୂଳରୁ ଡଙ୍ଗାଟି ଯାତ୍ରା ଆରମ୍ଭ କରିବାର ପ୍ରାୟ ୨୦ ମିନିଟ୍ ପରେ ଇଞ୍ଜିନରେ ଯାନ୍ତ୍ରିକ ତ୍ରୁଟି ଯୋଗୁ ଉକ୍ତ ଘାଟଡଙ୍ଗା ଅଚଳ ହୋଇଯାଇଥିଲା। ଉକ୍ତ ଡଙ୍ଗାରେ ରାମନଗର , ଖରିନାସି, ଜମ୍ବୁ, ସୁନିତି, ବଉଳକଣି, ପେଟଛେଲା ଆଦି ଅଞ୍ଚଳର ବହୁ ଶ୍ରମିକ ପ୍ରତିଦିନ ପରି ମଙ୍ଗଳବାର ପାରାଦୀପ ଶିଳ୍ପ କାରଖାନାକୁ କାମ କରିବାକୁ ଯାଉଥିଲେ। ହେଲେ ଡଙ୍ଗାଟି ନଦୀରେ ପ୍ରାୟ ୩ ଘଣ୍ଟା ଅଟକି ରହିବା ପରେ ଯାତ୍ରୀମାନଙ୍କ ମଧ୍ୟରେ ଭୟ ସଞ୍ଚାର ହୋଇଥିଲା। ପରେ ଫେରିଘାଟରୁ ଅନ୍ୟ ଏକ ଡଙ୍ଗା ଉଦ୍ଧାର କରିବାକୁ ଯାଇଥିଲା । ହେଲେ ସେହି ଡଙ୍ଗାର ଇଞ୍ଜିନ ମଧ୍ୟ ସେଠାରେ ଅଚଳ ହୋଇଯାଇଥିଲା। ଘନ କୁହୁଡ଼ି ଯୋଗୁ ଉଦ୍ଧାର କାର୍ଯ୍ୟରେ ବିଳମ୍ବ ହୋଇଥିଲା। ଖବର ପାଇ ସ୍ଥାନୀୟ ମତ୍ସ୍ୟଜୀବୀମାନେ ମାଛ ଧରା ଛୋଟ ଛୋଟ ଡଙ୍ଗାରେ ଜଣକ ପରେ ଜଣେ ଯାତ୍ରୀଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲେ।

ଜିଲାର ବାହାକୁଦ-ମୂଷାଡିଆ ମହାନଦୀ ଫେରିଘାଟକୁ ବ୍ଲକ ପ୍ରଶାସନ ପକ୍ଷରୁ ଚଳିତ ବର୍ଷ ୭୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାରେ ନିଲାମ କରାଯାଇଥିଲା। ତେବେ ରାଜ୍ୟ ସରକାରଙ୍କ ୨୦୦୪ ବୋଟ୍ ପରିଚାଳନା ସଂଶୋଧନ ଆଇନ ଏଠାରେ କାର୍ଯ୍ୟକାରୀ ହେଉ ନ ଥିବା ସ୍ଥାନୀୟ ଲୋକମାନେ ଅଭିଯୋଗ କରିଛନ୍ତି । ସୁରକ୍ଷା ଦୃଷ୍ଟିରୁ ଫେରିଘାଟ ଦେଇ ଯାଉଥିବା ଯାତ୍ରୀମାନଙ୍କୁ ଲାଇଫ୍ ଜ୍ୟାକେଟ, ଲାଇଫ ବୟ , ବୋଟ୍ ଫିଟ୍‌ନେସ ପ୍ରମାଣପତ୍ର, ବୋଟ୍‌ରେ କେତେ ଯାତ୍ରୀଙ୍କୁ ନିଆଯିବ ଓ ବୋଟ ପଞ୍ଜୀକରଣ ଆଦି ସଂକ୍ରାନ୍ତରେ ଧ୍ୟାନ ଦିଆଯାଉ ନ ଥିବା ଅଭିଯୋଗ ହୋଇଛି । ଏ ସଂକ୍ରାନ୍ତରେ ବିଡ଼ିଓ ସାଗର କୁମାର ନନ୍ଦ କହିଛନ୍ତି, ଫେରିଘାଟ ଡଙ୍ଗା ଅଚଳ ହେବା ସଂକ୍ରାନ୍ତରେ ଦିନ ୧୧ ଟାରେ ଖବର ମିଳିଲା। ଉକ୍ତ ଡଙ୍ଗାଟି ମହାନଦୀ ମଝି ବାଲିଡିପରେ ଅଟକିଥିବା ଖବର ମିଳିବା ପରେ ସମସ୍ତ ଯାତ୍ରୀଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି । ଆବଶ୍ୟକ ଅନୁସାରେ ଲାଇଫ୍ ଜ୍ୟାକେଟ୍ ବ୍ୟବସ୍ଥା କରାଯିବ ବୋଲି ସେ କହିଛନ୍ତି।

### ଆଜିଠୁ ବଜେଟ ...

ଫେବୃଆରୀ ୯ରେ ଶେଷ ହେବ। ଉକ୍ତ ଅଧିବେଶନରେ ରାଷ୍ଟ୍ରପତିଙ୍କ ଅଭିଭାଷଣ, ଅନ୍ତରୀଣ ବଜେଟ ଉପସ୍ଥାପନ ଏବଂ ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ଆଲୋଚନା ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉତ୍ତର ରହିବ ବୋଲି ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହ୍ଲାଦ ଜୋଷୀ କହିଛନ୍ତି। ଗତ ଅଧିବେଶନରେ ନିଲମ୍ବିତ ହୋଇଥିବା ୧୪ ଏମ୍‌ପି ବଜେଟ ଅଧିବେଶନରେ ଯୋଗଦେବେ। ଏଥିପାଇଁ ସରକାରଙ୍କ ଅନୁରୋଧକୁ ଉଭୟ ଗୃହର ଅଧ୍ୟକ୍ଷ ଗ୍ରହଣ କରିଥିବା ଜୋଷୀ କହିଛନ୍ତି। ଗୃହରେ ପ୍ଲାକାର୍ଡ ଦେଖାଇବା ସହ ଗୃହକାର୍ଯ୍ୟ ଚଳାଇ ନ ଦେବା କାରଣରୁ ଗତ ଶୀତ ଅଧିବେଶନ କାଳରେ ଲୋକ ସଭାରୁ ୧୦୦ ଏବଂ ରାଜ୍ୟ ସଭାରୁ ୪୬ ସଦସ୍ୟଙ୍କୁ ନିଲମ୍ବନ କରାଯାଇଥିଲା। ସମସ୍ତଙ୍କ ନିଲମ୍ବନ ପ୍ରତ୍ୟାହାର ହେବ। ଏଥିପାଇଁ ଲୋକ ସଭା ବାଚସ୍ପତି ଏବଂ ରାଜ୍ୟ ସଭା ଅଧ୍ୟକ୍ଷଙ୍କୁ ସରକାର ଅନୁରୋଧ କରିଥିବାବେଳେ ସେମାନେ ରାଜି ହୋଇଥିବା ଜୋଷୀ କହିଛନ୍ତି।

ଅଧିବେଶନ ପୂର୍ବରୁ ମଙ୍ଗଳବାର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସର୍ବଦଳୀୟ ବୈଠକରେ ବିରୋଧୀ ନେତାମାନେ ବିଭିନ୍ନ ପ୍ରସଙ୍ଗ ଉଠାଇଥିଲେ। କଂଗ୍ରେସ ବେରୋଜଗାରି, ଦରଦାମ୍ ବୃଦ୍ଧି, କୃଷି ସଙ୍କଟ ଏବଂ ମଣିପୁର ଜାତିଆଣ ହିଂସା ପ୍ରସଙ୍ଗ ଆଣିବ ବୋଲି ଦଳୀୟ ନେତା କେ. ସୁରେଶ କହିଥିଲେ। ପଶ୍ଚିମବଙ୍ଗକୁ ବିଭିନ୍ନ କେନ୍ଦ୍ରୀୟ ଯୋଜନାର ବକେୟା ଦେୟକୁ ଅର୍ଥମନ୍ତ୍ରୀ ଅନ୍ତରୀଣ ବଜେଟରେ ସ୍ଥାନ ଦେବାକୁ ଟିଏମ୍‌ସି ନେତା ସୁଦୀପ ବନ୍ଦୋପାଧ୍ୟାୟ କହିଥିଲେ। ସମସ୍ତ ପ୍ରସଙ୍ଗ ଉପରେ ଆଲୋଚନା ହେବ ବୋଲି ସରକାର ବିରୋଧୀ ନେତାମାନଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି।

### ଦିଲ୍ଲୀରେ ଇଡି, ...

ଏତେ ସମୟ ଧରି କେଉଁଠି ଥିଲେ ବୋଲି ଖବରଦାତାମାନେ ପ୍ରଶ୍ନ କରିବାରୁ ସୋରେନ୍ କହିଥିଲେ, ମୁଁ ଆପଣମାନଙ୍କ ହୃଦୟରେ ରହିଛି। ଆମେ ସମସ୍ତେ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ପଦାଙ୍କ ଅନୁସରଣ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ। ଏଭଳି ବ୍ୟକ୍ତିମାନେ ଭାରତରେ ଜନ୍ମଗ୍ରହଣ କରି ଆମକୁ ମାର୍ଗଦର୍ଶନ କରିଥିବାରୁ ଆମେ ଗର୍ବିତ। ଏହା ପରେ ସୋରେନ୍ ଝାଡ଼ଖଣ୍ଡ ମେଣ୍ଟ ସରକାରର ସହଯୋଗୀ ଦଳଗୁଡ଼ିକର ବିଧାୟକମାନଙ୍କ ନେଇ ଏକ ବୈଠକ କରିଥିଲେ। ଜେଏମ୍‌ଏମ୍ ସମେତ ଅନ୍ୟ ଅଂଶୀଦାର ଦଳଗୁଡ଼ିକର ବିଧାୟକମାନଙ୍କୁ ରାଜଧାନୀ ଛାଡ଼ି କୁଆଡ଼େ ନ ଯିବା ପାଇଁ ବୈଠକରେ ସ୍ପଷ୍ଟ ନିର୍ଦ୍ଦେଶ ଦିଆଯାଇଛି। ଇଡି ପକ୍ଷରୁ ବୁଧବାର ସୋରେନ୍‌ଙ୍କୁ ଜେରା କରାଯିବାକୁ ଥିବାରୁ ସମ୍ଭାବ୍ୟ ରାଜନୈତିକ ସ୍ଥିତି ଉପରେ ଆଲୋଚନା ପାଇଁ ଏହି ଗୁରୁତ୍ୱପୂର୍ଣ୍ଣ ବୈଠକ ଡକାଯାଇଥିଲା। ସୋରେନ୍ ଗିରଫଦାରି ଭୟରେ ଲୁଚିଥିଲେ ବୋଲି ଭାଜପା ସମାଲୋଚନା କରୁଥିବାବେଳେ ଜେଏମ୍‌ଏମ୍ ଏହାକୁ ଖଣ୍ଡନ କରିଛି। ବୈଠକ ପରେ ଜେଏମ୍‌ଏମ୍ ମୁଖପାତ୍ର ମନୋଜ ପାଣ୍ଡେ କହିଛନ୍ତି, ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀଙ୍କ ଉପରେ ଲୋକଙ୍କ ଆଶୀର୍ବାଦ ରହିଛି। ତାଙ୍କର କେହି କିଛି କ୍ଷତି କରିପାରିବେ ନାହିଁ। ଆମେ ଏକଛତ୍ରବାଦୀ ଅତ୍ୟାଚାରୀମାନଙ୍କ ମୁକାବିଲା ପାଇଁ ରଣନୀତି ପ୍ରସ୍ତୁତ କରିଛୁ।

ଇତିମଧ୍ୟରେ ସୋରେନ୍ ଇଡି ନିକଟକୁ ଏକ ଇ-ମେଲ୍ ପଠାଇଛନ୍ତି। ରାଞ୍ଚିସ୍ଥିତ ସରକାରୀ ବାସଭବନରେ ନିଜ ବୟାନ ରେକର୍ଡ କରାଇବା ପାଇଁ ଏଥିରେ ସେ ଉଲ୍ଲେଖ କରିଛନ୍ତି। ବୁଧବାର ଅପରାହ୍ନ ଗୋଟାଏ ସୁଦ୍ଧା ରାଜ୍ୟ କର୍ତ୍ତୃପକ୍ଷ ଓ କେନ୍ଦ୍ରୀୟ ସୁରକ୍ଷା ବଳଙ୍କୁ ସୁରକ୍ଷା ବନ୍ଦୋବସ୍ତ କଡ଼ାକଡ଼ି କରିବା ପାଇଁ ଇଡି ପକ୍ଷରୁ କୁହାଯାଇଛି। ଜାନୁଆରୀ ୨୦ରେ ଜେରା ଯେଉଁଠି ଅଟକିଯାଇଥିଲା, ସେଇଠୁ ଆରମ୍ଭ ହେବ ବୋଲି କୁହାଯାଉଛି। ଏହି ମାମଲାରେ ଇଡି ଅଦ୍ୟାବଧି ୨୦୧୧ ବ୍ୟାଚ୍‌ର ଆଇଏଏସ୍ ଅଧିକାରୀ ତଥା ସାମାଜିକ କଲ୍ୟାଣ ବିଭାଗର ପୂର୍ବତନ ନିର୍ଦ୍ଦେଶକ ଛବି ରଞ୍ଜନଙ୍କ ସମେତ ୧୪ ଜଣଙ୍କୁ ଗିରଫ କରିସାରିଲାଣି। ଏହି ପୃଷ୍ଠଭୂମିରେ ମୁଖ୍ୟମନ୍ତ୍ରୀ ସୋରେନ୍‌ଙ୍କ ବୟାନ ରେକର୍ଡ ପରେ ତାଙ୍କୁ ମଧ୍ୟ ଗିରଫ କରିବା ନେଇ ଆଶଙ୍କା ଦୃଢ଼ୀଭୂତ ହୋଇଛି। ତେଣୁ ସ୍ତ୍ରୀ କଳ୍ପନା ସୋରେନ୍‌ଙ୍କୁ ମୁଖ୍ୟମନ୍ତ୍ରୀ ଚୌକିରେ ବସାଇବା ପାଇଁ ଜେଏମ୍‌ଏମ୍‌ରେ ମାରାଥନ୍ କସରତ ଚାଲିଛି।

### ରାଜ୍ୟ ମହିଳା କଂଗ୍ରେସ ...

ବିଜ୍ଞପ୍ତି ଜାରି କରାଯାଇଛି। ଏଆଇସିସି ସାଧାରଣ ସମ୍ପାଦକ କେ.ସି. ବେନୁଗୋପାଳଙ୍କ ପକ୍ଷରୁ ଜାରି ପ୍ରେସ୍ ବିଜ୍ଞପ୍ତି ଅନୁଯାୟୀ ମୀନାକ୍ଷୀ ବାହିନୀପତିଙ୍କୁ ପ୍ରଦେଶ ମହିଳା କଂଗ୍ରେସ ସଭାନେତ୍ରୀ ଭାବେ କାର୍ଯ୍ୟ କରିବା ନିମନ୍ତେ ଆସିଥିବା ପ୍ରସ୍ତାବକୁ ଏଆଇସିସି ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଅନୁମୋଦନ କରିଛନ୍ତି। ମୀନାକ୍ଷୀ ହେଉଛନ୍ତି ଜୟପୁର ବିଧାୟକ ତଥା ବରିଷ୍ଠ କଂଗ୍ରେସ ନେତା ତାରାପ୍ରସାଦ ବାହିନୀପତିଙ୍କ ସ୍ତ୍ରୀ। ମୀନାକ୍ଷୀଙ୍କୁ ଗତବର୍ଷ ଜୁନ୍ ମାସରେ କୋରାପୁଟ ଜିଲା ସଭାପତି ପଦରୁ ହଟାଇ ରାଜ୍ୟ କମିଟିରେ ସ୍ଥାନ ଦିଆଯାଇଥିଲା। ଏହାକୁ ନେଇ ତାରା ଓ ମୀନାକ୍ଷୀଙ୍କ ସମର୍ଥକମାନେ କ୍ଷୁବ୍ଧ ଥିଲେ। ଏବେ ସାଧାରଣ ନିର୍ବାଚନ ପୂର୍ବରୁ ମୀନାକ୍ଷୀଙ୍କୁ ପ୍ରଦେଶ ମହିଳା କଂଗ୍ରେସ ସଭାନେତ୍ରୀ ଭାବେ ଅବସ୍ଥାପିତ କରାଯାଇଛି। କୋରାପୁଟ ମ୍ୟୁନିସିପାଲିଟି ଅଧ୍ୟକ୍ଷା ଭାବେ ମୀନାକ୍ଷୀ ୨ଥର ନିର୍ବାଚିତ ହୋଇଛନ୍ତି। ସେ କୋରାପୁଟ ଜିଲା ସଭାପତି ଭାବେ ଦୀର୍ଘଦିନ କାର୍ଯ୍ୟ କରିଥିଲେ।

## ଫୁଲ ଚାଷ



ସେରାକଲ କିସମର ଗେଣ୍ଡୁଫୁଲ ଚାଷ କରୁଥିଲେ ହେକ୍ଟର ପ୍ରତି ୨୦ ଗାଡ଼ି ଭଲ ଶଢ଼ା ଗୋବରଖତ ସହ ୧୫୦ କି.ଗ୍ରା. ଯବକ୍ଷାରଜାନ, ୧୫୦ କି.ଗ୍ରା. ଫସ୍‌ଫରସ୍ ଏବଂ ୧୫୦ କି.ଗ୍ରା. ପଟାସ୍ ଆବଶ୍ୟକ । ଲଗାଇବା ସମୟରେ ମୂଳସାର ହିସାବରେ ଅର୍ଦ୍ଧେକ ଯବକ୍ଷାରଜାନ ଏବଂ ସମସ୍ତ ପଟାସ୍ ଓ ଫସ୍‌ଫରସ୍ ଖତ ସହିତ ମାଟିରେ ପ୍ରୟୋଗ କରନ୍ତୁ । ମଲ୍ଲୀଫୁଲ ଚାଷ କରୁଥିଲେ ଗଛ ପ୍ରତି ୭୫ ଗ୍ରାମ୍ ଯବକ୍ଷାରଜାନ, ୭୫ ଗ୍ରାମ୍ ଫସ୍‌ଫରସ୍ ଏବଂ ୫୦ ଗ୍ରାମ୍ ପଟାସ୍ ସାର ପ୍ରୟୋଗ କରନ୍ତୁ । ଗୋଡ଼ିଫୁଲ, ସୂର୍ଯ୍ୟମୁଖୀ ଏବଂ ଜିନିଆ ଚାଷ କରିପାରିବେ । ଗୋଲାପ ଗଛରେ ଶୋଷକ ପୋକ ନିୟନ୍ତ୍ରଣ ପାଇଁ ୧ ଲିଟର ପାଣିରେ ୦.୩ ମି.ଲି. ହିସାବରେ ଇମିଡାକ୍ଲୋପ୍ରିଡ୍ କୀଟନାଶକ ମିଶାଇ ଗଛରେ ଭଲ ଭାବରେ ସିଞ୍ଚନ କରନ୍ତୁ । ପାଉଁଶିଆ ରୋଗ (ପାଉଡରି ମିଲ୍‌ଡିଉ) ଦେଖାଦେଲେ ୧ ଲିଟର ପାଣିରେ ୩ଗ୍ରାମ୍ ହିସାବରେ ସଲ୍‌ଫର୍ ସେଟିତ ଗୁଣ୍ଡ ପ୍ରୟୋଗ କରନ୍ତୁ ।

## ଗୋପାଳନ



ପ୍ରାଣୀଙ୍କୁ ନଡ଼ା ଖାଇବାକୁ ଦେବା ପୂର୍ବରୁ ପ୍ରଥମେ ନଡ଼ାକୁ କାଟି ପାଣିରେ ୪ ଘଣ୍ଟା ବତୁରାଇ ଦିଅନ୍ତୁ । ପରେ ନଡ଼ାକୁ ପାଣି ଛଡ଼ାଇ ଶୁଖାଇ ଦିଅନ୍ତୁ। ଏହି ନଡ଼ାକୁ ଖାଇବାକୁ ଦେଲେ ନଡ଼ାରେ ଥିବା ଅକ୍‌ଜାଲିକ୍ ଅମ୍ଳ ପରିମାଣ କମିଥାଏ । ଦୁଧିଆଳୀ ଗାଈକୁ ପ୍ରତ୍ୟେକ ୨.୫ ଲିଟର ଦୁଗ୍ଧ ପାଇଁ ୧ କି.ଗ୍ରା. ସନ୍ତୁଳିତ ମିଶ୍ରିତ ଦାନା ଖାଇବାକୁ ଦିଅନ୍ତୁ । ପ୍ରତ୍ୟେକ ଦିନ ୩୦ ଗ୍ରାମ୍ ଖଣିଜ ଲବଣ ମିଶ୍ରଣ ଗାଈକୁ ଖାଇବାକୁ ଦିଅନ୍ତୁ। ଦାନା ଖର୍ଚ୍ଚ କମାଇବା ସହ ଗାଈମାନଙ୍କର ସ୍ୱାସ୍ଥ୍ୟାବସ୍ଥା ଭଲ ରହିବା ପାଇଁ ସବୁଜ ଗୋଖାଦ୍ୟ ଫସଲ ଚାଷ କରନ୍ତୁ ।

# ଡାଲୁଅ ଧାନ ରୁଆ ପରେ ଯତ୍ନ



## ଫେବୃଆରୀ ମାସ କୃଷି ସୂଚନା

ଡାଲୁଅ ଧାନ ରୋଇବାର ୧୫-୨୦ ଦିନ ଜମିରେ ନଖବୁଡ଼ା ପାଣି ରଖି ୧୨୦ରୁ କମ୍ ଦିନିଆ ଧାନରେ ହେକ୍ଟର ପ୍ରତି ୩୦ କିଲୋଗ୍ରାମ୍ ଓ ୧୨୦ ଦିନରୁ ଅଧିକ ଦିନିଆ ତଥା ସଙ୍କର କିସମ ଧାନରେ ୪୦ କିଲୋଗ୍ରାମ୍ ଯବକ୍ଷାରଜାନ ସାର ପିଲସାର ହିସାବରେ ପ୍ରୟୋଗ କରନ୍ତୁ । ପିଲ ଅବସ୍ଥାରେ ୨.୫ ସେ.ମି. ପର୍ଯ୍ୟନ୍ତ ପାଣି ରଖନ୍ତୁ । କାଣ୍ଡବିନ୍ଧା ପୋକ ଦମନ ପାଇଁ ହେକ୍ଟର ପ୍ରତି ୧ ଲିଟର କ୍ଲୋର୍‌ପାଇରିଫସ୍ କିମ୍ବା ପ୍ରୋଫେନୋଫସ୍ ୫୦୦ ଲିଟର ପାଣିରେ ଗୋଳାଇ ପତ୍ର ସିଞ୍ଚନ କରନ୍ତୁ ।

**ଗହମ :** ଗହମ କାଣ୍ଡ ହଳଦିଆ ପଡ଼ି ଶୁଖି ମଥା ନଇଁଗଲେ ଅମଳ କରନ୍ତୁ ।

**ମକା :** ଲଗାଇବାର ୨୧ ଦିନ ପରେ କୋଡ଼ାଖୁସା କରି ଗଛମୂଳରେ ମାଟିଦେବା ଦରକାର । ମକା ଫସଲ ବୁଣିବାର ୩୫ରୁ ୪୫ ଦିନ ମଧ୍ୟରେ ଆଉ ଥରେ କୋଡ଼ାଖୁସା କରି ଘାସ ବାଛି ହେକ୍ଟର ପ୍ରତି ୩୦-୪୦ କି.ଗ୍ରା. ଯବକ୍ଷାରଜାନ ଗଛ ମୂଳରେ ଦେଇ ଦ୍ୱିତୀୟ ଥର ହୁଡ଼ା ଟେକି ଦିଅନ୍ତୁ ।

**ତୈଳବୀଜ ଜାତୀୟ ଫସଲ**

**ଚିନାବାଦମ :** ଚିନାବାଦାମ ଫସଲରେ ଫୁଲ ଆସିବା ପୂର୍ବରୁ କୋଡ଼ାଖୁସା କରି ହେକ୍ଟର ପିଛା ୨୫୦ କି.ଗ୍ରା. ଜିପ୍‌ସମ୍ ସାର ପ୍ରୟୋଗ କରନ୍ତୁ (ଯଦି ମୂଳସାର ରୂପେ ଦିଆଯାଇନଥାଏ) ବିହାରୀ ସୁଁବାଳୁଆ ଲାଗିଲେ ସକାଳେ କାକର ଥିବାବେଳେ ହେକ୍ଟର ପ୍ରତି ୨୫ କି.ଗ୍ରା. ହିସାବରେ ୧.୫% କ୍ଲୋର୍‌ପାଇରିଫସ୍ ଗୁଣ୍ଡ ପ୍ରୟୋଗ କରନ୍ତୁ କିମ୍ବା ୧ ଲିଟର ଲାମ୍‌ଡା ସାଇହାଲୋଥ୍ରିନ୍ ୨.୫ ଇ.ସି. ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

**ସୋରିଷ :** ଡେରିରେ ବୁଣାଯାଇଥିବା ସୋରିଷ ଅମଳ କରିଦିଅନ୍ତୁ ।

**ରାଶି :** ଖରାଦିନିଆ ରାଶିକୁ ଫେବୃଆରୀଠାରୁ ମାର୍ଚ୍ଚ ପ୍ରଥମ ସପ୍ତାହ ମଧ୍ୟରେ ବୁଣନ୍ତୁ । ହେକ୍ଟର ପ୍ରତି ୭.୫ କି.ଗ୍ରା. ବିହନ ଆବଶ୍ୟକ ହୋଇଥାଏ। ରାଶିର ଉନ୍ନତ ବିହନ କିସମ ଗୁଡ଼ିକ ହେଲା- ଅମ୍ରିତ୍ (୭୫ ଦିନ), ଉମା (୭୫ ରୁ ୮୦ ଦିନ), ନିର୍ମଳା (୮୦ ଦିନ), ପ୍ରାଚୀ (୭୫ ରୁ ୮୦ ଦିନ) ଓ ଉଷା (୭୫ ରୁ ୮୦ ଦିନ)।

**ସୂର୍ଯ୍ୟମୁଖୀ :** ଗଛ ୩ ସପ୍ତାହ ହୋଇଥିଲେ କୋଡ଼ାଖୁସା କରି ହେକ୍ଟର ପ୍ରତି ୪୦ କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗକରି ହୁଡ଼ା ଟେକନ୍ତୁ। ପତ୍ରକଟା ପୋକ ଦମନ ପାଇଁ ହେକ୍ଟର ପ୍ରତି ୧ ଲିଟର ସାଇପରମେଥ୍ରିନ୍ ଓ ଝିଣ୍ଟିକା ଦମନ ପାଇଁ ହେକ୍ଟର ପ୍ରତି ୨୫ କି.ଗ୍ରା. କ୍ଲୋରୋପାଇରିଫସ୍ (୧.୫%) ଗୁଣ୍ଡ ସିଞ୍ଚନ କରନ୍ତୁ ବା ଲାମ୍‌ଡା ସାଇହାଲୋଥ୍ରିନ୍ (୨.୫ ଇ.ସି.) ୧ ଲିଟର ୫୦୦ ଲିଟର ପାଣିରେ ପ୍ରୟୋଗ କରନ୍ତୁ। ଜମିରେ ଅତ୍ୟଧିକ ପାଣି ଜମିବାକୁ ଦିଅନ୍ତୁ ନାହିଁ ।

**ଆଖୁ :** ଫସଲ ୩୦ ଦିନର ହୋଇଥିଲେ ଜମିରୁ ଘାସ ବାଛି କୋଡ଼ାଖୁସାକରି ହେକ୍ଟର ପ୍ରତି ୧୨୫ କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗକରି ହୁଡ଼ା ଟେକନ୍ତୁ ।

**ପନିପରିବା :** ପନିପରିବା ଫସଲରେ ଜଉପୋକ ଓ ଫଳବିନ୍ଧା ପୋକ ଦମନ ପାଇଁ ୧ ଲିଟର ପାଣିରେ ଯଥାକ୍ରମେ ୦.୨ ଗ୍ରାମ୍ କ୍ଲୋଥାୟାନିଡିନ୍ ଓ ୦.୩ ମି.ଲି. ଫ୍ଲୁବେଣ୍ଡିଆମାଇଡ୍ ମିଶାଇ ସିଞ୍ଚନ କରନ୍ତୁ ।

**ପୋଟଳ :** ପୋଟଳରେ ଝାଉଁଳା ରୋଗ ଦେଖାଦେଲେ ହେକ୍ଟର ପ୍ରତି ୫୦୦ ଗ୍ରାମ୍ କାର୍ବେଣ୍ଡାଜିମ୍ ୫୦% ୧ ଗ୍ରାମ୍ ୧ ଲିଟର ପାଣିରେ ୫୦ ଡବ୍ଲ୍ୟୁପି କିମ୍ବା ମେଟାଲାକ୍‌ସିଲ୍ + ମାନ୍‌କୋଜେବ୍ (୧ କି.ଗ୍ରା.) ୫୦୦ ଲିଟର ପାଣିରେ ମିଶାଇ ଗଛ ମୂଳକୁ ଭିଜାଇବେ।

**ଖରାଦିନିଆ ପନିପରିବା :** ଖରାଦିନିଆ ପନିପରିବା ଯଥା – କଲରା, ଜହ୍ନି, ପୋଟଳ, କାକୁଡ଼ି, ବରଗୁଡ଼ି, ଗୁଆଁର, କଖାରୁ, ପୋଇ, ଖଡ଼ା ଇତ୍ୟାଦି ପାଇଁ ପଟାଳି ପ୍ରସ୍ତୁତ କରନ୍ତୁ । ତରଭୁଜ ଲଗାଇବା ଆରମ୍ଭ କରନ୍ତୁ। ଅନ୍ୟ ପନିପରିବା ଯଥା – ବିଲାତି ବାଇଗଣ, ବନ୍ଧାକୋବି, ମୂଳା ଓ ଗାଜରର ଠିକ୍ ଯତ୍ନ ନିଅନ୍ତୁ ।

**ଅଦା ଓ ହଳଦୀ :** ଅଦା ଓ ହଳଦୀ ଫସଲ ଅମଳ ପାଇଁ ଏହା ପ୍ରକୃଷ୍ଟ ସମୟ । ଜମିର ବତର ଦେଖି ଫସଲ ଅମଳ କରନ୍ତୁ ।

**ଛେଳି ପାଳନ :** ଛେଳିଙ୍କୁ ଏଣ୍ଟରୋଟକ୍‌ସିମିଆ ରୋଗ ଏହି ମାସରେ ଦେଖାଯାଇଥାଏ । ଏହାର ପ୍ରତିକାର ପାଇଁ ଏଣ୍ଟରୋଟକ୍‌ସିମିଆ ଟିକା ଛେଳିଙ୍କୁ ଦିଅନ୍ତୁ ।

-କୃଷି ବୈଷୟିକ ସୂଚନା କେନ୍ଦ୍ର, ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ, ଓୟୁଏଟି, ଭୁବନେଶ୍ୱର-୩

### ଅଧିକ ଅମଳକ୍ଷମ ଡାଲି ଚାଷ



ଖରାଦିନେ ଅଧିକ ଅମଳକ୍ଷମ ଡାଲି ଜାତୀୟ ଫସଲ ଯଥା- ମୁଗ କିସମ – ଆଇପିଏମ୍-୦୨-୧୪ (୬୫ ଦିନ), ଆଇପିଏମ୍-୦୨-୩ (୬୫ ଦିନ), ପିଡିଏମ୍-୧୧ (୬୫ ଦିନ), ପିଡିଏମ୍-୫୪ (୬୦ ରୁ ୬୫ ଦିନ), ଦୁର୍ଗା (୬୦ ରୁ ୬୫ ଦିନ), ସମ୍ରାଟ୍ (୬୫ ରୁ ୭୦ ଦିନ), କେ-୮୫୧ (୬୦ ରୁ ୬୫ ଦିନ) ଓ ବିରି କିସମ – ସାରଳା (୬୫ ରୁ ୭୦ ଦିନ), ପିୟୁ-୩୧ (୭୦ ଦିନ), ପିୟୁ-୩୦ (୬୫ ରୁ ୭୦ ଦିନ), ପିୟୁ-୩୫ (୬୫ ରୁ ୭୦ ଦିନ), ପିୟୁ-୧୯(୬୫ ରୁ ୭୦ ଦିନ) ବିହନ ସଂଗ୍ରହକରି ଜମିରେ ବୁଣନ୍ତୁ । ହେକ୍ଟର ପ୍ରତି ୨୫ କିଲୋଗ୍ରାମ୍ ବିହନ ଆବଶ୍ୟକ । ବିହନକୁ ବିଶୋଧନକରି ବୀଜାଣୁ କଲ୍‌ଚର (୫୦୦ ଗ୍ରାମ୍) ଉପଚାରକରି ଧାଡ଼ିରେ ବୁଣନ୍ତୁ ।

## ଅଳ୍ପରେ...



ଆଳୁ ଗଛର କାଣ୍ଡ ଶୁଖି ଢଳି ପଡ଼ିଲେ ଆଳୁ ଅମଳ କରନ୍ତୁ । ଆଳୁ ପାକଳ ହେବା ପାଇଁ ଖୋଳିବା ପୂର୍ବରୁ କାଣ୍ଡଗୁଡ଼ିକୁ କାଟି ଦିଅନ୍ତୁ । ଖଣ୍ଡିଆ, ରୋଗାକ୍ରାନ୍ତ ଓ ସବୁଜ ଦିଶୁଥିବା ଆଳୁଗୁଡ଼ିକୁ ଅଲଗା ରଖନ୍ତୁ । ଅମଳ ପରେ ଆଳୁକୁ ୨-୩ ଦିନ ଛାଇରେ ଶୁଖାଇ ଦିଅନ୍ତୁ । ଶୀତଳ ଭଣ୍ଡାରକୁ ନେବା ପୂର୍ବରୁ ୩% ବୋରିକ୍ ଏସିଡ୍‌ରେ ୧୫ ମିନିଟ୍ ବୁଡ଼ାଇ ଶୁଖାଇ ଦିଅନ୍ତୁ।

ପିଆଜ ପତ୍ରଗୁଡ଼ିକ ହଳଦିଆ ପଡ଼ିଲେ ପିଆଜ ପାକଳ ହୋଇଯାଇଥାଏ। ଏହି ସମୟରେ ଅମଳ କରନ୍ତୁ। ଅମଳର



୩/୪ ସପ୍ତାହ ପରେ ତାକୁ ସାଇତି ରଖନ୍ତୁ । ଏହାଦ୍ୱାରା ପିଆଜର ଜଳୀୟ ଅଂଶ ଅନେକାଂଶରେ କମିଯାଇଥାଏ ।

ପୋଟଳ ଫୁଲ ଫଳ ଧରିବା ଅବସ୍ଥାକୁ ଆସିବା ବେଳକୁ ଜମକୁ ଘାସୁଆ ରଖାଯିବା ଦରକାର। କାରଣ ଘାସ ଜମିର ଆର୍ଦ୍ରତା ବଜାୟ ରଖିବାରେ ସାହାଯ୍ୟ କରେ ଓ ମାଟି ଉପରେ ମାଡୁଥିବା ଲତାର ଫଳକୁ ନିରାପଦରେ ଧରିରଖେ। ଏହାଦ୍ୱାରା ଫଳଗୁଡ଼ିକ ମାଟିର ସଂସ୍ପର୍ଶରେ ଆସି ନଷ୍ଟ ହୁଏ ନାହିଁ।



ଡେରିରେ ଲଗାଯାଇଥିବା ପୋଟଳରେ ଫୁଲ ଆସିବା ପୂର୍ବରୁ କୋଡ଼ାଖୁସା କରି ଅନୁମୋଦିତ ପ୍ରଣାଳୀରେ ସାର ପ୍ରୟୋଗକରି ଜଳସେଚନ କରନ୍ତୁ।

ମାଣ୍ଡିଆ ତଳି ୩ ସପ୍ତାହର ହୋଇଗଲେ ତଳିକୁ ଧାଡ଼ିକୁ ଧାଡ଼ି ୨୦ସେ.ମି . ଓ ଗଛକୁ ଗଛ ୧୦ସେ.ମି. ବ୍ୟବଧାନରେ ରୁଅନ୍ତୁ। ମାଟି ପରୀକ୍ଷା ପରେ ଅନୁମୋଦିତ ସାର ପ୍ରୟୋଗ କରନ୍ତୁ। ମାଟି ପରୀକ୍ଷା ହୋଇ ନ ଥିଲେ ଏକର ପ୍ରତି ୨୪:୧୬:୧୨ଅନୁପାତରେ ଯବକ୍ଷାରଜାନ,ଫସ୍‌ଫରସ୍ ଓ ପଟାସ ସାର ପ୍ରୟୋଗ କରନ୍ତୁ। ରୋଇବା ସମୟରେ ଅଧା ଯବକ୍ଷାରଜାନ ସାର ସହ ସମସ୍ତ ଫସ୍‌ଫରସ ଓ ପଟାସ ପ୍ରୟୋଗ କରନ୍ତୁ।

## ଚାଷୀଙ୍କ ପାଇଁ

ଖରାଦିନିଆ ଗୋଖାଦ୍ୟ ପାଇଁ ଶସ୍ୟଜାତୀୟ ଫସଲ ଯଥା ମକା ଓ ବାଜରା ଏବଂ ଡାଲିଜାତୀୟ ଫସଲ ବରଗୁଡ଼ି ଓ ଡଙ୍ଗର ରାଣୀ ଚାଷ କରନ୍ତୁ। ସବୁଦିନିଆ ଗୋଖାଦ୍ୟ ଫସଲ ଯଥା ସଙ୍କର ନେପିଅର ବାଜରା ଓ ଗିନି ଘାସରେ ଏକର ପ୍ରତି ୧୬ କି.ଗ୍ରା . ଯବକ୍ଷାରଜାନ ପ୍ରୟୋଗକରି ଜଳସେଚନ କରନ୍ତୁ।

ଗୋରୁଙ୍କ ସାହାଣ, ବଜବଜିଆ ଓ ଫାଟୁଆ ରୋଗ ପାଇଁ ଏଫ୍‌ଏମ୍‌ଡି ଭାକ୍ସିନ୍ ଓ ଛେଳିଙ୍କ ପିପିଆର୍ ରୋଗ ଲାଗି ପିପିଆର୍ ରୋଗ ପ୍ରତିଷେଧକ ଟିକା ବ୍ୟବସ୍ଥା ଗ୍ରହଣ କରନ୍ତୁ।

କୁକୁଡ଼ାଙ୍କର ନାଳି ଝାଡ଼ା ହେଉଥିଲେ ଅଧ ଗ୍ରାମ ଫ୍ୟୁରାସଲକୁ ୧ ଲିଟର ପାଣିରେ ମିଶାଇ ୩ ଦିନ ପର୍ଯ୍ୟନ୍ତ ଦିଅନ୍ତୁ।

କୁକୁଡ଼ାଙ୍କ ଘୁମାରୋଗର ନିୟନ୍ତ୍ରଣ ପାଇଁ ପ୍ରଥମ ୭ ଦିନ ଭିତରେ ଲାସୋଟା ପ୍ରତିଷେଧକ ଟିକା ଏବଂ ୧୩-୧୫ ଦିନ ଭିତରେ ଆଇବିଟି ଟିକା ଆଖିରେ



ପକାଇବାର ବ୍ୟବସ୍ଥା କରନ୍ତୁ।

ବନରାଜ ଓ ଗ୍ରାମପ୍ରିୟ କୁକୁଡ଼ା ପାଳନ ପ୍ରତି ଲୋକଙ୍କ ଆଗ୍ରହ ବଢୁଥିବା ଯୋଗୁ ଚିଆଁ ପାଇଁ ଆଞ୍ଚଳିକ ସରକାରୀ କୁକୁଡ଼ା ଫାର୍ମ ସହ ଯୋଗାଯୋଗ କରିପାରନ୍ତି।

# ପାଳ ଛତୁ ଚାଷ ପ୍ରସ୍ତୁତି



ପାଳଛତୁ ଚାଷ ଲାଗି କୌଣସି ଏକ କୁଣ୍ଡ କିମ୍ବା ବଡ ଓସାରିଆ ଟିଣ ପାତ୍ରରେ (ଆଖୁରସ ରାନ୍ଧିବା ଟିଣ ହେଲେ ଭଲ) ୧୦୦ ଲିଟର ପାଣି ନିଅନ୍ତୁ। ସେଥିରେ ୮ ଗ୍ରାମ୍ କାର୍ବେଣ୍ଡାଜିମ୍ ଗୋଳାଇ ଦିଅନ୍ତୁ। ସେହି ପାଣିରେ ନଡାବିଡାଗୁଡିକୁ (୩୦ ବିଡା) ୧୨ ରୁ ୧୬ ଘଣ୍ଟା ପର୍ଯ୍ୟନ୍ତ ବତୁରାଇ ଦିଅନ୍ତୁ। ତା ପରେ ନଡା ଛାଣି ନଡାରୁ ଅଧିକ ପାଣି ନିଗାଡି ଦେବା ପାଇଁ ବିଡାଗୁଡିକୁ ୨ ରୁ ୩ ଘଣ୍ଟା ପର୍ଯ୍ୟନ୍ତ ଛାଇରେ ଛିଡା କରି ରଖନ୍ତୁ। ବୋତଲ ବା ପ୍ୟାକେଟରୁ ଛତୁ ମଞ୍ଜିକୁ ଅଗବଙ୍କା ହୋଇଥିବା ଲୁହାଖାଡି ସାହାଯ୍ୟରେ କିମ୍ବା ବୋତଲ ଭାଙ୍ଗି ବାହାର କରି ତାକୁ ଭାଗ କରନ୍ତୁ। ଭାଡି ଉପରେ ପ୍ରଥମେ ପୂର୍ବ ପଶ୍ଚିମ ଭାବରେ ୯ ଇଞ୍ଚ ବହଳରେ ୯ ଭିଜା ବିଡା ନଡାକୁ ଖୋଲି ବିଛାଇ ଦିଅନ୍ତୁ। ଯେପରି ନଡା ମୂଳ ଭାଗ ବାହାରକୁ ରହିବ। ତା'ପରେ ସେହି ଛତୁ ମଞ୍ଜି ଖଣ୍ଡଗୁଡିକ ଉପରେ ୧ ଭାଗ ବୁଟଗୁଣ୍ଡ ବା ହରଡ ଗୁଣ୍ଡ ବୁଣି ଦିଅନ୍ତୁ। ବର୍ତ୍ତମାନ ୨ୟ ସ୍ତର ନଡା(୯ ବିଡାକୁ) ୯ ଇଞ୍ଚ ବହଳରେ ଉତ୍ତର ଦକ୍ଷିଣ ଭାବେ ବିଛାନ୍ତୁ। ଠିକ୍ ପୂର୍ବ ପରି ଛତୁ ମଞ୍ଜି ଓ ବୁଟଗୁଣ୍ଡ ବା ହରଡ ଗୁଣ୍ଡ ପ୍ରୟୋଗ କରନ୍ତୁ। ତା ପରେ ତୃତୀୟ ସ୍ତର ନଡା (୯ ବିଡାକୁ) ୯ ଇଞ୍ଚ ବହଳରେ ପୂର୍ବ ପଶ୍ଚିମ ଭାବେ ବିଛାନ୍ତୁ। ଏହା ପରେ ଦ୍ୱିତୀୟ ଭାଗ ଛତୁ ମଞ୍ଜିକୁ ପୂର୍ବ ପରି ଚାରିକଡେ ଓ ମଝିରେ ମଧ ରଖନ୍ତୁ। ପୁଣି ବଳକା ଦ୍ୱିତୀୟ ଭାଗ ବୁଟଗୁଣ୍ଡ ବା ହରଡଗୁଣ୍ଡ ପ୍ରୟୋଗ କରନ୍ତୁ। ଶେଷରେ ରହିଥିବା ୩ ବିଡା ନଡାକୁ ଏହି ତୃତୀୟ ସ୍ତର ଉପରେ ଉତ୍ତର ଦକ୍ଷିଣ ଭାବରେ (ଚତୁର୍ଥ ସ୍ତର)୨ – ୩ ଇଞ୍ଚ ବହଳରେ ବିଛାଇ ଦିଅନ୍ତୁ। ବର୍ତ୍ତମାନ ଏହି ଛତୁ ବେଡ୍ ବା ଛତୁ ପଟିକୁ ପଲିଥିନ୍ ଚାଦର ଦ୍ୱାରା ସମ୍ପୂର୍ଣ୍ଣ ଘୋଡାଇ ଦିଅନ୍ତୁ। ୭ ରୁ ୮ ଦିନ ପରେ ଏହି ପଲିଥିନ୍ ଚାଦରକୁ କାଢି ଦିଅନ୍ତୁ। ପଲିଥିନ୍ କାଢିବାର ଦିନକ ପରେ ପ୍ରତିଦିନ ସ୍ପ୍ରେୟର ଦ୍ୱାରା କିମ୍ବା ଝରା ଦ୍ୱାରା ୩ – ୪ ଥର ପାଣି ସ୍ପ୍ରେ କରନ୍ତୁ।

# ଭେଣ୍ଡିର ଉନ୍ନତ କିସମ

ଭେଣ୍ଡିର ଉନ୍ନତ କିସମଗୁଡ଼ିକ ମଧ୍ୟରେ ରହିଛି ଆର୍କା ଅନାମିକା, ଆର୍କା ଅଭୟ, ଉତ୍କଳ ଗୌରବ ଏବଂ ପୁଷା-ଏ-୪। ଭେଣ୍ଡି ଗଛ ମଧ୍ୟରେ ଦୂରତା ୬୦ ସେ.ମି. x ୩୦ ସେ.ମି. ରହିବା ଦରକାର। ଭେଣ୍ଡି ଲଗାଇବା ସମୟରେ ହେକ୍ଟର ପିଛା ୨୦ ଗାଡ଼ି ଭଲ ଶଢ଼ା ଗୋବର ଖତ ସହ ୮୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫରସ୍ ଓ ୪୦ କି.ଗ୍ରା. ପଟାସ୍ ସାର ପ୍ରୟୋଗ କରନ୍ତୁ। ଏହି ଚାଷ ପାଇଁ ଜମି ପ୍ରସ୍ତୁତ ସମୟରେ ଅନୁମୋଦିତ ଯବକ୍ଷାରଜାନ ସାରର ଅର୍ଦ୍ଧେକ ଏବଂ ସମସ୍ତ ଫସ୍‌ଫରସ୍ ଏବଂ ପଟାସ୍ ସାର ମୂଳସାର ହିସାବରେ ସବୁତକ ଖତ ସହ ପ୍ରୟୋଗ କରନ୍ତୁ । ବିହନ ଲଗାଇବାର ୩ ସପ୍ତାହ ପରେ କୋଡ଼ାଖୁସା କରି ବଳକା ଅର୍ଦ୍ଧେକ ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ। ପ୍ରତି ୫-୬ ଦିନ ବ୍ୟବଧାନରେ ଭେଣ୍ଡି କିଆରିରେ ମାଟିର ବତର ଦେଖି ଜଳସେଚନ କରନ୍ତୁ । ପ୍ରତି ୨ ଦିନରେ ଥରେ ଫଳ ତୋଳିବା ଉଚିତ । ନଚେତ୍ ଗଛର ବୃଦ୍ଧି ଓ ଫଳ ଧାରଣ ଶକ୍ତି କମିଯାଇଥାଏ ଓ ଫଳ ବୁଢ଼ା ହୋଇଯାଇଥାଏ । ଭେଣ୍ଡି ଗଛ ଥଣ୍ଡା ଲାଗି ଛୋଟ ହୋଇଥାଏ ଓ ଫଳ ମଧ ଛୋଟ ହୋଇଥାଏ ।



# କୁକୁଡ଼ା ପାଳନ



ବାର୍ଡ ଫ୍ଲୁ ରୋଗ ଦମନ ପାଇଁ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରନ୍ତୁ । ଦିନରେ ବାୟୁମଣ୍ଡଳର ଉତ୍ତାପ ଅଧିକ ଥିବାରୁ ବ୍ରଏଲର କୁଡ଼ା ଛୁଆ ପାଳନ ପାଇଁ କମ୍ ଉତ୍ତାପ ଦିଅନ୍ତୁ (ଆବଶ୍ୟକ ୩୫୦ ସେଣ୍ଟିଗ୍ରେଡ୍) । କୁକୁଡ଼ା ଛୁଆମାନେ ଉତ୍ତାପ ଉତ୍ସ ତଳେ ରହିଲେ ଉତ୍ତାପ ବଢ଼ାନ୍ତୁ ଓ ଉତ୍ତାପ ଉତ୍ସଠାରୁ ଦୂରରେ ରହିଲେ ଉତ୍ତାପ କମ୍ ଦିଅନ୍ତୁ। ୭ ଦିନର କୁକୁଡ଼ା ଛୁଆମାନଙ୍କୁ ରାଣୀକ୍ଷେତ ରୋଗ ଓ ୧୫ ଦିନର ଛୁଆମାନଙ୍କୁ ଆଇବିଡି ରୋଗ ଟିକା ଦିଅନ୍ତୁ । ବାର୍ଡଫ୍ଲୁ ରୋଗ ହେଲେ କୁକୁଡ଼ା ଦୁର୍ବଳ ଦେଖାଯାଏ, ପର ଅସଜଡ଼ା ପରି ଲାଗେ, ଅଣ୍ଡାଦିଆ କୁକୁଡ଼ା ଅଣ୍ଡା ଦେବା କମ୍ କରିଦିଏ, ନାକରୁ ପତଳା ସିଘାଂଣି ବାହାରିବା ସହ ଛିଙ୍କ ତଥା ପତଳା ପାଣି ପରି ଝାଡ଼ା ହୁଏ। ପ୍ରାପ୍ତ ବୟସ୍କ କୁକୁଡ଼ାଙ୍କ ଚୂଳ, ୱାଟଲ୍ ଓ ଆଖି ଚାରିପାଖ ଫୁଲିଯାଏ। ଚୂଳ ନୀଳ ପଡ଼ିବା ସହ ରକ୍ତଛିଟା ଚିହ୍ନ ଦେଖାଦେଲେ କିମ୍ବା ମୁହଁ ବା ମୁଣ୍ଡ ଫୁଲିଯିବା ଆଦି ଉପସର୍ଗମାନ ଦେଖାଦେଲେ ତୁରନ୍ତ ନିକଟସ୍ଥ ପ୍ରାଣୀ ଚିକିତ୍ସକଙ୍କ ସହ ପରାମର୍ଶ କରନ୍ତୁ ।

# ମାଛର ଆଖିରୋଗ

ଭାକୁର ମାଛରେ ସାଧାରଣତଃ ଆଖିରୋଗ ଦେଖାଯାଇଥାଏ । ଏହାର ପ୍ରାଥମିକ ଲକ୍ଷଣରେ ଆଖିର ସ୍ୱଚ୍ଛପଟଳ ରକ୍ତବର୍ଣ୍ଣ ହୋଇଯାଏ ଓ କିଛିଦିନ ପରେ ଏହା ଅସ୍ୱଚ୍ଛ ହୋଇ କ୍ରମେ ପଚିଯାଇ ଆଖି ନଷ୍ଟ ହୋଇଯାଏ । ତେଣୁ ଏହାର ପ୍ରତିକାର ପାଇଁ ୧୦ ମିଲିଗ୍ରାମ୍ ହିସାବରେ କ୍ଲୋରୋମାଇସିଟିନ୍‌କୁ ୧ ଲିଟର ପାଣିରେ ଦ୍ରବଣ ପ୍ରସ୍ତୁତକରି ମାଛଗୁଡ଼ିକ ୫-୭ ମିନିଟ୍ ପର୍ଯ୍ୟନ୍ତ ବୁଡ଼ାଇ ରଖନ୍ତୁ । ଏହା ବ୍ୟତୀତ ପୋଟାସିୟମ ପରମାଙ୍ଗାନେଟ୍ ଦ୍ରବଣରେ (୫ ମିଲିଗ୍ରାମ୍ ୧ ଲିଟର ପାଣିରେ) ମାଛକୁ ପ୍ରାୟ ୫ ରୁ ୭ ମିନିଟ୍ ପର୍ଯ୍ୟନ୍ତ ବୁଡାଇ ରଖାଯାଇପାରେ। ଏହି ପ୍ରକ୍ରିୟା ୩-୪ ଦିନ ପର୍ଯ୍ୟନ୍ତ କଲେ ଭାକୁର ମାଛର ଆଖିରୋଗ ହେବା ସମ୍ଭାବନା ନ ଥାଏ । ୧ ହେକ୍ଟର ବିଶିଷ୍ଟ ମାଛଚାଷ ପୋଖରୀ ପାଇଁ ଦୈନିକ ୭ କି.ଗ୍ରା. କାଣ୍ଡିଆ କୁଣ୍ଡା, ୭ କି.ଗ୍ରା. ଚିନାବାଦାମ ପିଡ଼ିଆ ବ୍ୟବହାର କରନ୍ତୁ ।



# ଚାଇନା ବିପକ୍ଷରୁ ଭାରତର ଅଭିଯାନ

**ଭୁବନେଶ୍ୱର, ୩୦।୧ (ତପନ ସ୍ୱାଇଁ)**

ଏଫ୍‌ଆଇଏଚ୍ ମହିଳା ହକି ପ୍ରୋ ଲିଗ୍ ଫେବୃଆରୀ ୩ରୁ କଳିଙ୍ଗ ଷ୍ଟାଡିୟମରେ ଆରମ୍ଭ ହେବାକୁ ଯାଉଛି। ଏଥିରେ ଘରୋଇ ଭାରତ ସମେତ ଚାଇନା, ଆମେରିକା, ନେଦରଲାଣ୍ଡ୍ସ ଓ ଅଷ୍ଟ୍ରେଲିଆ ଆଦି ୫ଟି ଦଳ ଅଂଶଗ୍ରହଣ କରିବେ। କଳିଙ୍ଗରେ ୫ଟି ଦଳ ପରସ୍ପରକୁ ଥରେ ଲେଖାଏ ଭେଟିବା ପରେ ରାଉରକେଲା ଯିବେ। ସେଠାରେ ପୁଣି ଏହି ୫ ଦଳ ପରସ୍ପର ସହ ଗୋଟିଏ ଲେଖାଏ ମ୍ୟାଚରେ ମୁକାବିଲା କରିବେ। ଭୁବନେଶ୍ୱରରେ ଫେବୃଆରୀ ୩ରୁ ୯ ଓ ରାଉରକେଲାରେ ୧୨ରୁ ୧୮ ପର୍ଯ୍ୟନ୍ତ ମ୍ୟାଚ ଖେଳାଯିବ। ୩ ତାରିଖରେ ଆମେରିକା-ନେଦରଲାଣ୍ଡ୍ସ ମ୍ୟାଚ ସହ ମହିଳା ହକି ପ୍ରୋ ଲିଗ୍ ଆରମ୍ଭ ହେବ। ସେହି ଦିନ ଦ୍ୱିତୀୟ ମ୍ୟାଚରେ ଏସିଆନ ଗେମ୍ସ ଚାମ୍ପିୟନ ଚାଇନା ସହ ଖେଳି ଭାରତ ଏହାର ଅଭିଯାନ ଆରମ୍ଭ କରିବ। ଏହାପରେ ଭାରତ ୪ରେ ନେଦରଲାଣ୍ଡ୍ସ, ୭ରେ ଅଷ୍ଟ୍ରେଲିଆ ଓ ୯ରେ ଆମେରିକା ସହ ଖେଳିବ। ସେହିପରି ରାଉରକେଲାରେ ଭାରତ ୧୨ରେ ଚାଇନା, ୧୪ରେ ନେଦରଲାଣ୍ଡ୍ସ, ୧୭ରେ ଅଷ୍ଟ୍ରେଲିଆ ଓ ୧୮ରେ ଆମେରିକା ସହିତ ଖେଳିବ। ମଙ୍ଗଳବାର ଉଭୟ ଭାରତ ଓ ଆମେରିକା ଦଳ କଳିଙ୍ଗ ଷ୍ଟାଡିୟମରେ ଜୋରଦାର ଅଭ୍ୟାସ କରିଛନ୍ତି।

ଭାରତୀୟ ମହିଳା ଦଳ ଦ୍ୱିତୀୟ ଥର ପ୍ରୋ-ଲିଗ୍ ଖେଳିବା ପାଇଁ ଯାଉଛି। ୨୦୨୧-୨୨ ସିଜନରେ ଭାରତ ପ୍ରଥମଥର ପାଇଁ ଏହି ଲିଗ୍ ଖେଳିଥିଲା ଏବଂ ତୃତୀୟ ସ୍ଥାନ ଅଧିକାର କରିଥିଲା। ୨୦୨୨ରେ ସ୍ପେନ୍‌ରେ ଅନୁଷ୍ଠିତ ଏଫ୍‌ଆଇଏଚ୍ ହକି ମହିଳା ନେସନ୍ସ କପ୍‌ର ଫାଇନାଲରେ ଘରୋଇ ଦଳକୁ ୧-୦ ଗୋଲରେ ହରାଇ ଭାରତ ପ୍ରୋ ଲିଗ୍ ୨୦୨୩-୨୪ ପାଇଁ ଯୋଗ୍ୟତା ଅର୍ଜନ କରିଥିଲା। ''ବିଶ୍ୱର କେତେକ ଶକ୍ତିଶାଳୀ ଦଳ ବିପକ୍ଷରେ ନିଜର ଦକ୍ଷତା ପରୀକ୍ଷା କରିବା ପାଇଁ ପ୍ରୋ-ଲିଗ୍‌ରେ ସୁଯୋଗ ମିଳିବ। ଜାତୀୟ ଦଳରେ ସ୍ଥାନ ପାଇଥିବା ଯୁବ ଖେଳାଳିଙ୍କ ପାଇଁ ଏହି ଲିଗ୍ ବଡ଼ ପ୍ଲାଟଫର୍ମ ସଦୃଶ। ଅନ୍ତର୍ଜାତୀୟ ସ୍ତରରେ ସେମାନେ ନିଜର ଦକ୍ଷତା ଦେଖାଇବାର ସୁଯୋଗ ପାଇବେ। ଏହି ଲିଗ୍‌ରେ ୨୦୨୬ ଏଫ୍‌ଆଇଏଚ୍ ହକି ବିଶ୍ୱକପ ପାଇଁ ଯୋଗ୍ୟତା ଅର୍ଜନର ମଧ୍ୟ ସୁଯୋଗ ରହିବ। ତେଣୁ ଏଥିରେ ଆମକୁ ଶ୍ରେଷ୍ଠ ପ୍ରଦର୍ଶନ କରିବାକୁ ପଡ଼ିବ'' ବୋଲି ମୁଖ୍ୟ କୋଚ୍ ଜାନେକ ସ୍କୁପମାନ ପ୍ରକାଶ କରିଛନ୍ତି।

ନିକଟରେ ରାଞ୍ଚିରେ ଅନୁଷ୍ଠିତ ଏଫ୍‌ଆଇଏଚ୍ ଅଲିମ୍ପିକ୍ କ୍ୱାଲିଫାୟର୍ସରେ ରନରଅପ୍ ହୋଇ ଆମେରିକା ପ୍ୟାରିସ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିସାରିଛି। ଏବେ ଏହି ଦଳ ଆଗାମୀ ପ୍ରୋ ଲିଗ୍ ୨୦୨୩-୨୪ରେ ପ୍ରଭାବୀ ପ୍ରଦର୍ଶନ କରି ଏଫ୍‌ଆଇଏଚ୍ ହକି ବିଶ୍ୱକପ-୨୦୨୬ ପାଇଁ ଯୋଗ୍ୟତା ଅର୍ଜନ କରିବାକୁ ଲକ୍ଷ୍ୟ ରଖିଛି। ଅଲିମ୍ପିକ୍ କ୍ୱାଲିଫାୟର୍ସରେ ଭାରତକୁ ୧-୦ରେ ହରାଇ ମୋମେଣ୍ଟମ ହାସଲ କରିଥିବା ଆମେରିକା ଆଉ ପଛକୁ ଫେରି ନ ଚାହିଁ ପରବର୍ତ୍ତୀ ୨ଟି ମ୍ୟାଚରେ ଯଥାକ୍ରମେ ଇଟାଲୀକୁ ୨-୦ ଓ ନ୍ୟୁଜିଲାଣ୍ଡକୁ ୧-୦ରେ ପରାସ୍ତ କରି ପୁଲ୍ 'ବି'ରେ ଶୀର୍ଷସ୍ଥାନ ହାସଲ କରିଥିଲା। ସେମିଫାଇନାଲରେ ଜାପାନକୁ ୨-୧ରେ ହରାଇ ଫାଇନାଲରେ ପ୍ରବେଶ କରିଥିଲା ଏବଂ ଟାଇଟଲ ମୁକାବିଲାରେ ଜର୍ମାନୀଠାରୁ ୦-୨ ଗୋଲରେ ହାରି ଯାଇଥିଲା। ତେଣୁ ପ୍ରୋ-ଲିଗ୍‌ରେ ମଧ୍ୟ ଦଳର ଉତ୍ତମ ପ୍ରଦର୍ଶନକୁ ନେଇ ଅଧିନାୟିକା ଆମଣ୍ଡା ଗୋଲିନି ବେଶ୍ ଆଶାବାଦୀ। ''ଅଲିମ୍ପିକ୍ କ୍ୱାଲିଫାୟର୍ସରେ ଆମେ ଯେପରି ଚାହିଁଥିଲୁ ସେପରି ଫଳାଫଳ ପାଇଥିଲୁ। ପୂର୍ବ ମ୍ୟାଚର ଅଭିଜ୍ଞତାକୁ ନେଇ ଆମେ ପ୍ରୋ- ଲିଗ୍ ଖେଳିବୁ ଏବଂ ସେଥିରେ ମଧ୍ୟ ଭଲ ଫଳାଫଳ ପାଇବା ନେଇ ଆଶାବାଦୀ ଅଛୁ। ଅଲିମ୍ପିକ୍ସ ପୂର୍ବରୁ ପ୍ରୋ-ଲିଗ୍ ଆମ ପାଇଁ ବହୁ ଗୁରୁତ୍ୱପୂର୍ଣ୍ଣ। ଅଲିମ୍ପିକ୍ସ ପାଇଁ ଏଥିରେ ଭଲ ଅଭ୍ୟାସ ମଧ୍ୟ ହୋଇପାରିବ। ଆମେ ମ୍ୟାଚକୁ ଦୃଷ୍ଟିରେ ରଖି ରଣନୀତି ପ୍ରସ୍ତୁତ କରିବୁ'' ବୋଲି ଆମଣ୍ଡା କହିଛନ୍ତି।



ଅଭ୍ୟାସ ଅବସରରେ ସାଥୀ ଖେଳାଳିଙ୍କ ସହ ଓଡ଼ିଶାର ଜ୍ୟୋତି ଛତ୍ରୀ (ବାମ)।

## ■ ଆମେରିକା-ନେଦରଲାଣ୍ଡ୍ସ ପ୍ରଥମ ମ୍ୟାଚ
## ■ କଳିଙ୍ଗରେ ଭାରତ, ଆମେରିକା ଦଳର ଅଭ୍ୟାସ

### ପ୍ରୋ-ଲିଗ୍ କାର୍ଯ୍ୟସୂଚୀ (ମହିଳା)

| ତାରିଖ | ମ୍ୟାଚ | ସମୟ | ଭେନ୍ୟୁ |
|---|---|---|---|
| ଫେବୃଆରୀ ୩ | ଆମେରିକା ବନାମ ନେଦରଲାଣ୍ଡ୍ସ | ଅପରାହ୍ନ ୫ଟା ୩୦ | ଭୁବନେଶ୍ୱର |
| | ଭାରତ ବନାମ ଚାଇନା | ସନ୍ଧ୍ୟା ୭ଟା ୩୦ | ଭୁବନେଶ୍ୱର |
| ଫେବୃଆରୀ ୪ | ଚାଇନା ବନାମ ଅଷ୍ଟ୍ରେଲିଆ | ଅପରାହ୍ନ ୫ଟା ୩୦ | ଭୁବନେଶ୍ୱର |
| | ଭାରତ ବନାମ ନେଦରଲାଣ୍ଡ୍ସ | ସନ୍ଧ୍ୟା ୭ଟା ୩୦ | ଭୁବନେଶ୍ୱର |
| ଫେବୃଆରୀ ୬ | ଚାଇନା ବନାମ ନେଦରଲାଣ୍ଡ୍ସ | ଅପରାହ୍ନ ୫ଟା ୩୦ | ଭୁବନେଶ୍ୱର |
| | ଆମେରିକା ବନାମ ଅଷ୍ଟ୍ରେଲିଆ | ସନ୍ଧ୍ୟା ୭ଟା ୩୦ | ଭୁବନେଶ୍ୱର |
| ଫେବୃଆରୀ ୭ | ଆମେରିକା ବନାମ ଚାଇନା | ଅପରାହ୍ନ ୫ଟା ୩୦ | ଭୁବନେଶ୍ୱର |
| | ଭାରତ ବନାମ ଅଷ୍ଟ୍ରେଲିଆ | ସନ୍ଧ୍ୟା ୭ଟା ୩୦ | ଭୁବନେଶ୍ୱର |
| ଫେବୃଆରୀ ୯ | ଅଷ୍ଟ୍ରେଲିଆ ବନାମ ନେଦରଲାଣ୍ଡ୍ସ | ଅପରାହ୍ନ ୫ଟା ୩୦ | ଭୁବନେଶ୍ୱର |
| | ଭାରତ ବନାମ ଆମେରିକା | ସନ୍ଧ୍ୟା ୭ଟା ୩୦ | ଭୁବନେଶ୍ୱର |
| ଫେବୃୟାରୀ ୧୨ | ଆମେରିକା ବନାମ ନେଦରଲାଣ୍ଡ୍ସ | ଅପରାହ୍ନ ୫ଟା ୩୦ | ରାଉରକେଲା |
| | ଭାରତ ବନାମ ଚାଇନା | ସନ୍ଧ୍ୟା ୭ଟା ୩୦ | ରାଉରକେଲା |
| ଫେବୃଆରୀ ୧୪ | ଚାଇନା ବନାମ ଅଷ୍ଟ୍ରେଲିଆ | ଅପରାହ୍ନ ୫ଟା ୩୦ | ରାଉରକେଲା |
| | ଭାରତ ବନାମ ନେଦରଲାଣ୍ଡ୍ସ | ସନ୍ଧ୍ୟା ୭ଟା ୩୦ | ରାଉରକେଲା |
| ଫେବୃଆରୀ ୧୫ | ଆମେରିକା ବନାମ ଅଷ୍ଟ୍ରେଲିଆ | ଅପରାହ୍ନ ୧ଟା ୩୦ | ରାଉରକେଲା |
| | ଚାଇନା ବନାମ ନେଦରଲାଣ୍ଡ୍ସ | ଅପରାହ୍ନ ୩ଟା ୩୦ | ରାଉରକେଲା |
| ଫେବୃଆରୀ ୧୭ | ଆମେରିକା ବନାମ ଚାଇନା | ଅପରାହ୍ନ ୫ଟା ୩୦ | ରାଉରକେଲା |
| | ଭାରତ ବନାମ ଅଷ୍ଟ୍ରେଲିଆ | ସନ୍ଧ୍ୟା ୭ଟା ୩୦ | ରାଉରକେଲା |
| ଫେବୃଆରୀ ୧୮ | ଅଷ୍ଟ୍ରେଲିଆ ବନାମ ନେଦରଲାଣ୍ଡ୍ସ | ଅପରାହ୍ନ ୫ଟା ୩୦ | ରାଉରକେଲା |
| | ଭାରତ ବନାମ ଆମେରିକା | ସନ୍ଧ୍ୟା ୭ଟା ୩୦ | ରାଉରକେଲା |
| ମେ' ୨୨ | ଭାରତ ବନାମ ଆର୍ଜେଣ୍ଟିନା | ଅପରାହ୍ନ ୩ଟା ୪୫ | ଆଣ୍ଟୱେର୍ପ |
| ମେ' ୨୩ | ବେଲ୍‌ଜିୟମ ବନାମ ଭାରତ | ରାତି ୧୦ଟା ୧୫ | ଆଣ୍ଟୱେର୍ପ |
| ମେ' ୨୫ | ବେଲ୍‌ଜିୟମ ବନାମ ଭାରତ | ଅପରାହ୍ନ ୫ଟା ୩୦ | ଆଣ୍ଟୱେର୍ପ |
| ମେ' ୨୬ | ଭାରତ ବନାମ ଆର୍ଜେଣ୍ଟିନା | ଅପରାହ୍ନ ୩ଟା ୧୫ | ଆଣ୍ଟୱେର୍ପ |
| ଜୁନ୍ ୧ | ଜର୍ମାନୀ ବନାମ ଭାରତ | ତରାତି ୯ଟା ୪୫ | ଲଣ୍ଡନ |
| ଜୁନ୍ ୨ | ଗ୍ରେଟ୍ ବ୍ରିଟେନ ବନାମ ଭାରତ | ସନ୍ଧ୍ୟା ୭ଟା | ଲଣ୍ଡନ |
| ଜୁନ୍ ୮ | ଜର୍ମାନୀ ବନାମ ଭାରତ | ଅପରାହ୍ନ ୨ଟା ୩୦ | ଲଣ୍ଡନ |
| ଜୁନ୍ ୯ | ଗ୍ରେଟ୍ ବ୍ରିଟେନ ବନାମ ଭାରତ | ଅପରାହ୍ନ ୪ଟା ୪୫ | ଲଣ୍ଡନ |

## ମୟଙ୍କ ଅଗ୍ରୱାଲ ହସ୍ପିଟାଲରେ ଭର୍ତ୍ତି

**ଅଗରତାଲା,୩୦।୧(ପି.ଟି.)**

ଭାରତୀୟ କ୍ରିକେଟର ମୟଙ୍କ ଅଗ୍ରୱାଲ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ବର୍ତ୍ତମାନ ଭାରତୀୟ ଦଳରୁ ବାହାରେ ରହିଥିବା ମୟଙ୍କ କର୍ଣ୍ଣାଟକ ରଣଜୀ ଟ୍ରଫି ଦଳର ଅଧିନାୟକ ରହିଛନ୍ତି। ସୋମବାର ତ୍ରିପୁରା ବିପକ୍ଷରେ କର୍ଣ୍ଣାଟକକୁ ୨୯ ରନ୍‌ରେ ଜିତାଇଥିଲେ ମୟଙ୍କ। ଏହି ମ୍ୟାଚ୍ ଶେଷ ହେବା ପରେ ସେ ଦଳ ସହ ଅଗରତାଲାରୁ ଦିଲ୍ଲୀ ଅଭିମୁଖେ ବିମାନରେ ବସିଥିଲେ। ତେବେ ବିମାନ ଟେକ୍ ଅଫ୍ ପୂର୍ବରୁ ହିଁ ମୟଙ୍କ ଅସୁସ୍ଥ ହୋଇ ପଡିଥିଲେ। ତାଙ୍କୁ ତୁରନ୍ତ ଅଗରତାଲାର ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। କର୍ଣ୍ଣାଟକ ରାଜ୍ୟ କ୍ରିକେଟ ସଂଘ ପକ୍ଷରୁ ଏହି ସୂଚନା ଦିଆଯାଇଛି। ସୋମବାର ମ୍ୟାଚ୍ ଶେଷ ହେବା ପରେ ମଙ୍ଗଳବାର କର୍ଣ୍ଣାଟକ ଦଳ ଦିଲ୍ଲୀ ଦେଇ ରାଜକୋଟ ଯିବାର କାର୍ଯ୍ୟକ୍ରମ ରହିଥିଲା। ତେବେ ବିମାନ ବନ୍ଦରରେ ଅସୁସ୍ଥ ହୋଇ ପଡିଥିଲେ ମୟଙ୍କ। ୨-୩ ଥର ବାନ୍ତି ହେବା ପରେ ସେ ବିମାନରେ ମଧ୍ୟ ବସିଥିଲେ। ତେବେ ବିମାନ ଉଡାଣ କରିବା ଆଗରୁ ପୁଣି ଥରେ ଅସୁସ୍ଥ ହୋଇଥିଲେ ଅଗ୍ରୱାଲ। ଏହାପରେ ତାଙ୍କୁ ଆଇଏଲ୍‌ଏସ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା।

## ଦର୍ଶକଙ୍କ ନାମରେ ଅଭିଯୋଗ ଆଣିଲେ ଦିବ୍ୟା ଦେଶମୁଖ



**ନୂଆଦିଲ୍ଲୀ,୩୦।୧(ପି.ଟି.)**

ଭାରତୀୟ ଅନ୍ତର୍ଜାତୀୟ ମାଷ୍ଟର (ଆଇଏମ୍) ଦିବ୍ୟା ଦେଶମୁଖ ଦର୍ଶକଙ୍କ ନାମରେ ଏକ ଗୁରୁତର ଅଭିଯୋଗ ଆଣିଛନ୍ତି। ନିକଟରେ ଦିବ୍ୟା ନେଦରଲାଣ୍ଡ୍ସର ୱିକ୍ ଆନ୍ ଜିରେ ଟାଟା ଷ୍ଟିଲ୍ ମାଷ୍ଟର୍ସ ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିଥିଲେ। ଏହି ଟୁର୍ନାମେଣ୍ଟରେ ଖେଳ ପରିବର୍ତ୍ତେ ତାଙ୍କର କେଶ, ପୋଷାକ, ପରିପାଟୀ ଓ ଭାଷା ଉପରେ ଦର୍ଶକ ଟିପ୍ପଣୀ କରିଥିଲେ ବୋଲି ଦିବ୍ୟା କହିଛନ୍ତି। ଏସିଆନ୍ ମହିଳା ଚେସ୍ ଚାମ୍ପିୟନଶିପ୍ ବିଜେତା ନାଗପୁରର ଏହି ୧୮ ବର୍ଷୀୟା ଆଇଏମ୍ ଜଣଙ୍କ ଏକ ଇନ୍‌ଷ୍ଟାଗ୍ରାମ ପୋଷ୍ଟ ଜରିଆରେ ଏହି ଅଭିଯୋଗ ଆଣିଛନ୍ତି। ମହିଳା ଖେଳାଳିମାନେ ନିୟମିତ ଭାବରେ ଏଭଳି ସ୍ଥିତିର ସମ୍ମୁଖୀନ ହେଉଛନ୍ତି ବୋଲି ସେ କହିଛନ୍ତି। ଏଭଳି ସବୁବେଳେ ହୋଇଥାଏ, ତେବେ ବିଗତ ସପ୍ତାହରେ ମୁଁ ଏହି ସମସ୍ୟାର ସମ୍ମୁଖୀନ ହେବା ପରେ ଏହା ଉପରେ ଲେଖିବାକୁ ବାଧ୍ୟ ହେଲି। ମହିଳା ଚେସ୍ ଖେଳାଳିଙ୍କୁ ଦର୍ଶକମାନେ ସର୍ବଦା ଏଭଳି ବ୍ୟବହାର କରିଥାନ୍ତି ବୋଲି ଦିବ୍ୟା କହିଛନ୍ତି।

## କ୍ରୀଡ଼ାବିତ, ପ୍ରଶିକ୍ଷକଙ୍କୁ ପୁରସ୍କାର ପାଇଁ ସଂଶୋଧିତ ମାର୍ଗଦର୍ଶିକା

**ଭୁବନେଶ୍ୱର, ୩୦।୧ (ତପନ ସ୍ୱାଇଁ)**

**ଜୀବନବ୍ୟାପୀ ନଗଦ ପୁରସ୍କାର ରାଶି ସର୍ବାଧିକ ୯ କୋଟି**

ଜାତୀୟ ଓ ଅନ୍ତର୍ଜାତୀୟ କ୍ରୀଡ଼ା ପ୍ରତିଯୋଗିତାରେ ପଦକ ବିଜୟୀ ପାରା ଆଥଲେଟ୍‌ଙ୍କ ସମେତ କ୍ରୀଡ଼ାବିତ୍ ଓ ପ୍ରଶିକ୍ଷକଙ୍କୁ ନଗଦ ପୁରସ୍କାର ପ୍ରଦାନ ପାଇଁ କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ମାର୍ଗଦର୍ଶିକା ସଂଶୋଧନ କରାଯାଇଛି। ସଂଶୋଧିତ ଗାଇଡଲାଇନ ଅନୁଯାୟୀ ଜଣେ କ୍ରୀଡ଼ାବିତ୍‌ଙ୍କ ଜୀବନବ୍ୟାପୀ ନଗଦ ପୁରସ୍କାର ରାଶି ସର୍ବାଧିକ ୯ କୋଟି ଟଙ୍କା ପର୍ଯ୍ୟନ୍ତ ରହିବ। ଯଦି କୌଣସି କ୍ରୀଡ଼ାବିତ୍ କୌଣସି ଇଭେଣ୍ଟ କିମ୍ବା ପ୍ରତିଯୋଗିତାରେ ଗୋଟିଏରୁ ଅଧିକ ପଦକ ହାସଲ କରନ୍ତି ତେବେ ସେ ସେହି ପ୍ରତିଯୋଗିତାରେ ହାସଲ କରିଥିବା ସର୍ବୋଚ୍ଚ ପଦକ ପାଇଁ ହିଁ ନଗଦ ପୁରସ୍କାର ପାଇବାକୁ ଯୋଗ୍ୟ ହେବେ। ଯଦି କୌଣସି କ୍ରୀଡ଼ାବିତ୍ ସମାନ କ୍ରୀଡ଼ା ପ୍ରତିଯୋଗିତାରେ ଏକାଧିକ ସର୍ବୋଚ୍ଚ ପଦବୀ (ସ୍ୱର୍ଣ୍ଣ ପଦକ/ପ୍ରଥମ ସ୍ଥାନ) ହାସଲ କରନ୍ତି ତେବେ ସେ ସର୍ବାଧିକ ପଦକ (ସ୍ୱର୍ଣ୍ଣ ପଦକ/ପ୍ରଥମ ସ୍ଥାନ) ପାଇଁ ନଗଦ ପୁରସ୍କାର ସହ ଯୋଗ୍ୟ ବିବେଚିତ ହେବେ। ଯଦି କୌଣସି ଇଭେଣ୍ଟ କିମ୍ବା ପ୍ରତିଯୋଗିତାରେ ଜଣେ କ୍ରୀଡ଼ାବିତ୍, ପିଡବ୍ଲ୍ୟୁଡି କ୍ରୀଡ଼ାବିତ୍ ଗୋଟିଏରୁ ଅଧିକ ପଦକ ଜିତିଥାନ୍ତି, ତେବେ ତାଙ୍କୁ କେବଳ ପ୍ରତିଯୋଗିତାରେ ହାସଲ କରିଥିବା ସର୍ବୋଚ୍ଚ ପଦକ ପାଇଁ ନଗଦ ପୁରସ୍କାର ମିଳିବ। ଯଦି ଜଣେ କ୍ରୀଡ଼ାବିତ୍, ପିଡବ୍ଲ୍ୟୁଡି କ୍ରୀଡ଼ାବିତ ଗୋଟିଏ ପ୍ରତିଯୋଗିତାରେ ଏକାଧିକ ସର୍ବୋଚ୍ଚ ପଦକ (ସ୍ୱର୍ଣ୍ଣ) ଜିତିଥାନ୍ତି ତେବେ ସେ ସର୍ବାଧିକ ପଦକ (ସ୍ୱର୍ଣ୍ଣ) ପାଇଁ ନଗଦ ପୁରସ୍କାର ପାଇବେ। ଯଦି କୌଣସି କ୍ରୀଡ଼ାବିତ୍ ପୂର୍ବ ବର୍ଷ ତୁଳନାରେ କୌଣସି କ୍ରୀଡ଼ା ଇଭେଣ୍ଟରେ ନିମ୍ନ ସ୍ଥାନ/ ପଦକ ଜିତିଥାନ୍ତି, ତେବେ ସେ ତାଙ୍କ ପ୍ରଦର୍ଶନ ପାଇଁ କୌଣସି ନଗଦ ପୁରସ୍କାର ପାଇବାକୁ ଯୋଗ୍ୟ ହେବେ ନାହିଁ। ଅର୍ଥାତ୍ ଯଦି କ୍ରୀଡ଼ାବିତ୍, ପିଡବ୍ଲୁଡି କ୍ରୀଡ଼ାବିତ୍ କୌଣସି ଇଭେଣ୍ଟ/ପ୍ରତିଯୋଗିତାରେ ପଦକ ଜିତିବେ, ତେବେ ପରବର୍ତ୍ତୀ ବର୍ଷଗୁଡ଼ିକରେ ତା'ଠାରୁ ଉଚ୍ଚ ପ୍ରଦର୍ଶନ କଲେ ଯାଇ ପୁରସ୍କାର ପାଇବାକୁ ଯୋଗ୍ୟ ହେବେ।

## ପଏଣ୍ଟ ବାଣ୍ଟିଲା ସ୍ପୋର୍ଟ୍ସ ଓଡ଼ିଶା

**ଭୁବନେଶ୍ୱର, ୩୦।୧ (ସରୋଜ ଜେନା):** ମଙ୍ଗଳବାର ଇଷ୍ଟ ବେଙ୍ଗଲ ଫୁଟବଲ ଗ୍ରାଉଣ୍ଡରେ ଖେଳା ଯାଇଥବା ଇଣ୍ଡିଆନ୍ ଓମେନ୍ସ ଲିଗ୍‌ର ମ୍ୟାଚ୍‌ରେ ଇଷ୍ଟବେଙ୍ଗଲ ସହ ପଏଣ୍ଟ ବାଣ୍ଟିଛି ସ୍ପୋର୍ଟ୍ସ ଓଡ଼ିଶା। ମ୍ୟାଚ୍‌ଟି ନିର୍ଦ୍ଧାରିତ ସମୟରେ ୦-୦ରେ ଶେଷ ହୋଇଥିଲା। ଉଭୟ ଦଳ ପକ୍ଷରୁ ଆପ୍ରାଣ ଉଦ୍ୟମ କରାଯାଇଥିଲେ ମଧ୍ୟ ଗୋଲ ସ୍କୋର ହୋଇ ନ ଥିଲା। ଏହା ସହ ୭ ମ୍ୟାଚ୍‌ରୁ ଦୁଇଟି ଡ୍ର ସହ ୨ ପଏଣ୍ଟ ହାସଲ କରି ସ୍ପୋର୍ଟ୍ସ ଓଡ଼ିଶା ପଏଣ୍ଟ ଟେବୁଲର ଶେଷ ସ୍ଥାନରେ ରହିଛି। ଅନ୍ୟ ପକ୍ଷରେ ଇଷ୍ଟବେଙ୍ଗଲ ୭ ମ୍ୟାଚରୁ ଗୋଟିଏ ଲେଖାଏ ବିଜୟ ଓ ଡ୍ର ସହିତ ୪ ପଏଣ୍ଟ ହାସଲ କରି ଷଷ୍ଠ ସ୍ଥାନରେ ରହିଛି।

## ଭାରତର ଭଲ ପ୍ରଦର୍ଶନ ନେଇ ଶ୍ରଦ୍ଧାଞ୍ଜଳି ଆଶାବାଦୀ

**ଭୁବନେଶ୍ୱର, ୩୦।୧ (ତପନ ସ୍ୱାଇଁ)**

**ସାଫ୍ ଚାମ୍ପିୟନଶିପ୍**

ଢାକାରେ ଶୁକ୍ରବାରଠାରୁ ଆରମ୍ଭ ହେବାକୁ ଯାଉଥିବା ୧୯ ବର୍ଷରୁ କମ୍ ସାଫ୍ ମହିଳା ଫୁଟ୍‌ବଲ ଚାମ୍ପିୟନଶିପ୍‌ରେ ଭାରତର ଭଲ ପ୍ରଦର୍ଶନ ନେଇ ଦଳର ଅନ୍ୟତମ କୋଚ୍ ଶ୍ରଦ୍ଧାଞ୍ଜଳି ସାମନ୍ତରାୟ ଆଶା ପ୍ରକାଶ କରିଛନ୍ତି। ସୋମବାର ମୁଖ୍ୟ କୋଚ୍ ଶୁକ୍ଲା ଦତ୍ତ ୨୩ ଜଣିଆ ଦଳ ଘୋଷଣା କରିଥିଲେ। 'ୟଙ୍ଗ ଟାଇଗ୍ରେସ୍' ଦଳ ମଙ୍ଗଳବାର ଗୋଆ ଜାତୀୟ କ୍ୟାମ୍ପରୁ ଦିଲ୍ଲୀ ଦେଇ ଢାକାରେ ପହଞ୍ଚିଛି। କ୍ୟାମ୍ପ ଜାନୁଆରୀ ୬ରୁ ୨୮ ପର୍ଯ୍ୟନ୍ତ ଗୋଆରେ ଚାଲିଥିଲା। ସେଠାରେ ଦଳର ପ୍ରସ୍ତୁତି ସନ୍ତୋଷଜନକ ଥିବାରୁ ଟୁର୍ନାମେଣ୍ଟରେ ଭାରତ ଭଲ କରିବ ବୋଲି ଶ୍ରଦ୍ଧାଞ୍ଜଳି ଅନୁଭବ କରୁଛନ୍ତି।


ଶ୍ରଦ୍ଧାଞ୍ଜଳି ସାମନ୍ତରାୟ

ଶ୍ରଦ୍ଧାଞ୍ଜଳି ଏହା ପୂର୍ବରୁ ୧୭ ବର୍ଷରୁ କମ୍ ଭାରତୀୟ ଦଳର କୋଚ୍‌ଭାବେ ଦାୟିତ୍ୱରେ ଥିଲେ। ସେଥିରେ ପ୍ରଦର୍ଶନକୁ ଭିତ୍ତିକରି ତାଙ୍କୁ ଏବେ ୧୯ ବର୍ଷରୁ କମ୍ ଦଳର ଅନ୍ୟତମ କୋଚ୍ ନିଯୁକ୍ତ କରାଯାଇଛି। ପ୍ରକାଶଯୋଗ୍ୟ ଯେ, ଭାରତୀୟ ଦଳ ଢାକାରେ ଏହାର ପ୍ରଥମ ମ୍ୟାଚ ଫେବୃଆରୀ ୨ରେ ଭୁଟାନ ବିପକ୍ଷରେ ଖେଳିବ। ପରେ ଦଳ ବାଂଲାଦେଶ (ଫେବୃଆରୀ ୪) ଏବଂ ନେପାଳ (ଫେବୃଆରୀ ୬) ସହିତ ମୁକାବିଲା କରିବ। ଫାଇନାଲ ଫେବୃଆରୀ ୮ରେ ଖେଳାଯିବ। ସମସ୍ତ ମ୍ୟାଚ ଢାକାସ୍ଥିତ ମୁସ୍ତାଫା କମଲ ଷ୍ଟାଡିୟମରେ ଖେଳାଯିବ।

## ସୁପର ସିକ୍ସରେ ଭାରତର ତୃତୀୟ ବିଜୟ

**ବ୍ଲୋଏମଫୋଣ୍ଟେନ୍,୩୦।୧**




୧୯ ବର୍ଷରୁ କମ୍ ଦିନିକିଆ ବିଶ୍ୱକପରେ ନ୍ୟୁଜିଲାଣ୍ଡକୁ ୨୧୪ ରନ୍‌ରେ ପରାସ୍ତ କରି କ୍ରମାଗତ ଚତୁର୍ଥ ବିଜୟ ହାସଲ କରିଛି ଭାରତ। ମୁଶିର୍ ଖାନ୍‌ଙ୍କ କ୍ରମାଗତ ଦ୍ୱିତୀୟ ଶତକ ବଳରେ ଭାରତ ପ୍ରଥମେ ବ୍ୟାଟିଂ କରି ୫୦ ଓଭରରେ ୮ ଉଇକେଟରେ ୨୯୫ ରନ୍ କରିଥିଲା। ଜବାବରେ ରାଜ ଲିମ୍ବାନୀ ଓ ସୌମି ପାଣ୍ଡେଙ୍କ ଘାତକ ବୋଲିଂ ବଳରେ ନ୍ୟୁଜିଲାଣ୍ଡ ୨୮.୧ ଓଭରରେ ୮୧ ରନ୍‌ରେ ଅଲଆଉଟ ହୋଇଥିଲା।

ନ୍ୟୁଜିଲାଣ୍ଡ ଟସ୍ ଜିତି ଭାରତକୁ ବ୍ୟାଟିଂ ଆମନ୍ତ୍ରଣ ଦେଇଥିଲା। ମୁଶିର୍ ଖାନ୍‌ଙ୍କ ୧୩୧ ଓ ଆଦର୍ଶ ସିଂଙ୍କ ୫୨ ରନ୍ ବଳରେ ଭାରତ ୨୯୫ ରନ୍ ସ୍କୋର କରିଥିଲା। ମୁଶିର ୧୨୬ ବଲ୍ ଖେଳି ୧୩ ଚୌକା ଓ ୩ ଛକା ମାରିଥିଲେ। ନ୍ୟୁଜିଲାଣ୍ଡ ପକ୍ଷରୁ ମାସନ୍ କ୍ଲାର୍କ ସର୍ବାଧିକ ୪ ଉଇକେଟ ନେଇଥିଲେ। ଜବାବରେ ପ୍ରଥମ ଓଭରରେ ରାଜ ଲିମ୍ବାନୀ ନ୍ୟୁଜିଲାଣ୍ଡକୁ ଡବଲ୍ ଝଟକା ଦେଇଥିଲେ। ସ୍ପିନର ସୌମି ପାଣ୍ଡେ ମଧ୍ୟ ଚମତ୍କାର ବୋଲିଂ କରି ୪ ଉଇକେଟ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୁଶିର୍ ଖାନ୍ ୨ ଉଇକେଟ ପାଇଥିଲେ। ନ୍ୟୁଜିଲାଣ୍ଡ ଅଧିନାୟକ ଓସ୍କାର ଜାକ୍‌ସନ ସର୍ବାଧିକ ୧୯ ରନ୍ କରିଥିବା ବେଳେ ୭ ଜଣ ଖେଳାଳି ୨ ଅଙ୍କ ସ୍କୋର ଛୁଇଁ ପାରି ନ ଥିଲେ। ଅଲରାଉଣ୍ଡ ପ୍ରଦର୍ଶନ ପାଇଁ କ୍ରମାଗତ ଦ୍ୱିତୀୟ ମ୍ୟାଚ୍‌ରେ ମୁଶିରଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା।

**ସଂକ୍ଷିପ୍ତ ସ୍କୋର**

ଭାରତ ୫୦ ଓଭରରେ ୨୯୫/୮ (ମୁଶିର୍ ଖାନ୍-୧୩୧, ଆଦର୍ଶ ସିଂ-୫୨, ଉଦୟ ଶାହରନ-୩୪, ମାସନ୍ କ୍ଲାର୍କ-୪/୬୨, ର୍ୟାନ୍ ସୋର୍ଗସ-୧/୨୮, ଜାକ୍ କମିଙ୍ଗ-୧/୩୭)। ନ୍ୟୁଜିଲାଣ୍ଡ ୨୮.୧ ଓଭରରେ ୮୧/୧୦(ଓସ୍କାର ଜାକ୍‌ସନ-୧୯, ସୌମି ପାଣ୍ଡେ-୪/୧୯, ମୁଶିର୍ ଖାନ୍-୧/୧୦, ରାଜ ଲିମ୍ବାନି-୨/୧୭)।

## ନୂଆ-ଓ ନବୀନ ଓଡ଼ିଶା ରାଜ୍ୟସ୍ତରୀୟ ଭଲିବଲ ଉଦ୍‌ଘାଟିତ

**ଭୁବନେଶ୍ୱର, ୩୦।୧ (ତପନ ସ୍ୱାଇଁ)**

ଓଡ଼ିଶା ଭଲିବଲ ଆସୋସିଏଶନ ସହଯୋଗରେ କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଥିବା ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମରେ ନୂଆ-ଓ ନବୀନ ଓଡ଼ିଶା ରାଜ୍ୟସ୍ତରୀୟ ଭଲିବଲ ପ୍ରତିଯୋଗିତା ମଙ୍ଗଳବାର ଉଦ୍‌ଘାଟିତ ହୋଇଛି। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତ ଏହି ପ୍ରତିଯୋଗିତା ଉଦ୍‌ଘାଟନ କରିଛନ୍ତି। ପ୍ରତିଯୋଗିତାରେ ୮୫୦ରୁ ଉର୍ଦ୍ଧ୍ୱ ଖେଳାଳି ଅଂଶଗ୍ରହଣ କରିଛନ୍ତି। ଏହା ଫେବୃଆରୀ ୨ ତାରିଖ ପର୍ଯ୍ୟନ୍ତ ଚାଲିବ। ''ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସର୍ବଦା କ୍ରୀଡ଼ା ଓ କ୍ରୀଡ଼ାବିତ୍‌ଙ୍କୁ ପ୍ରୋତ୍ସାହିତ କରି ଆସୁଥିବାରୁ କ୍ରୀଡ଼ା ଆଜି ଓଡ଼ିଶାର ପ୍ରତି ଗାଁରେ ପହଞ୍ଚିପାରିଛି। ତାଙ୍କ ଦୂରଦୃଷ୍ଟି ଯୋଗୁ ଓଡ଼ିଶା ଆଜି କ୍ରୀଡ଼ାରେ ଅଗ୍ରଣୀ ହୋଇପାରିଥିବା ବେଳେ ଓଡ଼ିଶାର ଖେଳାଳି ବାହାରେ ନାଁ କମେଇ ପାରୁଛନ୍ତି। ଭୁବନେଶ୍ୱର ଭାରତର କ୍ରୀଡ଼ା ରାଜଧାନୀରେ ପରିଣତ ହୋଇପାରିଛି'' ବୋଲି ଅଚ୍ୟୁତ ପ୍ରକାଶ କରିଛନ୍ତି। କିଟ୍ ଓ କିସ୍ ମଧ୍ୟ ଗୁଣାତ୍ମକ ଶିକ୍ଷା ସହ କ୍ରୀଡ଼ାକୁ ସମାନ ଭାବେ ଗୁରୁତ୍ୱ ଦେଇ ଆସୁଛି ବୋଲି ସେ କହିଛନ୍ତି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ଯୁଗ୍ମ ସଚିବ ରଞ୍ଜିତ ପରିଡ଼ା, ଓଡ଼ିଶା ହକି ପ୍ରମୋଶନ କାଉନ୍‌ସିଲ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଦୀପଙ୍କର ମହାପାତ୍ର, କ୍ରୀଡ଼ା ଓ ଯୁବସେବା ବିଭାଗ ଓଏସ୍‌ଡି ସ୍ୱରୂପାନନ୍ଦ ସାହୁ ଓ ଓଡ଼ିଶା ଭଲିବଲ୍ ସଂଘ ସମ୍ପାଦକ ତଥା କିଟ୍ କ୍ରୀଡ଼ା ମହାନିର୍ଦ୍ଦେଶକ ଗଗନେନ୍ଦୁ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।




ପ୍ରତିଯୋଗିତା ଉଦ୍‌ଘାଟନ ଅବସରରେ ଅନ୍ୟ ଅତିଥିଙ୍କ ସହ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଓ ଖେଳାଳିମାନେ।

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ